

ବିରୋଧୀ ଦଳ ଜିତିଲେ 'କଟ୍ଟା' ଦେଖାଇ ଭୟଭୀତ କରିବେ

ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live  mail Id: sancharodisha@gmail.com
RNI NO :ODIODI/2001/04811  Postal Regd No : BN/249/15-17

Vol. 33 | ISSUE 226 | ଭାଗ ୩୩ | ସଂଖ୍ୟା ୨୨୬ | Sunday 9 November 2025 | Page 8 Rs. 5.00 | ● ଭୁବନେଶ୍ୱର ରବିବାର ୯ ନଭେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ପହିଲାରୁ ସଂସଦର ଶୀତ ଅଧିବେଶନ



**ନୂଆଦିଲ୍ଲୀ,୮।୧୧:** ସଂସଦର ଶୀତକାଳୀନ ଅଧିବେଶନ ଡିସେମ୍ବର ୧ ରୁ ଆରମ୍ଭ ହେବ ଏବଂ ଡିସେମ୍ବର ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ରବିବାର ଏନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଂସଦର ଶୀତକାଳୀନ ଅଧିବେଶନ ଡାକିବା ପାଇଁ ସରକାରଙ୍କ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଆମେ ଏକ ଗଠନମୂଳକ ଏବଂ ଉତ୍ପାଦନକ୍ଷମ ଅଧିବେଶନ ପାଇଁ ଅପେକ୍ଷା କରୁଛୁ ଯାହା ଆମର ଗଣତନ୍ତ୍ରକୁ ମଜବୁତ କରିବ ଏବଂ ଲୋକଙ୍କ ଆକାଂକ୍ଷା ପୂରଣ କରିବ ବୋଲି କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କହିଛନ୍ତି।

ତେବେ ଏଥର ଶୀତ ଅଧିବେଶନର ମାହୋଲ ଗରମ ରହିପାରେ। ବିରୋଧୀ ନେତାମାନେ ଶୀତକାଳୀନ ଅଧିବେଶନ ସମୟରେ ଏସଆଇଆର ପ୍ରସଙ୍ଗରେ ସରକାରଙ୍କୁ ଘେରିବାକୁ ଚେଷ୍ଟା କରିପାରନ୍ତି। ଏଥିସହ ହରିୟାଣା ଓ ମହାରାଷ୍ଟ୍ରରେ ଅଭିଯୋଗ ହୋଇଥିବା ଭୋଟ ଚୋରି ପ୍ରସଙ୍ଗ ମଧ୍ୟ ଉଠାଯାଇପାରେ। ସଂସଦର ମୌସୁମୀ ଅଧିବେଶନ ଜୁଲାଇ ୨୧ ରୁ ଅଗଷ୍ଟ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି ୩୨ ଦିନ ମଧ୍ୟରୁ, ଗୃହ କେବଳ ୨୧ ଦିନ ପାଇଁ କାର୍ଯ୍ୟ କରିପାରିଥିଲା। ଏହି ସମୟ ମଧ୍ୟରେ, ସଂସଦର ଉଭୟ ଗୃହ ଦ୍ୱାରା ମୋଟ ୧୫ ଟି ବିଲ୍ ଗୃହୀତ ହୋଇଥିଲା। ତଥାପି, ଅଧିବେଶନର ପ୍ରଥମ ଦିନରେ, ଉପରାଷ୍ଟ୍ରପତି ଜଗଦୀପ ଧନଖରଙ୍କ ଇସ୍ତଫାକୁ ନେଇ ପ୍ରବଳ ହଙ୍ଗାମା ହୋଇଥିଲା। ପରବର୍ତ୍ତୀ ସମୟରେ, ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହ ସମଗ୍ର ଅଧିବେଶନ ପାଇଁ ରାଜ୍ୟସଭାର କାର୍ଯ୍ୟକାରିତା ପରିଚାଳନା କରିଥିଲେ। ଏହି ସମୟ ମଧ୍ୟରେ ➪ପୃଷ୍ଠା-୬

### ଶେଷ ପର୍ଯ୍ୟାୟରେ ନୂଆପଡ଼ା ଉପନିର୍ବାଚନ ପ୍ରଚାର

# ଅପହଞ୍ଚ ଆଦିମ ଜନଜାତିଙ୍କ ପାଖରେ ମୋହନ

- ସୁନାବେଡ଼ାରୁ ନବୀନଙ୍କୁ ଟାର୍ଗେଟ କଲେ ମୁଖ୍ୟମନ୍ତ୍ରୀ
- ୨୪ ବର୍ଷ ଧରି ଆସିନଥିଲେ, ଏବେ ଭୋଟ୍ ମାଗୁଛନ୍ତି
- ଯିଏ ଓଡ଼ିଆ ଶିଖିଲେନି ସେ ଆଦିବାସୀଙ୍କ କଥା କ'ଣ ବୁଝିବେ ?
- ବିଜେଡି ଶାସନରେ କାର୍ପେଟଦାରଙ୍କ ଏକଛତ୍ରବାଦକୁ ସମାଲୋଚନା
- ନୂଆପଡ଼ାକୁ ଟ୍ରିପଲ ଇଞ୍ଜିନରେ ସାମିଲ କରିବାକୁ ଅପିଲ



**ଭୁବନେଶ୍ୱର,୮।୧୧(ସଂଚାର ବ୍ୟୁରୋ):** ଆସନ୍ତାକାଲି ସରିବ ପ୍ରଚାର। ଅପରାହ୍ନ ୪ଟା ପରଠୁ ଆରମ୍ଭ ହେବ ସାଇଲେଣ୍ଟ ପିରିଅଡ୍। ନିର୍ବାଚନମଣ୍ଡଳୀ ବାହାରର ନେତା ଓ ଲୋକ ଆଉ ନୂଆପଡ଼ା ନିର୍ବାଚନମଣ୍ଡଳୀ ପରିସୀମା ମଧ୍ୟରେ ରହିପାରିବେ ନାହିଁ। ତେଣୁ ଶେଷ ପର୍ଯ୍ୟାୟରେ ପ୍ରଚାର ପହଁଚିଥିବାରୁ ତିନି ପ୍ରମୁଖ ରାଜନୈତିକ ଦଳ ପୂରା ଦମରେ ଲାଗିଛନ୍ତି। ପ୍ରଚାର ସାଙ୍ଗକୁ ଭୋଟରଙ୍କୁ ପ୍ରଭାବିତ କରିବାକୁ ଚାଲିଛି ଫନ୍ଦି ଫିକର। ଏଭିତରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆପଡ଼ାରେ ପହଞ୍ଚି ଦଳୀୟ ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ପ୍ରଚାର କରିଛନ୍ତି। ନୂଆପଡ଼ା ସୁନାବେଡ଼ା ଅଭୟାରଣ୍ୟର ଚକୋଟିଆ ଭୁଞ୍ଜିଆ ଆଦିବାସୀଙ୍କ ପାଖରେ ପହଁଚି ସେମାନଙ୍କୁ ବିକାଶ ଧାରାରେ ସାମିଲ କରିବାକୁ ଆଶ୍ୱାସନା ଦେଇଛନ୍ତି। ଏଥିସହ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ବିରୋଧୀ ଦଳ ନେତାଙ୍କୁ କରିଛନ୍ତି ଶାଣିତ ଆକ୍ରମଣ।

ନୂଆପଡ଼ାର ଯେଉଁଠି କେବେ କେଉଁ ମୁଖ୍ୟମନ୍ତ୍ରୀଙ୍କ ପାଦ ପଡ଼ିନଥିଲା ସେଠି ପହଞ୍ଚିଲେ ମୋହନ। ୩ ହଜାର ଫୁଟ ଉଚ୍ଚରେ ରହୁଥିବା ସୁନାବେଡ଼ା ଅଭୟାରଣ୍ୟର ଚକୋଟିଆ ଭୁଞ୍ଜିଆଙ୍କ ପାଖରେ ପହଞ୍ଚିଲେ ମୁଖ୍ୟମନ୍ତ୍ରୀ। ଚକୋଟିଆଙ୍କ ଅଧିଷ୍ଠାତ୍ରୀ ଦେବୀ ମା' ସୁନାଦେଇଙ୍କ ପାଖରେ କରିଥିଲେ ପୂଜାର୍ଚ୍ଚନା। ପରେ ସାଧାରଣ ସଭାରେ ଆଦିମ ଅଧିବାସୀଙ୍କୁ ସେମାନଙ୍କ ସମସ୍ୟା ଦୂର ପାଇଁ ଦେଇଥିଲେ ଭରସା। ସୁନାବେଡ଼ା ଓ ସୋସଙ୍ଗ ପଞ୍ଚାୟତରେ ରହୁଥିବା ଲୋକଙ୍କ ପାଖରେ କାହିଁକି ପହଁଞ୍ଚିପାରିନି ମୌଳିକ ସୁବିଧା ବୋଲି ମୁଖ୍ୟମନ୍ତ୍ରୀ ଲମ୍ବା ସମୟ ଶାସନ ଗାଦିରେ ଥିବା ନବୀନଙ୍କୁ ପଚାରିଥିଲେ ପ୍ରଶ୍ନ। ଓଡ଼ିଆ କହି ପାରୁନଥିବାରୁ ନବୀନ ସୁନାବେଡ଼ା ଆସିନଥିଲେ ବୋଲି କହି ଟାର୍ଗେଟ କରିଥିଲେ ମୋହନ। ୨୪ ବର୍ଷ ଶାସନ କରିବା ପରେ ବି ଯିଏ ଓଡ଼ିଆ ଶିଖିପାରିଲେ ନାହିଁ, ସିଏ କେମିତି ଆପଣଙ୍କ ଆଦିବାସୀ ଭାଷା ବୁଝିବେ। କେବଳ ପୋଷ୍ଟର ମାରିଛନ୍ତି, ଆଉ ଏବେ ଭୋଟ୍ ମାଗିବା ପାଇଁ କେଉଁ ମୁହଁରେ ଆସୁଛନ୍ତି ବୋଲି ମୋହନ ପ୍ରଶ୍ନ କରିଛନ୍ତି। ମୁଁ କିନ୍ତୁ ଆଦିବାସୀ ଆପଣ ➪ପୃଷ୍ଠା-୬

## ଦିବ୍ୟାଙ୍ଗ ଓ ବରିଷ୍ଠଙ୍କ କଲ୍ୟାଣକୁ ପ୍ରାଥମିକତା: ଅଠାୱଲେ



**ଭୁବନେଶ୍ୱର,୮।୧୧(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଦେଶର ମହିଳା, ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କ ପାଇଁ ଅନେକ ଯୋଜନା ପ୍ରଣୟନ କରିଥିବା ବେଳେ ସମସ୍ତଙ୍କ ବିକାଶ ସରକାରଙ୍କ ପ୍ରାଥମିକତା ବୋଲି ମତ ଦେଇଛନ୍ତି କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ରାଷ୍ଟ୍ର ମନ୍ତ୍ରୀ ରାମଦାସ ଅଠାୱଲେ। ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେବା ଅବସରରେ ସେ କହିଛନ୍ତି ଯେ ଦିବ୍ୟାଙ୍ଗଙ୍କ କଲ୍ୟାଣ ପାଇଁ ମୋଦି ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସୁଗମ୍ୟ ଭାରତ ଯୋଜନା ଦିବ୍ୟାଙ୍ଗଙ୍କୁ ମୌଳିକ ସୁବିଧା ଯୋଗାଇ ଦେବା ସହ ସେମାନଙ୍କ ଅଧିକାର ଓ ସୁରକ୍ଷାକୁ ସୁନିଶ୍ଚିତ କରିଛି। ଅଦ୍ୟାବଧି ଏହି ଯୋଜନାରେ ଦିବ୍ୟାଙ୍ଗମାନଙ୍କୁ ୧୬ ହଜାରରୁ ଊର୍ଦ୍ଧ୍ୱ ସାଇକେଲ୍ ଓ ସହାୟତା ଉପକରଣ ଯୋଗାଇ ଦିଆଯାଇଛି। ସେହିପରି ଦିବ୍ୟାଙ୍ଗଙ୍କ ପାଇଁ ସରକାରୀ ଚାକିରି ଓ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ସୁବିଧାକୁ ୩ରୁ ୪ ପ୍ରତିଶତକୁ ବୃଦ୍ଧି କରାଯାଇଛି ବୋଲି ଶ୍ରୀ ଅଠାୱଲେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ କେନ୍ଦ୍ର ସରକାର ବରିଷ୍ଠ ନାଗରିକଙ୍କ ପାଇଁ ମଧ୍ୟ ଅନେକ ଯୋଜନା ଆଣିଛନ୍ତି। ଅବସର ପରେ ସେମାନଙ୍କୁ ରୋଜଗାରକ୍ଷମ କରିବା ଲାଗି ଯୋଜନା ➪ପୃଷ୍ଠା-୬

### ସାର୍ବଜନୀନ ହେଲା ପୁରୀ ଦଳଚକଟା ରିପୋର୍ଟ

## ୭ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

**ପୁରୀ,୮।୧୧(ସଂଚାର ବ୍ୟୁରୋ):** ଗତ ରଥଯାତ୍ରା ସମୟରେ ପୁରୀ ଗୁଣ୍ଡିଚା ମନ୍ଦିରରେ ଦଳାଚକଟା ଘଟଣାରେ ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଦାୟୀ କରିଛନ୍ତି ତଦନ୍ତକାରୀ ଟିମ୍। ଗତ ଜୁନ ୨୯ ତାରିଖରେ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ହୋଇଥିବା ଦଳଚକଟା ଘଟଣାରେ ୩ ଜଣଙ୍କ ମୃତ୍ୟୁ ପରେ ରାଜ୍ୟ ସରକାର ତୁରନ୍ତ ଉନ୍ନୟନ କମିଶନର ଅନୁ ଗର୍ଗଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ। ସେ ଇତିମଧ୍ୟରେ ତଦନ୍ତ କରି ରାଜ୍ୟ ସରକାରଙ୍କୁ ତାଙ୍କ ରିପୋର୍ଟ ଦେଇଛନ୍ତି। ଆଉ ତାଙ୍କ ରିପୋର୍ଟ ଆଧାରରେ କାର୍ଯ୍ୟରେ ଅବହେଳା ପାଇଁ ୭ ପୋଲିସ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଗୃହ ବିଭାଗ ପୋଲିସ ମହାନିର୍ଦ୍ଦେଶକଙ୍କୁ ଚିଠି ଲେଖିଛି। ଖବର ଅନୁଯାୟୀ, ଗତ ଜୁନ୍ ୨୯ ତାରିଖରେ ରଥଯାତ୍ରା ସମୟରେ



- ✪ କଳା ତାଲିକାଭୁକ୍ତ ହେବ ସିସିଟିଭି ଭେଣ୍ଡର
- ✪ ଘଟଣାସ୍ଥଳରେ ନଥିଲେ ଦାୟିତ୍ୱରେ ଥିବା ଅଧିକାରୀ
- ✪ ବିଜେଡିର ଅଭିଯୋଗ ବଡ଼ବଡ଼ିଆଙ୍କୁ କ୍ଲିନଚିଟ୍

ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଳାଚକଟା ହୋଇଥିଲା। ଏହି ଘଟଣାରେ ୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଥିଲା। ଏହି ଘଟଣାକୁ ନେଇ ରାଜ୍ୟ ସରକାର ଉନ୍ନୟନ ➪ପୃଷ୍ଠା-୬

### ■ ଭୁଶୁଡିଲା ଆପାର୍ଟମେଣ୍ଟ ବାଲକୋନି

## ପରିବାରର ୩ ମୃତ, ୨ ଗୁରୁତର

**କଟକ,୮।୧୧(ସଂଚାର ବ୍ୟୁରୋ):** କଟକରେ ଘଟିଛି ଏକ ବଡ଼ ଧରଣର ଅଘଟଣ। ବକ୍ସି ବଜାର ଅଞ୍ଚଳରେ ମଣି ସାହୁ ଛକ ନିକଟସ୍ଥ ହାଡ଼ିବନ୍ଧୁ ସ୍କୁଲ୍ ନିକଟରେ ଥିବା ଏକ ପୁରୁଣା ଆପାର୍ଟମେଣ୍ଟର ବାଲକୋନି ଭୁଶୁଡ଼ି ପଡ଼ିବା ଫଳରେ ଗୋଟିଏ ପରିବାରର ୩ ଜଣ ମୃତ୍ୟୁବରଣ କରିଛନ୍ତି। କଟକ ମଣିସାହୁ ଛକ ନିକଟରେ ଏପରି ଅଘଟଣ ଘଟିଛି। ଉକ୍ତ ଆପାର୍ଟମେଣ୍ଟର ବାଲ୍‌କୋନି ଭୁଶୁଡ଼ି ପଡ଼ି ସିଧାସଳଖ ତଳେ ଥିବା ଏକ ଆଜବେଷ୍ଟସ୍ ଘର ଉପରେ ପଡ଼ିଥିଲା। ଫଳରେ ଉକ୍ତ ଘର ଭିତରେ ଥିବା ଅବଦୁଲ୍ ଜଲିଲ୍, ଅବଦୁଲ୍ ଜାହିଦ୍ ଓ ଏକ ୫ ବର୍ଷର ଶିଶୁପୁତ୍ର ଅବଦୁଲ୍ ମୁଜାହିଦ୍ ମୃତ୍ୟୁବରଣ କରିଛନ୍ତି। ଉକ୍ତ ଆଜବେଷ୍ଟସ୍



**୪ ଲକ୍ଷ ଲେଖାଏଁ ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ**

ଘରଟି ଭାଙ୍ଗି ଛାରଖାର ହୋଇଯାଇଥିବା ବେଳେ ଘର ଭିତରେ ଥିବା ୫ ଜଣ ଗୁରୁତର ଭାବେ ଆହତ ହୋଇଥିଲେ। ସେମାନଙ୍କୁ ଅଗ୍ନିଶମ ବାହିନୀ କର୍ମଚାରୀମାନେ ତୁରନ୍ତ ବଡ଼ ମେଡିକାଲ୍‌କୁ ନେଇଥିଲେ ହେଁ ସେଠାରେ ଡାକ୍ତର ୩ ଜଣଙ୍କୁ ମୃତ ଘୋଷଣା କରିଥିଲେ। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଅନ୍ୟ ଦୁଇ ଜଣ ଚିକିତ୍ସାଧୀନ ଥିବା ବେଳେ ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଉକ୍ତ ଆପାର୍ଟମେଣ୍ଟଟି ଜରାଜୀର୍ଣ୍ଣ ଅବସ୍ଥାରେ ପହଞ୍ଚିଯାଇଥିବାରୁ ସେମାନେ ଏହାକୁ ଭାଙ୍ଗିବା ସକାଶେ ପ୍ରଶାସନ ନିକଟରେ ଦାବି କରିଆସୁଥିଲେ। ବିପଜ୍ଜନକ ସ୍ଥିତିରେ ଥିବାରୁ ଉକ୍ତ ଆପାର୍ଟମେଣ୍ଟରେ କେହି ବି ରହୁନଥିଲେ। କିନ୍ତୁ ଆଜି ଅଚାନକ ଅପରାହ୍ନ ପ୍ରାୟ ➪ପୃଷ୍ଠା-୬

## ନୀତୀଶ ହିଁ ହେବେ ମୁଖ୍ୟମନ୍ତ୍ରୀ:ଧର୍ମେନ୍ଦ୍ର

**ଅନ୍ୟକୁ ପ୍ରଶ୍ନ କରିବାର ଅଧିକାର ମହାମେଣ୍ଟର ନାହିଁ**



**ପାଟନା,୮।୧୧:** ଆସନ୍ତା ୧୧ ତାରିଖରେ ବିହାର ବିଧାନସଭା ନିର୍ବାଚନର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ଭୋଟ୍ ଗ୍ରହଣ ହେବ। ଏହାପରେ ଆସନ୍ତା ୧୪ ତାରିଖରେ ଫଳାଫଳ ଘୋଷଣା ହେବ। ତେବେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ ପାଇଁ ଏବେ ପ୍ରଚାର ବେଶ୍ ଜୋର୍‌ସୋରରେ ଚାଲିଥିବା ବେଳେ ଏହି ଅବସରରେ ଏନ୍‌ଡିଏର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି ବିଜେପି। ଦଳର ଅନ୍ୟତମ ବରିଷ୍ଠ ନେତା, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ବିହାର ନିର୍ବାଚନ ପ୍ରଭାରୀ ଧର୍ମେନ୍ଦ୍ର ପ୍ରଧାନ ଏନ୍‌ଡିଏର ମୁଖ୍ୟମନ୍ତ୍ରୀଙ୍କ ନାମ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଯେ ନୀତୀଶ କୁମାର ହିଁ ବିହାର ମୁଖ୍ୟମନ୍ତ୍ରୀ ହେବେ। ସେ ହିଁ ଏନଡିଏର ମୁଖ୍ୟମନ୍ତ୍ରୀ ଚେହେରା ଓ ଏଥିରେ କୌଣସି ଦ୍ୱନ୍ଦ୍ୱ ରହିବା ଉଚିତ୍ ନୁହେଁ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ସେ କହିଛନ୍ତି ଯେ ଏହା ପୂର୍ବରୁ ଘୋଷଣା ହୋଇସାରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଓ ବିଜେପି ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା ସମସ୍ତେ ସ୍ପଷ୍ଟ କରିଛନ୍ତି ଯେ ନୀତୀଶ କୁମାର ➪ପୃଷ୍ଠା-୬

### ଅର୍ଥନୈତିକ ପ୍ରଗତିକୁ ବିଶ୍ୱ ବ୍ୟାଙ୍କର ପ୍ରଶଂସା

## ୨୦୪୭ ସୁଦ୍ଧା ଭାରତ ହେବ ୩୦ ଟ୍ରିଲିୟନ ଅର୍ଥନୀତି

**ନୂଆଦିଲ୍ଲୀ,୮।୧୧(ସଂଚାର ବ୍ୟୁରୋ):** ଭାରତୀୟ ଅର୍ଥନୀତି ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପ୍ରହାର ପାଇଁ ଉଦ୍ୟମ କରିଥିଲେ ମଧ୍ୟ ଏହା ଫଳବତୀ ହୋଇନାହିଁ। ଏହା ସେ ନିଜେ ମଧ୍ୟ ଅନୁଭବ କରି ପରବର୍ତ୍ତୀ ସମୟରେ ଭାରତ ଆଡ଼କୁ ଢଳିଛନ୍ତି। ଭାରତର ବେଗବାନ ଅର୍ଥନୈତିକ ପ୍ରଗତିକୁ ବିଶ୍ୱ ବ୍ୟାଙ୍କ୍ ମଧ୍ୟ ସ୍ୱୀକାର କରିଛି। ନିକଟରେ ବିଶ୍ୱ ବ୍ୟାଙ୍କର ଫାଇନାନ୍ସ ସେକ୍ଟର ଆସେସମେଣ୍ଟ (ଏଫଏସଏ) ରିପୋର୍ଟ

- ଆର୍ଥିକ କ୍ଷେତ୍ରରେ ଅଧିକ ସୁଧାର ଜରୁରୀ
- ୨୦୧୭ ପରେ ପୁଞ୍ଜି ବଜାର ଅଧିକ ସଶକ୍ତ ହୋଇଛି

ଭାରତର ଅର୍ଥନୈତିକ ପ୍ରଗତିକୁ ଉଚ୍ଚ ପ୍ରଶଂସା କରିଛି। ଏହି ରିପୋର୍ଟରେ କୁହାଯାଇଛି ଯେ ଯଦି ସାମ୍ପ୍ରତିକ ସମୟର ଅର୍ଥନୈତିକ ପ୍ରଗତି ବେଗ ଜାରି ରହେ ଓ ସଂସ୍କାରକୁ ଆହୁରି ଗତି ଦିଆଯାଏ, ତେବେ ଆସନ୍ତା ୨୦୪୭ ସୁଦ୍ଧା ଭାରତ ୩୦ ଟ୍ରିଲିୟନ ଡଲାରର ଅର୍ଥ ବ୍ୟବସ୍ଥାରେ ପରିଣତ ହୋଇପାରିବ।

ଉକ୍ତ ରିପୋର୍ଟରେ ଭାରତର ବିଶ୍ୱ କ୍ଲାସ୍ ଡିଜିଟାଲ ପବ୍ଲିକ୍ ଇନଫ୍ରାଷ୍ଟ୍ରକ୍ଚରକୁ ଏକ ବଡ଼ ଉପଲବ୍ଧି ବୋଲି କୁହାଯାଇଛି। ଆଧାର, ୟୁପିଆଇ ଓ ଜନ ଧନ ଯୋଜନା କାର୍ଯ୍ୟକ୍ରମ ଦେଶର ଆର୍ଥିକ ବିକାଶକୁ ବେଶ୍ ଗତି ଦେଇଛି। ଏହିସବୁ ଉଦ୍ୟମ ଯୋଗୁ ଏବେ ସହରରୁ ଗାଁ ସବୁଠିକୁ ବ୍ୟାଙ୍କିଂ ସେବା ➪ପୃଷ୍ଠା-୬

## ରିଲାକ୍ସ ପାଇଁ କଲିକତା

କମିଶନରେଟ୍ ପୁଲିସ୍ ଜଣେ ଥାନା ବାବୁ ଭୁବନେଶ୍ୱର ଦୁର୍ଗା। ପୂଜା ଡ୍ୟୁଟି କରି ଥକି ପଡ଼ିଥିଲେ। ଭସାଣ ସରିବା ମାତ୍ରେ ବାବୁ ଟିକେ ରିଲାକ୍ସ ପାଇଁ ପାଞ୍ଚଦିନିଆ ଛୁଟିରେ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ ଯାଇଥିଲେ। ତା'ପୁଣି କଲିକତା। ସେଠାକୁ ଯାଇ ନିଜ ଦେହ ଓ ମନର ମଜିରା ମାରିଥିଲେ। ଥାନାର ସବୁ କର୍ମଚାରୀଙ୍କୁ କହିଥିଲେ, ପରିବାର ସହ ଛୁଟିରେ ଗାଁକୁ ଯାଉଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ପୁଲିସ୍ ବାବୁ ଜଣଙ୍କ ଯୋଉ ଘାଟକୁ ଯାଇଥିଲେ ସେ ଘାଟ ତୁଠରେ ପାଣି ପିଉଥିଲେ ଜଣେ ସିନ୍ଧିଚୋର। ଚୋର ଜଣଙ୍କ କମିଶନରେଟ୍ ପୁଲିସ୍‌ରେ ବେଶ୍ ପୁରୁଖା। ଆଶ୍ଚର୍ଯ୍ୟର କଥା ହେଉଛି, ସେହି ଚୋରକୁ ଥାନା ବାବୁ ଜଣଙ୍କ ପୂର୍ବରୁ ଗିରଫ କରି ଜେଲ୍ ପଠାଇଥିଲେ। ଚୋର-ପୁଲିସ୍ ଗୋଟିଏ ତୁଠରେ ଏକାଠି ହେଲା ପରେ ସ୍ଥିତି ଯାହା ହୋଇଥିବା ତାହା ଜଳ ଜଳ ଦିଶିଯାଉଛି। ଥାନା ବାବୁ ଜଣଙ୍କ ଚୋରକୁ ଦେଖି ଭାଇ କହି କୁଣ୍ଢାଇ ପକାଇଲେ। ଏମିତି ଘଟଣା ବିଷୟରେ କାହାକୁ ନ ଜଣାଇବାକୁ ବି ଅନୁରୋଧ କଲେ। ଚୋର ଜଣଙ୍କ ବାବୁଙ୍କ ଇଜ୍ଜତ ନିଲାମ କରିବେ ନାହିଁ ବୋଲି ପ୍ରତିଶ୍ରୁତି ଦେଲେ। କିନ୍ତୁ ଥାନା ବାବୁ ଜଣଙ୍କ ସେ ଅଜାଗାରୁ ଗଲା ସମୟରେ ଚୋର ପଛ ପଟୁ ଫଟୋଟିଏ ଉଠାଇ ଦେଇଥିଲା।



ଓଡ଼ିଶା ଫେରିବା ପରେ ଚୋର ଜଣଙ୍କ ଘଟଣାକୁ ଲୁଚାଇ ରଖିଥିଲା। ପରବର୍ତ୍ତୀ ସମୟରେ ଉକ୍ତ ଚୋର ନିର୍ଦ୍ଦିଷ୍ଟ ଘଟଣାରେ ଥାନାବାବୁଙ୍କ ସହଯୋଗ ଲୋଡ଼ିଥିଲା। କିନ୍ତୁ ଥାନା ବାବୁ ଜଣଙ୍କ ଏଥିରେ ସହଯୋଗ କରିନଥିଲେ। ସେତେବେଳେ ଚୋର ଜଣଙ୍କ ଉକ୍ତ ଫଟୋଟିକୁ ଥାନାର ଅନ୍ୟାନ୍ୟ କର୍ମଚାରୀଙ୍କୁ ଦେଖାଇଥିଲେ। ଫଳରେ ବାବୁଙ୍କ କଲିକତା ରିଲାକ୍ସ କଥା ପଦାକୁ ଆସିଥିଲା। ଥାନାବାବୁ ଜଣଙ୍କ ରଙ୍ଗିଲା ବୋଲି ସମସ୍ତେ ଜାଣିପାରିଥିଲେ। ଏବେ ପ୍ରମାଣ ଦେଖି ସେମାନେ ଚକିତ ହୋଇଛନ୍ତି। ବାବୁଙ୍କର କିଛି ମାସ ତଳେ ପଦୋନ୍ନତି ହୋଇଛି। କିନ୍ତୁ ତାଙ୍କର ଉକ୍ତ ଥାନାରୁ ମୋହ ତୁଟିନାହିଁ ଓ ସେ ଏବେ ଥାନା ଛାଡ଼ିବାକୁ ପ୍ରସ୍ତୁତ ନୁହଁନ୍ତି।



### କାନ ଡେରିଥା

ସୁନାଦର ଟିକେ ଖସିଗଲା
ବୋଲି
ଟିକିଏ ହାଲକା ଲାଗୁଛି
ଲକ୍ଷେ ପାର ହୋଉ ଦେଢ଼
ଛୁଇଁଲା
ସୁନା ଦର ଏବେ ମାରୁଛି
ଗରିବ ବାପଟା କାନ୍ଦୁଚି...
ଝିଅ ବାହାଘର ପାଇଁ
ଭୋକଶୋଷ ଭୁଲି ଯାଇଛି ।

■ ଦେବାଶିଷ

# ଆଜି ମଇଦାନ ଛାଡ଼ିବେ ସେନାପତି

**ଭୁବନେଶ୍ୱର,୮।୧୧(ସଂଚାର ବ୍ୟୁରୋ):** ଉପନିର୍ବାଚନ ପାଇଁ ନୂଆପଡ଼ାରେ ଡେରା ପକାଇଥିବା ବିଭିନ୍ନ ଦଳର ସେନାପତିମାନେ ଆସନ୍ତାକାଲି ବିଧାନସଭା କ୍ଷେତ୍ର ଛାଡ଼ିବେ। ଏଥିପାଇଁ ନେତାମାନେ ନିଜ ନିଜ ସାମଗ୍ରୀ ପ୍ୟାକିଂ କରିଥିବା ବେଳେ ନିର୍ବାଚନମଣ୍ଡଳୀ ସୀମା ବାହାରେ ଡେରା ପକାଇବା ପାଇଁ କିଛି ସଜବାଜ ହେଉଛନ୍ତି। ଏହିଠାରେ ରହି ସେମାନେ ଫୋନ୍‌ପେ'ରେ ଖେଳ କରିବେ। ତେବେ ଅଧିକାଂଶ ନେତା ରାଜଧାନୀ ବାହୁଡ଼ିଯିବାର ସୂଚନା ମିଳୁଛି।

ମତଦାନର ୪୮ ଘଣ୍ଟା ପୂର୍ବରୁ ରବିବାର ନିର୍ବାଚନ ପ୍ରଚାର ସରିବା ସହ ବାହାର ଲୋକଙ୍କୁ ନିର୍ବାଚନମଣ୍ଡଳୀ ଛାଡ଼ିବାକୁ ପଡିବ। ଏଥିପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ମଧ୍ୟ ତାଗିଦା କରିଛନ୍ତି। ତଦନୁଯାୟୀ ବିଜେଡି, ବିଜେପି ଓ କଂଗ୍ରେସର ନେତାମାନେ ନୂଆପଡ଼ା ଛାଡ଼ିବାକୁ ବାଧ୍ୟ। ହେଲେ ଏହି ନେତାମାନଙ୍କ ମଧ୍ୟରୁ କେତେକ ନିର୍ବାଚନମଣ୍ଡଳୀ ସୀମା ବାହାରେ ଡେରା ପକାଇବାକୁ ନିଷ୍ପତ୍ତି ନେବା ସହ ସେମାନଙ୍କ ରହଣୀ ପାଇଁ ସ୍ଥାନ ସ୍ଥିର କରିଛନ୍ତି। ଆଉ କିଛି ନେତା ବଲାଙ୍ଗିରରେ ମଧ୍ୟ ଡେରା ପକାଇବା ଆରମ୍ଭ କରିଛନ୍ତି।

ନିର୍ବାଚନମଣ୍ଡଳୀ ସୀମା ବାହାରେ ରହି ମତଦାନ ସରିବା ପର୍ଯ୍ୟନ୍ତ କିଭଳି ନିଜ ଦଳ ପାଇଁ କାମ କରିହେବ, ତାହାକୁ ନେଇ ଏବେ ରଣନୀତି

- ସୀମା ବାହାରେ ଡେରା
- ଫୋନ୍‌ପେ'ରେ ଖେଳ

ପ୍ରସ୍ତୁତି ଚାଲିଛି। ବିଶେଷକରି ଭୋଟରଙ୍କ ନିକଟରେ କିଭଳି ସହାୟତା ପହଞ୍ଚିବ, ସେଥିପାଇଁ ନେତାମାନେ ଏକାଧିକ ମୋବାଇଲ୍ ନମ୍ବରରେ ଫୋନ୍‌ପେ' ଓ ଅନ୍ୟାନ୍ୟ ଆପ୍ ଖୋଲିବାରେ ଲାଗିଛନ୍ତି। ଏହାରି ମାଧ୍ୟମରେ ଲୋକମାନଙ୍କ ନିକଟକୁ ଅର୍ଥ ପଠାଇବା ପାଇଁ ଉଦ୍ୟମ ଚାଲିଥିବା ନେଇ ଆଲୋଚନା ହେଉଛି। ଆପ୍ ଜରିଆରେ ଅର୍ଥ ପଠାଇଲେ ତାହାକୁ ଠାବ କରିବା ଏତେ ସହଜ ହେଉନଥିବାରୁ ଏହା ସବୁଠାରୁ ଶକ୍ତିଶାଳୀ ମାଧ୍ୟମ ବୋଲି କୁହାଯାଉଛି।



ସେହିଭଳି ତିନି ଦଳର ସେନାପତିମାନେ ନୂଆପଡ଼ାର ପ୍ରବେଶପଥଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ୨୪ଘଣ୍ଟିଆ ପହରା ସହ ଭିଡିଓ ରେକର୍ଡିଂ କରିବାକୁ ଚେଲା ଚାମୁଣ୍ଡାମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କେତେ ସଂଖ୍ୟକ ଗାଡ଼ି ଓ ଏଥିରେ କେଉଁମାନେ ନିର୍ବାଚନମଣ୍ଡଳୀରେ ପ୍ରବେଶ କରୁଛନ୍ତି, ତା'ର ହିସାବ ରଖିବା ପାଇଁ କେତେକ ସ୍ଥାନରେ କର୍ମୀମାନେ ଖାତା କଲମ ଧରି ବସିବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଆଉ କିଛି ସ୍ଥାନରେ ପୁଲିସ୍ ଗାଡ଼ି ଉପରେ ନଜର ରଖିବା ପାଇଁ ଦଳୀୟ କର୍ମୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳୁଛି।

ନିର୍ବାଚନ ପ୍ରଚାର ସରିବାପରେ ଶେଷ ୪୮ ଘଣ୍ଟା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ ହୋଇଥିବାରୁ ଏଥିରେ କୌଣସି ଭୁଲ ଯେଭଳି ନହୁଏ ତାହା ଉପରେ ସବୁ ଦଳର ସେନାପତିମାନେ ନଜର ରଖିଛନ୍ତି। ଏପରିକି ନୂଆପଡ଼ାରେ ➪ପୃଷ୍ଠା-୬

## ଥରୁଛି ଜି.ଉଦୟଗିରି, ୧୧ ଡିଗ୍ରୀକୁ ଖସିଲା ତାପମାତ୍ରା



**ଜି.ଉଦୟଗିରି,୮।୧୧(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ଜି.ଉଦୟଗିରି ଅଞ୍ଚଳରେ ପ୍ରବଳ ଶୀତ ଅନୁଭୂତ ହେଉଛି। ଦୈନନ୍ଦିନ ପାରଦ କମୁଥିବା ବେଳେ ଶୀତର ପ୍ରକୋପ ବଢ଼ୁଛି। ସ୍ଥାନୀୟ ପାଣିପାଗ ବିଭାଗର ସୂଚନାନୁସାରେ, ଶନିବାର ରାଜ୍ୟର ସବୁଠାରୁ କମ୍ ତାପମାତ୍ରା ୧୧ ଡିଗ୍ରୀ ସେଲ୍‌ସିୟସ ରହିଥିବା ବେଳେ ଶୁକ୍ରବାର ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ରହିଥିଲା। ଶୀତ ବଢ଼ୁଥିବା ବେଳେ ଶୀତବସ୍ତ୍ର କିଣିବା ପାଇଁ ବଜାରରେ ଭିଡ଼ ଦେଖିବାକୁ ମିଳୁଛି। କିଛିବର୍ଷ ହେବ ଜି.ଉଦୟଗିରିରେ ରାଜ୍ୟର ସବୁଠାରୁ କମ୍ ତାପମାତ୍ରା ସହ ଅତ୍ୟଧିକ ଥଣ୍ଡା ହେଉଥିବା ନଜିର ରହିଛି। ଚଳିତବର୍ଷ ମଧ୍ୟ ତୁଷାରପାତ ହେବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଜି.ଉଦୟଗିରିରେ ଶୀତର ମଜା ନେବା ପାଇଁ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ୁଛି। କିନ୍ତୁ ଏଠାକାର ପର୍ଯ୍ୟଟନସ୍ଥଳୀଗୁଡ଼ିକର ବିକାଶ ହୋଇ ନ ଥିବା ନେଇ ପର୍ଯ୍ୟଟକଙ୍କ ମଧ୍ୟରେ ଆଲୋଚନା ହେଉଛି।

# ରାଜ୍ୟ ଟାଏକ୍ୱୋଣ୍ଡୋର ବିଜୟୀ ଦଳଙ୍କୁ ସମ୍ବର୍ଦ୍ଧନା ଜଣାଇଲେ ପୂର୍ବତନ ବିଧାୟିକା



**କେନ୍ଦ୍ରାପଡ଼ା,୮।୧୧(ସଂଚାର ବ୍ୟୁରୋ):** ରାଜ୍ୟ ଟାଏକ୍ୱୋଣ୍ଡୋ ପ୍ରତିଯୋଗିତାର ବିଜୟୀ ଦଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ । ଏହି ଉପଲକ୍ଷେ କଜଳାସ୍ଥିତ ଜିଲ୍ଲା କଂଗ୍ରେସ ଭବନରେ ଆୟୋଜିତ ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ପୂର୍ବତନ ବିଧାୟିକା ଡ. ମଲ୍ଲିକ ବିଜୟୀ କେନ୍ଦ୍ରାପଡା ମାଟିର ସନ୍ତାନମାନଙ୍କୁ ପୁଷ୍ପଗୁଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ଶୁଭେଚ୍ଛା ଜଣାଇବା ସହ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ କଟକସ୍ଥିତ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ୩୮ତମ ଟାଇକୋଣ୍ଡୋ ପ୍ରତିଯୋଗିତାରେ କେନ୍ଦ୍ରାପଡାରୁ ୧୭ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ସେଥିମଧ୍ୟରୁ ୬ଜଣ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ୨ଜଣ ରୌପ୍ୟ ପଦକ ଓ ୯ଜଣ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଏହି ଖେଳାଳୀମାନେ ବିଜୟୀ ହୋଇ ପଦକ ହାସଲ କରିବା ସହ କେନ୍ଦ୍ରାପଡାକୁ ଗୌରବାନ୍ୱିତ କରିଥିବାରୁ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ବରିଷ୍ଠ କଂଗ୍ରେସ ନେତା ଫକୀର ଚରଣ ଖଟୁଆ, ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀ, ଯୁବକଂଗ୍ରେସ ସାମାଜିକ ଗଣମାଧମ ସଂଯୋଜକ ହିମାଂଶୁ ଭୂଷଣ ନନ୍ଦ, ମନୋଜ ବେହେରା ପ୍ରମୁଖ ଉପସ୍ଥିତ ରହି ଖେଳାଳୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

## କେନ୍ଦ୍ରାପଡ଼ା ବାଲିଯାତ୍ରା ମହୋତ୍ସବର ତୃତୀୟ ସଂଧ୍ୟା

# 'ମୋ ସ୍ୱପ୍ନର କେନ୍ଦ୍ରାପଡ଼ା' ଆଲୋଚନାଚକ୍ର




**କେନ୍ଦ୍ରାପଡା,୮।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବାଲିଯାତ୍ରା ମହୋତ୍ସବର ତୃତୀୟ ସଂଧ୍ୟାରେ 'ମୋ ସ୍ୱପ୍ନର କେନ୍ଦ୍ରାପଡା' ଆଲୋଚନା ଚକ୍ରର ସର୍ବଦଳୀୟ ନେତୃମଣ୍ଡଳୀ ଯୋଗଦାନ କରି କହିଲେ କେନ୍ଦ୍ରାପଡାରେ ମେଡିକାଲ କଲେଜ ବ୍ୟତିରେକ ସ୍ୱାସ୍ଥ୍ୟ ଚିକିତ୍ସା କ୍ଷେତ୍ରରେ ସର୍ବାଙ୍ଗୀ ଉନ୍ନତି ସମ୍ଭବ ହୋଇପାରିବ ନାହିଁ ।

ଏହି ଅବସରରେ ଅନୁଷ୍ଠିତ ମୋ ସ୍ୱପ୍ନର କେନ୍ଦ୍ରାପଡା ଆଲୋଚନା ଚକ୍ରରେ ବାଲିଯାତ୍ରା ମହୋତ୍ସବ କମିଟିର ସଭାପତି ପ୍ରଦୀପ କୁମାର ଦାଶଙ୍କ ପୌରାହିତ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ସଂପାଦକ ସଂଜୟ କୁମାର ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅଲୋଚନା ଚକ୍ରରେ ବାଲିଯାତ୍ରା କମିଟିର ଉପସଭାପତି ଅଭିମନ୍ୟୁ ଗୋଚ୍ଛାୟତଙ୍କ ସଂଯୋଜନାରେ ରଞ୍ଜନ ବେହେରା, ବିଜେପି ରାଜ୍ୟ କାର୍ଯ୍ୟକାରି ସଦସ୍ୟ ସୁନାକର ବେହେରା, କେନ୍ଦ୍ରାପଡା ଯୁବ ବିଜୁ ଜନତା ଦଳର ଜିଲ୍ଲା ସଭାପତି ରାଜେଶ ଦାସ, କଂଗ୍ରେସ ଦଳର ପ୍ରବକ୍ତା ଅମୀୟ କୁମାର ପାଣ୍ଡବ, ଓକିଲ ସଂଘର ପ୍ରାକ୍ତନ ସଭାପତି ବିଚିତ୍ରା ନନ୍ଦ ମହାନ୍ତି, ଜିଲ୍ଲା ବିକାଶ ସାମୁଖ୍ୟର ସଭାପତି ଅଜୟ କୁମାର ସାମଲ, ସଂପାଦକ ଆଦିକନ୍ଦ ରାଉଳ, କୁରୁକ୍ଷେତ୍ର ବିଶ୍ୱ ବିଦ୍ୟାଳୟର ପ୍ରଫେସର ସୁରେନ୍ଦ୍ର କୁମାର ମିଶ୍ର ପ୍ରମୁଖ ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରିଥିଲେ । ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ ମହେନ୍ଦ୍ର କୁମାର ଆଚାର୍ଯ୍ୟ ଓ ଧନ୍ୟବାଦ ଦେଇଥିଲେ ପିତବାସ ବେହେରା ।

# ସୂଚନା ପ୍ରଦାନ ନିମନ୍ତେ ସୂଚନା କମିଶନଙ୍କ ନିର୍ଦ୍ଦେଶ

**ମହାକାଳପଡ଼ା,୮।୧୧(ସଂଚାର ବ୍ୟୁରୋ):** ବହୁଚର୍ଚ୍ଚିତ ମହାକାଳପଡ଼ା ବଉଳକଣି ପଞ୍ଚାୟତରେ ୨୦୧୭ରୁ ୨୦୨୧ ବର୍ଷରେ ସରପଞ୍ଚ ଓ ପିଇଓ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ମହାଦୁର୍ନୀତି କରିଥିବା ଅଭିଯୋଗ କରି ସୂଚନା ଅଧିକାର ଆଇନ ରେ ତଥ୍ୟ ମାଗିଥିଲେ ସୂଚନା ଅଧିକାର କର୍ମୀ ହରେକୃଷ୍ଣ ପାତ୍ର। ସେତେବେଳେ ପଞ୍ଚାୟତ ଅଧିକାରୀ କୌଣସି ତଥ୍ୟ ପ୍ରଦାନ କରିନଥିଲେ। ହରେକୃଷ୍ଣ ପାତ୍ର ଏନେଇ ମହାକାଳପଡ଼ା ବିଡିଓଙ୍କୁ ଅଭିଯୋଗ ପରେ ଏକମାସ ମଧ୍ୟରେ ସମସ୍ତ ତଥ୍ୟ ପ୍ରଦାନ ନିମନ୍ତେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ସତ୍ତ୍ୱେ ମଧ୍ୟ ପଞ୍ଚାୟତ କର୍ତ୍ତୃପକ୍ଷ ଜାଣିଶୁଣି ଟାଳଟୁଳ ନୀତି ଅବଲମ୍ବନ କରି କୌଣସି ତଥ୍ୟ ପ୍ରଦାନ କରିନଥିଲେ। ତଥ୍ୟ ନମିଳିବାରୁ ହରେକୃଷ୍ଣ ଓଡ଼ିଶା ସୂଚନା କମିଶନରଙ୍କ ନିକଟରେ ଫେରାଦ ହୋଇଥିଲେ। ଅଭିଯୋଗର ଦୀର୍ଘ ତିନି ବର୍ଷ ପରେ କେଶ୍‌ର ଶୁଣାଣି କରି ଦୁଇ ସପ୍ତାହ ମଧ୍ୟରେ ସମସ୍ତ ସୂଚନା ଶ୍ରୀଯୁକ୍ତ ପାତ୍ର ଙ୍କୁ ପ୍ରଦାନ କରିବାକୁ ମହାକାଳପଡ଼ା ବିଡ଼ିଓ ଓ ପଞ୍ଚାୟତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଓଡ଼ିଶା ସୂଚନା କମିଶନର।

## ଯାତ୍ରା କଳାକାରଙ୍କ ଦେହାନ୍ତ

**ଚାନ୍ଦୋଳ,୮।୧୧(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପବିତ୍ରପଡ଼ା ଗ୍ରାମର ଶ୍ରୀରାମନବମୀ ଯାତ୍ରାର ବରିଷ୍ଠ କଳାକାର ଧଡ଼ି ସାହୁ (୭୭) ଙ୍କ ପବିତ୍ର କାର୍ତିକ ପୂର୍ଣ୍ଣିମାର ପୂର୍ବାହ୍ନରେ ପରଲୋକ ହୋଇଯାଇଛି। ପବିତ୍ରପଡ଼ାରେ ଅନୁଷ୍ଠିତ ହୋଇଆସୁଥିବା ରାମାୟଣ ଗାଥା ଅଭିନୟରେ ଧଡ଼ି ସାହୁ ଦୀର୍ଘ ୬୦ ବର୍ଷ ଧରି ହନୁମାନ ଭୂମିକାରେ ନିଖୁଣ ଅଭିନୟ କରି ଦର୍ଶକମାନଙ୍କର ପ୍ରିୟ ହୋଇପାରିଥିଲେ। ଆଜି ତାଙ୍କ ପରଲୋକରେ ଗ୍ରାମର ବଟମହାପୁରୁଷ କମିଟି ପକ୍ଷରୁ କମିଟିର ସଭାପତି ସ୍ମାରକ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୋକସଭାରେ ସ୍ୱର୍ଗତ ସାହୁଙ୍କ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ତାଙ୍କର ଏକମାତ୍ର ପୁତ୍ର ରମେଶ ସାହୁ ମୁଖାଗ୍ନି ଦେଇଥିଲେ। ଶବଧାରରେ ଝିଅ, ଜ୍ୱାଇଁ, ନାତି ନାତୁଣୀ ପରିବାରର ସଦସ୍ୟମାନେ ଉପସ୍ଥିତ ରହିଥିଲେ।

# ଦୁରାରୋଗ୍ୟରେ ପୀଡ଼ିତଙ୍କୁ କଳିଙ୍ଗ ଆବାସିକ ବିଦ୍ୟାଳୟର ସହାୟତା



**ଚାନ୍ଦୋଳ,୮।୧୧(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ସ୍ଥିତ କଳିଙ୍ଗ ଆବାସିକ ବିଦ୍ୟାଳୟ ତରଫରୁ ଜଣେ ଦୂରାରୋଗ୍ୟ କର୍କଟ ରୋଗରେ ପୀଡ଼ିତ ବ୍ୟକ୍ତିଙ୍କୁ ଚିକିତ୍ସା ନିମନ୍ତେ ସହାୟତା ପ୍ରଦାନ କରାଯାଇଛି। ସୂଚନାରୁ ପ୍ରକାଶ ନିଶ୍ଚିନ୍ତକୋଇଲି ବ୍ଲକ କରିଲୋ ପଞ୍ଚାୟତ ଅନ୍ତର୍ଗତ ଛପଚିକଣା ଗ୍ରାମର ହୃଶିକେଶ ସାମଲ ମୁଖଗହ୍ୱର କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ନିଜର ବାପା, ମା', ପତ୍ନୀ ଓ ତିନିଝିଅଙ୍କୁ ଚଳାଇବା ପାଇଁ ହୃଶିକେଶ ଏକମାତ୍ର ରୋଜଗାର କ୍ଷମ ବ୍ୟକ୍ତି ଥିଲା। ଏବେ ଏହି ଦୂରାରୋଗ୍ୟ ରୋଗ ପାଇଁ ସେ ଅସୁସ୍ଥ ହୋଇପଡ଼ିବା ସହିତ ରୋଜଗାର କରିନପାରିବାରୁ ତାଙ୍କର ପରିବାର ଅସୁବିଧାରେ ରହିଥିଲେ। ଏଥିସହିତ ଦୂରାରୋଗ୍ୟ ରୋଗର ଚିକିତ୍ସା ପାଇଁ ଅର୍ଥମଧ ବାଧକ ସାଜିଥିଲା। ଏହି ଖବର ପାଇ କଳିଙ୍ଗ ଆବାସିକ ବିଦ୍ୟାଳୟର ଚେୟାରମ୍ୟାନ ମନୋଜ କୁମାର ପ୍ରଧାନ ହୃଶିକେଶଙ୍କ ପରିବାର ନିକଟରେ ପହଞ୍ଚି ସବେଦନା ଜଣାଇବା ସହ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନଙ୍କ ସହ କଳିଙ୍ଗ ଆବାସିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ହରେକୃଷ୍ଣ ମହାନ୍ତି, ଅବିନାଶ ପଲାଇ, ଦୁର୍ଗା ପ୍ରସାଦ ପଣ୍ଡା ଓ ଶୁଭଙ୍କର ସିହ୍ନା ପ୍ରମୁଖ ଉପସ୍ଥିତ ରହିଥିଲେ।

## ଡଙ୍ଗାରେ ବେଆଇନ ମଦ ପରିବହନ ଭିଡିଓ ଭାଇରାଲ ଘଟଣା

# ଏସ୍‌ପିଙ୍କୁ ପଦକ୍ଷେପ ନେବାକୁ ଡିଆଇଜିଙ୍କ ନିର୍ଦ୍ଦେଶ



**ମହାକାଳପଡ଼ା,୮।୧୧(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ଟୁବି ଫେରିଘାଟ ଡ଼ଙ୍ଗାରେ ଶୁକ୍ରବାର ରାତିରେ ବେଆଇନ୍ ମଦ ପରିବହନ ପାଇଁ ଲଦା ଯାଇଥିବା ଭିଡିଓ ସାମାଜିକ ଗଣମାଧମରେ ଭାଇରାଲ ହେଉଥିବା ଦେଖିବାକୁ ମିଳିଛି। ଏହାକୁ ଉପସ୍ଥିତ ଲୋକେ ମଧ ନାପସନ୍ଦ କରିବା ସହିତ ହୋହାଲ୍ଲା କରିଥିବା ଭିଡିଓ ରୁ ଦେଖିବାକୁ ମିଳିଛି। ବତୀଘର ପଞ୍ଚାୟତ ମାଧମରେ ଚାଲୁଥିବା ଏହି ଘାଟରେ ଏତେ ପେଟି ପେଟି ମଦ ରାତିରେ କିଏ ଓ କାହିଁକି ଆଣିଲା ତାହାକୁ ନେଇ ସନ୍ଦେହ ବଢ଼ିଛି। ଯାତ୍ରୀମାନଙ୍କ ଯାତାୟାତ ପାଇଁ ପ୍ରମୁଖ ମାଧମ ସାଜିଥିବା ଏହି ଘାଟରେ ବେଆଇନ୍ ମଦ କାରବାର ଯାତ୍ରୀ ମାନଙ୍କ ସୁରକ୍ଷିତ ଗମନାଗମନ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନଦୀ ପାର ହେବାକୁ ଅପେକ୍ଷା କରିଥିବା ଲୋକେ ଡଙ୍ଗାରେ ମଦ ଲଦା ଯିବାକୁ ନାପସନ୍ଦ କରିବା ସହିତ ହୋହାଲ୍ଲା କରିଥିଲେ। ଏନେଇ ଏକ ଭିଡିଓ ଭାଇରାଲ ହେବା ପରେ ସୁବ୍ରତ କୁମାର ସେଠୀ ଗୃହ ବିଭାଗକୁ ଅଭିଯୋଗ କରିଥିଲେ। ଘଟଣାରେ ଦୃଷ୍ଟି ଆକର୍ଷଣ କରି ଆବଶ୍ୟକୀୟ ପଦକ୍ଷେପ ନେବାକୁ କେନ୍ଦ୍ରାପଡ଼ା ଏସପି ଙ୍କୁ ଡିଆଇଜି ନିର୍ଦ୍ଦେଶ ଦେଇଛନ୍ତି।

# ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଛାତ୍ରୀ ରାଜ୍ୟସ୍ତରକୁ ମନୋନୀତ



**ରାଜନଗର, ୮।୧୧ (ସଂଚାର ବ୍ୟୁରୋ):** ଗତ ଗୁରୁବାର ଦିନ କେନ୍ଦ୍ରାପଡା ଜିଲ୍ଲା ସଂସ୍କୃତି ଭବନରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି -୨୦୨୫ ଆଡ଼ମ୍ବର ସହ ଅନୁଷ୍ଠିତ ହୋଇଯାଇଛି। ଶିଶୁ ହସିଲେ ଦେଶ ହସିବ। ଗାଁ ଗହଳିରେ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଅନ୍ୱେଷଣ କରିବା ଓ ତାହାକୁ ବିକଶିତ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଛି ଶିଶୁ ମହୋତ୍ସବ ସୁରଭି। ଏହି ପରିପ୍ରେକ୍ଷୀରେ ରାଜନଗର ସ୍ଥିତ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପଢୁଥିବା +୨ ଛାତ୍ରୀମାନେ ସଫଳତା ହାସଲ କରିଛନ୍ତି। ଜିଲ୍ଲା ସଂସ୍କୃତି ଭବନରେ ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ଗାୟତ୍ରୀ ନାୟକ, ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଙ୍କିତା ରାଉତ, ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ରେ ଦ୍ୱିତୀୟ ସ୍ଥାନରେ ଜ୍ୟୋତିର୍ମୟୀ ଲେଙ୍କା ଅଧିକାର କରିଛନ୍ତି।ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟ ଅଧକ୍ଷ ମେଜର ମନୋରଞ୍ଜନ ମହାନ୍ତି, ଅଧାପକ ରତ୍ନାକର ନାୟକ, ପର୍ଶୁରାମ ନାଥ, ଅଭିଜିତ୍ ଖୁଣ୍ଟିଆ ଛାତ୍ରୀ ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏବଂ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ପାଇଁ ଉତ୍ସାହିତ କରିଛନ୍ତି।

# ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ତାଲିମ ଶିବିର ଉଦ୍‌ଘାଟିତ



**ଚାନ୍ଦୋଳଳ, ୮।୧୧ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଚାନ୍ଦୋଳ ସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟ ପରିସରରେ ଆଜି ଓଡ଼ିଶା ଯୁବ ରେଡ଼କ୍ରସ ଆନୁକୂଲ୍ୟରେ ଆୟୋଜିତ ତ୍ରିଦିବସୀୟ ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଆଜିର ଉଦ୍‌ଘାଟନୀ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ କୁମାର ବଳ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବରେ ଯୁବ ରେଡ଼କ୍ରସର ରାଜ୍ୟ କାର୍ଯ୍ୟକାରୀ ଅଧିକାରୀ ଗୋପାଳ ଚନ୍ଦ୍ର ମିଶ୍ର ଯୋଗଦେଇ ଶିବିରାର୍ଥୀମାନଙ୍କୁ ବିପର୍ଯ୍ୟୟର ପୂର୍ବ ପ୍ରସ୍ତୁତି ଏବଂ ସଚେତନ ରହିବାର କୌଶଳ ସମ୍ପର୍କରେ କହିଥିଲେ। ଜିଲ୍ଲା କାର୍ଯ୍ୟକାରୀ ଅଧିକାରୀ ରତ୍ନାକର ସେଠୀ ଓ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମପବିତ୍ରହାବିଦ୍ୟାଳୟର ଅଧକ୍ଷ ପ୍ରାଧାପକ ସାନ୍ତନୁ କୁମାର ଜେନା, ଜିଲ୍ଲା ସଂଯୋଜକ ବିକାଶ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବରେ ଯୋଗଦେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଚାନ୍ଦୋଳ କଲେଜର ଯୁବ ରେଡ଼କ୍ରସର କାର୍ଯ୍ୟକାରୀ ଅଧିକାରୀ ଅଧାପକ ପ୍ରଭାକର ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୫୮ ଟି ମହାବିଦ୍ୟାଳୟରୁ ଯୁବ ରେଡ଼କ୍ରସର ସ୍ୱେଚ୍ଛାସେବୀ ଏବଂ ସଂଯୋଜକମାନେ ଯୋଗ ଦେଇଥିଲେ। ଶେଷରେ ମହାବିଦ୍ୟାଳୟର ଅନ୍ୟତମ କାର୍ଯ୍ୟକାରୀ ଅଧିକାରିଣୀ ସୁକନ୍ୟା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରାଧାପକ ବିନୟ କୁମାର ଷଡ଼ଙ୍ଗୀ, ସଞ୍ଜୟ କୁମାର ନାୟକ, ରମାକାନ୍ତ ଦାସ, ସୌଭାଗ୍ୟ କୁମାର ପ୍ରଧାନ, ଶଶିଭୂଷଣ ଯେନା, ବରଦା ପ୍ରସାଦ ଯେନା, ଦେବାଶିଷ ମହନ୍ତ, ପ୍ରତାପ କୁମାର ଜେନା, ବିଶ୍ୱରଞ୍ଜନ ମିଶ୍ର, ଅଧାପିକା ଶ୍ରୀମତୀ ଦାସ, ଝରାଶ୍ରୀ ପରିଜା, ମିନାକ୍ଷୀ ପ୍ରଧାନ, ଜ୍ୟୋତିର୍ମୟୀ ନାଥଶର୍ମା, ଅପର୍ଣ୍ଣା ନାୟକ, ଲୋପାମୁଦ୍ରା ଦାସ, ତେଜସ୍ୱିନୀ ଦାସ ପ୍ରମୁଖ ପରିଚାଳନା କରିଥିଲେ।

# କାର୍ତ୍ତିକେଶ୍ୱର ପୂଜା କମିଟି ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ



**ପଟ୍ଟାମୁଣ୍ଡାଇ,୮।୧୧(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧୀନ ବାଲିପଡ଼ା ମା ବୁଢ଼ୀ ବାସୁଲାଇ ୟୁଥ୍ କ୍ଲବ ପକ୍ଷରୁ କର୍ତ୍ତିକେଶ୍ୱରଙ୍କ ପୁଜା ଉତ୍ସବ ବୈଦିକ ରୀତିନୀତିରେ ଆନନ୍ଦ ଉଲ୍ଲାସ ର ସହିତ ପାଳିତ ହେଉଛି। ଏହି ଅବସରରେ ମା ବୁଢ଼ୀ ବସୁଳାଇ ୟୁଥ କ୍ଲବ ପକ୍ଷରୁ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ୟୁଥ୍ କ୍ଲବର ସଭାପତି ରାଜୀବ କୁମାର ଖଣ୍ଡାୟୀ ଙ୍କ ପୌରହିତ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ଯୁବନେତା ମିଟୁ ମନୋଜ ନାୟକ, ପରେଶ ସାହୁ ବରିଷ୍ଠ ସାମ୍ବାଦିକ ଅନୀଲ ଚୌଧୁରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ୟୁଥ୍ କ୍ଲବର ସଭ୍ୟ ମାନଙ୍କୁ ଉତ୍ସାହିତ କରିଥିଲେ। ବୟୋଜ୍ୟେଷ୍ଠ ସଭ୍ୟ ଶତ୍ରୁଘ୍ନ ପାତ୍ର, ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# କଳାକାର ସଙ୍ଘର ବୈଠକ



**ରାଜନଗର, ୮।୧୧ (ସଂଚାର ବ୍ୟୁରୋ):** ଶୁକ୍ରବାର ଦିବା ୧୦ ଘଟିକା ସମୟରେ ବରଗାଁର ଆରାଧ ଦେବୀ ମା ମାଟିଆ ମଙ୍ଗଳା ପୀଠରେ ରାଜନଗର ବ୍ଲକର ସମସ୍ତ କଳାକର ବର୍ଗକୁନେଇ ତୁଳସୀକ୍ଷେତ୍ର କଳାକାର ସଂଘ କେନ୍ଦ୍ରାପଡ଼ା ଜିଲ୍ଲାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା ।କଳାକାର ନକୁଳ ଚନ୍ଦ୍ର ଦାସ ତତ୍ୱାବଧନରେ କାର୍ଯ୍ୟକ୍ରମରେ ତୁଳସୀକ୍ଷେତ୍ର କଳାକାର ସଂଘ କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି କେଦାର ସାମନ୍ତରା, କାର୍ଯ୍ୟକାରୀ ସଂପାଦକ ଗଗନ ବିହାରୀ ସିଂ, ସଂପାଦକ ବିଦ୍ୟୁଭୂଷଣ ତ୍ରିପାଠୀ ଓ କୋଷାଧକ୍ଷ ସତ୍ୟବ୍ରତ ପରିଡ଼ା, ସାଂସ୍କୃତିକ ସଂପାଦକ ବାବାଜୀ ପଟ୍ଟନାୟକ ଯୋଗ ଦେଇଥିଲେ। ଆ ଗ । ମୀ ୨୧/୨୨/୨୩ ତାରିଖରେ ହେବାକୁ ଥିବା ତୁଳସୀକ୍ଷେତ୍ର ମହୋତ୍ସବକୁ ସଫଳ କରିବା ପାଇଁ ଆଲୋଚନା କରାଯାଇ ବିଭିନ୍ନ କଳାକାର ମାନଙ୍କୁ ବିଭିନ୍ନ ଦାୟିତ୍ୱ ଦିଆଯାଇଥିଲି । ରାଜନଗର କାର୍ଯ୍ୟକର୍ତ୍ତା ମାନଙ୍କ ମଧ୍ୟରେ ନକୁଳ ଚରଣ ଦାସ, କୃଳମଣି ଦାସ, ତ୍ରିଲୋଚନ ଦାସ, କାହ୍ନୁଚରଣ ଚଣ୍ଡ, ତ୍ରିଲୋଚନ ରାଉତ, କାହ୍ନୁଚରଣ ଦାସ, ଅଲେଖ ଦାସ, ରାଜକିଶୋର ସାହୁ, ବିଜନ ଦାସ, ଚକ୍ରଧର ଦାସ ଅଂଶଗ୍ରହଣ କରି ସଂପୃକ୍ତ ମହୋତ୍ସବକୁ ସଫଳ କରିବା ପାଇଁ ଦୃଢ ଶପଥ ନେଇଥିଲେ ।

## ବାଲିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା

**କେନ୍ଦ୍ରାପଡ଼ା,୮।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭାଗବତପୁର ପଞ୍ଚାୟତ ବାଲିଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ, ଓଡିଶା,ଭୁବନେଶ୍ୱର ଆନୁକୂଲ୍ୟରେ ଏକ ଜିଲ୍ଲା ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ପରିଚାଳନା ସମିତି ସଭାପତି ପ୍ରମୋଦ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଂସ୍ଥାନର ଜିଲ୍ଲା ପ୍ରଭାରୀ ସତ୍ୟବ୍ରତ ରଥ ପ୍ରତିଯୋଗିତାର ନିୟମାବଳୀ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ରତ୍ନାକର କ୍ଲଷ୍ଟରର ସିଆରସିସି ପ୍ରସନ୍ନ କୁମାର ନାୟକ, ହାଟବାଣପୁର କ୍ଲଷ୍ଟରର ସିଆରସିସି ନିର୍ମଳ କୁମାର ଜେନା, ରାଧାମୋହନଜୀଉ ବୈଷୟିକ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସେକ ମୋହିଉଦ୍ଦିନ ଖାନ ପ୍ରମୁଖ ବିଚାରକ ଭାବେ ଯୋଗଦେଇ ପ୍ରକଳ୍ପ ଗୁଡିକର ନିରୀକ୍ଷଣ କରି ମୂଲ୍ୟାୟନ କରିଥିଲେ । ବିଦ୍ୟାଳୟର ସମ୍ପାଦକ ରାଜଗୋପାଳ ମହାନ୍ତି, ସଦସ୍ୟ ନାରାୟଣ ସ୍ୱାଇଁ ଓ ମୁରଲୀଧର ରଥ ଯୋଗଦେଇ ପ୍ରମାଣପତ୍ର ଓ ମେଡାଲ ପ୍ରଦାନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ବିଭୂତିରଞ୍ଜନ ରାଉତଙ୍କ ସମେତ ସମସ୍ତ ଗୁରୁଜୀ ଓ ଗୁରୁମାମାନଙ୍କ ସହଯୋଗରେ ଅନୁଷ୍ଠିତ ଏହି ବିଜ୍ଞାନମେଳାରେ ଜିଲ୍ଲାର ୮ଟି ବିଦ୍ୟାଳୟର ୬୦ରୁ ଉର୍ଦ୍ଧ୍ୱ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ।



# ୨୦୦୩ ବ୍ୟାଚ୍‌ର ବନ୍ଧୁମିଳନ ଓ ଗୁରୁ ପୂଜନ



**ପଟ୍ଟାମୁଣ୍ଡାଇ,୮।୧୧(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅଣ୍ଡରା ବନ୍ଦେ ମାତରଂ ବିଦ୍ୟାଳୟର ୨୦୦୩ ମସିହାର ୧୦ମ ଶ୍ରେଣୀ ବ୍ୟାଚର ବନ୍ଧୁ ମିଳନ ପର୍ବ ବାବାଝାଡ ମହାପୁରୁଷଙ୍କ ପୀଠ ତରଡିପାଳରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୨୩ ବର୍ଷର ବ୍ୟବଧାନରେ ପରେପୁରାତନ ଛାତ୍ର ଛାତ୍ରୀ ମାନଙ୍କର ବନ୍ଧୁ ମିଳନ ଗୁରୁ ପୂଜନ କାର୍ଯ୍ୟକ୍ରମ ସମ୍ଭବ ହୋଇ ପାରିଛି । ଚିହ୍ନା ମୁହଁ ଅଚିହ୍ନା ଲାଗୁଥିଲେବି ନିଜକୁ ନିଜର ପରିଚୟ ପ୍ରଦାନ କରି ଫେରି ଯାଇଥିଲେ ସେହି ପିଲା ଦିନକୁ । ପର ହଜିଲା ଅତୀତର ସ୍ମୃତିକୁ ମନେ ପକାଇ ଭାବ ବିହ୍ୱଳ ହୋଇପଡ଼ିଥିଲେ ପୁରାତନ ଛାତ୍ରଛାତ୍ରୀ ଗଣ, ସ୍କୁଲ ଜୀବନର କାହାଣୀ ବଖାଣି ଆଜିର ଏ ସମାବେଶକୁ ସ୍ମୃତିର ଦିବସ ବୋଲି ମନେ କରିଥିଲେ। ପରେ ନିଜର ଶିକ୍ଷକ ମାନଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ଭକ୍ତିମୟ ପରିବେଶରେ ଗୁରୁ ପୂଜା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଶିକ୍ଷକ ନିମାଇ ଚରଣ ଦାସଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଶିକ୍ଷକ ନିମାଇ ମଲିକ, ପ୍ରୀୟରଜନ ଦାସ, ଅଶୋକ ମଲିକ ପ୍ରମୁଖ ନିଜର ବକ୍ତବ୍ୟ ରଖିବା ସହ ନିଜର ଶିଷ୍ୟଙ୍କୁ ପାଇ ବେଶ ଆନନ୍ଦ ଅନୁଭବ କରିଥିବା ପ୍ରକାଶ କରିଥିଲେ। ଆଜିର ଏହି ଗୁରୁ ଶିଷ୍ୟଙ୍କ ମିଳନର ମହାନ ପର୍ବ ମିଳନ ବେଶ ସରସ ସୁନ୍ଦର ହୋଇପାରିଥିଲା। ମଞ୍ଚ ପରିଚାଳନା କରିଥିଲେ ସମାଜସେବୀ କମଲିକା। ପରେ ସଂସ୍କୃତିକ କାର୍ଯ୍ୟ କ୍ରମ ହୋଇ ଥିଲା । ଏ ଭଳି ବନ୍ଧୁ ମିଳନ ଅନ୍ୟ ଛାତ୍ର ଛାତ୍ରୀଙ୍କ ପ୍ରେରଣାର ଉତ୍ସ ହୋଇ ରହିବ।

# ଜିଲ୍ଲାସ୍ତରୀୟ ମଡେଲ ପାର୍ଲାମେଣ୍ଟ ପିଏମଶ୍ରୀ କୋରୋ ବିଦ୍ୟାଳୟ



**କେନ୍ଦ୍ରାପଡ଼ା,୮।୧୧(ସଂଚାର ବ୍ୟୁରୋ):** ପିଏମଶ୍ରୀ କୋରୋ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଜିଲ୍ଲା ସ୍ତରୀୟ ସୁରଭିର ମଡେଲ ପାର୍ଲାମେଣ୍ଟ ଯୋଗଦାନ କରି ଜଳବାୟୁ ପରିବର୍ତ୍ତନ ଓ ସ୍ଥିର ଭବିଷ୍ୟତ ବିଲ -୨୦୨୫ ଉପରେ ଆଲୋଚନା କରିଥିଲେ । ବାଚସ୍ପତି ଭାବେ ମଧୁସ୍ମିତା ସାହୁ, ମୁଖ୍ୟମନ୍ତ୍ରୀ ଭାବେ ହରପ୍ରିୟା ରାଉତ, ପରିବେଶ ମନ୍ତ୍ରୀ ଭାବେ ସୁଚିସ୍ମିତା ସିଂହ, ସ୍ୱାସ୍ଥ୍ୟ ମନ୍ତ୍ରୀ ଭାବେ ହିମାଂଶୁ ବରାଳ, ବିରୋଧୀ ଦଳ ନେତା ଭାବେ ପ୍ରତ୍ୟୁଷା ଜେନା, ସ୍ୱାଧୀନ ବିଧାୟକ ଭାବରେ ନିବେଦିତା ବରାଳ, ଜୟପୁର ବିଧାୟକ ଭାବରେ ତୃପ୍ତି ମଞ୍ଜରୀ ଦାସ ଓ ମାର୍ଶାଲ ଭାବରେ ଓମ ପ୍ରକାଶ ବେହେରା ଗୃହ ଅଧିବେଶନରେ ଭାଗ ନେଇଥିଲେ । ତତ୍‌ସହିତ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ପ୍ରଦର୍ଶନୀରେ ହସ୍ତକଳା, ପ୍ଲାଷ୍ଟିକ ବର୍ଜ୍ୟରୁ ଗୃହ ଉପକରଣ, ବିଭିନ୍ନ ଔଷଧୀୟ ବୃକ୍ଷ, ପୁଷ୍ଟିକର ମୁଗଗଜା ଓ ଲେମନ ଚା ବିତରଣ ଆଦିର ବ୍ୟବସ୍ଥା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ସ୍ତରରେ ପ୍ରସଂଶା କରାଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ସୋମନାଥ ମହାପାତ୍ର ଓ ବରିଷ୍ଠ କଳା ଶିକ୍ଷକ ଜଗନ୍ନାଥ ପ୍ରସାଦ ଉପାଧାୟଙ୍କ ସକ୍ରିୟ ତଥା ବଳିଷ୍ଠ ଉଦ୍ୟମରେ କାର୍ଯ୍ୟକ୍ରମଟି ସଫଳ ହେଇଥିବାରୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟୁଛି ।

# ରାଜ୍ୟସ୍ତରୀୟ ସୁରଭି ପ୍ରତିଯୋଗିତାରେ ୮ ଛାତ୍ରଛାତ୍ରୀ ମନୋନୀତ

**ରାଜନଗର, ୮।୧୧ (ସଂଚାର ବ୍ୟୁରୋ):** ଚଳିତ ମାସ ୧୨,୧୩,୧୪ ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ରୁ ୮ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି । ସ୍ଥାନୀୟ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ଯୁକ୍ତ ୨ ଛାତ୍ରୀ ଶୁଭଶ୍ରୀ ବେହେରା ସଂଗୀତରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟକୁ ମନୋନୀତ ହୋଇଥିବା ବେଳେ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଯୁକ୍ତ ୨ ଛାତ୍ରୀ ଗାୟତ୍ରୀ ନାୟକ କ୍ରିଏଟିଭ ରାଇଟିଂ,ଅଙ୍କିତା ରାଉତ ଏଲୋକେସନ,ଗାୟତ୍ରୀ ନାୟକ ରଚନା ଲିଖନ( ବରିଷ୍ଠ),ସୌମ୍ୟରଂଜନ ପ୍ରଧାନ ବକ୍ତୃତା, ମନୋରଂଜନ ମଣ୍ଡଳ ରଚନା ଲିଖନ (କନିଷ୍ଠ),ଶୁଭଶ୍ରୀ ରାଉତ କୁଇଜ (କନିଷ୍ଠ ) ଏବଂ ନାଗା ନାରାୟଣ ଉଚ୍ଚ ମାଧମିକ ବିଦ୍ୟାଳୟର ଛାତ୍ରୀ ତୃପ୍ତି ପ୍ରିୟଦର୍ଶନୀ ବାରିକ ମଡେଲ ଓରିଏନଟେସନ ବିଭାଗ ରେ ମନୋନୀତ ହୋଇ ରାଜନଗର ପାଇ ଗୌରବ ଆଣିଛନ୍ତି ।

# ରାଜ୍ୟ ଭାଗବତ ଟୁଙ୍ଗି ପ୍ରଚାର ସମିତି ପକ୍ଷରୁ ଭାଗବତ ମହୋତ୍ସବ ଓ ଭକ୍ତ ସମ୍ମିଳନୀ




**କେନ୍ଦ୍ରାପଡ଼ା,୮।୧୧(ସଂଚାର ବ୍ୟୁରୋ):** ବର୍ତ୍ତମାନ ଓଡ଼ିଶାର କଳା ସଂସ୍କୃତି ଓ ଗୀତା ଭାଗବତକୁ ଭୁଲି ଗଲେଣି ଲୋକେ । ଏବେ ନୂଆ ଯୁବ ପିଢ଼ି ମାନଙ୍କୁ ଭଗବତ୍ ଚିନ୍ତନ ଓ ଉଚିତ୍ ମାର୍ଗକୁ ଆପଣାଇବା ଓଡ଼ିଶାର ରାଜ୍ୟ ଭାଗବତ ଟୁଙ୍ଗି ପ୍ରଚାର ସମିତି ପକ୍ଷରୁ ଜିଲ୍ଲା ସଂସ୍କୃତି ଭବନ, କେନ୍ଦ୍ରାପଡ଼ା ପରିସରରେ କେନ୍ଦ୍ରାପଡ଼ା ଜିଲ୍ଲା ଶାଖା ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲା ଭାଗବତ ମହୋତ୍ସବ ଓ ଭକ୍ତ ସମ୍ମିଳନୀ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବକୁ ରାଜ୍ୟ ଭାଗବତ ଟୁଙ୍ଗି ପ୍ରଚାର ସମିତିର ପ୍ରତିଷ୍ଠାତା ସଭାପତି ନଙ୍ଗୁଳି ବାବା ଉଦଘାଟନ କରିଥିଲେ । ଉପସଭାପତି ସୁବ୍ରତ ରାଉତ ମହୋତ୍ସବରେ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ରାଜ୍ୟ ସଂଯୋଜକ ବସନ୍ତ କୁମାର ଦାସ ୩୦ ଗୋଟି ଜିଲ୍ଲାରେ ଭାଗବତ ମହୋତ୍ସବ ପାଳନର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧିକାରୀ ଡ଼. ତ୍ରିଲୋଚନ ବରାଳ, ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂହ, ବିଶିଷ୍ଟ ଅତିଥି ଭାବେ କେନ୍ଦ୍ରାପଡ଼ାର ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ବରେଣ୍ୟ ଅତିଥି ଭାବେ ଜିଲ୍ଲା ବିଜେପି ସମ୍ପାଦିକା ମନିଷା ପଣ୍ଡା, ସମ୍ମାନିତ ଅତିଥି ଭାବେ ସଙ୍ଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ ।

# ସାମ୍ବାଦିକଙ୍କ ମାତୃ ବିୟୋଗ



**ନିଶ୍ଚିନ୍ତକୋଇଲି, ୮।୧୧(ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକ୍ ଅଞ୍ଚଳର ସାମ୍ବାଦିକ ଜଗନ୍ନାଥ ପଣ୍ଡାଙ୍କ ମା' ସତ୍ୟଭାମା ପଣ୍ଡା(୬୨)ଙ୍କର ଗତ ଶୁକ୍ରବାର ଅପରାହ୍ନରେ ପରଲୋକ ହୋଇଯାଇଛି। ଗତ କାଲି ଅପରାହ୍ନରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ସାନପୁଅ ରଘୁନାଥ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଅଞ୍ଚଳର ସମସ୍ତ ସାମ୍ବାଦିକ ବନ୍ଧୁ, ମାହାଙ୍ଗା ବିଧାୟକ ଶାରଦା ପ୍ରାସାଦ ପ୍ରଧାନ,ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା,ପୂର୍ବତନ ଉପାଧକ୍ଷ ଅଶୋକ କୁମାର ଓଝା, ଜିଲ୍ଲାପରିଷଦ ସଭ୍ୟ ବିପ୍ଲବ କେଶରୀ କାପ, ସରପଞ୍ଚ ହିମାଂଶୁ ନାରାୟଣ ମଲ୍ଲ, ସମିତିସଭ୍ୟ ପ୍ରଦୋଷ କୁମାର ସାହୁ, ରାମଚନ୍ଦ୍ର ସାହୁ, ଦେବପ୍ରସାଦ ସାହୁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

**AFFIDAVIT**

By virtue of an affidavit sworn before Executive Magistrate kendrapara, dated 02/09/2025. I, Sitanath Malik, S/o - Nrusingha Malik, Vill/po-Kakharuni, Ps - Pattamundai, Dist-Kendrapara,Pin-754217 declares that I have changed the name of my son from Swatiksh Malik to Swati Swarup Malik.

Henceforth, he/she shall be known as Swati Swarup Malik for all purposes.

## ଆଜିଠୁ ମାଟ୍ରିକ ପରୀକ୍ଷା ଫର୍ମ ଫିଲପ୍ ଆରମ୍ଭ

କଟକ, ୮ା୧୧ (ସଂଚାର ବ୍ୟୁରୋ) : ୨୦୨୬ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ (ରେଗୁଲାର ଓ ଏକ୍ସରେଗୁଲାର) ପରୀକ୍ଷା ପାଇଁ ଫର୍ମ ପୂରଣ ନଭେମ୍ବର ୮ରୁ ଆରମ୍ଭ ହେବ। ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ୱେବ୍‌ସାଇଟ୍ www.bseodisha.ac.inରେ ପ୍ରଦତ୍ତ ଲିଙ୍କ୍ ମାଧ୍ୟମରେ ୨୪ ଘଣ୍ଟିଆ ଅନ୍‌ଲାଇନ ଜରିଆରେ ଫର୍ମ ପୂରଣ କରାଯିବ। ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ/ପ୍ରଧାନଶିକ୍ଷକଙ୍କ ଜରିଆରେ ନଭେମ୍ବର ୮ରୁ ୨୨ ତାରିଖ ରାତି ୧୧.୪୫ ମିନିଟ ପର୍ଯ୍ୟନ୍ତ ଏହି ଫର୍ମ ପୂରଣ କରାଯିବ। ଏଥିପାଇଁ ସମସ୍ତ ସୂଚନା ବୋର୍ଡ ୱେବ୍‌ସାଇଟ୍‌ରେ ଉପଲବ୍ଧ ହୋଇଛି। ଅନୁରୂପ ଭାବେ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ନିମନ୍ତେ ମଧ୍ୟ ଫର୍ମ ପୂରଣ କରାଯିବ। ମାତ୍ର ମଧ୍ୟମା ପରୀକ୍ଷା ପାଇଁ ଫର୍ମ ପୂରଣ ଅଫ୍‌ଲାଇନ ମାଧ୍ୟମରେ ହେବ। ଏଥିପାଇଁ ନଭେମ୍ବର ୧୨ରୁ ୨୨ ତାରିଖ ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ କରାଯାଇଛି। ସଂସ୍କୃତ ଟୋଲ୍‌ର ହେଡ୍ ପଣ୍ଡିତମାନେ ଫର୍ମ ପୂରଣ କରି ବୋର୍ଡ ଶାଖା କାର୍ଯ୍ୟାଳୟରେ ନଭେମ୍ବର ୨୪ ତାରିଖ ସୁଦ୍ଧା ଦାଖଲ କରିବେ।

## ଚାକିରି ପ୍ରଲୋଭନ ଦେଖାଇ ନାବାଳିକା ସହ ଦୁଷ୍କର୍ମ ଓ ମଧ୍ୟପ୍ରଦେଶରେ ବିକ୍ରି



ଫୁଲବାଣୀ/କୋଟଗଡ, ୮ା୧୧ (ସଂଚାର ବ୍ୟୁରୋ) : କନ୍ଧମାଳ ଜିଲ୍ଲା କୋଟଗଡ଼ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଚାକିରି ପ୍ରଲୋଭନ ଦେଖାଇ ମଧ୍ୟପ୍ରଦେଶରେ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି। ଚାଲାଣକାରୀ ସମ୍ପୃକ୍ତା ନାବାଳିକାଙ୍କୁ ବଳାତ୍କାର ମଧ୍ୟ କରିଛନ୍ତି। ଘଟଣାର ଦୁଇ ମାସ ପରେ କୋଟଗଡ ପୋଲିସ ନାବାଳିକାଙ୍କୁ ମଧ୍ୟପ୍ରଦେଶରୁ ଉଦ୍ଧାର କରିଛି। ଏଥିରେ ସାମିଲ ଜଣେ ଦଲାଲଙ୍କ ସମେତ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ରାୟଗଡା ଜିଲା ଚନ୍ଦ୍ରପୁର ଅଞ୍ଚଳର ଚାଲାଣକାରୀ ଶଶୀଭୂଷଣ ପାଣି, ମଧ୍ୟପ୍ରଦେଶର ଦୁଇଭାଇ ସନ୍ଦୀପ ଓ ମହେଶ ପଟେଲ। ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ମଧ୍ୟସ୍ଥ ଫେରାର ଅଛନ୍ତି। ନଂ. ୧୪୫/୨୫ରେ ଏକ ମାମଲା ରୁଜୁ ହୋଇଥିବା କୋଟଗଡ ଥାନାଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର କହିଛନ୍ତି। ମିଳିଥିବା ଖବରରୁ ଜଣାପଡିଛି, ଶଶୀଭୂଷଣ କିଛି ମାସ ତଳେ କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ମାଲିପଡାରେ ରହୁଥିଲେ। ଏହି ସମୟରେ କୋଟଗଡ ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘରକୁ ଯାଇ ତାଙ୍କ ସହ ସମ୍ପର୍କ ବଢ଼ାଇଥିଲେ। ଶଶୀଭୂଷଣ ତାଙ୍କ ୧୪ ବର୍ଷର ନାବାଳିକା ଝିଅକୁ ମାସକୁ ୧୮ ହଜାର ଟଙ୍କା ଦରମାରେ ଚାକିରି କରାଇ ଦେବାକୁ କହି ବିଶ୍ୱାସ ଜମାଇଥିଲେ। ରୋଜଗାର କଲେ ଘର ଭଲରେ ଚଳିବ ଭାବି ବାପା ତାଙ୍କ ନାବାଳିକା ଝିଅକୁ ଶଶୀଭୂଷଣଙ୍କ ସହ ପଠାଇଥିଲେ। ଶଶୀ ଭୂଷଣ ଅନ୍ୟ ଜଣେ ମଧ୍ୟସ୍ଥଙ୍କ ଜରିଆରେ ମଧ୍ୟପ୍ରଦେଶରେ ପହଞ୍ଚିଥିଲେ। ସେଠାରେ ସେ ନାବାଳିକାଙ୍କୁ ବିକ୍ରି କରିବା ନେଇ ପୂର୍ବରୁ କଥାବାର୍ତ୍ତା ସାରିଥିଲେ। ମଧ୍ୟପ୍ରଦେଶର ଦୁଇ ଭାଇ ସନ୍ଦୀପ ଏବଂ ମହେଶ ଶଶୀଭୂଷଣଙ୍କୁ ୭୦ ହଜାର ଟଙ୍କା ଦେଇ ନାବାଳିକାଙ୍କୁ ଘରକୁ ନେଇ ଯାଇଥିଲେ। ଶଶୀଭୂଷଣ ଟଙ୍କା ପାଇ ସେଠାରୁ ପଳାଇ ଆସିଥିଲେ। ଇତି ମଧ୍ୟରେ ଦୁଇ ମାସ ବିତି ଯାଇଥିଲେ ହେଁ ଝିଅ ବିଷୟରେ କୌଣସି ଖବର ପରିବାର ଲୋକେ ପାଇ ନ ଥିଲେ। କିଛି ଦିନ ପରେ ନାବାଳିକା ଜଣକ କୌଣସି ପ୍ରକାରେ ଘଟଣା ବିଷୟରେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଏନେଇ ଗତ ଅକ୍ଟୋବର ୨୧ ତାରିଖରେ କୋଟଗଡ଼ ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତି କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ପ୍ରଥମେ ପୋଲିସ ତୁମୁଡିବନ୍ଧ ବ୍ଲକ ମାଲିପଡା ଗ୍ରାମରୁ ଦଲାଲ ଶଶୀଭୂଷଣଙ୍କୁ ନେଇ ପଚରାଉଚରା କରିବା ପରେ ସେ ସବୁ କହିଥିଲେ। ପରେ ପୋଲିସ ଏକ ଟିମ ଗଠନ କରି ମଧ୍ୟପ୍ରଦେଶରେ ପହଞ୍ଚି ସେଠାକାର ପୋଲିସ ସହାୟତାରେ ସାଗର ଗାଁରୁ ନାବାଳିକାଙ୍କୁ ଗତ ୩ ତାରିଖରେ ଉଦ୍ଧାର କରିଥିଲା। ଏଥିସହ ତାଙ୍କୁ କିଣିଥିବା ଦୁଇ ଭାଇ ସନ୍ଦୀପ ଏବଂ ମହେଶଙ୍କୁ ଗିରଫ କରିଥିଲା। ଡାକ୍ତରୀମାଇନା ପରେ ନାବାଳିକାଙ୍କୁ ତାଙ୍କ ଘରକୁ ପଠା ଯାଇଛି।

### ଭାରତ ପର୍ବ-୨୦୨୫ରେ ଯୋଗଦେଲେ ରାଜ୍ୟପାଳ

# ଓଡ଼ିଶାର ଆଧ୍ୟାତ୍ମିକ ଭୂମି ପରିଦର୍ଶନ ପାଇଁ ଦେଲେ ନିମନ୍ତ୍ରଣ



ଭୁବନେଶ୍ୱର,୮ା୧୧(ସଂଚାର ବ୍ୟୁରୋ): ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଆଜି ଗୁଜରାଟର ନର୍ମଦା ଜିଲ୍ଲା ଏକତା ନଗର (କେୱଡ଼ିଆ)ସ୍ଥିତ ଷ୍ଟାଚ୍ୟୁ ଅଫ୍ ୟୁନିଟି ନିକଟରେ ଭାରତ ପର୍ବ-୨୦୨୫ରେ ଯୋଗ ଦେଇଛନ୍ତି। ଏହି ଅବସରରେ ସେ ତାଙ୍କ ଅଭିଭାଷଣରେ ଅନ୍ୟ ରାଜ୍ୟର ଲୋକଙ୍କୁ କଳା, ସଂସ୍କୃତି ଓ ଆଧ୍ୟାତ୍ମିକତାର ଭୂମି ଓଡ଼ିଶା ପରିଦର୍ଶନ ପାଇଁ ନିମନ୍ତ୍ରଣ କରିଛନ୍ତି।

କେନ୍ଦ୍ର ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏକ ବାର୍ଷିକ ଜାତୀୟ ଉତ୍ସବରେ ଅଭିଭାଷଣରେ ଡ. କମ୍ଭମପାଟି କହିଛନ୍ତି ଯେ ଓଡ଼ିଶା ଏପରି ଏକ ରାଜ୍ୟ ଯେଉଁଠାରେ ଇତିହାସ, ଐତିହ୍ୟ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟ ସୁନ୍ଦର ଭାବରେ ଏକତ୍ରିତ ହୋଇଛି। ସ୍ୱର୍ଣ୍ଣ ତ୍ରିଭୁଜ ଗଠନ କରୁଥିବା ଭୁବନେଶ୍ୱର, ପୁରୀ ଏବଂ କୋଣାର୍କର ପ୍ରସିଦ୍ଧ ମନ୍ଦିର ବିଷୟରେ ରାଜ୍ୟପାଳ ଏହି ସମାରୋହରେ ଅବତାରଣା କରିଥିଲେ। ଚାନ୍ଦିପୁର ଏବଂ ଗୋପାଳପୁରର ଶାନ୍ତ ବେଳାଭୂମି; ଶିମିଳିପାଳ ଏବଂ କୋରାପୁଟର ସବୁଜ ଜଙ୍ଗଲ; ମନୋରମ ଚିଲିକା ଲାଗୁନ୍; ଏବଂ ମୟୂରଭଞ୍ଜର ସମୃଦ୍ଧ ଆଦିବାସୀ ସଂସ୍କୃତି ସମ୍ପର୍କରେ ଉଲ୍ଲେଖ କରି ଓଡ଼ିଶାର ପ୍ରତ୍ୟେକ କୋଣ ଭକ୍ତି, ସୃଜନଶୀଳତା ଏବଂ ଶକ୍ତିର କାହାଣୀ କୁହେ ବୋଲି ରାଜ୍ୟପାଳ କହିଛନ୍ତି। ପ୍ରଭୁ ଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା, ସୁନ୍ଦର ଓଡ଼ିଶୀ ନୃତ୍ୟ, ଅନନ୍ୟ ପଟ୍ଟଚିତ୍ର ଏବଂ ପିପିଲିର ରଙ୍ଗୀନ ଚାନ୍ଦୁଆ କାମକୁ ଓଡ଼ିଶାର ସମୃଦ୍ଧ କଳା ଐତିହ୍ୟର ପ୍ରତୀକ ଭାବେ ରାଜ୍ୟପାଳ ଉଲ୍ଲେଖ କରିଥିଲେ। ଓଡ଼ିଶା ପରିଦର୍ଶନ କରି ଏହାର ଜୀବନ୍ତ ପରମ୍ପରା ଏବଂ ଆତିଥ୍ୟ ଅନୁଭବ କରିବାକୁ ଅନ୍ୟ ରାଜ୍ୟର ଲୋକଙ୍କୁ ରାଜ୍ୟପାଳ ସ୍ୱାଗତ କରିଥିଲେ।

ସେ ଆହୁରି କହିଥିଲେ ଯେ ଷ୍ଟାଚ୍ୟୁ ଅଫ୍ ୟୁନିଟି ତଳେ ଠିଆ ହେବା ଗର୍ବର ମୁହୂର୍ତ୍ତ, ଯାହା ଭାରତର ବିବିଧତାରେ ଏକତାକୁ ପ୍ରତିନିଧିତ୍ୱ କରୁଛି। ରାଷ୍ଟ୍ରୀୟ ଏକତା ଦିବସ ଓ ଏକ ଭାରତ ଶ୍ରେଷ୍ଠ ଭାରତ ପ୍ରୟାସ ଆରମ୍ଭ କରିବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିକୋଣ ଓ ଉଦ୍ୟମକୁ ସେ ପ୍ରଶଂସା କରିଥିଲେ। ଭାରତ ପର୍ବରେ ଯୋଗଦେବା ପୂର୍ବରୁ ରାଜ୍ୟପାଳ ସର୍ଦ୍ଦାର ସରୋବର ଡ୍ୟାମ ପରିଦର୍ଶନ କରିଥିଲେ। ଏହା ଇଞ୍ଜିନିୟରିଂର ଏକ ଅବିଶ୍ୱସନୀୟ କୃତି ଏବଂ ଭାରତର ଦୃଷ୍ଟିକୋଣ ଏବଂ ପ୍ରଗତିର ପ୍ରତୀକ ବୋଲି କହିଥିଲେ। ଏହି ଅବସରରେ ରାଜ୍ୟପାଳ କେୱଡ଼ିଆରେ ଷ୍ଟାଚ୍ୟୁ ଅଫ୍ ୟୁନିଟି ମଧ୍ୟ ପରିଦର୍ଶନ କରିଥିଲେ। ରାଜ୍ୟପାଳଙ୍କ ସହ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଏବଂ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ୍ୟ ଉପସ୍ଥିତ ଥିଲେ।

## ଭୁବନେଶ୍ୱରରେ ଖୋଲିବ ଗୁପ୍‌ଚୁପ୍ କର୍ଣ୍ଣର




ଭୁବନେଶ୍ୱର,୮ା୧୧ (ସଂଚାର ବ୍ୟୁରୋ): ଗୁପ୍‌ଚୁପ୍ ପ୍ରେମୀଙ୍କ ପାଇଁ ଖୁସି ଖବର। ଏଣିକି ଗୋଟିଏ ସ୍ଥାନରେ ମିଳିବ ଭଳି କି ଭଳି ଗୁପ୍‌ଚୁପ୍। ଭୁବନେଶ୍ୱରରେ ବିଏମ୍ସି ଖୋଲିବ ଗୁପ୍‌ଚୁପ୍ କର୍ଣ୍ଣର। ରାସ୍ତା କଡ଼ରେ ଠିଆ ହୋଇ ଆଉ ଗୁପଚୁପ ଖାଇବାକୁ ପଡିବନି। ପାଇଲଟ ପ୍ରୋଜେକ୍ଟ ଭାବରେ ରିଜିଓନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଏଜୁକେସନ ସମ୍ମୁଖରେରେ ବିଏମ୍ସି ଜାଗା ଚିହ୍ନଟ କରିଛି। ଗୁପ୍‌ଚୁପ୍ କର୍ଣ୍ଣର ପାଇଁ ଚିହ୍ନଟ ହୋଇଥିବା ନିର୍ଦ୍ଦିଷ୍ଟ ସ୍ଥାନକୁ ଆଜି ବୁଲି ଦେଖିଛନ୍ତି ଭୁବନେଶ୍ୱର ମେୟର ସୁଲୋଚନା ଦାସ।

ତେବେ ଏହି ଗୁପ୍‌ଚୁପ୍ କର୍ଣ୍ଣର ପାଇଁ ସହିଦନଗର ଛକଠାରୁ ନିକୋ ପାର୍କ ପର୍ଯ୍ୟନ୍ତ ଯେଉଁମାନେ ଗୁପ୍‌ଚୁପ୍ ବିକ୍ରି କରୁଛନ୍ତି ସେ ସମସ୍ତ ବ୍ୟବସାୟୀଙ୍କୁ ଚିହ୍ନଟ କରାଯିବ। ଦୋକାନୀମାନଙ୍କୁ ବିଏମସି ପକ୍ଷରୁ ମାଗଣାରେ ଗୋଟିଏ ପ୍ରକାରର ସ୍ୱତନ୍ତ୍ର ଟ୍ରଲି ଦିଆଯିବ। ଦୋକାନୀମାନେ ସ୍ଥାୟୀ ଭାବରେ ନୁହେଁ ବରଂ ବ୍ୟବସାୟୀମାନଙ୍କୁ ଗୁପ୍‌ଚୁପ୍ ବିକ୍ରି ପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ସମୟ ଦିଆଯିବ। ଓପନ ଭେଣ୍ଡିଂ ଜୋନ୍ ଢାଞ୍ଚାରେ ନିର୍ମାଣ ହୋଇଥିବା ଏହି ଗୁପ୍‌ଚୁପ୍ ବଜାରରେ ୩୦ରୁ ୪୦ ଦୋକାନ ଖୋଲିପାରିବ। ଏହି ଭେଣ୍ଡିଂ ଜୋନକୁ ଲାଗି ପାର୍କିଂ ଏବଂ ଅନ୍ୟ ଆନୁସାଙ୍ଗିକ ବ୍ୟବସ୍ଥା କରାଯାଇଛି। ଲୋକଙ୍କ ମନ ପସନ୍ଦର ଗୁପ୍‌ଚୁପ୍ ଗୋଟିଏ ମାର୍କେଟରେ ଉପଲବ୍ଧ କରାଇବାକୁ ବିଏମ୍ସି ପକ୍ଷରୁ ଅଭିନବ ପ୍ରୟାସ ଆରମ୍ଭ କରାଯାଇଛି। ବର୍ତ୍ତମାନ ସମୟରେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ମନଇଚ୍ଛା ଗୁପ୍‌ଚୁପ୍ ଦୋକାନ ଖୋଲୁଛି। ରାସ୍ତା କଡ଼ରେ ଏପରି ଅଘୋଷିତ ଗୁପ୍‌ଚୁପ୍ ଦୋକାନ ଖୋଲୁଥିବା ବେଳେ ରାସ୍ତାରେ ଭିଡ଼ ଜମୁଛି। ଗାଡ଼ି ପାର୍କିଂ ଯୋଗୁଁ ଦିନକୁ ଦିନ ଟ୍ରାଫିକ୍ ସମସ୍ୟା ମଧ୍ୟ ବଢ଼ିବାରେ ଲାଗୁଛି। ଏ ସବୁକୁ ଦୃଷ୍ଟିରେ ରଖି ବିଏମ୍ସି ଏପରି ଅଭିନବ ଉପାୟ ଆପଣାଇଛି।

## ମାଓବାଦୀଙ୍କ ଆଇଇଡି ବିସ୍ଫୋରଣରେ ୨ ସନ୍ଧାନୀ କୁକୁର ସହିଦ

ରାଉରକେଲା, ୮ା୧୧ (ସଂଚାର ବ୍ୟୁରୋ) : ଓଡ଼ିଶା- ଝାଡ଼ଖଣ୍ଡ ସୀମାନ୍ତ ପଶ୍ଚିମ ସିଂହ ଭୂମି ଛୋଟା ନାଗରା ଥାନା ସରଣ୍ଡା ଜଙ୍ଗଲରେ ଘଟିଛି ଆଇଇଡି ବିସ୍ଫୋରଣ। ଏଥିରେ ସିଆରପିଏଫ୍ର ଦୁଇ ସନ୍ଧାନୀ କୁକୁର ସହିଦ ହୋଇଥିବାବେଳେ, ସିଆରପିଏଫ୍ ଯବାନ ସୁମିତ ଏମ ଗୁରୁତର ଆହତ ହୋଇଛନ୍ତି। ବର୍ତ୍ତମାନ ବି ସରଣ୍ଡା ଜଙ୍ଗଲରେ ସର୍ଚ୍ଚ ଅପରେସନ ଚାଲିଛି। ଗୁରୁବାର ସନ୍ଧ୍ୟାରୁ ସରଣ୍ଡା ଜଙ୍ଗଲରେ ସୁରକ୍ଷା ବାହିନୀ କୋବ୍ରା ଏବଂ ପୋଲିସ ପକ୍ଷରୁ ମାଓବାଦୀ ବିରୋଧୀ ଅଭିଯାନ ଜାରି ରହିଛି। ସୁରକ୍ଷା ବାହିନୀ ଦୁଇଟି ଏସ୍‌ଏଲ୍‌ଆର୍ ରାଇଫଲ୍ ଏବଂ ଗୋଟିଏ .୩୦୩ ରାଇଫଲ୍ ଜବତ କରିଛି। ଏହା ସହ ଏକେ ୪୭, ଏସଏଲଆର ସହ ୩୦୩ ରାଇଫଲର ୨୪୫ଟି ଗୁଳି ସହ ୧୩ଟି ଆଇଇଡି ଏବଂ ୧୦ଟି ଡେଟୋନେଟର ସହ ୧୬ କିଲୋ ବିସ୍ଫୋରୋକ ଜବତ ହୋଇଛି।

## ଓଭରଟେକ୍ କରି ପଳାଉଥିଲେ, ମାଡ଼ି ବସିଲା ପୁଲିସ



ଭଦ୍ରକ,୮ା୧୧(ସଂଚାର ବ୍ୟୁରୋ): ପୁଲିସ ଗାଡ଼ିକୁ ଓଭରଟେକ୍ କରିବା ପଡିଲା ମହଙ୍ଗା। ଧରାପଡ଼ିଲେ ଦୁଇ ଗଞ୍ଜେଇ ବେପାରୀ। ଭଦ୍ରକ ସହରାଞ୍ଚଳ ଥାନା ଅଧୀନ ଚରମ୍ପା ରେଳ ଷ୍ଟେସନର ୧୧୯ ନମ୍ବର ଫାଟକ ନିକଟରୁ ଜବତ ହୋଇଛି ଗଞ୍ଜେଇ। ଗୋଟିଏ ବାଇକ୍ ସମେତ ଦୁଇ ଜଣ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଛି ଭଦ୍ରକ ଟାଉନ୍ ପୁଲିସ। ଶୁକ୍ରବାର ସନ୍ଧ୍ୟାରେ ଭଦ୍ରକ ସହରର ଡାହାଣୀ ଗଢିଆ ଅଞ୍ଚଳରେ ଟାଉନ ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ଦ୍ରୁତ ଗତିରେ ପୁଲିସ ଭ୍ୟାନ୍‌କୁ ଓଭରଟେକ୍ କରିଥିଲେ ଦୁଇ ବାଇକ୍ ଆରୋହୀ। ବାଇକ୍ ଚାଳକଙ୍କ ନିକଟରେ ଥିବା ଏକ ବସ୍ତା ଓ ସେମାନଙ୍କ ଗତିବିଧିକୁ ଦେଖି ପୁଲିସ୍ ସନ୍ଦେହ କରିଥିଲା। ଦୁଇ ବାଇକ୍ ଆରୋହୀଙ୍କୁ ପିଛା କରି ଚରମ୍ପା ରେଳବାଇ ୧୧୯ ନମ୍ବର ଗେଟ୍ ନିକଟରେ ପୁଲିସ୍ ମାଡ଼ି ବସିଥିଲା। ସେମାନଙ୍କ ନିକଟରେ ଥିବା ବସ୍ତାଟିକୁ ଯାଞ୍ଚ ସମୟରେ ସେଥିରୁ ପାଖାପାଖି ୭ କିଲୋ ଓଜନର ଗଞ୍ଜେଇ ବାହାରିଥିଲା। ଉକ୍ତ ଗଞ୍ଜେଇ ସହ ପୁଲିସ୍ ସେମାନଙ୍କ ବାଇକ୍‌କୁ ଜବତ କରିଛି। ଏଥିସହ ଉଭୟଙ୍କୁ ଗିରଫ କରି ଥାନାକୁ ଆଣିଛି ପୁଲିସ୍। ଟାଉନ୍ ପୁଲିସ ଦ୍ୱାରା ଗିରଫ ହୋଇଥିବା ଦୁଇ ଯୁବକ ହେଲେ ଭଦ୍ରକ ପୁରୁଣା ବଜାର ଅଞ୍ଚଳ ଏସ.କେ. କଲିମୁଦ୍ଦିନ୍ ଓ ଅଫସର୍ ଅନସାରୀ।

## ପ୍ରଚାରରେ ସରକାରୀ କଳର ଉପଯୋଗ କରୁଛି ବିଜେପି: ବିଜେଡି

### ଆଚରଣ ସଂହିତା ଉଲ୍ଲଙ୍ଘନ ନେଇ ନିନ୍ଦା



ଭୁବନେଶ୍ୱର,୮ା୧୧(ସଂଚାର ବ୍ୟୁରୋ): ନିର୍ବାଚନକୁ ଆଉ କେଇ ଘଣ୍ଟା ବାକି ଥିବା ସମୟରେ ସରକାରୀ କଳକୁ ପ୍ରଚାରରେ ଉପଯୋଗ କରୁଛି ବିଜେପି। କ୍ଷମତା ଲୋଭରେ ଗଣତନ୍ତ୍ରକୁ ହତ୍ୟା କରିବାକୁ ପଛାଇନାହିଁ ଦଳ। ଆଜି ନୂଆପଡ଼ାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରଚାର ପାଇଁ ସରକାରୀ କଳର ଦୁରୁପଯୋଗରେ ଦଳ ସବୁ ସୀମା ଟପିଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସଭା ପାଇଁ ଟେଣ୍ଟ ବାନ୍ଧି ଜାତୀୟ ରାଜପଥରେ ଲୋକଙ୍କ ଯିବା ଆସିବା ବନ୍ଦ କରିଦିଆଯାଇଛି। ଲୋକଙ୍କୁ ଯନ୍ତ୍ରଣା ଦେବାରେ ଦଳ ସାମାନ୍ୟ ହେଳା କରିନାହିଁ ବୋଲି ବିଜେଡି ମୁଖପାତ୍ର ଡ ଲେନିନ୍ ମହାନ୍ତି ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ଆଜି ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ସଭା ପାଇଁ ବିଜେପି ପୂରା ପ୍ରଶାସନକୁ କାମରେ ଲଗାଇଦେଇଛି। ଖରିଆର ରୋଡ୍ ଏନଏସି ଓ ନୂଆପଡା ଏନଏସିରେ ଦଳର ରୋଡ୍ ଶୋ'ରେ ସରକାରୀ ବ୍ୟବସ୍ଥାର ଦୁରୁପଯୋଗ କରିଛି। ପୂରା ପ୍ରଶାସନ ରାଜନୈତିକ କାର୍ଯ୍ୟରେ ବ୍ୟସ୍ତ ରହିଥିଲା। ଶାସକ ଦଳ ହୋଇ ବି ବିଜେପି ଆଦର୍ଶ ଆଚରଣ ବିଧିକୁ ବି ମାନୁନାହିଁ। ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ସଭା ପାଇଁ ରାଇପୁର ଜାତୀୟ ରାଜପଥକୁ ବନ୍ଦ କରି ବିଶାଳ ମଞ୍ଚ ନିର୍ମାଣ କରାଯାଇଛି। ସେଥିପାଇଁ ଗତ ରାତିରୁ ଉକ୍ତ ରାସ୍ତା ଦେଇ ଚଳାଚଳକୁ ପୂରା ବନ୍ଦ କରାଯାଇଛି। ରାଜନୀତି ପାଇଁ ବିଜେପି ଲୋକଙ୍କୁ ଦୁର୍ଦ୍ଦଶା ମୁହଁକୁ ଠେଲିଦେଇଛି ବୋଲି ଡ. ମହାନ୍ତି କ୍ଷୋଭୋକ୍ତି ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ' ପ୍ରଚାର ପାଇଁ ୨୦୦ଟି ବସ୍ ବରଗଡ଼ ଜିଲ୍ଲାରୁ ଓ କଳାହାଣ୍ଡି ଜିଲ୍ଲାରୁ ୧୫୦ଟି ବସ୍ ଅଣାଯାଇଛି। ଦଳୀୟ କାମ ପାଇଁ ସରକାରୀ ସମ୍ପତ୍ତିର ଦୁରୁପଯୋଗ କରି ବିଜେପି ରାଜନୈତିକ ପ୍ରଚାର କରିଛି। ରାଜନୀତି ପାଇଁ ସାଧାରଣ ଲୋକଙ୍କୁ କାହିଁକି କଷ୍ଟ ଦିଆଯାଉଛି ବୋଲି ଡ. ମହାନ୍ତି ପ୍ରଶ୍ନ କରିଛନ୍ତି।

## ହିଞ୍ଜିଳିରେ ବିଜେଡିର ବିଶାଳ ଜନସମ୍ପର୍କ ପଦଯାତ୍ରା



ଭୁବନେଶ୍ୱର,୮ା୧୧(ସଂଚାର ବ୍ୟୁରୋ): ଆଜି ହିଞ୍ଜିଳି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଶେରଗଡ଼ ବ୍ଲକର ଗୋଠଗାଁ ପଞ୍ଚାୟତରୁ ଠୁରୁବୁରି ପଞ୍ଚାୟତ ପର୍ଯ୍ୟନ୍ତ ପ୍ରାୟ ୩ କିମି ଧରି ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଠୁରୁବୁରିଠାରେ ଅନୁଷ୍ଠିତ ସଭାରେ ରାଜ୍ୟ ବିଜେପି ସରକାରଙ୍କ ବିଭିନ୍ନ କ୍ଷେତ୍ରରେ ବିଫଳତା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯିବା ସହ ବିଜୁ ଜନତା ଦଳ ସରକାରରେ ହୋଇଥିବା ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ତଥା ସ୍ଥାନୀୟ ବିଧାୟକ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶେରଗଡ଼ ଓ ହିଞ୍ଜିଳି ବ୍ଲକରେ ପ୍ରତ୍ୟେକ କ୍ଷେତ୍ରରେ ହୋଇଥିବା ଜନକଲ୍ୟାଣକାରୀ କାର୍ଯ୍ୟ ଲାଗି ତାଙ୍କୁ ବିଜେଡି ନେତୃମଣ୍ଡଳୀ କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ ଦୀର୍ଘ ୨୪ ବର୍ଷ ଧରି ହିଞ୍ଜିଳି ଓ ଶେରଗଡ଼ ବ୍ଲକରେ ବିଜେଡି ସରକାରର ବିକାଶର ସଫଳତା ଓ ରାଜ୍ୟ ବିଜେପି ସରକାର ଦେଇଥିବା ମିଥ୍ୟା ପ୍ରତିଶ୍ରୁତି ସମ୍ପର୍କରେ ଜନସାଧାରଣଙ୍କୁ ଜଣାଇ ଆଗାମୀ ଦିନରେ ବିଜେପିକୁ ଜବାବ ଦେବାକୁ ଉପସ୍ଥିତ ବିଜେଡି କର୍ମୀ ଶପଥ ନେଇଥିଲେ।

ବିଜେଡିର ଏହି ଜନସମ୍ପର୍କ ପଦଯାତ୍ରାରେ ବିରୋଧୀ ଦଳ ନେତାଙ୍କ ଜିଲ୍ଲା ପରିଷଦ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ଶେରଗଡ଼ ବ୍ଲକ ସଭାପତି ଶରତ ଚନ୍ଦ୍ର ପାତ୍ର, ଶେରଗଡ଼ ବ୍ଲକ ଚେୟାରମ୍ୟାନ କୃଷ୍ଣଚନ୍ଦ୍ର ନାୟକ, ବିରୋଧୀ ଦଳ ନେତାଙ୍କ ବ୍ଲକ ପ୍ରତିନିଧି ଦିଗାମ୍ବର ନାହାକ, ବରିଷ୍ଠ ବିଜେଡି ନେତା ହୃଷିକେଶ ପାଢ଼ୀ, ଶ୍ରୀହୀନ ବେହେରା, ହିଞ୍ଜିଳି ବ୍ଲକ ସଭାପତି ଦୁର୍ଗା ମାଧବ ମହାନ୍ତି, ହିଞ୍ଜିଳି ବ୍ଲକ ପ୍ରତିନିଧି ଏ. ସୁଦର୍ଶନଙ୍କ ନେତୃତ୍ୱରେ ହଜାର ହଜାର ଦଳୀୟ କର୍ମୀ ସାମିଲ ହୋଇଥିଲେ।

## କଟକ ବାଲିଯାତ୍ରାର ବିଭିନ୍ନ ଷ୍ଟଲରେ ରେଡ୍



କଟକ, ୮ା୧୧ (ସଂଚାର ବ୍ୟୁରୋ) : ଆକ୍ସନରେ ଖାଦ୍ୟ ସୁରକ୍ଷା ୟୁନିଟ୍ । କଟକ ବାଲିଯାତ୍ରାରେ ବିଭିନ୍ନ ଷ୍ଟଲରେ ରେଡ୍ । କଟକ ବାଲିଯାତ୍ରା ତଳ ପଡ଼ିଆରେ ସିଏମସି ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଖାଦ୍ୟ ଷ୍ଟଲ ଉପରେ ଚଢ଼ାଉ । ଅପମିଶ୍ରିତ ଓ ବାସୀ ଖାଦ୍ୟ ଯାଞ୍ଚ କରୁଛି ଟିମ। ସିଏମସି ସ୍ୱାସ୍ଥ୍ୟ ଅଧିକାରୀଙ୍କ ନେତୃତ୍ୱରେ ଚଢ଼ାଉ ଜାରି ରହିଛି। ମାନ ଖରାପ ଥିବା ଖାଦ୍ୟକୁ ନଷ୍ଟ କରୁଛି ଟିମ । କାର୍ତ୍ତିକ ପୂର୍ଣ୍ଣିମା ଠାରୁ ଆରମ୍ଭ ହୋଇଥିବା ଏହି ଯାତ୍ରାରେ ଅନେକ ଲୋକଙ୍କ ଭିଡ଼ ଜମିଛି । ପ୍ରତିଦିନ ହଜାର ହଜାର ଲୋକ ଏହି ପ୍ରସିଦ୍ଧ ଯାତ୍ରା ବୁଲିବା ସହ ଅନେକ କିଣାକିଣି ମଧ୍ୟ କରୁଛନ୍ତି । ହେଲେ କିଛି ଷ୍ଟଲରେ ବାସୀ ଖାଦ୍ୟ ବିକ୍ରି ହେଉଥିବାର ଅଭିଯୋଗ ଆସିଥିଲା । ଯାହାପରେ ଆକ୍ସନକୁ ଆସିଥିଲା ସିଏମ୍ ସି ଖାଦ୍ୟ ସୁରକ୍ଷା ୟୁନିଟ୍ ।

## କେନାଲକୁ ଖସିଲା ଅଭିନେତା ଅଶ୍ରୁମୋଚନଙ୍କ ଗାଡ଼ି



ଭୁବନେଶ୍ୱର,୮ା୧୧ (ସଂଚାର ବ୍ୟୁରୋ) : କେନାଲକୁ ଖସିଲା ଓଡ଼ିଆ ଅଭିନେତା ଅଶ୍ରୁମୋଚନଙ୍କ ଗାଡ଼ି। ଓଲିଉଡ୍ ଅଭିନେତା ଅଶ୍ରୁମୋଚନଙ୍କ ଗାଡି ଦୁର୍ଘଟଣାଗ୍ରସ୍ତ। ବାରଙ୍ଗ ଥାନା କଳାଝରୀ ସାଇଫନ ନିକଟରେ ଘଟିଛି ଘଟଣା। ସୁଟିଂ ସାରି କାରରେ ଫେରୁଥିବା ବେଳେ ସାମ୍ନାକୁ କୁକୁର ପଳାଇ ଆସିବାରୁ ନିୟନ୍ତ୍ରଣ ହରାଇ କେନାଲକୁ ଖସିପଡ଼ିଛି। କଳାଝରି ନିକଟ ଦୟା ୱେଷ୍ଟ ନାଳ ଭିତରକୁ ଖସିପଡ଼ିଛି କାର୍ । ତେବେ ଅଭିନେତା ଅଶ୍ରୁମୋଚନ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି ।

## ଦୁର୍ଘଟଣାଗ୍ରସ୍ତଙ୍କୁ ତୁରନ୍ତ ସେବା ଯୋଗାଇଲା ୧୦୮ ଆମ୍ବୁଲାନ୍ସ

ଅନୁଗୁଳ,୮ା୧୧(ସଂଚାର ବ୍ୟୁରୋ): ଗତକାଲି ଭୋରି ସମୟରେ ଅନୁଗୁଳ ଜିଲ୍ଲାର ହଣ୍ଡପା ପୁଲିସ ସୀମା ଅନ୍ତର୍ଗତ ଲୁହାମୁଣ୍ଡା ନିକଟରେ ଏକ ବଡ଼ ଧରଣର ସଡ଼କ ଦୁର୍ଘଟଣା ଘଟିଥିଲା। ଏକ ଯାତ୍ରୀବାହୀ ଗାଡ଼ି ନିୟନ୍ତ୍ରଣ ହରାଇ ରାସ୍ତା କଡ଼ରେ ଥିବା ଡିଭାଇଡରକୁ ଧକ୍କା ଦେଇଥିବା ବେଳେ ଏଥିରେ ୧୮ ଜଣ ଯାତ୍ରୀ ଆହତ ହୋଇଥିଲେ। ତେବେ ୧୦୮ ଆମ୍ବୁଲାନ୍ସର ଜରୁରୀକାଳୀନ ନିୟନ୍ତ୍ରଣ ରୁମ୍ ଅନୁଯାୟୀ, ଏହି ଦୁର୍ଘଟଣା ଖବର ମିଳିବା ମାତ୍ରେ ତୁରନ୍ତ ୬ଟି ୧୦୮ ଆମ୍ବୁଲାନ୍ସ ଓ ଜରୁରୀକାଳୀନ ଟିମ ଘଟଣାସ୍ଥଳରେ ପହଞ୍ଚି ପୀଡ଼ିତମାନଙ୍କୁ ତୁରନ୍ତ ଚିକିତ୍ସା ସହାୟତା ପ୍ରଦାନ କରିଥିଲେ। ଆହତ ଯାତ୍ରୀଙ୍କ ମଧ୍ୟରୁ ୯ ଜଣଙ୍କୁ ଆବଶ୍ୟକ ଜରୁରୀକାଳୀନ ଚିକିତ୍ସା ଯୋଗାଇ ଦିଆଯାଇଥିବା ବେଳେ ରାଜକିଶୋର ନଗର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ଗୁରୁତରମାନଙ୍କୁ ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଦୁର୍ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ପୁଲିସ ତଦନ୍ତ ଚଳାଇଥିବା ବେଳେ ୧୦୮ ଆମ୍ବୁଲାନ୍ସର ତୁରନ୍ତ ସେବାକୁ ସ୍ଥାନୀୟ ବାସିନ୍ଦା ପ୍ରଶଂସା କରିଛନ୍ତି।

## ଆପ୍ ରାଜ୍ୟ ମହିଳା ସମ୍ମିଳନୀ




ଭୁବନେଶ୍ୱର,୮ା୧୧(ସଂଚାର ବ୍ୟୁରୋ): ଆମ୍ ଆଦମୀ ପାର୍ଟି (ଆପ୍) ଓଡ଼ିଶାର ରାଜ୍ୟସ୍ତରୀୟ ମହିଳା ସମ୍ମିଳନୀ ସ୍ଥାନୀୟ ଲୋହିଆ ଏକାଡେମୀରେ ଅନୁଷ୍ଠିତ ହୋଇଛି। ରାଜ୍ୟ ମହିଳା ସଭାପତି ବିଜୟଲକ୍ଷ୍ମୀ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ବିଭିନ୍ନ ଜିଲ୍ଲାରୁ ଶତାଧିକ ମହିଳା କାର୍ଯ୍ୟକର୍ତ୍ତା ଓ ନେତୃବୃନ୍ଦ ଅଂଶଗ୍ରହଣ କରିଥିଲେ। ଏହି ସଭାରେ ଆପ୍‌ର ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳା ସଂଗଠନର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ତୃଣମୂଳ ସ୍ତରରେ ଦଳୀୟ ବିଚାରଧାରା ପହଞ୍ଚାଇବା ସହ ସଂଗଠନକୁ ମଜବୁତ୍ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। ସେହିପରି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ସନ୍ଦୀପ୍ତ ଦାସ କାର୍ଯ୍ୟକ୍ରମର ସଂଯୋଜକ ଦାୟିତ୍ୱ ନିର୍ବାହ କରିଥିଲେ। ରାଜ୍ୟ ସଂଗଠନର ସମସ୍ତ ସମ୍ପାଦକ, ବିଭିନ୍ନ ଜିଲ୍ଲାର ଜିଲ୍ଲା ସଭାପତି ଓ ମହିଳା ଶାଖା ସଭାପତି ଏବଂ ମହିଳା ନେତୃବୃନ୍ଦ ମଧ୍ୟ ସମ୍ମିଳନୀରେ ଯୋଗଦେଇଥିଲେ। ସରୋଜିନୀ ଖୁଣ୍ଟିଆ, ଜ୍ୟୋତିର୍ମୟୀ ନାୟକ, ତପସ୍ୱିନୀ ଜଗଦେବ, ଆରତୀ ଚୌଧୁରୀ, ସାଗରିକା ଦାସଙ୍କ ସମେତ ବିଭିନ୍ନ ଜିଲ୍ଲାର ମହିଳା ଶାଖା ସଭାପତିମାନେ ଅଭିଭାଷଣ ଦେଇଥିଲେ। ଏହି ଅବସରରେ ଅନେକ ନୂତନ ସଦସ୍ୟଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରାଯାଇଥିଲା। ପରିଶେଷରେ ସଂଯୋଜନା କମିଟି ମୁଖ୍ୟ ଉପଦେଷ୍ଟା ଜୟସୂର୍ଯ୍ୟ କାନୁନଗୋ ଧନ୍ୟବାଦ୍ ଦେଇଥିଲେ।

# ଯନ୍ତ୍ରୀ ମରୁଡ଼ି, ସଡ଼କ ନିର୍ମାଣ ହେବ କିପରି ?

ଭୁବନେଶ୍ୱର,୮ା୧୧: ଭାରତୀୟ ସଡ଼କ କଂଗ୍ରେସର ଭୁବନେଶ୍ୱରରେ ଅନୁଷ୍ଠିତ ୮୪ତମ ଅଧିବେଶନରେ ଉନ୍ନତମାନର ସଡ଼କ ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଇଥିବାବେଳେ ଓଡ଼ିଶାରେ କିନ୍ତୁ ପୂର୍ତ୍ତ ବିଭାଗର ସଡ଼କ ଓ କୋଠବାଡ଼ି ନିର୍ମାଣ ତଥା ରକ୍ଷଣାବେକ୍ଷଣ ଲାଗି ପର୍ଯ୍ୟାପ୍ତ ସଂଖ୍ୟକ ଯନ୍ତ୍ରୀ ନାହାନ୍ତି। ମାନବ ସମ୍ବଳ ଅଭାବ ଏ କ୍ଷେତ୍ରରେ ପ୍ରମୁଖ ପ୍ରତିବନ୍ଧକ ବୋଲି ବହୁ ଅବସରପ୍ରାପ୍ତ ଓ କାର୍ଯ୍ୟରତ ଯନ୍ତ୍ରୀ ସ୍ୱୀକାର କରୁଛନ୍ତି। ସରକାରୀ ତଥ୍ୟ ମୁତାବକ ପୂର୍ତ୍ତ ବିଭାଗରେ ୪ ହଜାରରୁ ଅଧିକ ପଦବୀ ଖାଲି ପଡିଛି। ଏଥିମଧ୍ୟରୁ ଯନ୍ତ୍ରୀ ପଦବୀ ସଂଖ୍ୟା ୨ ହଜାରରୁ ଅଧିକ ବୋଲି କୁହାଯାଉଛି। ବିଭିନ୍ନ କାରଣରୁ ବର୍ଷବର୍ଷ ଧରି ପଦୋନ୍ନତି ଓ ପ୍ରତ୍ୟକ୍ଷ ନିଯୁକ୍ତି ଭିତ୍ତିରେ ଖାଲି ପଡିଥିବା ସମସ୍ତ ଯନ୍ତ୍ରୀ ପଦବୀ ପୂରଣ ହେଉନାହିଁ। ଯେତେବେଳେ ବି ନିଯୁକ୍ତି ଓ ପଦୋନ୍ନତି ପ୍ରସଂଗ ଉଠୁଛି ସେତେବେଳେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ତ୍ରୁଟିବିଚ୍ୟୁତି ଯୋଗୁ ମାମଲା ବୋଝ ଚାପି ହୋଇଯାଉଥିବାରୁ ଖାଲି ପଦବୀ ପୂରଣରେ ବିଳମ୍ବ ହେଉଥିବା କୁହାଯାଉଛି।

ଗତବର୍ଷ ୩୦୦ରୁ ଅଧିକ ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ପଦବୀ ପଦୋନ୍ନତି ଭିତ୍ତିରେ ପୂରଣ କରିବା ଲାଗି ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ବିଭାଗୀୟ ପଦୋନ୍ନତି କମିଟି ବସାଇଥିଲେ। ଯେଉଁମାନଙ୍କୁ ପଦୋନ୍ନତି ଦେବା ପାଇଁ ଏଥିରେ ଆଲୋଚନା ହୋଇଥିଲା ତାହା ସ୍ଥାନ ସଂରକ୍ଷଣ ନିୟମର ଉଲ୍ଲଂଘନ କରୁଥିବାରୁ କମିଟିର ସଦସ୍ୟମାନଙ୍କ ଭିତରେ ପୂର୍ଣ୍ଣ ସହମତି ହୋଇପାରିନଥିଲା। ଏମିତିକି ଅନୁସୂଚିତ ଜାତି ଓ ଜନଜାତି ବିଭାଗର ପ୍ରତିନିଧି ଡିପିସିର ନିଷ୍ପତ୍ତି ଚିଠାରେ ଦସ୍ତଖତ ଦେବାକୁ ମନା କରିଦେଲେ। ଏଭଳି ବିବାଦୀୟ ସ୍ଥିତିରେ ଆଇନର ଠିକଣା ତର୍ଜମା ପରେ ଚଳିତବର୍ଷ ମାର୍ଚ୍ଚ ମାସରେ ଆଉ ଏକ ଡିପିସି ବସି ଯୋଗ୍ୟତା ଆଉ ଦକ୍ଷତା ଆଧାରରେ ଆଇନ୍ ଅନୁଯାୟୀ ପଦୋନ୍ନତି ଦେବାକୁ ସୁପାରିସ କରିଥିଲେ। ପୂର୍ବ ଡିପିସିର ଚିଠାରେ ଯେଉଁମାନଙ୍କ ନାମ ଥିଲା ସେଥିରୁ କେତେଜଣଙ୍କ ନାମ ୨୦୨୫ ଡିପିସି ତାଲିକାରୁ ବାଦ୍ ପଡ଼ିବା ଫଳରେ ସେମାନେ ଆଇନ୍ ଅଦାଲତର ଦ୍ୱାରସ୍ଥ ହୋଇଛନ୍ତି। ଏ କଥା ବିଭାଗୀୟ ବରିଷ୍ଠ ଅଧିକାରୀମାନେ ସ୍ୱୀକାର କରୁଛନ୍ତି। ଓଡ଼ିଶା ସରକାରଙ୍କ ପଦୋନ୍ନତି ଆଇନ୍‌ରେ ଯୋଗ୍ୟତା ଆଉ ଦକ୍ଷତା ଭିତ୍ତିରେ ବରିଷ୍ଠମାନଙ୍କୁ ପଦୋନ୍ନତି ଦେବା ପାଇଁ ବ୍ୟବସ୍ଥା ରହିଛି। ସ୍ପଷ୍ଟ ଆଇନ୍ ଥିବାବେଳେ ବିଭାଗର କିଛି ଅଧିକାରୀ ଏହାର ଉଲ୍ଲଂଘନ କରିବାରୁ ଆଇନ୍‌ଗତ ବିବାଦ ସୃଷ୍ଟି ହୋଇ ୩୦୦ରୁ ଅଧିକ ଏଇଇ ପଦବୀ ପୂରଣ ହୋଇପାରୁ ନାହିଁ। ଫଳରେ କନିଷ୍ଠ ଯନ୍ତ୍ରୀରୁ ସହକାରୀ ଯନ୍ତ୍ରୀ ଏବଂ ସହକାରୀ ଯନ୍ତ୍ରୀରୁ ଏଇଇ ପଦବୀକୁ ପଦୋନ୍ନତି ବାଧାପ୍ରାପ୍ତ ହୋଇଥିବା ବେଳେ କନିଷ୍ଠ ଯନ୍ତ୍ରୀ ପ୍ରତ୍ୟକ୍ଷ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ଏହାର ପ୍ରଭାବ ପଡୁଛି। ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ଏବେ ଆଇନ୍ ଅଦାଲତଙ୍କ ନିଷ୍ପତ୍ତିକୁ ଅପେକ୍ଷା କରି ରହିଛନ୍ତି। ଅଦାଲତରୁ ସବୁଜ ସଂକେତ ମିଳିବା ପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ହେବ ବୋଲି କୁହାଯାଉଛି। ପର୍ଯ୍ୟାପ୍ତ ସଂଖ୍ୟକ ଯନ୍ତ୍ରୀ ପୂର୍ତ୍ତ ବିଭାଗରେ ନଥିବାବେଳେ ଏହି ବିଭାଗର କେତେକ ଯନ୍ତ୍ରୀ ମଧ୍ୟ ଅନ୍ୟ ବିଭାଗ ଓ ସଂସ୍ଥାକୁ ଡେପୁଟେସନ୍‌ରେ ଯାଇଛନ୍ତି। କେବଳ ସେତିକି ନୁହେଁ, ଭିଜିଲାନ୍ସ ଜାଲରେ ପଡ଼ି ଆଉ କେତେକ ଯନ୍ତ୍ରୀ ମଧ୍ୟ ନିଲମ୍ବିତ ହୋଇ ରହିଛନ୍ତି। କେବଳ ପୂର୍ତ୍ତ ବିଭାଗ ନୁହେଁ, ଜଳ ସଂପଦ, ଗ୍ରାମ ଉନ୍ନୟନ, ନଗର ଉନ୍ନୟନ ଆଦି ବିଭାଗରେ ମଧ୍ୟ ସହସ୍ରାଧିକ ଯନ୍ତ୍ରୀ ପଦବୀ ଖାଲି ପଡିଛି। ଗୋଟିଏ ପଟେ ଇଞ୍ଜିନିୟରିଂ ଡିଗ୍ରୀ ଓ ଡିପ୍ଲୋମାଧାରୀମାନେ ବର୍ଷବର୍ଷ ଧରି ଚାକିରି ପ୍ରତୀକ୍ଷାରେ ଥିବାବେଳେ ସମସ୍ତ ଖାଲି ପଦବୀ ଏକ ସଂଗେ ପୂରଣ ହୋଇପାରୁନଥିବାରୁ ନିର୍ମାଣ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ କଷ୍ଟକର ହୋଇପଡୁଛି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।


sanchar.live

ସମ୍ପାଦକୀୟ

SANCHAR
ସଂଚାର

୪ ରବିବାର ୯ ନଭେମ୍ବର ୨୦୨୫, ଭୁବନେଶ୍ୱର
Sunday 9 November 2025, Bhubaneswar


# ଆଗାମୀ ପିଢ଼ି ଶୀତଋତୁ ଜାଣିବେ ନାହିଁ

ଜଳବାୟୁ ପରିବର୍ତ୍ତନ ଆଜିର ବିଶ୍ୱର ସବୁଠାରୁ ଗୁରୁତର ସମସ୍ୟା। ଏହା ପୃଥିବୀର ସମସ୍ତ ଋତୁକୁ ପ୍ରଭାବିତ କରୁଛି, କିନ୍ତୁ ଶୀତଋତୁ ଉପରେ ଏହାର ପ୍ରଭାବ ଚିନ୍ତାଜନକ। ଓଡ଼ିଶା ଭଳି ରାଜ୍ୟରେ ଶୀତ ପୂର୍ବରୁ କୁହୁଡ଼ି ଓ ଥଣ୍ଡା ପବନରେ ଭରା ଥିଲା, କିନ୍ତୁ ବର୍ତ୍ତମାନ ଏହା ଧୀରେ ଧୀରେ ବଦଳୁଛି। ଗ୍ଲୋବାଲ୍ ଓ୍ୱାର୍ମିଂ ଯୋଗୁଁ ଶୀତର ତୀବ୍ରତା ହ୍ରାସ ପାଉଛି, ଯାହା କୃଷି, ସ୍ୱାସ୍ଥ୍ୟ ଓ ପରିବେଶ ଉପରେ ଗଭୀର ପ୍ରଭାବ ପକାଉଛି। ପ୍ରଥମେ, ଶୀତର ଅବଧି ସଙ୍କୋଚନ ହେଉଛି। ଭାରତୀୟ ପାଣିପାଗ ବିଭାଗର ରିପୋର୍ଟ ଅନୁଯାୟୀ, ଗତ ଦଶନ୍ଧିରେ ଓଡ଼ିଶାରେ ଶୀତର ଦିନ ସଂଖ୍ୟା ୧୫-୨୦ ପ୍ରତିଶତ କମିଛି। ଡିସେମ୍ବର-ଜାନୁଆରୀରେ ତାପମାତ୍ରା ୧୦ ଡିଗ୍ରୀ ତଳେ ଯାଉଥିବା ସ୍ଥାନଗୁଡ଼ିକ ବର୍ତ୍ତମାନ ୧୫-୧୮ ଡିଗ୍ରୀରେ ରହୁଛି। ଏହାର ମୁଖ୍ୟ କାରଣ ହେଉଛି ଗ୍ରୀନହାଉସ୍ ଗ୍ୟାସ୍ ନିର୍ଗମନ। କାର୍ବନ ଡାଇଅକ୍ସାଇଡ୍ ଓ ମିଥେନ୍ ଗ୍ୟାସ୍ ବାୟୁମଣ୍ଡଳକୁ ଉତ୍ତପ୍ତ କରୁଛି, ଫଳରେ ଶୀତରେ ଥଣ୍ଡା କମୁଛି। ଆଇପିସିସିର ରିପୋର୍ଟ କହୁଛି ଯେ, ଯଦି ଏହି ପ୍ରବୃତ୍ତି ଜାରି ରହିଲା, ୨୦୫୦ ସୁଦ୍ଧା ଉତ୍ତର ଭାରତରେ ଶୀତ ପ୍ରାୟ ଅଦୃଶ୍ୟ ହୋଇଯିବ। ଓଡ଼ିଶାରେ ମଧ୍ୟ ଏହି ପ୍ରଭାବ ଦେଖାଯାଉଛି।



ଦ୍ୱିତୀୟତଃ, କୃଷି ଉପରେ ଏହାର ପ୍ରଭାବ ଅପାର। ଓଡ଼ିଶାର ଧାନ, ଡାଲି ଓ ଶାଗସବୁ ଶୀତରେ ବଢ଼ୁଛି। କିନ୍ତୁ ଅସମୟରେ ଗରମ ହେବା ଯୋଗୁଁ ଫସଲର ଉତ୍ପାଦନ ହ୍ରାସ ପାଉଛି। ଉଦାହରଣ ସ୍ୱରୂପ, କୋରାପୁଟ ଓ ଫୁଲବାଣୀ ଜିଲ୍ଲାରେ ଆଳୁ ଓ ଟମାଟର ଫସଲ ଥଣ୍ଡା ଅଭାବରେ ନଷ୍ଟ ହେଉଛି। କୃଷକମାନେ କହୁଛନ୍ତି ଯେ, ପୂର୍ବରୁ ନଭେମ୍ବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ଶୀତ ଥିଲା, କିନ୍ତୁ ଏବେ ଜାନୁଆରୀ ଶେଷ ହେଲା ପରେ ଗରମ ଆରମ୍ଭ ହେଉଛି। ଏହା ଖାଦ୍ୟ ସୁରକ୍ଷାକୁ ବିପଦରେ ପକାଉଛି। ବିଶ୍ୱ ବ୍ୟାଙ୍କର ରିପୋର୍ଟ ଅନୁଯାୟୀ, ଜଳବାୟୁ ପରିବର୍ତ୍ତନ ଯୋଗୁଁ ଭାରତରେ କୃଷି ଉତ୍ପାଦନ ୧୦-୪୦ ପ୍ରତିଶତ କମିପାରେ।

ତୃତୀୟତଃ, ସ୍ୱାସ୍ଥ୍ୟ ଉପରେ ପ୍ରଭାବ। ଶୀତରେ ଥଣ୍ଡା କମିବା ଯୋଗୁଁ ଶ୍ୱାସକ୍ରିୟା ରୋଗ ଓ ଆଲର୍ଜି ବଢ଼ୁଛି। ଧୂଳି ଓ ପରାଗ ଅଧିକ ସମୟ ରହୁଛି, ଯାହା ଅସ୍ଥମା ରୋଗୀଙ୍କୁ ପୀଡ଼ା ଦେଉଛି। ଅନ୍ୟପକ୍ଷରେ, ଅସମୟରେ ଗରମ ହେବା ଯୋଗୁଁ ମଶାଜନିତ ରୋଗ ଯେମିତି ଡେଙ୍ଗୁ ଓ ମ୍ୟାଲେରିଆ ଶୀତରେ ବଢ଼ୁଛି। ଓଡ଼ିଶା ସ୍ୱାସ୍ଥ୍ୟ ବିଭାଗର ତଥ୍ୟ ଦେଖାଉଛି ଯେ, ଗତ ପାଞ୍ଚ ବର୍ଷରେ ଶୀତକାଳୀନ ଡେଙ୍ଗୁ କେସ୍ ୩୦ ପ୍ରତିଶତ ବଢ଼ିଛି।

ଚତୁର୍ଥତଃ, ପରିବେଶ ଓ ଜୈବବିବିଧତା। ଶୀତର ଅଭାବରେ ପକ୍ଷୀମାନେ ସ୍ଥାନାନ୍ତର କରୁନାହାନ୍ତି। ଚିଲିକା ହ୍ରଦରେ ଆସୁଥିବା ପରିବାସୀ ପକ୍ଷୀଙ୍କ ସଂଖ୍ୟା କମୁଛି। ଗଛଲତାର ବୃଦ୍ଧି ଚକ୍ର ବଦଳୁଛି, ଯାହା ଜଙ୍ଗଲକୁ ପ୍ରଭାବିତ କରୁଛି।

ଏହି ସମସ୍ୟାର ସମାଧାନ ପାଇଁ ଆମେ ସଚେତନ ହେବା ଉଚିତ। ବୃକ୍ଷରୋପଣ, ନବୀକରଣଯୋଗ୍ୟ ଶକ୍ତି ବ୍ୟବହାର ଓ କାର୍ବନ ନିର୍ଗମନ ହ୍ରାସ କରିବା ଜରୁରି। ସରକାର ନୀତି କଡ଼ାକଡ଼ି କରିବା ସହିତ ଜନସାଧାରଣଙ୍କୁ ଶିକ୍ଷିତ କରିବା ଦରକାର। ଓଡ଼ିଶା ସରକାର ଜଳବାୟୁ ପରିବର୍ତ୍ତନ ନୀତି କାର୍ଯ୍ୟକାରୀ କରୁଛନ୍ତି, କିନ୍ତୁ ଆମର ସହଯୋଗ ବିନା ଏହା ସଫଳ ହେବ ନାହିଁ। ଅନ୍ତିମରେ, ଶୀତଋତୁ ଆମର ସାଂସ୍କୃତିକ ଓ ପ୍ରାକୃତିକ ଐତିହ୍ୟର ଅଂଶ। ଏହାକୁ ରକ୍ଷା କରିବା ଆମର ଦାୟିତ୍ୱ। ଯଦି ଆଜି ପଦକ୍ଷେପ ନନେବା, ଆସନ୍ତା ପିଢ଼ି ଶୀତର ସୌନ୍ଦର୍ଯ୍ୟ ଦେଖିପାରିବେ ନାହିଁ। ଆସନ୍ତୁ ଏକାଠି ମିଶି ଜଳବାୟୁ ପରିବର୍ତ୍ତନକୁ ରୋକିବା।

# ପିଲାଙ୍କ ଶିକ୍ଷା ଓ ବିକଶିତ ବୁଦ୍ଧିମତ୍ତା



**ଡକ୍ଟର ସୁରେଶ କୁମାର ନାୟକ**

ଦିନକୁ ଦିନ ପିଲାମାନଙ୍କ ପାଇଁ ପାଠପଢ଼ା ସହ ବ୍ୟବହାରିକ ଜ୍ଞାନରେ ଦକ୍ଷତା ରଖିବା ଓ ପ୍ରତିଦ୍ୱନ୍ଦ୍ୱିତାମୂଳକ ସମୟରେ ପାଠର ଆହ୍ୱାନକୁ ଯଥାର୍ଥରେ ମୁକାବିଲା କରିବାରେ ବୁଦ୍ଧିମତ୍ତାର ପ୍ରମୁଖ ଭୂମିକା ରହିଛି। ସାଙ୍ଗମାନଙ୍କ ସହିତ ବାହାରେ ଖେଳିଲେ ପିଲାମାନେ ମାନସିକ ସ୍ତରରେ ଅନେକାଂଶ ସୁସ୍ଥ ରହିଥାନ୍ତି। ଏହାଦ୍ୱାରା ସେମାନଙ୍କର ମନ ହାଲକା ରହିବା ସହ ପାଠପଢ଼ା ପ୍ରତି ଅଧିକ ଆଗ୍ରହ ସୃଷ୍ଟି ହୋଇଥାଏ। ସେମାନେ ଖେଳିବା ସମୟରେ ପରସ୍ପର ସହ ଥଟ୍ଟାମଜା କରନ୍ତି। ଏହାଦ୍ୱାରା ମଧ୍ୟ ତାଙ୍କର ମାନସିକ ସ୍ଥିତି ବ୍ୟତୀତ ବୁଦ୍ଧିମତାର ବିକାଶ ଘଟିଥାଏ। ତେଣୁ ପାଠପଢ଼ା ବ୍ୟତୀତ ସେମାନେ କିଛି ସମୟ ଖେଳକୁଦରେ କଟାଇବା ଆବଶ୍ୟକ। ପିଲାଙ୍କ ବୁଦ୍ଧିମତ୍ତା ବଢ଼ାଇବାରେ ଖେଳ ଅନ୍ୟତମ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। କାରଣ ଏହା ହେଉଛି ମନୋରଞ୍ଜନର ଅନ୍ୟତମ ମାଧ୍ୟମ। ଏହାଦ୍ୱାରା ତାଙ୍କର ଭାବିବା ଏବଂ ବୁଝିବା ଶକ୍ତିରେ ବୃଦ୍ଧି ଘଟିଥାଏ। ଫଳରେ ତାଙ୍କ ଧୈର୍ଯ୍ୟ, ସହଯୋଗର ଭାବନା ଏବଂ ଅନ୍ୟ ସହିତ ତାଳମେଳ ରଖିବାର କଳା ବି ମଜଭୁତ ହୋଇଥାଏ। ଏଠାରେ କେତୋଟି ବିଷୟରେ ସୂଚନା ଦିଆଯାଉଛି, ଯାହା ପିଲାର ବୁଦ୍ଧିମତ୍ତା ବଢ଼ାଇବାରେ କେତେକାଂଶରେ ସାହାଯ୍ୟ କରିବ।

ବେଳେବେଳେ ଲୋକେ ଭାବିଥାନ୍ତି ଖେଳିବା ଦ୍ୱାରା କେବଳ ସ୍ୱାସ୍ଥ୍ୟ ଭଲ ରୁହେ, କିନ୍ତୁ ଏମିତି କିଛି ଇନଡୋର ଗେମ୍ସ ରହିଛି ଯାହା ସେମାନଙ୍କର ଭାବନାକୁ ବଢ଼ାଇବାରେ କେତେକାଂଶରେ ସାହାଯ୍ୟ କରେ। ଉଦାହରଣ ସ୍ୱରୂପ କ୍ୟାରମ, ଲୁଡୁ, ଚେସ। ଏହି ପ୍ରକ୍ରିୟାରେ ପିଲା ଅନ୍ୟର ଭାବନାକୁ ବୁଝିବା, ଧୈର୍ଯ୍ୟ ରଖିବା ଏବଂ ଟିମ ଓ୍ୱର୍କ ସହଯୋଗ ବିଷୟରେ ଶିଖିଥାଏ। ଏପରିକି କି ଖେଳ ତାଙ୍କୁ ସହାନୁଭୂତି, ଅନ୍ୟ ସହିତ ତାଳମେଳର ଭାବନା ଶିଖାଇଥାଏ।

ବୁଦ୍ଧିମତ୍ତା ବଢ଼ାଇବାକୁ ହେଲେ ପଜଲ ଗେମ୍, ମେମୋରୀ ଗେମ୍ସ, ଷ୍ଟ୍ରାଟେଜି ଗେମ୍ସ ସବୁଠାରୁ ପ୍ରଭାବଶାଳୀ ହୋଇଥାଏ। ପ୍ରତିଦିନ ଅତିକମରେ ୧୫-୨୦ ମିନିଟ ଏସବୁ ଖେଳକୁ ସମୟ ଦେବା ଦ୍ୱାରା ପିଲାର ବୁଦ୍ଧିମତା କେତେକାଂଶରେ ବିକଶିତ ହୋଇଥାଏ। ଏହା ବ୍ୟତୀତ ଏହି ଖେଳ ପିଲାକୁ ଧ୍ୟାନ କେନ୍ଦ୍ରିତ କରିବା ଏବଂ ଯୋଜନା ପ୍ରସ୍ତୁତ କରିବା ମଧ୍ୟ ଶିଖାଇଥାଏ। ତେବେ ପିଲାଟି ଯେପରି ଏହା ବ୍ୟତୀତ ଅନ୍ୟ କୌଣସି ଗେମ୍ସ ପ୍ରତି ଆକୃଷ୍ଟ ନହୁଏ ସେ ଦିଗକୁ ମଧ୍ୟ ଦେଖନ୍ତୁ। ପିଲାଟିର ଖେଳ ପ୍ରତି ଆଗ୍ରହ ଥିଲେ ତାକୁ ସୁଯୋଗ ଦିଅନ୍ତୁ ହେଲେ କୌଣସି ଚାପର ବଶବର୍ତ୍ତୀ ହୁଅନ୍ତୁ ନାହିଁ କାରଣ ଏହା ପିଲାଟିର ମାନସିକ ଓ ବୁଦ୍ଧିମତା କ୍ଷେତ୍ରକୁ ପ୍ରଭାବିତ କରିଥାଏ। ପିଲାମାନଙ୍କର ଖେଳକୁଦ ପ୍ରତି ପିଲାବେଳୁ ଆଗ୍ରହ ରହିବାକୁ କେହି କେହି ଓଡ଼ିଆ ଢ଼ଗରେ କୁହନ୍ତି 'ତୁଳସୀ ଦୁଇ ପତ୍ରରୁ ବାସେ'। ଯଥାର୍ଥରେ ବାଧ୍ୟବାଧକତାରେ ନଖେଳି ବରଂ ପିଲାଟି ସକରାତ୍ମକ ଭାବରେ ତା ନିଜ ପସନ୍ଦର ଖେଳକୁ ପ୍ରଦର୍ଶନ କଲେ ତା ଭିତରୁ ହିଁ ନୂଆ ଉତ୍ସାହ ସୃଷ୍ଟି ହୋଇଥାଏ। ଯାହାର ସକରାତ୍ମକ ମନୋଭାବ ତାର ଦକ୍ଷତାକୁ ବଢ଼ାଇଥାଏ। ଆଜିର ସମୟରେ ନୂଆ ନୂଆ କୌଶଳ ପିଲାମାନଙ୍କର ବୁଦ୍ଧିମତ୍ତାର ବିକାଶ କେବଳ ଘଟାଉନାହିଁ ବରଂ ଅନ୍ତର୍ନିହିତ ପ୍ରତିଭାକୁ ବଢ଼ାଉଛି।

ଦିନରେ ଅତିକମରେ ଅଧଘଣ୍ଟା ଆଉଟଡୋର ଗେମ୍ସ ଖେଳିବାକୁ ଚେଷ୍ଟା କରନ୍ତୁ। ଫଳରେ ଏଥିରୁ ସେମାନେ ଟିମଓ୍ୱର୍କ ଏବଂ ସହଯୋଗ ଶିଖିଥାଆନ୍ତି। ଘରେ ଏଭଳି କେତେକ ଇନଡୋର ଗେମ ଅଛି, ଯାହାକୁ ପିଲା ନିୟମିତ ଖେଳିପାରିବେ। ବିଶେଷ ଭାବରେ ଚେସ, ଲୁଡୁ ଭଳି ଖେଳ ବୁଦ୍ଧିମତ୍ତା ବିକାଶରେ ଅନେକାଂଶରେ ସହାୟକ ହୋଇଥାଏ। ଖେଳିବା ଦ୍ୱାରା ମନରୁ ନାକାରାତ୍ମକ ଭାବନା କେତେକାଂଶରେ ଦୂର ହୋଇଥାଏ। ଖୁସି ମନରେ ସବୁବେଳେ ଖେଳିବା ଭଲ। ମନେରଖନ୍ତୁ ପିଲାଟିର ବୁଦ୍ଧିମତ୍ତା କେବଳ ସୋସିଆଲ ମିଡ଼ିଆ ବା ପୋଥିଗତ ବିଦ୍ୟା ଦ୍ୱାରା ଆୟତ୍ତ ହୋଇପାରିନଥାଏ। ପିଲାଟିର ଅଭିଭାବକଙ୍କର ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କେହି କେହି ବୁଝନ୍ତି ଯେ ବୁଦ୍ଧିମତ୍ତାର ବିକାଶ ନହେଲେ କ୍ୟାରିୟର ସତେ ଯେପରି ଅପୂରଣୀୟ ରହିଯିବ ତେବେ ଏହା ଆଦୌ ନୁହେଁ। ପାଠପଢ଼ା ସହ ବୁଦ୍ଧିମତା ବିକାଶର ସଂଯୋଗ ରହିଛି। ସାଙ୍ଗ ମାନଙ୍କ ସହିତ ଏ କ୍ଷେତ୍ରରେ ଭଲ ଭାବରେ ଭାବନାଗତ ତଥ୍ୟକୁ ନେଇ ଚର୍ଚ୍ଚା କରନ୍ତୁ।

**ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ**



# ନିବିଡ଼ତାର ଅନୁଭବ



**ଡକ୍ଟର ଲକ୍ଷ୍ମଣ ସାହୁ**

ଜୀବନର ସବୁଠାରୁ ବଡ଼ ଆବିଷ୍କାର ହେଉଛି କିଏ ପ୍ରକୃତରେ ଆମର ଓ କିଏ ଆମକୁ କେଉଁ ପରିସ୍ଥିତି ଅନୁସାରେ ଗ୍ରହଣ କରେ। ପ୍ରାୟତଃ ଆମେ କାହାକୁ ନିଜର ଭାବରେ ଗଭୀର ଭାବରେ ଆଲିଙ୍ଗନ କରୁ। ଆମେ ଭାବୁଛୁ ଯେ ଏହି ସମ୍ପର୍କ ଆମକୁ ଏକାକୀତାରୁ , ନିଃସଂଗତାରୁ ସୁରକ୍ଷିତ ରଖିବ, ଏହି ସଂଯୋଗ ସମର୍ଥନ ଯୋଗାଇବ। କିନ୍ତୁ ଏହା ଏକ ଅଦ୍ଭୁତ ବିଡ଼ମ୍ବନା ଯେ ଆମେ ଯେଉଁମାନଙ୍କୁ ସବୁଠାରୁ ଅଧିକ ଆଲିଙ୍ଗନ କରୁ, ଭଲ ପାଉ , ପ୍ରାୟତଃ ସେମାନେ ଆମ ଉପରେ ଗୁରୁତ୍ୱ ଦେଇନଥାନ୍ତି , ଅପରିଚିତ ମନେ କରନ୍ତି। ମାନବ ପ୍ରକୃତି ନିଜେ ବିରୋଧାଭାସରେ ପରିପୂର୍ଣ୍ଣ। ଗୋଟିଏ ପଟେ, ଆମେ ସମ୍ପର୍କ ପାଇଁ ବଞ୍ଚୁଛୁ, ଅନ୍ୟପଟେ କିଛି ଲୋକ ନିଜ ଭିତରେ ଏପରି ପାଚେରୀ ତିଆରି କରନ୍ତି ଯେ କେହି ଚାହିଁଲେ ମଧ୍ୟ ସେମାନଙ୍କ ପାଖକୁ ଯାଇପାରନ୍ତି ନାହିଁ। ସେମାନେ ନିଜର ଭାବନା ବାଣ୍ଟିବାକୁ ଭୟ କରନ୍ତି, କାହାକୁ ବିଶ୍ୱାସ କରିବାକୁ ଭୟ କରନ୍ତି। କେତେବେଳେ ସେମାନେ ଭାବନ୍ତି ଯେ ଯଦି ସେମାନେ କାହାକୁ ନିଜ ହୃଦୟରେ ସ୍ଥାନ ଦିଅନ୍ତି, ତେବେ ସେମାନେ ଦୁର୍ବଳ ହୋଇଯିବେ। ଏହି ଭୟରେ ସେମାନେ ଅନ୍ୟମାନଙ୍କୁ ନିଜ ଜୀବନର ଦ୍ୱାରଦେଶରେ ଠିଆ କରନ୍ତି। ଯେଉଁଠାରେ ସେମାନେ ଯେତେ ସ୍ନେହ ପ୍ରଦାନ କରନ୍ତି, ସେମାନଙ୍କୁ ସର୍ବଦା ବାହାର ଲୋକ ବୋଲି ବିବେଚନା କରାଯାଏ। ଏପରି ଅଭିଜ୍ଞତା ଜଣେ ବ୍ୟକ୍ତିକୁ ମୂଳରୁ ଭାଙ୍ଗିଦିଏ।

ଆମେ ବାରମ୍ବାର ଭାବୁ ଯେ ହୁଏତ ଆମର ପ୍ରେମ ଅସମ୍ପୂର୍ଣ୍ଣ ଥିଲା, ହୁଏତ ଆମର ଉଦ୍ଦେଶ୍ୟର ଅଭାବ ଥିଲା, କିମ୍ବା ହୁଏତ ସେମାନେ ଆମର ସତ୍ୟକୁ ଭୁଲ ବୁଝିଥିଲେ। ଏପରି ପରିସ୍ଥିତିରେ, ଜଣେ ବ୍ୟକ୍ତି ଏପରି ଏକ ସ୍ଥାନରେ ପହଞ୍ଚିଯାଏ ଯେଉଁଠାରେ ସେ ଅନ୍ୟ ବ୍ୟକ୍ତିଙ୍କ ଭୁଲ ପାଇଁ ନିଜକୁ ଦୋଷ ଦେବା ଆରମ୍ଭ କରନ୍ତି।

କେତେବେଳେ, ଭୁଲ୍ କରୁଥିବା ବ୍ୟକ୍ତି କିମ୍ବା ଯାହା ସହିତ ଅନ୍ୟାୟ ହୋଇଛି ତାହାର ଆଚରଣ ଓ କଥାବାର୍ତ୍ତା ଏପରି ହୋଇଥାଏ ଯେ ସେମାନେ ନିଜେ ଦୋଷୀ ଥାଆନ୍ତି, ପୀଡିତାଙ୍କୁ ସେମାନଙ୍କର ଭୁଲ୍ ସ୍ୱୀକାର କରିବାକୁ ବାଧ୍ୟ କରନ୍ତି। ଆମେ ପ୍ରାୟତଃ ଆମ ଚାରିପାଖରେ ସାମାଜିକ ଆଚରଣର ଏହି ଦିଗଟି ଦେଖୁ ଯେ ଭୁଲ୍ କରୁଥିବା ବ୍ୟକ୍ତି ଉଚ୍ଚ ସ୍ୱରରେ କଥା କୁହନ୍ତି, ଜଣେ ନିର୍ଦ୍ଦୋଷ ବ୍ୟକ୍ତିଙ୍କୁ ଦୋଷୀ ହେବାକୁ ଠେଲି ଦିଅନ୍ତି। ସତ୍ୟ ହେଉଛି, ଏହା ପୀଡିତ ବ୍ୟକ୍ତିଙ୍କର ତ୍ରୁଟି ନୁହେଁ, ବରଂ ସେମାନଙ୍କ ବିପକ୍ଷରେ ଠିଆ ହୋଇଥିବା ବ୍ୟକ୍ତିଙ୍କ ମାନସିକତାର ପ୍ରତିଫଳନ। ସେମାନେ ଯେତେ କଥା କହିଲେ ମଧ୍ୟ ସେମାନେ ପ୍ରକୃତରେ ସମ୍ପର୍କକୁ ଗଭୀର ଭାବରେ ଅନୁଭବ କରିବାକୁ ଚାହାଁନ୍ତି ନାହିଁ। ସେମାନଙ୍କ ପାଇଁ ନିକଟତା ଏକ ବୋଝ, ଏକ ଦାୟିତ୍ୱ, ଯେତେବେଳେ ଆମ ପାଇଁ,ଏହା ଆତ୍ମାର ସଂଯୋଗ।

ସମ୍ପର୍କର ପ୍ରକୃତ ପରିଚୟ ଶବ୍ଦରେ ନୁହେଁ, ବରଂ ସେମାନଙ୍କ ଉପସ୍ଥିତିରେ ଆମେ ଅନୁଭବ କରୁଥିବା ସାନ୍ତ୍ୱନାରେ। ଯେତେବେଳେ କେହି ପ୍ରକୃତରେ ଆମର ନିଜର ହୋଇଯାଆନ୍ତି, ସେମାନଙ୍କ ଆଖିର ନୀରବତା ମଧ୍ୟ ବହୁତ କିଛି କହିଥାଏ। କିନ୍ତୁ ଯେତେବେଳେ କେହି ଆମକୁ କିଛି କୁହନ୍ତି, ସେତେବେଳେ ଜଣେ ଅଜଣା ବ୍ୟକ୍ତି ଆମକୁ ବୁଝେଁ। କହିବାକୁ ଗଲେ ହଜାର ଶବ୍ଦ ମଧ୍ୟ ତାଙ୍କ ହୃଦୟରେ ପହଞ୍ଚି ପାରେ ନାହିଁ। ଏହି ଅଜବତା କେବଳ ଆଚରଣ ବିଷୟରେ ନୁହେଁ, ବରଂ ଭାବନା ବିଷୟରେ। ଏହା ଆମକୁ ସବୁବେଳେ ଏପରି ଅନୁଭବ କରାଏ ଯେ ଆମେ କେବେ ସେମାନଙ୍କ ଜୀବନରେ ସ୍ଥାନ ପାଇ ପାରିନାହୁଁ। ସତରେ ଏହି ଅଜବତା ଆମକୁ ଗଭୀର ଭାବରେ ଆଘାତ ଦିଏ, କିନ୍ତୁ ଏହା ଆମକୁ ଏକ ଗଭୀର ଶିକ୍ଷା ମଧ୍ୟ ଦିଏ। ଏହା ଆମକୁ ଶିଖାଏ ଯେ ପ୍ରତ୍ୟେକ ସମ୍ପର୍କ ଆମେ ଭାବୁଥିବା ଭଳି ଗଭୀର ନୁହେଁ।




କହିବାକୁ ଗଲେ କିଛି ସମ୍ପର୍କ କେବଳ ଉପରସ୍ତରର, କିଛି କେବଳ ଔପଚାରିକତା ଓ କିଛି ସମୟ ସହିତ ମଳିନ ହୋଇଯାଏ। ଆମକୁ ସ୍ୱୀକାର କରିବାକୁ ପଡିବ ଯେ ସମସ୍ତଙ୍କ ସହିତ ସହିତ ସଂଯୋଗ କରିବା ସମ୍ଭବ ନୁହେଁ। ଏହି ସ୍ୱୀକୃତି ସହଜ ନୁହେଁ, କିନ୍ତୁ ଏହାର ଯଥେଷ୍ଟ ଆବଶ୍ୟକ ରହିଛି।

ଜୀବନର ସବୁଠାରୁ ବଡ଼ ସନ୍ତୁଳନ ହେଉଛି ଆମର ଭାବନାକୁ କେଉଁଠାରେ ବିନିଯୋଗ କରିବା ତାହା ଜାଣିବା। ଯଦି ଆମେ ଆମର ଶକ୍ତି ସେମାନଙ୍କ ଉପରେ ବିନିଯୋଗ କରୁ ଯେଉଁମାନେ ଆମକୁ ଅଣଦେଖା କରନ୍ତି। ଏପରିକି ବାରମ୍ବାର ଆମକୁ ଅପରିଚିତ ମନେ କରାନ୍ତି, ଅତାର୍ଥ ଚିହ୍ନି ନ ଚିହ୍ନିଲା ପରି ବ୍ୟବହାର ଦେଖାନ୍ତୁ। ଯାହା ଫଳରେ ଆମେ ଧୀରେ ଧୀରେ କ୍ଳାନ୍ତ ଓ ଭାଙ୍ଗି ପଡ଼ିଯାଉ। ତେଣୁ, ଆମର ନିଜରତା ଓ ସତ୍ୟକୁ ଯେଉଁଠାରେ ମୂଲ୍ୟବାନ କରାଯାଏ ସେଠାରେ ବିନିଯୋଗ କରିବା ବୁଦ୍ଧିମାନର କାମ। ଯେଉଁ ମାନଙ୍କ ପାଖରେ ଶ୍ରଦ୍ଧା, ଭଲପାଇବା , ସହାନୁଭୂତି, ସଙ୍କୋଚତା , ଧୈର୍ଯ୍ୟ , ସହଯୋଗ ମନୋଭାବ ଥିବା ଯେଉଁଠି ଆମକୁ ବାରମ୍ବାର ଆମର ପ୍ରକୃତ ସ୍ୱଭାବ ପ୍ରମାଣ କରିବାକୁ ପଡ଼ିବ ନାହିଁ। ଯେଉଁଠାରେ ଆମର ଅସ୍ତିତ୍ୱକୁ କୌଣସି ପ୍ରମାଣ ବିନା ଗ୍ରହଣ କରାଯାଏ , ସେହିଠାରେ ବୁଦ୍ଧି ବିନିଯୋଗ କରାଯାଇପାରେ। ତା'ପରେ, ଯଦି ଆମକୁ କାହାକୁ ଆମର ସତ୍ୟତା ପ୍ରମାଣ କରିବାକୁ ପଡ଼େ, ତେବେ ଆମେ କେତେ ସମୟ ପାଇଁ ସେଠାରେ ଆମର ସ୍ଥାନ ବଜାୟ ରଖି ପାରିବା ? ଏପରିକି ପ୍ରତି ଥର ପରେ, ଆମକୁ ଆମର ସତ୍ୟତାର ସ୍ପଷ୍ଟୀକରଣ ଓ ପ୍ରମାଣ ପଚରାଯିବ ନାହିଁ ବୋଲି କ'ଣ ଗ୍ୟାରେଣ୍ଟି ଅଛି କହିଲେ ?

ଅଜବତାର ଯନ୍ତ୍ରଣା ଗଭୀର, କିନ୍ତୁ ଏହାର ଏକ ସକାରାତ୍ମକ ଦିଗ ମଧ୍ୟ ଅଛି। ଏହା ଆମକୁ ଦେଖାଏ ଯେ କିଏ ଆମ ପାଇଁ ଠିକ୍ ଓ କିଏ କେବଳ ଆମର ଉପସ୍ଥିତିର ସୁଯୋଗ ନେଉଛି। ଏହି ଅଭିଜ୍ଞତା ଆମକୁ ଶିଖାଏ ଯେ ପ୍ରେମ ସମ୍ପୃକ୍ତି ଏକପାଖିଆ ପ୍ରୟାସ ଦ୍ୱାରା ସୃଷ୍ଟି ହୁଏ ନାହିଁ; ବରଂ, ଏକ ସମ୍ପର୍କ କେବଳ ସେତେବେଳେ ବିଶ୍ୱାସ ନେଇପାରେ ଯେତେବେଳେ ହୃଦୟର ଝରକା ଉଭୟ ପାର୍ଶ୍ୱରେ ଖୋଲା ଥାଏ। ସର୍ବୋପରି, ପ୍ରକୃତ ସମ୍ପୃକ୍ତି ହେଉଛି ଯେଉଁଠାରେ ଆମେ କୌଣସି ପ୍ରୟାସ ବିନା ଆରାମଦାୟକ ଅନୁଭବ କରୁ। ଯେଉଁଠାରେ ଆମର ନୀରବତା ମଧ୍ୟ ବୁଝାଯାଏ ଓ ଆମର ଉପସ୍ଥିତି ହିଁ ସମ୍ପୃକ୍ତିର ପ୍ରମାଣ ହୋଇଯାଏ। ଯେଉଁମାନେ ଆମକୁ ଅପରିଚିତ ଭଳି ଅନୁଭବ କରାନ୍ତି ସେମାନେ ହୁଏତ କେବେ ଆମର ନିଜର ହୋଇପାରିବେ ନାହିଁ। ସେମାନଙ୍କୁ ଏକା ଛାଡିବା ହେଉଛି ସବୁଠାରୁ ବଡ଼ ଆଶ୍ୱସ୍ତି।

ଜୀବନ ଅତି ଛୋଟ , ପାଣି ଫୋଟକା। ଏହା କେବଳ ସେହି ସମ୍ପର୍କରେ ରହିବା ଉଚିତ ଯେଉଁଠାରେ ଆମେ ଅପରିଚିତ ନୁହେଁ, ବରଂ ସବୁଠାରୁ ନିକଟତମ ବୋଲି ବିବେଚିତ ହେଉ। ଯେଉଁଠାରେ ଆମ ପାଇଁ ସ୍ଥାନ ସୃଷ୍ଟି କରାଯାଇ ନାହିଁ, କିନ୍ତୁ ଆମେ ପୂର୍ବରୁ ସେହି ସ୍ଥାନର ଏକ ଅଂଶ ଏକଥା ଜାଣି ରଖିବା। ପ୍ରକୃତ ସମ୍ପର୍କ ହେଉଛି ଯାହା ଆତ୍ମାକୁ ହାଲୁକା କରେ, ବୋଝ ନୁହେଁ। ଯେତେବେଳେ ଆମେ ଏହା ଶିଖୁ, ଆମେ ଅନୁଭବ କରୁ ଯେ ଅଜବତା କଷ୍ଟ ଦେଇପାରେ, କିନ୍ତୁ ଏହା ଆମକୁ ଆମର ପ୍ରକୃତ ପ୍ରିୟଜନଙ୍କ ପାଖକୁ ମଧ୍ୟ ନେଇଯାଏ...!!!

ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ ,
କଟକ -୪ , ଦୂରଭାଷା: ୯୦୪୦ ୧୫୧୪୭୫

# କାର୍ତ୍ତିକ ପୂର୍ଣ୍ଣିମା, ସ୍ମୃତିରେ ବାଲିଯାତ୍ରା ଓ ମହାପ୍ରଭୁ ଶ୍ରୀଚୈତନ୍ୟ



**ସୌର ଚନ୍ଦ୍ର ମହାପାତ୍ର**

କଳା, ସଂସ୍କୃତି ତଥା ବିଭିନ୍ନ ପର୍ବପର୍ବାଣୀର ଏକ ଅପୂର୍ବ ସମନ୍ୱୟର କ୍ଷେତ୍ର ହେଉଛି ଓଡ଼ିଶା। ଏଠି ବାର ମାସରେ ତେର ପର୍ବ ଆମ ସଂସ୍କୃତିର ଏକ ଅନନ୍ୟ ପରିଚୟ। ବର୍ଷ ତମାମ ଲାଗି ରହୁଥିବା ବିଭିନ୍ନ ପୂଜା ଏବଂ ଦିନ କିମ୍ବା ତିଥି ମଧ୍ୟରେ ସବୁଠାରୁ ପୁଣ୍ୟତମ ମାସ ହେଉଛି କାର୍ତ୍ତିକ। ଧାର୍ମିକ ଦୃଷ୍ଟିରୁ ମାସର ପ୍ରତିଟି ଦିବସ ସ୍ୱତନ୍ତ୍ରତା ବହନ କରିଥିବାବେଳେ ଶେଷ ପାଞ୍ଚଦିନ ଅର୍ଥାତ୍ କାର୍ତ୍ତିକ ଶୁକ୍ଳ ଏକାଦଶୀ ଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ସବୁଠାରୁ ପବିତ୍ର ଦିବସ ଭାବେ ଗ୍ରହଣ କରାଯାଇଥାଏ। ଏହି ପଞ୍ଚକ ପାଞ୍ଚ ଦିନରେ ତେତିଶ କୋଟି ଦେବତା ମନୁଷ୍ୟ ମାନଙ୍କର ଅତି ନିକଟତର ହୋଇଯାଆନ୍ତି ବୋଲି କୁହାଯାଇଥାଏ। ପଞ୍ଚୁକ ପାଞ୍ଚଦିନର ଶେଷ ଦିବସରେ ଆରମ୍ଭ ହୋଇଥାଏ ହଜାର ବର୍ଷର ସହର ଭାବେ ପରିଚିତ ବିଶ୍ୱ ପ୍ରସିଦ୍ଧ ବାଲିଯାତ୍ରା। ସ୍କନ୍ଦ ପୁରାଣରେ ଉଲ୍ଲେଖ ରହିଛି - 'କାର୍ତ୍ତିକ ମାସି ବିପ୍ରେନ୍ଦ୍ର ଯସ୍ତୁଗୀତାଂ ପଠେନ୍ନରଃ, ତସ୍ୟ ପୁଣ୍ୟଫଳଂ ବକ୍ତୁଂ ମମଶକ୍ତି ନ ବିଦୀତେ। ଗୀତାୟାସ୍ତୁ ସମଂ ଶାସ୍ତ୍ରଂ ନ ଭୂତଂ ନ ଭବିଷ୍ୟତି, ସର୍ବ ପାପହରା ନିତ୍ୟଂ ଗୀତୈକା ମୋକ୍ଷଦାୟିନୀ ଶ୍ରୀମଦ ଭଗବତସ୍ୟାପି ଶ୍ରବଣଂ ଯଃ ସମାଚରେତ୍।'

ପୂର୍ବଭାରତୀୟ ଉପକୂଳର ବିଭବ ପୂର୍ଣ୍ଣ ରାଜ୍ୟ ହେଉଛି 'କଳିଙ୍ଗ'। ମହାଭାରତ ତଥା ବୈଦିକ ସାହିତ୍ୟରେ କଳିଙ୍ଗର ବର୍ଣ୍ଣନା ରହିଛି। ଯଥାର୍ଥରେ ଉଲ୍ଲେଖ ରହିଛି - 'କଳିଙ୍ଗ ସାହସିକାଃ'। ଦିନଥିଲା ଓଡ଼ିଆ ସାଧବ ପୁଅମାନେ କଳିଙ୍ଗ ଉପକୂଳର ଗଙ୍ଗା ଠାରୁ ଗୋଦାବରୀ ଯାଏ ଏବଂ ସମୁଦ୍ରର ଅପର ପାର୍ଶ୍ୱରେ ଥିବା ବ୍ରହ୍ମଦେଶ, ଶ୍ୟାମ (ଥାଇଲାଣ୍ଡ), ତାମ୍ରପର୍ଣ୍ଣୀ (ସିଂହଳ), ସୁବର୍ଣ୍ଣଦ୍ୱୀପ (ଜାଭା) ଓ କମ୍ବୋଜ (କମ୍ବୋଡ଼ିଆ) ଆଦି ଦେଶକୁ ବାଣିଜ୍ୟ ଉପଲକ୍ଷେ ଯାତ୍ରା କରି ଭାବ ସମ୍ପର୍କକୁ ବଢ଼ାଇ ପାରୁଥିଲେ। ସିଂହଳ ଭାରତର ପଡ଼ୋଶୀ ହେତୁ ଉଭୟ ଦେଶ ମଧ୍ୟରେ ସମ୍ପର୍କ ମଧ୍ୟ ଅତି ପ୍ରାଚୀନ। କଳିଙ୍ଗ ସହ ସିଂହଳ ଦ୍ୱୀପର ନୌବାଣିଜ୍ୟ କବି ଉପେନ୍ଦ୍ରଭଞ୍ଜଙ୍କ 'ଲାବଣ୍ୟବତୀ' କାବ୍ୟରେ ବୋଇତ କଥା ବର୍ଣ୍ଣିତ ହୋଇଛି - 'ବହିତ୍ର ଲାଗିଲା ଯାଇ ସିଂହଳ ଦ୍ୱୀପରେ, ସାଧବ ଯୁବତୀମାନେ ଅତି ପ୍ରମୋଦରେ ଗଲେ ବହିତ୍ର ବନ୍ଧାଇ ଆପଦସ୍ଥଳୀ ମାନକରେ ହୁଳହୁଳି ନେଇ..।'

କାର୍ତ୍ତିକ ପୂର୍ଣ୍ଣିମା ରାସ ବା ରାହାସ ପୂର୍ଣ୍ଣିମା ନାମରେ ମଧ୍ୟ ପରିଚିତ। ଓଡ଼ିଶାର ଆଚାର, ବିଚାର, ଚାଲିଚଳଣି ତଥା ଧର୍ମୀୟ ଭାବନା ସହିତ ଏହି ପର୍ବ ଓତଃପ୍ରୋତ ଭାବେ ଜଡ଼ିତ। ଅପର ପକ୍ଷରେ ଐତିହାସିକ ଦୃଷ୍ଟିକୋଣରୁ ମଧ୍ୟ ଏହା କମ ଗୁରୁତ୍ୱପୂର୍ଣ୍ଣ ନୁହେଁ। ଗୌରବୋଜ୍ଜଳ ଉତ୍କଳର ପ୍ରାଚୀନ ଇତିହାସ ସହିତ ଏହା ଏତେ ନିବିଡ଼ ଭାବରେ ସମ୍ପୃକ୍ତ ଯେ ଏହି ଦିବସର ଗୁରୁତ୍ୱକୁ ବାଦ ଦେଲେ ଖ୍ରୀଷ୍ଟପୂର୍ବୀୟ କାଳରେ ଓଡ଼ିଶାରେ ନୌବାଣିଜ୍ୟ ସମ୍ପର୍କରେ ଚିନ୍ତା ବି କରାଯାଇ ପାରେନାହିଁ। ଅତଏବ ଧର୍ମଗତ ତଥା ଐତିହାସିକ ଉଭୟ ଦୃଷ୍ଟିକୋଣରୁ ଏହାର ମୂଲ୍ୟବୋଧ ଅତୀବ ବୈଶିଷ୍ଟ୍ୟ ପରିପୂର୍ଣ୍ଣ।

ଓଡ଼ିଶାର ଆଚାର ବିଚାର, ଚାଲିଚଳଣି ତଥା ଧର୍ମୀୟ ଭାବନା ସହିତ କାର୍ତ୍ତିକ ପୂର୍ଣ୍ଣିମା ବା ରାସ ପୂର୍ଣ୍ଣିମା ଅଙ୍ଗାଅଙ୍ଗି ଭାବେ ଜଡ଼ିତ। ଉତ୍କଳର ପ୍ରାଚୀନ ଇତିହାସ ସହିତ ଏହା ନିବିଡ଼ ଭାବେ ସମ୍ପୃକ୍ତ। ପ୍ରାଚୀନକାଳରେ କାର୍ତ୍ତିକ ପୂର୍ଣ୍ଣିମାରେ ଉତ୍କଳର ସାଧବ ପୁଅମାନେ ନୌବାଣିଜ୍ୟ ପାଇଁ ଦରିଆ ପାରି ହୋଇ ଜାଭା, ସୁମାତ୍ରା, ବାଲି ଦ୍ୱୀପ ଆଦି ସ୍ଥାନକୁ ଯାଉଥିଲେ। ଏହି ସ୍ମୃତିକୁ ମନେ ପକାଇବା ପାଇଁ କାର୍ତ୍ତିକ ପୂର୍ଣ୍ଣିମା ଅବକାଶରେ କଦଳୀ ପଟୁଆରେ ଡଙ୍ଗା ଭସାଇବାର ପରମ୍ପରା ରହିଛି। ପ୍ରତ୍ୟୁଷରୁ ଉଠି ଆବାଳ ବୃଦ୍ଧବନିତା ନଦୀ, ପୁଷ୍କରିଣୀ, ଜଳାଶୟରେ ଡଙ୍ଗା ଭସାଇଥାନ୍ତି। ଡଙ୍ଗାରେ ଦୀପଜାଳି, ପାନଗୁଆ ଥୋଇଥାଆନ୍ତି। ଏହାପରେ ନଦୀରେ ସ୍ନାନ କରି ଦିଅଁ ଦର୍ଶନ କରିଥାନ୍ତି।



କଟକର ବିଶ୍ୱପ୍ରସିଦ୍ଧ ବାଲିଯାତ୍ରାର ଆରମ୍ଭ ଖୋଜିବା ସମୟରେ ଆମ ଆଖି ସାମ୍ନାକୁ ଆସନ୍ତି ପ୍ରଭୁ ଶ୍ରୀଚୈତନ୍ୟ। ଏହି କ୍ରମରେ ଦେଖିବାକୁଗଲେ ମହାନଦୀ ବାଲିରେ ଅନୁଷ୍ଠିତ ହେଉଥିବା ବାଲିଯାତ୍ରା ହେଉଛି ପ୍ରଭୁ ଶ୍ରୀଚୈତନ୍ୟଙ୍କ ସ୍ମୃତି ପଦାର୍ପଣର ଉତ୍ସବ। ଶ୍ରୀଚୈତନ୍ୟଙ୍କ ସମୟ ଅର୍ଥାତ୍ (୧୪୮୬-୧୫୩୫), ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ତନ୍ମୟଭରା ଦର୍ଶନ କରି ପ୍ରଭୁ ଶ୍ରୀଚୈତନ୍ୟ ପଶ୍ଚିମବଙ୍ଗର ନବଦ୍ୱୀପକୁ ଫେରୁଥିବା ସମୟରେ ସେ ସମୟର କାଠଯୋଡ଼ି ପୁରୀଘାଟ ନିକଟରେ ଥିବା ସତୀଚଉରା ସନ୍ନିକଟ କଟକେଶ୍ୱର ମହାଦେବଙ୍କ ଶୈବକ୍ଷେତ୍ରରେ ପହଞ୍ଚି ଖାଲି ପାଦରେ ପବିତ୍ର 'ହରେକୃଷ୍ଣ ହରେରାମ' ସଂକୀର୍ତ୍ତନ କରି ଅଗଣିତ ଭକ୍ତଜନଙ୍କ ପବିତ୍ର ପଦ ଧୂଳିକୁ ନିଜ ଦେହରେ ଆତ୍ମବିଭୋର ହୋଇ ଭାବ ତନ୍ମୟରେ ବୋଳି ହୋଇ ନଦୀ ଶଯ୍ୟାର ବାଲିରେ ଗଡ଼ିଯାଇଥିଲେ। ଯାହାର ନାମ ତାଙ୍କରି ସ୍ମୃତିରେ ନାମିତ ହେଲା ଗଡ଼ଗଡ଼ିଆ ଘାଟ। ସେ ସମୟରେ ୭୨ ମଣ୍ଡଳ ସଂକୀର୍ତ୍ତନ ଦଳ ଓ ବୈଷ୍ଣବ ତଥା ଅଗଣିତ ଆଧ୍ୟାତ୍ମିକ ଶ୍ରଦ୍ଧାଳୁଙ୍କ ଗହଳିରେ ମହାନଦୀର ନଦୀ କୂଳ ପୁରି ଉଠିଥିଲା। ରାଜା ପ୍ରତାପରୁଦ୍ର ଦେବଙ୍କ ସମୟରେ ଶ୍ରୀଚୈତନ୍ୟଙ୍କ ପଦାଙ୍କ ଏକ ପଥରରେ ଖୋଦେଇ ହୋଇ ସେହି ଦିନ ଠାରୁ ନିତ୍ୟ ପୂଜା ଅନୁଷ୍ଠିତ ହେଉଛି। ଯେଉଁଥିରେ ୧୫୧୦ ମସିହା ଲେଖା ରହିଛି। କଟକର ଦୁଇଟି ସ୍ଥାନରେ ପ୍ରଭୁ ଶ୍ରୀଚୈତନ୍ୟଙ୍କ ସ୍ମୃତି ରହିଛି। ଗୋଟିଏ ହେଉଛି ଗଡ଼ଗଡ଼ିଆ ଏବଂ ଅନ୍ୟଟି ହେଉଛି ମହମଦିଆ ବଜାରର ଶ୍ରୀଚୈତନ୍ୟ ମଠ। ଏହି ମଠର ପ୍ରକାଣ୍ଡକାୟ ବଟବୃକ୍ଷ ତଳେ ପ୍ରଭୁ ଶ୍ରୀଚୈତନ୍ୟ ବିଶ୍ରାମ ନେଇଥିଲେ। ଚୈତନ୍ୟ ମହାପ୍ରଭୁ କାର୍ତ୍ତିକ ପୂର୍ଣ୍ଣିମା ଦିନ ଗଡ଼ଗଡ଼ିଆ ଘାଟରେ ପହଞ୍ଚିଥିବାର ଐତିହାସିକ ତଥ୍ୟ ରହିଛି ଏବଂ ଏହି ସ୍ମୃତିରେ ତତ୍କାଳୀନ ରାଜା ପ୍ରତାପରୁଦ୍ର ଦେବ ଏହି ଭକ୍ତ ଚୈତନ୍ୟଙ୍କ ସ୍ମୃତି ନିମିତ୍ତ ମହାନଦୀ ବାଲିରେ ଉତ୍ସବ ଆରମ୍ଭ କରିଥିଲେ। ପ୍ରଭୁ ଶ୍ରୀଚୈତନ୍ୟ ଜଗନ୍ନାଥ ବଲ୍ଲଭ ମଠର ପୁଷ୍କରିଣୀରେ ସ୍ନାନକରି ଭିକ୍ଷା ଗ୍ରହଣ କରିଥିଲେ। ସେହିପରି କଟକର ମସ୍ତରାମ ମଠ, ସତୀଚଉରା ଘାଟ ନିକଟ ଚୈତନ୍ୟ ଘାଟ ପ୍ରଭୁ ଶ୍ରୀଚୈତନ୍ୟଙ୍କ ସ୍ମୃତିକୁ ଏବେ ବି ଉଦଜ୍ଜୀବିତ କରୁଛି। ଶ୍ରୀଚୈତନ୍ୟଙ୍କ ବୃନ୍ଦାବନ ଯାତ୍ରା ସ୍ମୃତି ବହନ କରି ତତ୍କାଳୀନ ସମୟରେ ଆରମ୍ଭ ହୋଇଥିବା କୀର୍ତ୍ତନ ମଣ୍ଡଳୀ ପରବର୍ତ୍ତୀ ସମୟରେ ବଡ଼େଇ ସାହିରେ ନିର୍ମାଣ କରିଥିଲେ ବାସ୍ତରୀ ମଠ। କାର୍ତ୍ତିକ ପୂର୍ଣ୍ଣମୀର ସକାଳ ଡଙ୍ଗାଭସା ଉତ୍କଳୀୟ ସ୍ମୃତିର ଏକ ଝଲକ ନିଶ୍ଚୟ। ପୁଣ୍ୟ କାର୍ତ୍ତିକରେ ହରିନାମ ସଂକୀର୍ତ୍ତନ, ରାଧାକୃଷ୍ଣଙ୍କ ପୂଜା, ପ୍ରେମମୟ ଶ୍ରୀକୃଷ୍ଣଙ୍କ ରାସ ଉତ୍ସବ ସହିତ ପ୍ରଭୁ ଶ୍ରୀଚୈତନ୍ୟଙ୍କ ପଦରଜ ପବିତ୍ର ସ୍ମୃତିର ବାହକ ମହାନଦୀ ପଠାରେ ବାଲିଯାତ୍ରାର ଅୟମ୍ଭାରମ୍ଭ କରିଥାଏ। ହଜାର ବର୍ଷର କଟକ ସହରରେ ଐତିହାସିକ ବାଲିଯାତ୍ରା ଓ ପ୍ରଭୁ ଶ୍ରୀଚୈତନ୍ୟଙ୍କ ନାମ ସଂକୀର୍ତ୍ତନ କଟକ ସହରର ଆଧ୍ୟାତ୍ମିକ ପ୍ରାଣଜୀବନ ଓ ଜୀବନ ଚେତନାର ହୃଦୟସ୍ମୃତିକୁ ନିର୍ଝରିତ କରୁ ଏହା ହିଁ କାମନା।

**ବରିଷ୍ଠ ଆଇନଜୀବୀ ଓ ସଭ୍ୟ, ରାଜ୍ୟ ଆଇନ କମିଶନ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୪୪୬୬**

# ଦେଶରେ ଗଡ଼ିଲା ଆଉ ୪ ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ

ନୂଆଦିଲ୍ଲୀ,୮।୧୧: ଦେଶରେ ଆଉ ୪ଟି ଗଡିଲା ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ୍। ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାରାଣାସୀରେ ପତାକା

## ପର୍ଯ୍ୟଟନ ଓ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ: ପ୍ରଧାନମନ୍ତ୍ରୀ



ଦେଖାଇ ବନ୍ଦେ ଭାରତ ଏକ୍ସପ୍ରେସର କରିଛନ୍ତି ଶୁଭାରମ୍ଭ। ତେବେ ଏହି ନୂଆ ବନ୍ଦେ ଭାରତ ଟ୍ରେନ ବାରାଣସୀ-ଖଜୁରାହୋ, ଫିରୋଜପୁର-ଦିଲ୍ଲୀ, ଲକ୍ଷ୍ନୌ-ସହାରନପୁର ଓ ଏର୍ଣ୍ଣାକୁଲମ-ବେଙ୍ଗାଲୁରୁ ମଧ୍ୟରେ ଚଳାଚଳ କରିବ। ଏହି ୪ଟି ଟ୍ରେନକୁ ସହ ଭାରତରେ ମୋଟ୍ ୧୬୪ ଟ୍ରେନ ଯାତାୟାତ ହେଉଛି। ବ୍ୟସ୍ତବହୁଳ ସ୍ଥାନରେ ବନ୍ଦେ ଭାରତରେ ଯାତ୍ରା ସମୟକୁ ହ୍ରାସ କରି ସମୟ ବଞ୍ଚାଇବା ସହ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ। ବନ୍ଦେ ଭାରତ ଟ୍ରେନର ଉଦଘାଟନ ପରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି। ବାବା ବିଶ୍ୱନାଥଙ୍କ ପବିତ୍ର ସହରରେ ସମସ୍ତ ଲୋକଙ୍କୁ ପ୍ରଣାମ କରି ପ୍ରଧାନମନ୍ତ୍ରୀ କହିଛନ୍ତି,"ଭାରତୀୟ ରେଲଓ୍ୱେର ଏକ ନୂତନ ପିଢ଼ିର ମୂଳଦୁଆ ପଡ଼ିଛି। ବିକଶିତ ଦେଶଗୁଡ଼ିକରେ ଆର୍ଥିକ ଅଭିବୃଦ୍ଧିର ଏକ ପ୍ରମୁଖ କାରକ ହେଉଛି ଭିତ୍ତିଭୂମି। ଭାରତ ମଧ୍ୟ ବିକାଶ ଦିଗରେ ଦ୍ରୁତ ଗତିରେ ଆଗକୁ ବଢୁଛି।" ବାରଣାସୀ -ବାରାଣସୀ- ଖଜୁରାହୋ ବନ୍ଦେ ଭାରତ ଏହି ରୁଟରେ ସିଧାସଳଖ ସଂଯୋଗ ସ୍ଥାପନ କରିବ ଏବଂ ବର୍ତ୍ତମାନ ଚାଲୁଥିବା ସ୍ୱତନ୍ତ୍ର ଟ୍ରେନଗୁଡିକ ତୁଳନାରେ ଏହା ପ୍ରାୟ ୨ ଘଣ୍ଟା ୪୦ ମିନିଟ ସମୟ ବଞ୍ଚାଇବ। ବନାରସ-ଖଜୁରାହୋ ବନ୍ଦେ ଭାରତ ଏକ୍ସପ୍ରେସ ବାରାଣସୀ, ପ୍ରୟାଗରାଜ, ଚିତ୍ରକୂଟ, ଖଜୁରାହୋ ସମେତ ଭାରତର ଅନେକ ଧାର୍ମିକ ଓ ସାଂସ୍କୃତିକ ସ୍ଥଳକୁ ସଂଯୋଗ କରିବ। ସେହିପରି ଲକ୍ଷ୍ନୌ- ସହାରନପୁର ବନ୍ଦେ ଭାରତ ପାଖାପାଖି ୭ ଘଣ୍ଟା ୪୫ ମିନିଟ୍ ମଧ୍ୟରେ ନିଜ ଗନ୍ତବ୍ୟସ୍ଥଳରେ ପହଞ୍ଚିବ ଓ ପାଖାପାଖି ୧ ଘଣ୍ଟା ସମୟ ବଞ୍ଚାଇବ। ଫିରୋଜପୁର-ଦିଲ୍ଲୀ ବନ୍ଦେ ଭାରତ ଟ୍ରେନ ଏହି ରୁଟରେ ଗତି କରୁଥିବା ସବୁଠାରୁ ଦ୍ରୁତତମ ଟ୍ରେନ ହେବାକୁ ଯାଉଛି। ମାତ୍ର ୬ ଘଣ୍ଟା ୪୦ ମିନିଟ ମଧ୍ୟରେ ଏହା ଗନ୍ତବ୍ୟ ସ୍ଥଳରେ ପହଞ୍ଚିବେ ଯାତ୍ରୀ। ସେହିପରି ଦକ୍ଷିଣ ଭାରତରେ, ଏର୍ଣ୍ଣାକୁଲମ ଓ ବେଙ୍ଗାଲୁରୁ ବନ୍ଦେ ଭାରତ ପାଖାପାଖି ୮ ଘଣ୍ଟା ୪୦ ମିନିଟ ମଧ୍ୟ ଗନ୍ତବ୍ୟସ୍ଥଳରେ ପହଞ୍ଚି ୨ ଘଣ୍ଟା ସମୟ ହ୍ରାସ କରିବ।

### ରାହୁଲଙ୍କୁ ପୁଣି ଟାର୍ଗେଟ୍ କଲେ ମୋଦି

# ପୋଖରୀରେ ବୁଡ଼ି ନିର୍ବାଚନରେ ବୁଡ଼ିବା ଅଭ୍ୟାସ କରୁଛନ୍ତି

ପାଟନା,୮।୧୧(ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିହାରର ସୀତାମଢ଼ିରେ ଏକ ନିର୍ବାଚନୀ ରାଲିରେ ରାହୁଲ ଗାନ୍ଧୀଙ୍କୁ କଟାକ୍ଷ କରିଛନ୍ତି। ବେଗୁସରାଇରେ ମତ୍ସ୍ୟଜୀବୀ ସମ୍ପ୍ରଦାୟଙ୍କ ସହ ଏକ ବୈଠକ ସମୟରେ ରାହୁଲ ଗାନ୍ଧୀ ପୋଖରୀକୁ ଡେଇଁବା ସମ୍ପର୍କରେ ମୋଦି କହିଛନ୍ତି ଯେ କିଛି ବଡ଼ ଲୋକ ବିହାରରେ ପାଣିରେ ବୁଡ଼ି 'ନିର୍ବାଚନରେ ବୁଡ଼ିବାକୁ ଅଭ୍ୟାସ କରୁଛନ୍ତି'। କିଛି ବଡ଼ ଲୋକ ଏବେ ବିହାରକୁ ମାଛ ଦେଖିବାକୁ ଓ ପାଣିରେ ଗାଧୋଇବାକୁ ଆସୁଛନ୍ତି। ଏଥିସହ ସେମାନେ ବିହାର ନିର୍ବାଚନରେ ବୁଡ଼ିବା ପାଇଁ ଅଭ୍ୟାସ କରୁଛନ୍ତି ବୋଲି ମୋଦି କହିଛନ୍ତି। କିଛି ଦିନ ପୂର୍ବରୁ ରାହୁଲ ଗାନ୍ଧି ବେଗୁସରାଇର ଏକ ପୋଖରୀରେ ମାଛ ଧରିବାକୁ ଚେଷ୍ଟା କରିଥିଲେ। ମତ୍ସ୍ୟଜୀବୀଙ୍କ ସହ ପାଣିରେ ପହଁରିଥିଲେ। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଖୁବ ଭାଇରାଲ ହୋଇଥିଲା। ପୂର୍ବତନ ମନ୍ତ୍ରୀ ମୁକେଶ ସାହାଣୀ ମଧ୍ୟ ତାଙ୍କ ସହ ଥିଲେ ଏବଂ ସେ ପାଣିରେ ଜାଲ ପକାଇଥିଲେ। କହ୍ନୈୟା କୁମାର ଓ ଅନେକ ମତ୍ସ୍ୟଜୀବୀ ମଧ୍ୟ ତାଙ୍କ ସହ ପୋଖରୀ ଭିତରେ ପଶିଥିଲେ। ରାହୁଲଙ୍କୁ ସମାଲୋଚନା କରିବା ସହ



ପ୍ରଧାନମନ୍ତ୍ରୀ ମୋଦି ବିହାରରେ ଆରଜେଡି ନେତୃତ୍ୱାଧୀନ ବିରୋଧୀ ଦଳକୁ ମଧ୍ୟ ଟାର୍ଗେଟ୍ କରିଛନ୍ତି। ସେ କହିଛନ୍ତି ଯେ ଯଦି ବିରୋଧୀ ଦଳ ସରକାର ଗଠନ କରେ, ତେବେ ସେମାନେ 'କଟ୍ଟା' (ବନ୍ଧୁକ) ଦେଖାଇ ଲୋକଙ୍କୁ ଭୟଭୀତ କରିବେ। ବିହାରକୁ ଏପରି ସରକାରର ଆବଶ୍ୟକତା ନାହିଁ ଯିଏ ବନ୍ଧୁକ, କୁଶାସନ, ନିଷ୍ଠୁରତା ଓ ଦୁର୍ନୀତିରେ ପରିପୂର୍ଣ୍ଣ। ଲୋକେ କହୁଛନ୍ତି,

## ବିରୋଧୀ ଦଳ ଜିତିଲେ 'କଟ୍ଟା' ଦେଖାଇ ଭୟଭୀତ କରିବେ

ଆମେ କଟ୍ଟା (ବନ୍ଧୁକ) ସରକାର ଚାହୁଁନାହୁଁ, ଆମେ ଏନଡିଏ ସରକାର ଚାହୁଁଛୁ। ମୁଣ୍ଡରେ ବନ୍ଧୁକ ରଖି 'ହ୍ୟାଣ୍ଡସ୍ ଅପ' କହୁଥିବା ସରକାର ନୁହେଁ, ବରଂ ଷ୍ଟାର୍ଟଅପ୍ ଦରକାର। ଏନ୍‌ଡିଏ 'କଟ୍ଟା'କୁ ପ୍ରୋତ୍ସାହିତ କରେ ନାହିଁ। ସ୍କୁଲ ବ୍ୟାଗ୍, କମ୍ପ୍ୟୁଟର, କ୍ରିକେଟ ବ୍ୟାଟ୍ ଓ ହକି ଷ୍ଟିକକୁ ପ୍ରୋତ୍ସାହିତ କରେ।

ସୂଚନାଯୋଗ୍ୟ ଯେ ବିହାରରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଗତ ୬ ତାରିଖରେ ଶେଷ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୧୧ ତାରିଖରେ ହେବ। ଗତ ୬ରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟରେ ରେକର୍ଡ ୬୪.୬୯ ପ୍ରତିଶତ ମତଦାନ ହୋଇଛି। ବିରୋଧୀ ଦଳଗୁଡ଼ିକ ଏହି ବୃଦ୍ଧି ପାଇଥିବା ଭୋଟ୍ ହାରକୁ ଏନଡିଏ ବିରୋଧରେ ଜନ ସମର୍ଥନ ଭାବେ ଦେଖୁଛନ୍ତି। ଜନ ସୁରାଜ ପାର୍ଟିର ପ୍ରତିଷ୍ଠାତା ପ୍ରଶାନ୍ତ କିଶୋର କହିଛନ୍ତି ଯେ ବିହାରବାସୀ ଏବେ ପରିବର୍ତ୍ତନ ଚାହୁଁଛନ୍ତି।

## ଯାନ୍ତ୍ରିକ ତ୍ରୁଟି, ଏୟାର ଇଣ୍ଡିଆ ବିମାନ ଉଡ଼ାଣରେ ୭ ଘଣ୍ଟା ବିଳମ୍ବ

**ନୂଆଦିଲ୍ଲୀ,୮।୧୧:** ମୁମ୍ବାଇରୁ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆର ଏକ ଉଡ଼ାଣ ଶନିବାର ଉଡ଼ାଣ ଭରିବାର କିଛି ସମୟ ପୂର୍ବରୁ ଯାନ୍ତ୍ରିକ ତ୍ରୁଟି କାରଣରୁ ପାଖାପାଖି ସାତ ଘଣ୍ଟା ବିଳମ୍ବରେ ଚାଲିଥିଲା, ଯେଉଁଥିରେ ଛତ୍ରପତି ଶିବାଜୀ ମହାରାଜ ଅନ୍ତରାଷ୍ଟ୍ରୀୟ ବିମାନ ବନ୍ଦରରେ ଯାତ୍ରୀ ଫସି ରହିଥିଲେ। ବିମାନ ଏଆଇ ୧୨୯କୁ ଉଡ଼ାଣ-ପୂର୍ବ ଯାଞ୍ଚ ବେଳେ ବିମାନରେ ଯାନ୍ତ୍ରିକ ତ୍ରୁଟି ଜଣାପଡ଼ିବା ପରେ ଏହାର ଉଡ଼ାଣ ସ୍ଥଗିତ କରିଦିଆ ଯାଇଥିଲା। ଯାତ୍ରୀଙ୍କ ଅନୁସାରେ ପ୍ରାରମ୍ଭିକ ଘୋଷଣାରେ ୩୦ ମିନିଟ୍ ବିଳମ୍ବର ଉଲ୍ଲେଖ କରାଯାଇ ଥିଲା।

## ତ୍ରିଶୂଳ ସହ ସେନା ପ୍ରସ୍ତୁତ କରୁଛି 'ଜୟ' ଫର୍ମୁଲା

ନୂଆଦିଲ୍ଲୀ, ୮।୧୧ : ଭାରତୀୟ ସେନାର ଦକ୍ଷିଣୀ କମାଣ୍ଡ ଏକ ସ୍ୱତନ୍ତ୍ର ସାମରିକ ଅଭ୍ୟାସରେ ଲାଗି ରହିଛି। ଏହି ସେନା ଅଭ୍ୟାସର ନାଁ ତ୍ରିଶୂଳ ଦିଆଯାଇଛି। ଏହାର ଉଦ୍ଦେଶ୍ୟ ତିନି ସେନା ମଧ୍ୟରେ ପାରସ୍ପରିକ ସମନ୍ୱୟକୁ ବୃଦ୍ଧି କରାଇବା। ଏହି ସେନା ଅଭ୍ୟାସର ନାଁ ଦିଆ ଯାଇଛି ଜୟ। ଏହାର ଅର୍ଥ ଜଏଣ୍ଟନେସ୍ ଅର୍ଥାତ୍ ସଂଯୁକ୍ତତା, ଆତ୍ମନିର୍ଭରତା ଓ ଇନୋଭେସନ ଅର୍ଥାତ୍ ନବାଚାର। ଅଧିକାରୀଙ୍କ ମୁତାବିକ ଏହି ଭାରତୀୟ ସଶସ୍ତ୍ର ବାହିନୀର ପ୍ରଯୁକ୍ତିବିଦ୍ୟା - ସକ୍ଷମତା ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ ବାହିନୀର ନିର୍ମାଣର ପ୍ରତିବଦ୍ଧତାର ସ୍ପଷ୍ଟ କରିଥାଏ। ତ୍ରିଶୂଳ ଅଭ୍ୟାସ ମିଶନ ଦେଖାଏ ଯେ, ସଶସ୍ତ୍ର ବାହିନୀର ବହୁ କ୍ଷେତ୍ରୀୟ କ୍ଷମତା ବଢ଼ୁଛି। ଏହାସହ ପ୍ରତିରକ୍ଷାରେ ଆତ୍ମନିର୍ଭରତା ଉପରେ ଧ୍ୟାନ କେନ୍ଦ୍ରିତ ଅଛି। ଏହି ଅଭ୍ୟାସର ଉଦ୍ଦେଶ୍ୟ ଅନେକ କ୍ଷେତ୍ରରେ ସେଣ୍ଟ୍ରାଲାଇଜ୍ ବ୍ୟବସ୍ଥାକୁ ଦୃଢ଼ କରିବା। ଏଥିରେ ଇଲେକ୍ଟ୍ରନିକ୍ ଯୁଦ୍ଧ, ସାଇବର , ଡ୍ରୋନ୍ ଓ କାଉଣ୍ଟର-ଡ୍ରୋନ୍ ସଞ୍ଚାଳନ, ଗୁପ୍ତଚର, ନିରୀକ୍ଷଣ ଓ ପରିଚୟ ସହ ବାୟୁ ପ୍ରତିରକ୍ଷା ନିୟନ୍ତ୍ରଣ ଓ ରିପୋର୍ଟିଂ ସାମିଲ ଅଛି। ଏହି ଅଭ୍ୟାସ ସ୍ଥଳ , ସାମୁଦ୍ରିକ ଓ ବାୟୁର ମାଧ୍ୟମରେ ନିର୍ବିଘ୍ନ ସମନ୍ୱିତ ସହଯୋଗ ମାଧ୍ୟମରେ ଫିଜିକାଲ ଓ ଆଭାସି କ୍ଷେତ୍ରରେ ସମାନ ରୂପେ ପ୍ରସ୍ତୁତ କରିବା। ଡ୍ରୋନ୍ ଓ ମାନବରହିତ ସିଷ୍ଟମ ଗୁଡ଼ିକୁ ଏହି ସମାବେଶ ଭାରତର ଯୁଦ୍ଧ ନୀତିକୁ ନେଟୱର୍କ-କେନ୍ଦ୍ରିତ ଓ ଅଟୋନୋମସ ଯୁଦ୍ଧ ଦିଗରେ ଆଗକୁ ବଢାଉଛି। ଏଠାରେ ସୂଚନା, ଗତି ଓ ସଠିକତା ନିର୍ଣ୍ଣାୟକ ଭୂମିକା ବହନ କରେ। ଭବିଷ୍ୟତର ଯୁଦ୍ଧର ପ୍ରସ୍ତୁତି, ଅଭ୍ୟାସ ତ୍ରିଶୂଳରେ ସାମ୍ପ୍ରତିକ ସଂଘର୍ଷ ଓ ଅଭିଯାନ , ବିଶେଷକରି ଅପରେସନ ସିନ୍ଦୂରରୁ ମିଳିଥିବା ଅନୁଭବକୁ ଏଥିରେ ସାମିଲ କରାଯାଇଛି।

# ସେଓର ଦାମ୍ ୧୦ କୋଟି

ମୁମ୍ବାଇ,୮।୧୧: ଗୋଟିଏ ସେଓର ମୂଲ୍ୟ ୧୦ କୋଟି। ମୁମ୍ବାଇରେ ଏଭଳି ଏକ ସେଓ ପ୍ରସ୍ତୁତ ହୋଇଛି, ଯାହା ଖାଇବା ପାଇଁ ନୁହେଁ, କେବଳ ଦେଖିବା ପାଇଁ। ହୀରା ଓ ସୁନାରେ ସେଓକୁ ପ୍ରସ୍ତୁତ କରାଯାଇଛି, ଯାହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଗୋଲ୍ଡ ମ୍ୟାନ୍ ନାମରେ ଲୋକପ୍ରିୟ ରୋହିତ ପିସାଲ ଏହି ନିଆରା ସେଓକୁ ପ୍ରସ୍ତୁତ କରିଛନ୍ତି। ଅତି ସୁନ୍ଦର ଓ ନିଖୁଣ ଡିଜାଇନ୍ ମାଧ୍ୟମରେ ୧୮ କ୍ୟାରେଟ୍ ସୁନା ଓ ହୀରାରେ ସେ ଏହି ସେଓ ପ୍ରସ୍ତୁତ କରିଛନ୍ତି। ଏଥିରେ ୯ କ୍ୟାରେଟ୍ ୩୬ ସେଣ୍ଟର ମୋଟ୍ ୧୩୯୬ ଖଣ୍ଡ ହୀରା ଖଞ୍ଜାଯାଇଛି। ସୁନ୍ଦର କାରିଗରୀ ପାଇଁ ଏହା ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛି। ବିଶ୍ୱପ୍ରସିଦ୍ଧ ୱାର୍ଲ୍ଡ ଇଣ୍ଟରନ୍ୟାସ୍‌ନାଲ ଜେମୋଲଜିକାଲ ଇନ୍‌ଷ୍ଟିଚ୍ୟୁଟ୍ ଏହାକୁ ମାନ୍ୟତା ମଧ୍ୟ ଦେଇଛି। ଥାଇଲାଣ୍ଡର ରୟାଲ ପ୍ୟାଲେସ୍‌ରେ ଉକ୍ତ ସେଓଟି ଏବେ ପ୍ରଦର୍ଶିତ ହୋଇଛି, ଯେଉଁଠି ତା'ର ଚାହିଦା ଓ ଆକର୍ଷଣ ଆହୁରି ବୃଦ୍ଧି ପାଇଛି। ରୋହିତ ପିସାଲ କହିଛନ୍ତି ଯେ ଏହା କେବଳ ଏକ ଡିଜାଇନ୍ ନୁହେଁ, ବରଂ ଭାରତୀୟ ଗହଣା କଳାର ପ୍ରତୀକ।

**ଇଣ୍ଡିଆ ବୁକ୍‌ରେ ସ୍ଥାନିତ**

**ଲାଗିଛି ୧୩୯୬ ଖଣ୍ଡ ହୀରା**

### ଦୁର୍ଘଟଣା ରୋକିବାକୁ ଡିଜିଟାଲ ସମାଧାନ

# ଗୁଗଲ ମ୍ୟାପ୍-ପୁଲିସ ପକ୍ଷରୁ ହାଇଟେକ୍ ନାଭିଗେସନ୍ ଆଲର୍ଟ ଲଞ୍ଚ୍

ନୂଆଦିଲ୍ଲୀ,୮।୧୧: ଦେଶରେ ପ୍ରତିଦିନ ଦୁର୍ଘଟଣା ଘଟୁଛି। ଆଉ ଏଥିରେ ଶହ ଶହ ଲୋକଙ୍କର ଜୀବନ ଯାଉଛି। ଏହାକୁ ରୋକିବା ପାଇଁ ଗୁଗୁଲ୍ ମ୍ୟାପ୍ସ ଓ ଗୁରଗାଓଁ ପୁଲିସ ମିଳିତ ଭାବରେ ଏକ ରିଅଲ୍-ଟାଇମ୍ ଟ୍ରାଫିକ୍ ଆଲର୍ଟ ସିଷ୍ଟମ୍ ଆରମ୍ଭ କରିଛନ୍ତି, ଯାହା ଡ୍ରାଇଭରଙ୍କୁ ଦୁର୍ଘଟଣା କିମ୍ବା ବିପଦପୂର୍ଣ୍ଣ ଅଞ୍ଚଳ ନିକଟକୁ ଆସୁଥିବା ସମୟରେ ପୂର୍ବରୁ ସତର୍କ କରାଇବ।ଏହି ନୂତନ ଡିଜିଟାଲ୍ ନାଭିଗେସନ୍ ସିଷ୍ଟମ୍ ବର୍ତ୍ତମାନ ୧୨୯ କିମି ପ୍ରମୁଖ ରାସ୍ତାରେ କାର୍ଯ୍ୟକାରୀ କରାଯାଇଛି। ଦୁର୍ଘଟଣା ପ୍ରବଣ ଅଞ୍ଚଳ ନିକଟରେ ଥିବା ସମୟରେ ଏହି ସିଷ୍ଟମ୍ ଡ୍ରାଇଭରମାନଙ୍କୁ ସତର୍କ କରିବ। ଏହା ବ୍ୟତୀତ, ଏହା ସ୍କ୍ରିନରେ ଗତି ସୀମା ମଧ୍ୟ ପ୍ରଦର୍ଶନ କରିବ ଯାହା ଦ୍ୱାରା ଲୋକମାନେ ନିର୍ଦ୍ଧାରିତ ସୀମା ମଧ୍ୟରେ ଗାଡ଼ି ଚଲାଇପାରିବେ। ଗୁରଗାଓଁ ଟ୍ରାଫିକ୍ ପୁଲିସ ଡିସିପି ରାଜେଶ ମୋହନ କହିଛନ୍ତି ଯେ ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ସଡ଼କ ଦୁର୍ଘଟଣା ହ୍ରାସ କରିବା ଏବଂ ଟ୍ରାଫିକ୍ ନିୟମ ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା। ବ୍ୟସ୍ତ ରାସ୍ତାରେ ଡ୍ରାଇଭରମାନେ ଅଧିକ ଗତିରେ ଗାଡ଼ି ଚଲାଉଥିବାରୁ ପ୍ରାୟତଃ ଦୁର୍ଘଟଣା ଘଟେ। କମ୍ ଗତିରେ ଦୁର୍ଘଟଣାକୁ ଏଡ଼ାଇ ଦେଲେ ବଞ୍ଚିବାର ସମ୍ଭାବନା ଅଧିକ ଥାଏ।' ପୁଲିସ କହିଛି,ଏହି ଡିଜିଟାଲ୍ ସିଷ୍ଟମ୍ ଆସନ୍ତା ବର୍ଷ ଆରମ୍ଭ ସୁଦ୍ଧା ୨୦୦ରୁ ଅଧିକ ରାସ୍ତା ଏବଂ ପ୍ରମୁଖ ଜଙ୍କସନରେ କାର୍ଯ୍ୟକାରୀ କରାଯିବ, ଯାହାଦ୍ୱାରା ସମଗ୍ର ସହର ଏହି ହାଇ-ଟେକ୍ ଆଲର୍ଟ ନେଟୱାର୍କର ପରିସରକୁ ଆସିବ। ଗୁରଗାଓଁ ପୁଲିସ ସେହି ରାସ୍ତାଗୁଡ଼ିକୁ ଚିହ୍ନଟ କରିଛି ଯେଉଁଠାରେ ସର୍ବାଧିକ ଦୁର୍ଘଟଣା ଘଟିଆସିଛି। ଏହି ସ୍ଥାନଗୁଡ଼ିକରେ ଗୁଗଲ ମ୍ୟାପ୍‌ରେ ଭର୍ଚୁଆଲ୍ ୱାର୍ଣ୍ଣିଂ ମାର୍କର୍ ଏବେ ଦୃଶ୍ୟମାନ ହେବ, ଯାହା ଦ୍ୱାରା ଡ୍ରାଇଭରମାନେ ପୂର୍ବରୁ ସତର୍କ ରହିପାରିବେ। ତଥ୍ୟ ଅନୁଯାୟୀ, ଏହି ବିପଦପୂର୍ଣ୍ଣ ରାସ୍ତାଗୁଡ଼ିକ ହେଉଛି- ଏନ୍‌ଏଚ୍ ୪୮ (ଦିଲ୍ଲୀ-ଜୟପୁର ହାଇୱେ,) ଦ୍ୱାରକା ଏକ୍ସପ୍ରେସୱେ, ସୋହନା ରୋଡ୍ ଏବଂ ଗଲ୍ଫ କୋର୍ସ ଏକ୍ସଟେନ୍ସନ୍ ରୋଡ୍। ଏହି ଅଞ୍ଚଳଗୁଡିକୁ ଆଗାମୀ ସପ୍ତାନରେ 'ଆକ୍ସିଡେଣ୍ଟ ଆଲର୍ଟ ଜୋନ୍' ଆକ୍ଟିଭ ହୋଇଯିବ।



# ମାଲିରେ ୫ ଭାରତୀୟ ଅପହୃତ

ବାମାକୋ,୮।୧୧: ମାଲିରେ ୫ ଜଣ ଭାରତୀୟ ନାଗରିକଙ୍କୁ ଅପହରଣ କରାଯାଇଛି। ମାଲିର ଏକ ସୁରକ୍ଷା ସଂସ୍ଥା ଏବଂ ଅପହୃତ ବ୍ୟକ୍ତି କମ୍ପାନୀର ପ୍ରତିନିଧିମାନେ ଫରାସୀ ସମାଚାର ଏଜେନ୍ସି ଏଏଫପିକୁ ଏହି ସୂଚନା ଦେଇଛନ୍ତି। ଏଏଫପି ରିପୋର୍ଟ ଅନୁଯାୟୀ, ଏହି ସମସ୍ତ ଭାରତୀୟ କୌବି ଅଞ୍ଚଳରେ କାମ କରୁଥିଲେ। ସମସ୍ତେ ଏକ ବିଦ୍ୟୁତ୍ ପ୍ରକଳ୍ପରେ କାମ କରୁଥିଲେ। କମ୍ପାନୀର ଜଣେ ମୁଖପାତ୍ର ୫ ଜଣ ଭାରତୀୟ ଇଞ୍ଜିନିୟରଙ୍କ ଅପହରଣର ନିଶ୍ଚିତ କରିଛନ୍ତି ଏବଂ କହିଛନ୍ତି ଯେ, ଅବଶିଷ୍ଟ ଭାରତୀୟ କର୍ମଚାରୀଙ୍କୁ ତୁରନ୍ତ ରାଜଧାନୀ ବାମାକୋକୁ ସ୍ଥାନାନ୍ତର କରାଯାଇଛି। ଯଦିଓ ଅପହରଣ ପାଇଁ ଏପର୍ଯ୍ୟନ୍ତ କୌଣସି ଆତଙ୍କବାଦୀ ସଂଗଠନ ଦାୟିତ୍ୱ ନେଇନାହିଁ, ତଥାପି ଏ ଅପହରଣ ପଛରେ ଅଲ୍-କାଏଦା ସହିତ ଜଡ଼ିତ ଆତଙ୍କବାଦୀମାନେ ସାମିଲ ଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ମାଲିରେ ବର୍ତ୍ତମାନ ଏକ ସାମରିକ ଜୁଣ୍ଟା ଶାସନ ଚାଲିଛି, ଯାହା ଗତ କିଛି ବର୍ଷ ଧରି ଅନେକ ବିଦ୍ରୋହ ପରେ କ୍ଷମତା ନିୟନ୍ତ୍ରଣ କରିଛି।



## ଅଲ୍‌କାଏଦା ଓ ଆଇଏସ୍‌ଆଇଏସ୍ ସମ୍ପୃକ୍ତି ସନ୍ଦେହ

ସୂଚନାଯୋଗ୍ୟ ଯେ ଅଲ-କାଏଦା ଏବଂ ଇସଲାମିକ୍ ଷ୍ଟେଟ୍ ସହ ଜଡ଼ିତ ଆତଙ୍କବାଦୀ ଗୋଷ୍ଠୀଗୁଡ଼ିକ ଦୀର୍ଘ ଦିନ ଧରି ମାଲିରେ ଆକ୍ରମଣ କରିଆସୁଛନ୍ତି। ସମଗ୍ର ଦେଶ ହିଂସାରେ ଜଡ଼ିତ। ଏହି ଆତଙ୍କବାଦୀ ସଂଗଠନଗୁଡ଼ିକର କାର୍ଯ୍ୟକଳାପ ଏବେ ଧିରେ ଧିରେ ଦେଶର ପଶ୍ଚିମ ଏବଂ ଦକ୍ଷିଣ ଭାଗକୁ ବ୍ୟାପିଛି। ବିଶେଷକରି ଅଲ୍-କାଏଦା ସହିତ ଜଡିତ ଗ୍ରୁପ୍ ଫର୍ ଦି ସପୋର୍ଟ ଅଫ୍ ଇସଲାମ ଆଣ୍ଡ ମୁସଲିମ୍ସ ଗତ କିଛି ମାସ ମଧ୍ୟରେ ମାଲିର ଅନେକ ସ୍ଥାନରେ ଇନ୍ଧନ ଅବରୋଧ କରିଛି। ଟଙ୍କା ଆଦାୟ କରିବା ପାଇଁ ଲୋକଙ୍କୁ ବିଶେଷକରି ବିଦେଶୀମାନଙ୍କୁ ଅପହରଣ କରିବା ଆରମ୍ଭ କରିଛି। ଏନେଇ ସୁରକ୍ଷା ସୂତ୍ର ପକ୍ଷରୁ କୁହାଯାଇଛି ଯେ ଏହି ଅଞ୍ଚଳରେ ବିଦେଶୀ ନାଗରିକଙ୍କ ଅପହରଣ ନୂଆ ନୁହେଁ। ୨୦୧୨ରୁ ମାଲି ନିରନ୍ତର ଅସ୍ଥିରତା ଏବଂ ଆତଙ୍କବାଦ ଦ୍ୱାରା କବଳିତ ହୋଇଛି। ଜିହାଦୀ ଗୋଷ୍ଠୀଗୁଡ଼ିକ ପ୍ରାୟତଃ ରାଜନୈତିକ ଚାପ ପାଇଁ ବିଦେଶୀ ଇଞ୍ଜିନିୟର ଏବଂ କର୍ମଚାରୀଙ୍କୁ ଟାର୍ଗେଟ୍ କରୁଛନ୍ତି। ସେପ୍ଟେମ୍ବରରେ, ଜେଏନ୍‌ଆଇଏମ୍ ଆତଙ୍କବାଦୀମାନେ ୨ ଜଣ ଏମିରେଟ୍ସ ନାଗରିକ ଏବଂ ଜଣେ ଇରାନୀ ଇଞ୍ଜିନିୟରଙ୍କୁ ଅପହରଣ କରିଥିଲେ। ଅତି କମରେ ୫୦ ମିଲିୟନ ଡଲାର ଦେବା ପରେ ସେମାନଙ୍କୁ ଗତ ସପ୍ତାହରେ ମୁକ୍ତ କରାଯାଇଥିଲା। ଏହି ଘଟଣାଗୁଡ଼ିକ ମାଲିରେ କାର୍ଯ୍ୟ କରୁଥିବା ବିଦେଶୀ କମ୍ପାନୀଗୁଡ଼ିକ ମଧ୍ୟରେ ସେମାନଙ୍କ କର୍ମଚାରୀଙ୍କ ସୁରକ୍ଷା ନେଇ ଚିନ୍ତା ସୃଷ୍ଟି କରିଛି।

## ପାକ୍-ଆଫଗାନ୍ ଶାନ୍ତି ବାର୍ତ୍ତାରେ ବାହାରିଲାନି ନିଷ୍କର୍ଷ

କାବୁଲ୍,୮।୧୧: ଆଫଗାନିସ୍ତାନ ଓ ପାକିସ୍ତାନ ଭିତରେ ଶାନ୍ତି ବାର୍ତ୍ତା ପୁଣିଥରେ ଫଳଶୂନ୍ୟ ହୋଇଛି। ଦୁଇ ଦେଶ ଭିତରେ ତୃତୀୟ ସ୍ତରୀୟ ଶାନ୍ତି ବାର୍ତ୍ତା ତୁର୍କୀ ଓ କତରର ମଧ୍ୟସ୍ଥତାରେ ଇସ୍ତାନବୁଲରେ ଚାଲିଥିଲା। ପାକିସ୍ତାନର କହିବା ଅନୁସାରେ, ଆତଙ୍କବାଦ ପ୍ରସଙ୍ଗରେ କୌଣସି ବୁଝାମଣା କରିବନି। ତେବେ ଆଫଗାନିସ୍ତାନ ତା'ଠାରୁ



ତେହେରିକ୍-ଇ-ତାଲିବାନ ଉପରେ ଲଗାମ ଲଗାଇବା ନେଇ କୌଣସି ଲିଖିତ ପ୍ରତିଶ୍ରୁତି ଦେଇନାହିଁ।ଆଫଗାନିସ୍ତାନର କହିବା ଅନୁସାରେ,ସେ ନିଜ ମାଟିର ବ୍ୟବହାର ଆତଙ୍କବାଦ ପାଇଁ କରିବନି। ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ କହିଛନ୍ତି ଯେ ଦୁଇ ଦେଶ ଭିତ ରେ ଆଲୋଚନା ଶେଷ ହୋଇଛି। ଚତୁର୍ଥ ପର୍ଯ୍ୟାୟର ଆଲୋଚନା ପାଇଁ କୌଣସି ପ୍ରକାର ଯୋଜନା ନାହିଁ। ଉଲ୍ଲେଖନୀୟ ଯେ ଗତ ଗୁରୁବାର ଦୁଇ ଦେଶ ଭିତରେ ଦ୍ୱିପାକ୍ଷିକ ଆଲୋଚନା ଆରମ୍ଭ ହୋଇଥିଲା। ଏହି ଆଲୋଚନାରେ ଆଫଗାନିସ୍ତାନ ଲିଖିତ ଭାବେ ତେହେରିକ୍-ଇ-ତାଲିବାନ ପାକିସ୍ତାନ ଟିଟିପି ବିରୋଧରେ ଆକ୍ସନ ନେବାକୁ ଲିଖିତ ଭାବେ ଦେଉ ବୋଲି ପାକିସ୍ତାନ ଚାହୁଁଥିଲା। ତେବେ ଖ୍ୱାଜା ଆସିଫ୍ ତୁର୍କୀ ଓ କତାରକୁ ମଧ୍ୟସ୍ଥତା ଓ ବିବାଦକୁ କମ୍ କରିବା ପାଇଁ ଧନ୍ୟବାଦ ଦେଇଛନ୍ତି। ସେ କହିଛନ୍ତି ଯେ ଆଫଗାନିସ୍ତାନ ତା'ର କଥା ମାନିବାକୁ ପ୍ରସ୍ତୁତ ଥିଲା, କିନ୍ତୁ ଲିଖିତ ଭାବେ ବୁଝାମଣା କରିବାକୁ ପ୍ରସ୍ତୁତ ହୋଇନାହିଁ। ମଧ୍ୟସ୍ଥତା କରୁଥିବା ଦେଶ ନିଜ ପକ୍ଷରୁ ସବୁପ୍ରକାର ଚେଷ୍ଟା କରିଥିଲେ ମଧ୍ୟ ଏଥିରେ ସେମାନଙ୍କୁ ସଫଳତା ମିଳିପାରିନାହିଁ। ଯଦି ମଧ୍ୟସ୍ଥିତମାନେ ଆଶାବାଦୀ, ତା'ହେଲେ ଏହା ନିଶ୍ଚିତ ଭାବେ ପାକିସ୍ତାନକୁ ଅଟକିବାକୁ କହିଥାନ୍ତେ। ଏହାଦ୍ୱାରା ଆଲୋଚନାରୁ ଆମକୁ ଖାଲି ହାତରେ ଲେଉଟିବାକୁ ପଡିନଥାନ୍ତା। ଏଥିରୁ ଜଣାପଡୁଛି ଯେ କାବୁଲରୁ ସେମାନେ ନିରାଶ ହୋଇଛନ୍ତି।

# ନୋବେଲ ବିଜେତା ଜେମ୍ସ ୱାଟସନ୍‌ଙ୍କ ପରଲୋକ

ୱାଶିଂଟନ୍,୮।୧୧: ଡିଏନ୍‌ଏ ଗଠନର ସନ୍ଧାନ କରିଥିବା ଆମେରିକୀୟ ବୈଜ୍ଞାନିକ ଜେମ୍ସ ୱାଟସନ୍‌ଙ୍କର ୯୭ ବର୍ଷ ବୟସରେ ପରଲୋକ ହୋଇଛି। ଡିଏନ୍‌ଏର ସନ୍ଧାନ ଫେଡରିକ୍ ମିଶର ୧୮୬୯ରେ କରିଥିଲେ, କିନ୍ତୁ ଏହା କିଭଳି ଗଠନ ହୁଏ, ସେନେଇ କିଛି ବି ଜାଣିପାରିନଥିଲେ। ଏହାପରେ ୧୯୫୩ରେ ୱାଟସନ୍ ଫ୍ରାନ୍ସିସ କ୍ରିକ୍‌ଙ୍କ ସହ ମିଶି ଡିଏନ୍‌ଏର 'ଡବଲ ହେଲିକ୍ସ' ଗଠନର ସନ୍ଧାନ କରିଥିଲେ। ଏଥିପାଇଁ ତାଙ୍କୁ ନୋବେଲ ପୁରସ୍କାର ମିଳିଥିଲା। ୱାଟସନ୍ ନିଜର ଏହି ସନ୍ଧାନ ସହ ମେଡିକାଲ ସାଇନ୍ସରେ ଏକ ନୂଆ ରାସ୍ତା ଖୋଲିବାରେ ସକ୍ଷମ ହୋଇଥିଲେ। ସବୁଠାରୁ ବଡ଼ କଥା ହେଲା, ସେତେବେଳକୁ ତାଙ୍କୁ ମାତ୍ର ୨୪ ବର୍ଷ ବୟସ ହୋଇଥିଲା। ରିପୋର୍ଟ ଅନୁସାରେ, ଜେମ୍ସ ଡିଏନଏର ସରଞ୍ଚନା ନେଇ ପ୍ରଥମ ପ୍ରତିକ୍ରିୟା ଦେଇ କହିଥିଲେ ଯେ ଏହା ଖୁବ୍ ସୁନ୍ଦର। ୱାଟସନ୍‌ଙ୍କୁ ତାଙ୍କ ସହଯୋଗୀ କ୍ରିକ୍ ଓ ବୈଜ୍ଞାନିକ ମୋରେସ୍ ୱିଲିଙ୍କିନ୍ସଙ୍କ ସହ ୧୯୬୨ରେ ନୋବେଲ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ପୂର୍ବରୁ ୨୦୦୪ରେ ତାଙ୍କର ଏହି ଦୁଇ ସହଯୋଗୀ ପରଲୋକ ଗମନ କରିସାରିଛନ୍ତି। ୱାଟ୍‌ସନ୍‌ଙ୍କୁ ରୋଜାଲିଣ୍ଡ ଫ୍ରାଙ୍କଲିନ୍ ଓ ତାଙ୍କ ଛାତ୍ର ରେମଣ୍ଡ ଗୋସଲିଂଙ୍କ ଏକ୍ସ-ରେ ଗବେଷଣାରୁ ଯଥେଷ୍ଟ ସାହାଯ୍ୟ ମିଳିଥିଲା। ପରେ ଫ୍ରାଙ୍କଲିନଙ୍କ ପୁସ୍ତକ 'ଦି ଡବଲ୍ ହେଲିକ୍ସ' ପ୍ରକାଶିତ ହୋଇଥିଲା, ଯେଉଁଥିରେ ୱାଟନ୍‌ଙ୍କୁ କଡ଼ା ସମାଲୋଚନା କରାଯାଇଥିଲା। ଫ୍ରାଙ୍କଲିନ୍ ଜଣେ ପ୍ରସିଦ୍ଧ ମହିଳା ବୈଜ୍ଞାନିକ ଥିଲେ ଓ ତାଙ୍କର ମୃତ୍ୟୁ ୧୯୫୮ରେ ହୋଇଥିଲା। ୱାଟସନ୍‌ଙ୍କ ଜନ୍ମ ଚିକାଗୋରେ ହୋଇଥିଲା ଓ ନିଜ କ୍ୟାରିୟରରେ ସେ ଖୁବ୍ ନାଁ କମାଇଥିଲେ। ତେବେ କିଛି ମାମଲାରେ ତାଙ୍କୁ ଖୁବ୍ ସମାଲୋଚନା କରାଯାଇଥିଲା। ପ୍ରଜାତି ଓ ଲିଙ୍ଗ ସଂକ୍ରାନ୍ତରେ ସେ ଦେଇଥିବା ବୟାନ ଏହି ବିବାଦକୁ ଜନ୍ମ ଦେଇଥିଲା। ଏକ ଟିଭି କାର୍ଯ୍ୟକ୍ରମରେ ସେ ଏହି ବିବାଦୀୟ ମନ୍ତବ୍ୟ ଦେଇଥିଲେ। ସେ କହିଥିଲେ ଯେ ଜିନ୍ କଳା ଓ ଗୋରା ଲୋକଙ୍କ ଆଇକ୍ୟୁ ପରୀକ୍ଷଣରେ ଅନ୍ତର କାରଣରୁ ହୋଇପାରେ। ୨୦୦୭ରେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର କାଭେଣ୍ଡିସ୍ ଲ୍ୟାବ୍‌ରେ କାମ କରୁଥିବା ସହ ୱାଟ୍‌ସନ୍ 'ଦି ଟାଇମ୍ସ' ଖବରକାଗଜକୁ କହିଥିଲେ, 'ଆଫ୍ରିକାର ଭବିଷ୍ୟତ ବିଷୟରେ ନିରାଶାବାଦୀ' କାରଣ 'ଆମର ସମସ୍ତ ନୀତି ଏହି ଧାରଣା ଉପରେ ଆଧାରିତ ଯେ ଆଫ୍ରିକୀୟଙ୍କର ଆମ ପରି ସମାନ ବୁଦ୍ଧି ଅଛି - ଯେତେବେଳେ ପରୀକ୍ଷା କରାଯାଏ ତାହା ଅଲଗା ଦେଖାଏ।' ତାଙ୍କର ବିବୃତ୍ତି ପରେ ତାଙ୍କୁ ନ୍ୟୁୟର୍କର କୋଲ୍ଡ ସ୍ପ୍ରିଙ୍ଗ ହାର୍ବର ଲ୍ୟାବ୍‌ର ଚାନ୍ସେଲର ପଦରୁ ବାହାର କରିଦିଆଯାଇଥିଲା। ବିବାଦ ପରେ ୨୦୧୪ରେ ସେ ନିଜର ନୋବେଲ ପୁରସ୍କାର ଓ ଗୋଲ୍ଡ ମେଡାଲରକୁ ନିଲାମୀରେ ୪.୮ ମିଲିୟନ ଡଲାରରେ ବିକ୍ରି କରିଦେଇଥିଲେ। ପ୍ରଜାତି ଉପରେ ନିଜର ବୟାନ ପରେ ଅନ୍ୟ ବୈଜ୍ଞାନିକଙ୍କ ସହ ତାଙ୍କର ସମ୍ପର୍କ ଖରାପ ହୋଇଯାଇଥିବା କାରଣରୁ ସେ ଏପରି ନିଷ୍ପତ୍ତି ନେଇଥିବା ୱାଟ୍‌ଓନ୍ ସ୍ପଷ୍ଟ କରିଥିଲେ।



ଡିଏନ୍‌ଏ ଗଠନର କରିଥିଲେ ସନ୍ଧାନ

# ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ହତ୍ୟା କଲା ସ୍ତ୍ରୀ

ଲକ୍ଷ୍ନୌ,୮।୧୧: ଉତ୍ତର ପ୍ରଦେଶର ମେରଠରୁ ଆଉ ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି। ସହରରେ ମୁସ୍କାନ ରସ୍ତୋଗୀ ପରି ଘଟଣାର ପୁନରାବୃତ୍ତି ଘଟିଛି। କାଜଲ ନାମକ ଜଣେ ମହିଳା ତା'ର ପ୍ରେମିକ ଆକାଶ ସହ ମିଶି ସ୍ୱାମୀ ଅନିଲଙ୍କୁ ହତ୍ୟା କରିଛି। ଉଭୟ ଅନୀଲଙ୍କୁ ନିଶା ଦେଇ ହତ୍ୟା କରିବା ପରେ ତାଙ୍କ ମୃତଦେହକୁ ଏକ ନାଳରେ ଫିଙ୍ଗିଦେଇଛନ୍ତି। ଏବେ ଏହି ଘଟଣା ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

ମିଳିଥିବା ସୂଚନାନୁସାରେ, ରୋହଟା ପୁଲିସ ଷ୍ଟେସନ ଅଞ୍ଚଳର ବାସିନ୍ଦା ଅନିଲ ଗତ ଦୁଇ ସପ୍ତାହ ହେଲା ନିଖୋଜ ଥିଲେ। ପୁଲିସ ତଦନ୍ତ କରିବା ପରେ ଚମକାଇଦେବା ଭଳି ତଥ୍ୟ ସାମ୍ନାକୁ ଆସିଥିଲା। ଅନିଲଙ୍କ ପତ୍ନୀ କାଜଲ ଓ ତା'ର ପ୍ରେମିକ ଆକାଶ ତାଙ୍କୁ ହତ୍ୟା କରିବା ସକାଶେ ଷଡ଼ଯନ୍ତ୍ର ରଚିଥିଲେ, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଦେଇଥିଲା। ଏହି ଖେଳରେ ଜଣେ ବ୍ୟକ୍ତିଙ୍କ ବିଶ୍ୱାସ, ଜଣେ ସ୍ୱାମୀଙ୍କ ପ୍ରେମ ବାଜିରେ ଲାଗିଥିଲା। ଗତ ୨୫ ତାରିଖ ରାତିରେ କାଜଲ ହସି ହସି ଅନିଲଙ୍କୁ ତାଙ୍କ ରାତ୍ରିଭୋଜନ ପରସିଥିଲା। କିନ୍ତୁ ସେଥିରେ ନିଶା ଔଷଧ ମିଶାଇ ଦେଇଥିଲା ସେ। ଫଳରେ ଉକ୍ତ ଖାଦ୍ୟ ଖାଇବା ପରେ ଅନିଲ ଅଚେତ ହୋଇ ପଡ଼ିଥିଲେ। ରାତିର ଅନ୍ଧାରରେ ଆକାଶ ତା'ର ଜଣେ ବନ୍ଧୁ ବାଦଲ ସାହାଯ୍ୟ କରିବା ସକାଶେ ସେଠାରେ ପହଞ୍ଚିଥିଲା। କାଜଲ, ଆକାଶ ଓ ତା'ର ସାଙ୍ଗ ମିଶି ଅଚେତ ହୋଇପଡ଼ିଥିବା ଅନିଲଙ୍କୁ ଏକ ବାଇକରେ ବାନ୍ଧି ନିକଟସ୍ଥ ଗଙ୍ଗ ନାଳ ନିକଟରେ ପହଞ୍ଚିଥିଲେ। ସେଠାରେ ସେମାନେ କାଜଲଙ୍କ ସ୍କାର୍ଫରେ ଅନିଲଙ୍କ ଗଳାକୁ ବାନ୍ଧି ନାଳରେ ଫିଙ୍ଗିଦେଇଥିଲେ। ଅନିଲ ନିଖୋଜ ମାମଲାର ତଦନ୍ତ ସମୟରେ ପୁଲିସ ସନ୍ଦେହରେ କାଜଲ ଓ ଆକାଶକୁ ପଚରାଉଚରା କରିବା ପରେ ଏପରି ଏକ ଷଡ଼ଯନ୍ତ୍ରର ପର୍ଦ୍ଦାଫାସ ହୋଇଛି। ପୁଲିସ ଏସପି (ଗ୍ରାମୀଣ) ଅଭିଜିତ ସିଂହ ସମ୍ପୂର୍ଣ୍ଣ ହତ୍ୟା ମାମଲା ସମ୍ପର୍କରେ ସବିଶେଷ ସୂଚନା ଦେଇଛନ୍ତି। ଏହି ମାମଲାରେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏନେଇ ଅଧିକ ସୂଚନା ହାସଲ କରିବା ସକାଶେ ପୁଲିସ୍ ଅଧିକ ତଦନ୍ତ କରୁଛି।

**ମୃତଦେହକୁ ନାଳରେ ଫିଙ୍ଗିଦେଲେ**

**ଗିରଫ ହୋଇଛନ୍ତି ତିନି ଜଣଯାକ ଅଭିଯୁକ୍ତ**

### ୧୦୫ ନକଲି କମ୍ପାନୀ ଜରିଆରେ ହେଉଥିଲା ଜିଏସଟି ଠକେଇ

# ଜିଏସଟି ଗୁଇନ୍ଦା ବିଭାଗ ପଞ୍ଝାରେ ମୁଖ୍ୟ ଅଭିଯୁକ୍ତ

ମୁମ୍ବାଇ,୮।୧୧: ୩୨୫ କୋଟି ଟଙ୍କାର ଜିଏସଟି ଠକେଇ ଅଭିଯୋଗ ଆସିଛି। ମୁମ୍ବାଇରୁ ମୁଖ୍ୟ ଅଭିଯୁକ୍ତକୁ ଗିରଫ କଲା କେନ୍ଦ୍ରୀୟ ଜିଏସଟି ଗୁଇନ୍ଦା ବିଭାଗ। ଗିରଫ ଅଭିଯୁକ୍ତ ନୀଲେଶ ଯୋଗେଶ ଜିଗୱାଲା ପେସାରେ ଜଣେ ଚାର୍ଟର୍ଡ ଆକାଉଣ୍ଟାଣ୍ଟ ହୋଇଥିବା ସୂଚନା ମିଳିଛି। ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଏଜେଣ୍ଟ ରଖି ଛୋଟ ଛୋଟ ବ୍ୟବସାୟୀଙ୍କୁ କରୁଥିଲା ଟାର୍ଗେଟ୍। ସେ ଓଡ଼ିଶାର ଛୋଟ ଛୋଟ ବ୍ୟବସାୟୀଙ୍କ ଜିଏସଟି ନମ୍ବର ବ୍ୟବହାର କରି କାଗଜପତ୍ର ଜାଲିଆତି କରି ମୁମ୍ବାଇର ବଡ଼ ବଡ଼ କମ୍ପାନୀକୁ ଇନପୁଟ ଦେବାରେ ନୀଲେଶ ସହଯୋଗ କରୁଥିବା ନେଇ ଅଭିଯୋଗ ହୋଇଛି।

୧୦୫ଟି ଭୂତ କମ୍ପାନୀ କରି କୋଟି କୋଟି ଟଙ୍କା ହାତେଇଥିବା ତଦନ୍ତରୁ ଜଣାପଡ଼ିଛି। ମୁମ୍ବାଇସ୍ଥିତ



ନୀଲେଶର ବାସଭବନ ଓ ଅନ୍ୟାନ୍ୟ କେତେକ ସ୍ଥାନରେ ଚଢ଼ାଉ କରି ଶେଷରେ ତାକୁ ଗିରଫ କରିଛି କେନ୍ଦ୍ରୀୟ ଜିଏସଟିର ଗୁଇନ୍ଦା ବିଭାଗ। ପୂର୍ବରୁ ଏହି ଠକେଇ ଘଟଣାରେ ନୀଲେଶର ଜଣେ ମହିଳା ସହଯୋଗୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା କେନ୍ଦ୍ରୀୟ ଜିଏସଟି ଗୁଇନ୍ଦା ବିଭାଗ। ତଦନ୍ତ ବେଳେ ଜଣାପଡ଼ିଛି ଯେ, ବର୍ଷବର୍ଷ ହେବ ନୀଲେଶ୍ ଓଡ଼ିଶାରେ ନିଜର ଜିଏସ୍‌ଟି ଠକେଇ ରାକେଟ୍ ଚଳାଇଥିଲା। ଏଥିପାଇଁ ସେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ କିଛି ଏଜେଣ୍ଟ ରଖିଥିଲା। ସେମାନେ ଜିଏସ୍‌ଟି ନମ୍ବର ଥିବା ଛୋଟ ବ୍ୟବସାୟୀଙ୍କ ଉପରେ ନଜର ରଖିଥିଲେ। ବ୍ୟବସାୟୀ କ୍ଷତି ସହିବା ପରେ ସେମାନଙ୍କର ଜିଏସ୍‌ଟି ନମ୍ବରକୁ ସରେଣ୍ଡର କରୁଥିଲେ। ହେଲେ ସରେଣ୍ଡର କରିବା ପୂର୍ବରୁ ଏଜେଣ୍ଟମାନେ କ୍ଷତି ସହୁଥିବା ବ୍ୟବସାୟୀଙ୍କ ନିକଟରେ ପହଞ୍ଚି ଜିଏସ୍‌ଟି ନମ୍ବରକୁ ସରେଣ୍ଡର ନକରିବା ପାଇଁ କିଛି ଅର୍ଥ ଦେଇ ଚାଲୁ ରଖିବାକୁ କହୁଥିଲେ। ଯେଉଁମାନେ ରାଜି ହେଉ ନଥିଲେ ସେମାନଙ୍କୁ ଏକକାଳୀନ ଟଙ୍କା ଦେଇ ନମ୍ବର କିଣି ନେଉଥିଲେ।

ଏହାପରେ ସେହିସବୁ ଜିଏସ୍‌ଟି ନମ୍ବରକୁ ବ୍ୟବହାର କରି କାଗଜପତ୍ର ଜାଲିଆତି କରି ମୁମ୍ବାଇରେ ବଡ଼ ବଡ଼ ସଂସ୍ଥାକୁ ଇନ୍‌ପୁଟ ନେବାରେ ସହଯୋଗ କରୁଥିଲେ। ଏହି ବାବଦକୁ ମୋଟା ଅଙ୍କର ଅର୍ଥ ରୋଜଗାର କରୁଥିଲେ। ଏଜେଣ୍ଟଙ୍କୁ ବି କମିସନ ମିଳୁଥିଲା। ହେଲେ ନୀଲେଶ୍‌ର ଏହି ର୍‍ୟାକେଟ୍ ଉପରେ ଜିଏସ୍‌ଟି ଗୁଇନ୍ଦା ବିଭାଗର ନଜର ପଡ଼ିଥିଲା। ଗତ ୨ମାସ ହେବ ଜିଏସ୍‌ଟି ଗୁଇନ୍ଦା ବିଭାଗ ନୀଲେଶ୍‌ର ପ୍ରତିଟି କାରବାର ଉପରେ ନଜର ରଖିଥିଲା। ତାର ଠିକଣା ଠାବ ପରେ ଜିଏସ୍‌ଟି ଗୁଇନ୍ଦା ଟିମ୍ ମୁମ୍ବାଇସ୍ଥିତ ନୀଲେଶ୍‌ର ଘର ଉପରେ ଚଢ଼ାଉ କରି ତାକୁ ଗିରଫ କରିଥିଲା। ଜେରା ବେଳେ ଜଣାପଡ଼ିଥିଲା ଯେ ସେ ଏମିତି ୧୦୫ ସଂସ୍ଥା ନାଁରେ ଜାଲିଆତି କରି ୩୨୫ କୋଟି ଟଙ୍କାର ଜିଏସ୍‌ଟି ଇନ୍‌ପୁଟ୍ ହାତେଇଥିଲା।

## ବର୍ଷାରେ ଧୋଇଗଲା ଅନ୍ତିମ ଟି-୨୦

# ୨-୧ରେ ସିରିଜ୍ ଜିତିଲା ଭାରତ

- ଦିନିକିଆ ସିରିଜ୍ ପରାଜୟର ପ୍ରତିଶୋଧ
- ଅଭିଷେକ ପ୍ଲେୟର୍ ଅଫ୍ ଦି ମ୍ୟାଚ୍

ଗାବା,୮।୧୧(ସଂଚାର ବ୍ୟୁରୋ): ଦିନିକିଆ ସିରିଜ୍‌ରେ ଭାରତ ଅଷ୍ଟ୍ରେଲିଆଠାରୁ ୨-୧ରେ ପରାସ୍ତ ହୋଇଥିଲେ ହେଁ ଆଜି ଟି-୨୦ ସିରିଜ୍‌ରେ ଏହାର ପ୍ରତିଶୋଧ ନେଇଛି। ଦଳ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌କୁ ୨-୧ରେ ଜିତିନେଇଛି। ପୂର୍ବରୁ ଦଳ ୨-୧ରେ ଅଗ୍ରଣୀ ଥିବା ବେଳେ ଆଜି ଏଠାରେ ଅନ୍ତିମ ମ୍ୟାଚ୍ ଖେଳାଯିବାର ଥିଲା। କିନ୍ତୁ ବର୍ଷା ଓ ବିଜୁଳି ଯୋଗୁଁ ଏହି ମ୍ୟାଚ୍‌ଟି ପୂରା ହୋଇପାରିନଥିଲା। ତେଣୁ ଭାରତ ସିରିଜ୍‌କୁ ୨-୧ରେ ହାତେଇ ନେଇଛି।

ଆଜି ସକାଳେ ପ୍ରଥମେ ବ୍ୟାଟିଂ କରିବାର ସୁଯୋଗ ପାଇ ଭାରତ ୪.୫ ଓଭରରେ ବିନା କୌଣସି କ୍ଷତିରେ ୫୨ ରନ୍ କରିଥିଲା। ତେବେ ଏହି ସମୟରେ ଭୀଷଣ ଜୋର୍‌ରେ ବିଜୁଳି ମାରିବାରୁ ଅମ୍ପାୟାର୍ ଖେଳାଳିଙ୍କୁ ପଡ଼ିଆ ଛାଡ଼ିବାକୁ କହିଥିଲେ। ଏହାପରେ ବର୍ଷା ହେବାରୁ ଆଉ ଖେଳ ସମ୍ଭବପର ହୋଇପାରିନଥିଲା। ଫଳତଃ ମ୍ୟାଚ୍‌କୁ ବାତିଲ୍ ଘୋଷଣା କରାଯାଇଥିଲା। ଏହା ପୂର୍ବରୁ ଭାରତ ପକ୍ଷରୁ ଦୁଇ ଓପନର ଅଭିଷେକ ଶର୍ମା ଓ ଶୁବମାନ ଗିଲ୍ ଦମ୍‌ଦାର ବ୍ୟାଟିଂ କରି ଯଥାକ୍ରମେ ୨୩ ଓ ୨୯ ରନ୍‌ରେ ଅପରାଜିତ ଥିଲେ। ଉଭୟ ଖେଳାଳି ଅଷ୍ଟ୍ରେଲୀୟ ବୋଲର୍‌ଙ୍କୁ ପ୍ରହାର କରି ଦ୍ରୁତ ଗତିରେ ରନ୍ ସଂଗ୍ରହ କରିଥିଲେ। ଅବଶ୍ୟ ୨୩ ରନ୍ ମଧ୍ୟରେ ଅଭିଷେକଙ୍କୁ ଦୁଇଟି ଜୀବନଦାନ ମିଳିଥିଲା। ସେ ଗୋଟିଏ ଲେଖାଏଁ ଚୌକା ଓ ଛକା ଲଗାଇଥିବା ବେଳେ ଗିଲ୍ ୬ଟି ଚୌକା ମାରିଥିଲେ। ଇତିମଧ୍ୟରେ ଅଭିଷେକ ତାଙ୍କ ଟି-୨୦ କ୍ୟାରିଅର୍‌ରେ ହଜାରେ ରନ୍ ପୂରଣ କରିଥିଲେ। ଏ କ୍ଷେତ୍ରରେ ବିରାଟ କୋହଲିଙ୍କ ପରେ ଦ୍ୱିତୀୟ ଦ୍ରୁତତମ ସାବ୍ୟସ୍ତ ହୋଇଥିଲେ। କିନ୍ତୁ ସବୁଠାରୁ କମ୍ ବଲ୍ ଖେଳି ହଜାରେ ରନ୍ ପୂରଣ କରିବାରେ ସେ ଭାରତର ଦ୍ରୁତତମ ବ୍ୟାଟ୍ସମ୍ୟାନ୍ ହୋଇଥିଲେ। ଏଥିରେ ସେ ତାଙ୍କ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କୁ ପଛରେ ପକାଇ ଦେଇଥିଲେ। ଚମତ୍କାର ବ୍ୟାଟିଂ ପାଇଁ ଅଭିଷେକ ପ୍ଲେୟର୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ।




# ଏମ୍ସ ଭୁବନେଶ୍ୱର ୩ୟ ବାର୍ଷିକ ଅନୁସନ୍ଧାନ ଦିବସ



ଭୁବନେଶ୍ୱର,୮।୧୧(ସଂଚାର ବ୍ୟୁରୋ): ଚିକିତ୍ସା ବିଜ୍ଞାନ, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟରତ କିମ୍ବା ଏହି କ୍ଷେତ୍ରରେ ଉଦ୍ୟୋଗ ବିକାଶ ଦିଗରେ ଆଗ୍ରହୀ ନବସୃଜନ ଷ୍ଟାର୍ଟଅପ୍ ସଂସ୍ଥାଙ୍କୁ ଏକ ବିସ୍ତୃତ କ୍ଷେତ୍ର ପ୍ରଦାନ କରିବ ଏମ୍ସ ଭୁବନେଶ୍ୱର। ରାଜ୍ୟରେ ପ୍ରଥମ କରି ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ନବସୃଜନ-ଚାଳିତ ସ୍ୱାସ୍ଥ୍ୟସେବା ସମାଧାନ ପାଇଁ ଚିକିତ୍ସା ଗବେଷଣା, ଜୀବବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାକୁ ସମନ୍ୱିତ କରିବା ପାଇଁ ଏକ କମ୍ପାକ୍ଟ ପ୍ଲାଟଫର୍ମ ପ୍ରତିଷ୍ଠା କରିଛି। ଏହି ପ୍ରୟାସର ଲକ୍ଷ୍ୟ ହେଉଛି ନୂତନ ସ୍ୱାସ୍ଥ୍ୟ-ପ୍ରଯୁକ୍ତି ଚିନ୍ତାଧାରାଗୁଡ଼ିକୁ ବୈଧତା ଏବଂ ବାଣିଜ୍ୟୀକରଣ ପାଇଁ ପ୍ରସ୍ତୁତ ଉତ୍ପାଦରେ ପରିଣତ କରିବା। ଏହି ପ୍ରୟାସର ଏକ ଅଂଶ ଭାବେ ଏମ୍ସ ଭୁବନେଶ୍ୱରରେ ୩୩ଟି ଷ୍ଟାର୍ଟ-ଅପ୍ ଓ ଚିକିତ୍ସା ପ୍ରଯୁକ୍ତିବିଦ୍ୟା ଉତ୍ପାଦ/ମଡେଲ ପ୍ରଦର୍ଶିତ କରାଯାଇଥିଲା। ଏଠାରେ ବିଶେଷଜ୍ଞମାନେ ଉତ୍ପାଦ ବୈଧତା ଏବଂ ବଜାର ପ୍ରସ୍ତୁତି ପାଇଁ ମାର୍ଗଦର୍ଶନ ପ୍ରଦାନ କରିଥିଲେ, ଯାହା ଏକ ଦୃଢ଼ ସ୍ୱାସ୍ଥ୍ୟସେବା ନବସୃଜନ ଇକୋସିଷ୍ଟମକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଗବେଷଣା ବିଭାଗ ସଚିବ ଏବଂ ଆଇସିଏମ୍ଆର ମହାନିର୍ଦ୍ଦେଶକ ଡ. ରାଜୀବ ବହଲ ଏହି ପଦକ୍ଷେପକୁ ପ୍ରଶଂସା କରିବା ସହିତ ସ୍ୱାସ୍ଥ୍ୟସେବା, ପ୍ରଯୁକ୍ତିବିଦ୍ୟା ଏବଂ ଉଦ୍ୟୋଗକୁ ଏକତ୍ରିତ କରି ଏହି ପ୍ରକ୍ରିୟା ବିକଶିତ 'ବିକଶିତ ଭାରତ' ଆନ୍ଦୋଳନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ସେହିପରି ଏହା ଯୁବ ଉଦ୍ଭାବକମାନଙ୍କୁ ଚିନ୍ତାଧାରାକୁ ପ୍ରଭାବଶାଳୀ ଉତ୍ପାଦରେ ପରିଣତ କରିବାକୁ ଉତ୍ସାହିତ କରିବ। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏହି ଅବସରରେ କହିଛନ୍ତି ଯେ, 'ଏମ୍ସ ଭୁବନେଶ୍ୱର ଆଇଆଇଟି ଭୁବନେଶ୍ୱର, ବିସିକେଆଇସି ଏବଂ ଆଇଏଲ୍ଏସ ଭଳି ପ୍ରମୁଖ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନଗୁଡ଼ିକର ସହଯୋଗରେ ଆନ୍ତଃଶାଖାଗତ ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ। ଏହି ପ୍ରତିଷ୍ଠାନ ଏହି ଅଞ୍ଚଳରେ ଚିକିତ୍ସା ପ୍ରଯୁକ୍ତିବିଦ୍ୟା ପାଇଁ ଏକ ସମନ୍ୱିତ ନବସୃଜନ କେନ୍ଦ୍ର ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛି।

## ବିଜେଡି ନେତା ଜୁନେଦଙ୍କ ଘରେ ଚଢ଼ାଉ

ନୂଆପଡ଼ା/ଭୁବନେଶ୍ୱର, ୮।୧୧(ସଂଚାର ବ୍ୟୁରୋ): ଖରିଆର ରୋଡ଼ ନଗର କଂଗ୍ରେସର ପୂର୍ବତନ ସଭାପତି ତଥା ବର୍ତ୍ତମାନର ବିଜେଡି ନେତା ମହମ୍ମଦ ଜୁନେଦଙ୍କ ଘରେ ନିର୍ବାଚନ କମିଶନଙ୍କ ସ୍ପେଶାଲ୍ ସ୍କ୍ୱାଡ୍ ଓ ଆୟକର ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ନୂଆପଡ଼ା କଂଗ୍ରେସର ଜଣେ ଟାଣୁଆ ସଂଖ୍ୟାଲଘୁ ନେତା ଭାବେ ଜଣାଶୁଣା ତଥା ଖରିଆର ରୋଡ଼ ନଗର କଂଗ୍ରେସର ପୂର୍ବତନ ସଭାପତି ମହମ୍ମଦ ଜୁନେଦ ଗତକାଲି ବିଜେଡିରେ ସାମିଲ ହୋଇଥିଲେ। ଖରିଆର ରୋଡ୍ ଏନଏସିରେ ବିଜେଡ଼ିର ଟଙ୍କା କାରବାର ଜୁନେଦଙ୍କ ଘରେ ହେଉଥିବା ସନ୍ଦେହ କରି ନିର୍ବାଚନ କମିଶନଙ୍କ ସ୍ପେଶାଲ୍ ସ୍କ୍ୱାଡ୍ ଓ ଆୟକର ବିଭାଗ ଏହି ଚଢ଼ାଉ କରିଥିବା ଜଣାପଡ଼ିଛି।

# ଜବରଦଖଲକାରୀଙ୍କ କବ୍‌ଜାରେ ମାର୍କେଟ ଜମି

ଭୁବନେଶ୍ୱର,୮।୧୧: ନବେ ଦଶକରେ ରାଜଧାନୀରେ ପ୍ରତିଷ୍ଠା ହୋଇଥିବା ଇନ୍ଦ୍ରଧନୁ ମାର୍କେଟ ଆଖପାଖରେ ଥିବା ମୂଲ୍ୟବାନ ଜମି ଏବେ ଜବରଦଖଲକାରୀଙ୍କ କବଜାରେ। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏହି ଜମିକୁ ଉଦ୍ଧାର କରିବା ତ ଦୂରରକଥା ବେଆଇନ୍ ନିର୍ମାଣକାରୀଙ୍କୁ ରୋକିବାକୁ ବି ସାହସ କୁଳାଇପାରୁନାହିଁ। ଇନ୍ଦ୍ରଧନୁ ମାର୍କେଟ ନିର୍ମାଣ ସମୟରେ ଏଠାରେ ସ୍ଥାୟୀ ଦୋକାନ ପାଇଁ କୋଠା ନିର୍ମାଣ ସହିତ ପନି ପରିବା ବ୍ୟବସାୟ ପାଇଁ ପିଣ୍ଡି ନିର୍ମାଣ ହୋଇଥିଲା। ଏଥିସହ କିଛି ଆବାସିକ ଗୃହ ମଧ୍ୟ ତିଆରି ହୋଇଥିଲା। ନିର୍ମାଣ ପରେ ଏହାକୁ ଲାଗି ଅନେକ ମୂଲ୍ୟବାନ୍ ଜମି ଥିଲା। ପିଣ୍ଡିଗୁଡିକ ଏବେ ସ୍ଥାୟୀ ଦୋକାନଘର ପାଲଟିଥିବାବେଳେ ପିଣ୍ଡିରେ ବସି ବ୍ୟବସାୟ କରିବାକୁ ଥିବା ବେପାରୀମାନେ ତଳେ ବସୁଛନ୍ତି। ଏମାନଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ପିଣ୍ଡିର କାୟା ବି ବଦଳିଯାଇଛି। ତେବେ ହାଟ ନିକଟରେ ଥିବା ମୂଲ୍ୟବାନ୍ ଜମିକୁ କିଛି ବ୍ୟବସାୟୀ ଓ ଜବରଦଖଲକାରୀ କବ୍‌ଜାକରି ନେଇଛନ୍ତି। ଏହି ମୂଲ୍ୟବାନ୍ ଜମିରେ ପ୍ରଥମେ ବାଉଁଶ ପୋତି ଅସ୍ଥାୟୀ ଦୋକାନ କରି ବସିଲେ। ଏହାପରେ ବାଉଁଶ ଓ ଜରିପାଲ ତଳେ ସିମେଣ୍ଟ ପିଣ୍ଡି ତିଆରି କଲେ। ସେତେବେଳେ ଏମାନଙ୍କୁ କୌଣସି ପ୍ରକାର ବିରୋଧ ନହେବାରୁ ଧିରେ ଧିରେ ସେହିସବୁ ସ୍ଥାନରେ ସ୍ଥାୟୀ ଦୋକାନଘର ତିଆରି କରି ତାହାକୁ ଭଡାରେ ଲଗାଇ ଦେଇଛନ୍ତି। ବିଡିଏ ପକ୍ଷରୁ ଏହି ଜମିକୁ ଜବରଦଖଲମୁକ୍ତ କରାଯିବା ବଦଳରେ ସେଠାରେ ଟାଇଲ୍ ବିଛାଇ ଏକ ପ୍ରକାର ନିୟମିତ କରିଦିଆଯାଇଛି।

ବିଡିଏ ଓ ସାଧାରଣ ପ୍ରଶାସନ ବିଭାଗ କର୍ତ୍ତୃପକ୍ଷ ହାତରୁ ନିୟମିତ ଟିକସ ଆଦାୟ କରୁଥିବାବେଳେ ଜବରଦଖଲ ହୋଇଯାଉଥିବା ଏହି ଜମିକୁ କିଭଳି ଦେଖିପାରୁନାହାନ୍ତି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଗୋଟିଏ ପଟେ ସରକାରୀ ଜମି ଜବଦରଖଲ ହୋଇ ଦୋକାନ ତିଆରି ହୋଇଥିବାବେଳେ ଏହା ନିକଟରେ ବି ସ୍ଥାୟୀ ବସ୍ତିଗଢି ଉଠିଛି। ଇନ୍ଦ୍ରଧନୁ ମାର୍କେଟ ଚାରିପଟେ ଏଭଳି ବେଆଇନ୍ ଦୋକାନଘର ନିର୍ମାଣ ସହିତ ଦୋକାନଗୁଡିକ ଖୋଲୁଥିବାରୁ ଯେଉଁମାନେ ଲକ୍ଷାଧିକ ଟଙ୍କା ବ୍ୟୟରେ ସରକାରଙ୍କ ଠାରୁ ଦୋକାନଘର କିଣିଥିଲେ ସେମାନଙ୍କ ବ୍ୟବସାୟ ମାନ୍ଦା ହେବାରେ ଲାଗିଛି। ଏହି ମାର୍କେଟକୁ ଆସୁଥିବା ଲୋକେ ଭିତରକୁ ଆସିବା ବଦଳରେ ବାହାରକୁ ସାମଗ୍ରୀ ଧରି ପଳାଉଥିବା କିଛି ବ୍ୟବସାୟୀମାନେ ମତ ଦେଉଛନ୍ତି। ସେହିଭଳି ହାଟ ଚାରିପଟେ ଥିବା ଜମି ଜବରଦଖଲ ହେବାରୁ ଉଠା ଦୋକାନୀମାନେ ସ୍ଥାନ ଟିକେ ପାଇବାପାଇଁ ଧିରେ ଧିରେ ମାର୍କେଟ ଭିତରେ ଭିଡ ଜମାଇବାରେ ଲାଗିଛି। ଏଥିପାଇଁ ସଂଧ୍ୟା ହେଲେ ମାର୍କେଟକୁ ଯାଉଥିବା ଲୋକେ ନିଜ ନିଜ ଯାନବାହାନ ରଖିବାକୁ ସ୍ଥାନ ଟିକେ ପାଉନାହାନ୍ତି। କାରଣ ଯେଉଁସବୁ ସ୍ଥାନରେ ଯାନବାହାନ ପାଇଁ ପାର୍କିଂ ହୋଇପାରିଥାନ୍ତା ସେଠାରେ ବେଆଇନ୍ ଦୋକାନଗୁଡିକ ଗଢି ଉଠିଛି। ରାଜଧାନୀର କେବଳ ଏହି ଗୋଟିଏ ମାର୍କେଟ ନୁହେଁ ଅଧିକାଂଶ ମାର୍କେଟ ଆଖପାଖରେ ଥିବା ମୂଲ୍ୟବାନ ଜମି ଜବରଦଖଲ ହେବା ସହିତ ସେଠାରେ ଦୋକାନ ବଜାର ଗଢି ଉଠୁଛି। ଏଥିଯୋଗୁଁ କେବଳ ମାର୍କେଟରେ ଥିବା ବ୍ୟବସାୟୀମାନେ କ୍ଷତି ସହୁ ନାହାନ୍ତି ମାର୍କେଟକୁ ଆସୁଥିବା ଲୋକେ ବି ଗାଡିମୋଟର ଟିକେ ରଖିବାକୁ ସ୍ଥାନ ନପାଇ ହୀନସ୍ତା ହେବାରେ ଲାଗିଛନ୍ତି। (ତଥ୍ୟ)

## ୧୦ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ଭୁବନେଶ୍ୱର,୮।୧୧(ସଂଚାର ବ୍ୟୁରୋ): ଆସନ୍ତା ୧୦ ତାରିଖ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ ବୋଲି ଆଜି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ପର୍କରେ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ଦୁଷ୍କର୍ମକାରୀକୁ ୨୦ ବର୍ଷ କାରାଦଣ୍ଡାଦେଶ

ସମ୍ବଲପୁର,୮।୧୧(ସଂଚାର ବ୍ୟୁରୋ): ଜନୈକା ନାବାଳିକା ପ୍ରତି ହୋଇଥିବା ଦୁଷ୍କର୍ମ ମାମଲାର ବିଚାର କରି ସମ୍ବଲପୁର ସ୍ୱତନ୍ତ୍ର ପକ୍‌ସୋ କୋର୍ଟ ବିଚାରପତି ଅଭିଳାଶ ସେନାପତି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହି ଅଭିଯୋଗରେ ନିକ୍ତିମାଳ ଗ୍ରାମର ହରେକୃଷ୍ଣ ନାଏକ (୧୯)କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅର୍ଥ ଅନାଦେୟ ପରିସ୍ଥିତିରେ ଅଧିକ ୧ ବର୍ଷ ଦଣ୍ଡାଦେଶ କରିଛନ୍ତି। ସେହିପରି ନାବାଳିକା ପୀଡିତାଙ୍କୁ ୭ଲକ୍ଷ ଟଙ୍କା ଅନୁକମ୍ପା ରାଶି ଦେବା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାନୁଯାୟୀ ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା ଅନ୍ତର୍ଗତ ନିକ୍ତିମାଳ ଗ୍ରାମରେ ଗତ ୨୦୨୨ ଏପ୍ରିଲ ୩୦ ତାରିଖ ଅପରାହ୍ନ ସାଢେ ୨ଟାରେ ୩ ବର୍ଷୀୟା ନାବାଳିକା ଜଣକ ଜଣେ ସମ୍ପର୍କୀୟଙ୍କ ଘରକୁ ଭୋଜି ଖାଇବାକୁ ଯାଇଥିଲେ। ଏହି ଭୋଜିରେ ଅଭିଯୁକ୍ତ ହରେକୃଷ୍ଣ ନାବାଳିକାକୁ ଏକାକୀ ପାଇ ଚାରଫଳ ଖାଇବାକୁ ଡାକିନେଇ ପାଖ ଜଙ୍ଗଲକୁ ନେଇଯାଇଥିଲା। ସେଠାରେ ସେ ତା' ପ୍ରତି ଦୁଷ୍କର୍ମ କରିବା ପରେ ନାବାଳିକାକୁ ପୁଣି ଭୋଜିରେ ଛାଡ଼ି ଚାଲିଯାଇଥିଲା। ଅଭିଯୁକ୍ତ ସହ ନିଜ ଝିଅକୁ ଦେଖି କୁଆଡ଼େ ଯାଇଥିଲୁ ବୋଲି ମା' ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ନାବାଳିକା ଜଣଙ୍କ ତା' ପ୍ରତି ଘଟିଥିବା ନିର୍ଯାତନା ସମ୍ପର୍କରେ ସବୁକିଛି କହିବା ପରେ ପୀଡିତାର ପରିବାର ଲୋକେ ଗତ ୨୦୨୨ ମେ' ୧ ତାରିଖରେ ଘଟଣା ସମ୍ପର୍କରେ ମହୁଲପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏସମ୍ପର୍କରେ ୭୪/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ପରବର୍ତ୍ତୀ ସମୟରେ ପୁଲିସ ଅଭିଯୁକ୍ତକୁ ଗିରଫ କରି ଡାକ୍ତରୀ ମାଇନା କରିବା ପରେ ଧାର୍ଯ୍ୟ ସମୟରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ। ସ୍ପେଶାଲ ଜିଆର କେଶ ନମ୍ବର-୬୩/୨୨ରେ ଏହି ମାମଲାକୁ କୋର୍ଟରେ ବିଚାର କରାଯାଇଥିଲା। ମୋଟ ୨୫ ଜଣଙ୍କ ସାକ୍ଷ୍ୟ ଓ ବୟାନକୁ ଭିତି କରି କୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି।

## ରେଳ ଧାରଣାରେ କଟି ଯୁବକ ମୃତ

ଭଦ୍ରକ,୮।୧୧(ସଂଚାର ବ୍ୟୁରୋ): ସ୍ଥାନୀୟ ଘଣ୍ଟେଶ୍ୱର ଫାଣ୍ଡି ଅଧିନ ଭଦ୍ରକ-ଧାମରା ରେଳପଥ ରେ ମାଣିପୁର ଠାରେ ରେଳ ଧାରଣାରେ କଟି ଯୁବକ ମୃତ। ମୃତ ଯୁବକ ଜଣକ ହେଉଛନ୍ତି ଘେଂଟଶ୍ୱର ଫାଣ୍ଡି ଅଧିନ ମାଣିପୁର ଗ୍ରାମର ଚଗଲା ଦାସ ଙ୍କ ପୁଅ ସିପୁନ ଦାସ ବୋଲି ଜଣା ପଡ଼ିଛି। ଘଟଣା ସ୍ଥଳ, ରେଳ ଲାଇନ ଉପରେ ମୃତଦେହ, ପୁଲିସ ଓ ଜନସାଧାରଣ ଭିଡ଼ ଦେଖିବାକୁ ମିଳିଛି, ପୁଲିସ ତଦନ୍ତ ଚାଲୁ ରହିଛି। ପ୍ରାରମ୍ଭିକ ତଦନ୍ତରୁ ଏହା ଦେଖାଯାଇଛି ଯେ ଯୁବକ ଜଣକ ରେଳ ଧାରଣା ଆତ୍ମହତ୍ୟା ହୋଇଥାଇପାରେ ବୋଲି ବାହାର ସୂତ୍ରରୁ ଖବର। ଅନ୍ୟ ପକ୍ଷରେ ପରିବାର ଲୋକେ ଏହାକୁ ସୁଚିନ୍ତିତ ହତ୍ୟା ବୋଲି ଅଭିଯୋଗ ଆଣିଛନ୍ତି। ତେବେ ପୁଲିସ ଏହାକୁ ଆତ୍ମହତ୍ୟା ନା ହତ୍ୟା କୌଣସି ସନ୍ଦିଗ୍ଧ ଘଟଣା ବୋଲି ନିଶ୍ଚିତ କରିପାରିନାହାନ୍ତି।

## ଜଙ୍ଗଲରୁ ସାଢ଼େ ୪ କ୍ୱିଣ୍ଟାଲ୍ ଗଞ୍ଜେଇ ଜବତ

ମାଲକାନଗିରି,୮।୧୧(ସଂଚାର ବ୍ୟୁରୋ): କାଳିମେଳା ବ୍ଲକ ଏମଭି ୭୯ ଥାନା ଅନ୍ତର୍ଗତ ଜାକଲକୁଣ୍ଡି ଜଙ୍ଗଲ ନିକଟରୁ ପୁଲିସ ସାଢ଼େ ୪ କ୍ୱିଣ୍ଟାଲ୍ ଓଜନର ଗଞ୍ଜେଇ ଜବତ କରିଛି। କିନ୍ତୁ ଘଟଣାସ୍ଥଳରୁ ଅଭିଯୁକ୍ତ ଫେରାର ହୋଇଯାଇଥିବା ଜଣାପଡ଼ିଛି। ସୂଚନା ମୁତାବିକ, ଗତକାଲି ସନ୍ଧ୍ୟା ସମୟରେ ଏମଭି ୭୯ ପୁଲିସ ର ଏକ ଟିମ ଆଇଆଇସି ଚନ୍ଦ୍ରକାନ୍ତ ତାଣ୍ଡିଙ୍କ ନେତୃତ୍ୱରେ ଶ୍ରୀଚନ୍ଦନ ବେହେରାଙ୍କ ସହ ଏକ ୬ ଜଣିଆ ଟିମ ପାଟ୍ରୋଲିଂ କରୁଥିବା ସମୟରେ ଜାକଲକୁଣ୍ଡି ଗ୍ରାମ ନିକଟସ୍ଥ ପାହାଡ଼ ନିକଟରେ କିଛି ଲୋକ ପୁଲିସ ଗାଡି ଦେଖି ଦୌଡ଼ି ପଳାଇଯାଇଥିଲେ। ପୁଲିସ ପହଞ୍ଚି ଦେଖିଲା ପରେ ଗଞ୍ଜେଇ ପେକିଙ୍ଗ ହେଉଥିବାର ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ପୁଲିସ କାଳିମେଳା ବିଡ଼ିଓ ପ୍ରଦୀପ କୁମାର କରଙ୍କ ଉପସ୍ଥିତିରେ ଓଜନ କରି ଗଞ୍ଜେଇ ବସ୍ତାକୁ ଜବତ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଅପହଞ୍ଚ...

କଥା ବୁଝିବି, ଆପଣଙ୍କ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବି ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ଏଥିସହ ସୁନାବେଡ଼ାରେ ଚକୋଟିଆ ଭୁଞ୍ଜିଆ ସମ୍ପ୍ରଦାୟର ନକୁଳ ରାମ ମାଝୀଙ୍କ ଘରେ ମୁଖ୍ୟମନ୍ତ୍ରୀ କରିଥିଲେ ମଧ୍ୟାହ୍ନଭୋଜନ। ପ୍ରଥମ ଥର ପାଇଁ ଜଣେ ମୁଖ୍ୟମନ୍ତ୍ରୀଙ୍କୁ ଆତିଥ୍ୟ ଦେଇ ବେଶ ଖୁସି ଚକୋଟିଆ ଭୁଞ୍ଜିଆ ଆଦିମ ଅଧିବାସୀ। ସୁନାବେଡ଼ାରୁ ନୂଆପଡ଼ା ଫେରି ମୁଖ୍ୟମନ୍ତ୍ରୀ କରିଥିଲେ ବିରାଟ ରୋଡ ଶୋ'। ଖରିଆର ରୋଡ ପର୍ଯ୍ୟନ୍ତ ରୋଡ ଶୋ' କରି ଜୟଙ୍କ ପାଇଁ ଭୋଟ ମାଗିଥିଲେ ମୋହନ। ଏଥିସହ ଗତକାଲି ବିରୋଧୀ ଦଳ ନେତାଙ୍କ ରୋଡ ଶୋ'ରେ ତାଙ୍କ ଦଳର ପ୍ରାର୍ଥୀ ଗାଡ଼ିରେ ନଥିଲେ। ହେଲେ ମୋ ସହ ଆମ ଦଳର ପ୍ରାର୍ଥୀ ଅଛନ୍ତି ବୋଲି କହି ନବୀନଙ୍କୁ ଟାର୍ଗେଟ କରିଥିଲେ ମୋହନ।

ସେହିଭଳି ନବୀନ କ୍ଷମତାରେ ଥିବା ସମୟରେ ତାଙ୍କ କାର୍ପେଟଦାରଙ୍କ ଏକଛତ୍ରବାଦକୁ କଡ଼ା ସମାଲୋଚନା କରିଥିଲେ। କାର୍ପେଟଦାର ସଭାମଞ୍ଚରେ ଭାଷଣ ଦେଉଥିଲେ ଆଉ ଦଳର ନେତାମାନେ ଟେଣ୍ଟ ବାନ୍ଧୁଥିଲେ। ସେମାନେ ମଞ୍ଚକୁ ଚଢ଼ିପାରୁନଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ଦଳର ମନ୍ତ୍ରୀ, ସାଂସଦ, ବିଧାୟକ ଓ ନେତାମାନେ ଭେଟି ବି ପାରୁନଥିଲେ। କାର୍ପେଟଦାର ସମସ୍ତଙ୍କ ବାଟ ଓଗାଳି ବସୁଥିଲେ। ହେଲେ ଏବେ ସମୟ ବଦଳିଛି, ମୁଖ୍ୟମନ୍ତ୍ରୀ ନିଜେ ଲୋକଙ୍କ ପାଖରେ ପହଞ୍ଚୁଛନ୍ତି ଓ ଲୋକଙ୍କ ଅଭିଯୋଗ ଗ୍ରହଣ କରି ତା'ର ସମାଧାନ ବି କରୁଛନ୍ତି। ନୂଆପଡ଼ାବାସୀ ୧୧ ତାରିଖରେ ଜନବିରୋଧୀ ବିଜେଡିକୁ ଭୋଟରେ ପ୍ରତ୍ୟାଖ୍ୟାନ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଏଥିସହ ନୂଆପଡ଼ାକୁ ଟ୍ରିପଲ ଇଞ୍ଜିନରେ ଯୋଡ଼ିବାକୁ କରିଛନ୍ତି ଅପିଲ।

ନୂଆପଡ଼ାକୁ ଶିଳ୍ପ ମନ୍ତ୍ରୀ ଆସିଛନ୍ତି, ଜିଲ୍ଲାର ବିକାଶ ହେବ। ଶିଳ୍ପ ପ୍ରତିଷ୍ଠା ହେବ। ଏଠାକାର ଯୁବକ ନିଯୁକ୍ତି ପାଇବେ ବୋଲି ସେ କହିଛନ୍ତି। ମନମୋହନ ସାମଲ ମୋତେ ଟିକେଟ୍ ଦେଇଥିଲେ। ମୋତେ ବିଧାୟକ ଟିକେଟ୍ ଦେଇଥିଲେ। ସରପଞ୍ଚ ଥିଲା ବେଳେ ମନମୋହନ ସାମଲ ମୋତେ ଡାକି ବିଧାୟକ ଟିକେଟ୍ ଦେଇଥିଲେ। ମୁଖ୍ୟମନ୍ତ୍ରୀ ହେବା ସମୟରେ ମଧ୍ୟ ସେ ବିଜେପିର ରାଜ୍ୟ ସଭାପତି। ମୋର ଓ ମନମୋହନ ସାମଲଙ୍କ ରାଶି ଏକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏପଟେ ଆଜି ପ୍ରଚାର ମଇଦାନରେ ଝାଳ ବୁହାଇଥିଲେ ବିଜେଡି ଓ କଂଗ୍ରେସ ପ୍ରାର୍ଥୀ। କୋମନା, ବେଲଟୁକୁରୀ, କୋନାବେରାରେ ପ୍ରଚାର କରିଥିଲେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ। ହାତରେ କମ ସମୟ ଥିବାରୁ ଘର ଘର ବୁଲି ପ୍ରଚାର କରିବା ସହ ପଥପ୍ରାନ୍ତ ସଭା କରି ସ୍ନେହାଙ୍ଗିନୀ ମାଗିଥିଲେ ଭୋଟ। ସେହିପରି କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ମଧ୍ୟ ଅନ୍ୟ ନେତାଙ୍କ ସହ ମିଶି ବିଭିନ୍ନ ସ୍ଥାନରେ କରିଥିଲେ ପ୍ରଚାର। କାଲି ପ୍ରଚାରର ଶେଷ ଦିନ। ତେଣୁ ତିନି ଦଳ ଏବେ ପ୍ରଚାର ମଇଦାନରେ ଦିନରାତି ଏକ କରିଦେଇଛନ୍ତି। ମତଦାନ ତାରିଖ ପାଖେଇ ଆସୁଥିବା ବେଳେ ମଇଦାନରେ ବଳ କଷୁଛନ୍ତି ସବୁ ଦଳର ମୁଖିଆ। ଗତକାଲି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ପ୍ରଚାର ପରେ ଶନିବାର ପୁଣି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଜୟ ଢୋଲକିଆଙ୍କୁ ଧରି ପ୍ରଚାର କରିଛନ୍ତି। ସେପଟେ କଂଗ୍ରେସ ମଧ୍ୟ ଜାରି ରଖିଛି ପ୍ରଚାର। ନୂଆପଡ଼ାର ବିଭିନ୍ନ ଗାଁରେ ଡେରା ପକାଇଛନ୍ତି ପିସିସି ସଭାପତି, ପୂର୍ବତନ ସଭାପତିଙ୍କ ସମେତ ବହୁ ଛାମୁଆ ନେତା।

## ୨୦୪୭...

ପହଞ୍ଚିପାରିଛି। ସେହିପରି ମହିଳାଙ୍କ ନିମନ୍ତେ ଆର୍ଥିକ ସେବା ବଢ଼ାଇବା ଉପରେ ରିପୋର୍ଟରେ ଗୁରୁତ୍ୱ ଦିଆଯାଇଛି। ବିଶ୍ୱ ବ୍ୟାଙ୍କ ଅନୁସାରେ ଯଦି ମହିଳାମାନେ ଆର୍ଥିକ ନେଣଦେଣରେ ସକ୍ରିୟ ରୂପେ ସାମିଲ ହୁଅନ୍ତି, ତେବେ ଭାରତର ଆର୍ଥିକ ଶକ୍ତି ଆହୁରି ମଜଭୁତ ହେବ।

ସେହିପରି ରିପୋର୍ଟରେ ଆହୁରି କୁହାଯାଇଛି ଯେ ୨୦୧୭ ପରେ ଭାରତର ପୁଞ୍ଜି ବଜାର ଅଧିକ ସଶକ୍ତ ହୋଇଛି। ଇକ୍ୱିଟି, ସରକାରୀ ବଣ୍ଡ ଓ କର୍ପୋରେଟ ବଣ୍ଡକୁ ମିଶାଇ ଭାରତର ପୁଞ୍ଜି ବଜାର ଜିଡିପିର ୧୭୫ ପ୍ରତିଶତରେ ପହଞ୍ଚିଛି। ଏହା ପୂର୍ବରୁ ମାତ୍ର ୧୪୪ ପ୍ରତିଶତ ଥିଲା। ଏହି ଅଭିବୃଦ୍ଧି ପଛରେ ନିବେଶକଙ୍କ ବର୍ଦ୍ଧିତ ଆସ୍ଥା, ପାରଦର୍ଶୀ ବଜାର ବ୍ୟବସ୍ଥା ଓ ବୈଷୟିକ ଭିତ୍ତିଭୂମିର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ତା'ଛଡ଼ା ବିଶ୍ୱ ବ୍ୟାଙ୍କ ସ୍ପଷ୍ଟ କରିଛି ଯେ ଭାରତକୁ ଆଗାମୀ ୨ ଦଶକରେ ଆର୍ଥିକ ରୂପେ ଶୀର୍ଷ ଦେଶଙ୍କ ମଧ୍ୟରେ ସାମିଲ ହେବା ସକାଶେ ନିଜର ଫାଇନାନ୍ସିଆଲ ସେକ୍ଟରରେ କେତେକ ସୁଧାର ଆଣିବାକୁ ପଡିବ। ଏଥିରେ ଘରୋଇ ପୁଞ୍ଜି ସଂଗ୍ରହର ନୂଆ ରାସ୍ତା ଖୋଲିବା, ଏମଏସଏମଇ ପାଇଁ ଶସ୍ତା ପୁଞ୍ଜି ଉପଲବ୍ଧ କରିବା ଓ ଇନୋଭେସନ ଆଧାରିତ ଉତ୍ପାଦ ବିକଶିତ କରିବା ଆଦି ଅନ୍ୟତମ।

ଏପରି ଏକ ରିପୋର୍ଟକୁ ଭାରତ ସରକାର ସ୍ୱାଗତ କରିବା ସହ ଆଇଏମଏଫ ଓ ବିଶ୍ୱ ବ୍ୟାଙ୍କ ଯୁଗ୍ମ ଟିମ ପକ୍ଷରୁ ହୋଇଥିବା ଏହି ମୂଲ୍ୟାୟନ ଦେଶର ସୁଦୃଢ଼ ଆର୍ଥିକ ନୀତିକୁ ପ୍ରତିପାଦିତ କରୁଛି। ମହାମାରୀ ଓ ବୈଶ୍ୱିକ ଆର୍ଥିକ ଅସ୍ଥିରତା କାଳରେ ଭାରତର ଆର୍ଥିକ ସ୍ଥିତି ନା କେବଳ ସ୍ଥିର ରହିଛି, ବରଂ ଅଧିକ ବିବିଧ ହୋଇପାରିଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

## ୭ ଅଧିକାରୀଙ୍କ...

କମିଶନର ଅନୁ ଗର୍ଗଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ। ତଦନ୍ତ ରିପୋର୍ଟ ଆଧାରରେ ୭ ଜଣ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସୁପାରିସ୍ କରାଯାଇଛି। ଏହି ଅଧିକାରୀମାନେ ହେଲେ ଓଏସଏପି ତୃତୀୟ ବାଟାଲିୟନର କମାଣ୍ଡାଣ୍ଟ ଅଜୟ ପାଢ଼ୀ, ଡିସିପି ବିଷ୍ଣୁ ପତି, ସ୍ୱତନ୍ତ୍ର ଶ୍ରୀମନ୍ଦିର ସୁରକ୍ଷା ବାହିନୀ କମାଣ୍ଡାଣ୍ଟ ତାପସ ରଞ୍ଜନ ଦାସ, ଡେପୁଟି କମାଣ୍ଡାଣ୍ଟ କେ.କେ ନାୟକ, ପୁରୀ ସିଟି ଡିଏସପି ପ୍ରଶାନ୍ତ ସାହୁ, କୁମ୍ଭାରପଡା ଥାନାଧିକାରୀ ସୁଶାନ୍ତ କୁମାର ସାହୁ ଓ ଓଏସଏପି ଅଷ୍ଟମ ବାଟାଲିୟନ କମାଣ୍ଡାଣ୍ଟ ସାରଦା ପ୍ରସାଦ ଦାସ।

ଦଳାଚକଟାରେ ୩ ଜଣଙ୍କ ମୃତ୍ୟୁ ଘଟଣାକୁ ନେଇ ଉନ୍ନୟନ କମିଶନ ଦେଇଥିବା ରିପୋର୍ଟରେ ପୁଲିସର ଅବହେଳା ସହ ଏଆଇ କାମ କରିନଥିବା ଦର୍ଶାଯାଇଛି। ଚଳିତ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ଶେଷ କରିବାକୁ ଏଆଇ ବ୍ୟବସ୍ଥା ଅଣାଯାଇଥିଲା। ଚାରିଆଡେ ସିସିଟିଭି ଲଗାଯିବା ସହ ପ୍ରତିଟି ଗତିବିଧି ଉପରେ ନଜର ରଖିବାକୁ ମନିଟରିଂ ରୁମ ରହିଥିଲା। ଏଥିପାଇଁ ୨୭୫ଟି ସିସିଟିଭି ଲାଗିଥିଲା। ହେଲେ ଅନେକ ସିସିଟିଭି ଫିଡ୍ ମିଳିନଥିଲା। ଭିଡ଼ ନିୟନ୍ତ୍ରଣ କ୍ଷେତ୍ରରେ ଏଆଇର ସେଭଳି ଭୂମିକା ଦେଖିବାକୁ ମିଳିନଥିଲା ବୋଲି ରିପୋର୍ଟରେ କୁହାଯାଇଛି। ତେଣୁ ଟେଣ୍ଡର ପାଇଥିବା କମ୍ପାନିକୁ କଳାତାଲିକାଭୁକ୍ତ କରିବାକୁ ରିପୋର୍ଟରେ ସୁପାରିଶ କରାଯାଇଛି।

ପୁରୀ ଶରଧାବାଲିରେ ଭୋର ସମୟରେ ସେଦିନ ପ୍ରବଳ ଭିଡ଼ କାରଣରୁ ଦଳାଚକଟା ହୋଇଥିଲା। ଏହି ଅଘଟଣରେ ଜଣେ ମହିଳାଙ୍କ ସହ ଦୁଇ ଜଣ ପୁରୁଷ ଆଖି ବୁଜିଥିଲେ। ତେବେ ଯେତେବେଳେ ରଥଯାତ୍ରାରେ ଏଭଳି ଘଟଣା ଘଟିଥିଲା, ସେତେବେଳେ ପୁଲିସ ପ୍ରଶାସନ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। କେଉଁ କାରଣରୁ ଏତେ ବଡ଼ ଅଘଟଣ ଘଟିଲା, କାହିଁକି ଦଳାଚକଟା ଭଳି ସ୍ଥିତି ସୃଷ୍ଟି ହେଲା, ସେନେଇ ଆରମ୍ଭ ହେଇଥିଲା ଛାନଭିନ୍। ଆଉ ଏବେ ଦୀର୍ଘ ଦିନ ପରେ ଏ ସଂକ୍ରାନ୍ତରେ ଆସିଛି ରିପୋର୍ଟ। ଏହି ରିପୋର୍ଟକୁ ନେଇ ଆଇନମନ୍ତ୍ରୀ ପୃଥିବୀରାଜ ହରିଚନ୍ଦନଙ୍କ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ପୂର୍ଣ୍ଣାଙ୍ଗ ରିପୋର୍ଟ ଆସିଛି ଏବଂ ତାକୁ ବିଭିନ୍ନ ସ୍ତରରେ ତର୍ଜମା କରାଯାଉଛି। ରିପୋର୍ଟକୁ ମୁଖ୍ୟମନ୍ତ୍ରୀ ମଧ୍ୟ ଅନୁମୋଦନ ଦେଇଛନ୍ତି। ସେଦିନର ଦୁର୍ଘଟଣା ପାଇଁ ଯେଉଁମାନେ ଦାୟୀ, ଯେଉଁମାନଙ୍କ ଭୁଲ ପାଇଁ ଏଭଳି ଘଟିଲା ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

ପୁରୀ ଏସପି ସାମଗ୍ରିକ ଭାବେ ଜିଲ୍ଲା ସୁରକ୍ଷା ବ୍ୟବସ୍ଥାର ମୁଖ୍ୟ ଥିଲେ। ସେ ଶ୍ରୀମନ୍ଦିର, ରଥଯାତ୍ରା ଓ ଗୁଣ୍ଡିଚା ମନ୍ଦିରର ସୁରକ୍ଷା ପାଇଁ ସେ ହିଁ ଉତ୍ତରଦାୟୀ। ତେଣୁ ଏହି ଅଘଟଣ ପରେ ତୁରନ୍ତ ତାଙ୍କୁ ଦାୟିତ୍ୱରେ ହଟେଇ ଦିଆଯାଇଥିଲା। ତିନି ରଥ ସମ୍ମୁଖରେ ସୁରକ୍ଷା ଓ ଭିଡ ନିୟନ୍ତ୍ରଣ ଦାୟିତ୍ୱ ଓଏସଏପି ତୃତୀୟ ବାଟାଲିଆନ କମାଣ୍ଡାଣ୍ଟ ଅଜୟ କୁମାର ପାଢ଼ୀ ଓ ଡିଏସପି ବିଷ୍ଣୁ ପ୍ରସାଦ ପତୀଙ୍କୁ ଦିଆଯାଇଥିଲା। କିନ୍ତୁ ଘଟଣା ସମୟରେ ଏହି ଦୁଇ ଅଧିକାରୀ ସେଠାରେ ଉପସ୍ଥିତ ନଥିବା ପ୍ରମାଣିତ ହୋଇଛି। ତେଣୁ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ କମିଟି ସୁପାରିଶ କରିଛି। ସେହିଭଳି ସେବାୟତ ଓ ଶ୍ରୀମନ୍ଦିର ପ୍ରଶାସନ ସହ ଯୋଗସୂତ୍ର ରକ୍ଷା କରି ନିର୍ଦ୍ଧାରିତ ସମୟରେ ନୀତିକାନ୍ତି କରିବାକୁ କମାଣ୍ଡାଣ୍ଟ ତାପସ ରଂଜନ ଦାସ ଓ ପୁରୀ ସିଟି ଡିଏସପି ପ୍ରଶାନ୍ତ ସାହୁଙ୍କୁ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ଏହି ଦାୟିତ୍ୱ ନିର୍ବାହ କରିବାରେ ଏହି ଦୁଇ ଅଧିକାରୀ ଫେଲ ହୋଇଛନ୍ତି। ସେହିଭଳି କୁମ୍ଭାରପଡା ଥାନା ଆଇଆଇସି ଓ ସିଟି ଡିଏସପି ଟ୍ରାଫିକ ପରିଚାଳନା ଓ ରଥ ନିକଟରେ ଭିଡ ନିୟନ୍ତ୍ରଣ ପାଇଁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିନଥିଲେ। ଏପରିକି ଭିଡ ଭିତରେ ଚାରମାଳ ବୋଝେଇ ଟ୍ରକକୁ ଯିବା ପାଇଁ ମଧ୍ୟ ଅନୁମତି ଦେଇଥିଲେ। ଏହା ହିଁ ଦଳଚକଟାର ପ୍ରମୁଖ କାରଣ ବୋଲି କୁହାଯାଇଛି। ଏହି ଦୁଇ ଅଧିକାରୀ ଭିଡ ଓ ପହୁଡ ନୀତି ବିଳମ୍ବ ନେଇ ପୁରୀ ଏସପି କି ଜିଲ୍ଲାପାଳଙ୍କୁ ଅବଗତ କରିନଥିଲେ।

ଗୁଣ୍ଡିଚା ମନ୍ଦିରରେ ହୋଇଥିବା ଦଳାଚକଟା ରିପୋର୍ଟକୁ ନେଇ ପ୍ରତିକ୍ରିୟା ରଖିଛି ବିଜେଡି। ବିଜେଡି ମୁଖପାତ୍ର ଡ. ଲେନିନ ମହାନ୍ତି ଏବଂ ରାଜ୍ୟସଭା ସାଂସଦ ସୁଲତା ଦେଓ ମିଳିତ ଭାବେ କହିଛନ୍ତି ଯେ ଗୁଣ୍ଡିଚା ମନ୍ଦିର ପାଖରେ ଦଳାଚକଟା ଯୋଗୁଁ ୩ଟି ମୂଲ୍ୟବାନ ଜୀବନ ଚାଲିଯାଇଛି। ଉନ୍ନୟନ କମିଶନର ଅନୁ ଗର୍ଗ ଯେଉଁ ରିପୋର୍ଟ ଦେଇଛନ୍ତି ଏହା ସାର୍ବଜନୀନ ହୋଇଛି। ଏଥିରେ କିଛି ପୋଲିସ ଅଧିକାରୀ ଓ ସିସିଟିଭି ଭେଣ୍ଡର୍ସଙ୍କୁ ଦାୟୀ କରାଯାଇଛି। ତାଙ୍କ ବିରୋଧରେ ଶୃଙ୍ଖଳିତ କାର୍ଯ୍ୟାନୁଷ୍ଠାନ ନିଆଯିବା ପାଇଁ ରିପୋର୍ଟରେ କୁହାଯାଇଛି। ତେବେ ଏଥିରେ ପ୍ରକୃତ ଦୋଷୀଙ୍କୁ କ୍ଲିନ୍‌ଚିଟ୍ ଦିଆଯାଇ କେବଳ ୬ ଜଣ ପୁଲିସ ଅଧିକାରୀଙ୍କୁ ଦାୟୀ କରାଯାଇଛି। ରଥଯାତ୍ରା ପରିଚାଳନା ଦାୟିତ୍ୱରେ ଥିବା ଜିଲ୍ଲାପାଳ, ଏସ୍‌ପି, ମୁଖ୍ୟ ପ୍ରଶାସକ, ଆଇନ ମନ୍ତ୍ରୀଙ୍କୁ କାହିଁକି ଦାୟୀ କରାଗଲା ନାହିଁ ବୋଲି ଦଳ ପକ୍ଷରୁ ପ୍ରଶ୍ନ କରାଯାଇଛି।

## ପହିଲାରୁ...

ଲୋକସଭାରେ ୧୪ଟି ବିଲ୍ ଆଗତ ହୋଇଥିଲା ଏବଂ ୧୨ଟି ଗୃହୀତ ହୋଇଥିଲା। ଏହି ସମୟରେ, ରାଜ୍ୟସଭାରେ ୧୫ଟି ବିଲ୍ ଗୃହୀତ/ପ୍ରତ୍ୟାହାର କରାଯାଇଥିଲା। ଅଧିବେଶନ ସାରା ସମୟରେ ଉଭୟ ଗୃହ ନିରନ୍ତର ବାଧାପ୍ରାପ୍ତ ହୋଇଥିଲା। ଲୋକସଭାରେ ଉତ୍ପାଦକତା ପ୍ରାୟ ୩୧% ଏବଂ ରାଜ୍ୟସଭାରେ ପ୍ରାୟ ୩୯% ଥିଲା। ଏହି ଅଧିବେଶନ ସମୟରେ ଉପଲବ୍ଧ ମୋଟ ୧୨୦ ଘଣ୍ଟା ମଧ୍ୟରୁ, ଲୋକସଭାରେ କେବଳ ୩୭ ଘଣ୍ଟା ଆଲୋଚନା ସମ୍ଭବ ହୋଇଥିଲା, ଏବଂ ରାଜ୍ୟସଭାରେ କେବଳ ୪୧ ଘଣ୍ଟା ୧୫ ମିନିଟ୍ ଆଲୋଚନା ସମ୍ଭବ ହୋଇଥିଲା।

## ଦିବ୍ୟାଙ୍ଗ...

କାର୍ଯ୍ୟକାରୀ କରାଯାଇଛି। ଅନୁରୂପ ଭାବେ ମହିଳାଙ୍କ ପାଇଁ ମଧ୍ୟ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଇଥିବା ସେ କହିଛନ୍ତି।

ଏହି ଅବସରରେ ସେ ବିରୋଧୀମାନେ ଆଣିଥିବା ଭୋଟ୍ ଚୋରି ଅଭିଯୋଗ ଖଣ୍ଡନ କରିବା ସହ କହିଛନ୍ତି ଯେ ନିର୍ବାଚନ ଆୟୋଗ ଦେଶର ନିର୍ବାଚନ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ପାରଦର୍ଶୀ କରିବା ଲାଗି ପଦକ୍ଷେପ ନେଉଛନ୍ତି। ଗତ ଲୋକସଭା ନିର୍ବାଚନ ସମୟରେ ବିରୋଧୀ ଦଳମାନଙ୍କୁ ପୂର୍ବାପେକ୍ଷା ଅଧିକ ଆସନ ମିଳିବା ସମୟରେ ଏଭଳି ଅଭିଯୋଗ ଆସିନଥିଲା। ଯେଉଁଠି ବିରୋଧୀ ଦଳ ପରାସ୍ତ ହେଉଛି, ସେଠାରେ ଏଭଳି ଅଭିଯୋଗ ଆଣୁଛି। ଇଭିଏମରେ ମତଦାନ ବ୍ୟବସ୍ଥା ପୂର୍ବ ସରକାରଙ୍କ ଅମଳରେ ଆସିଥିଲା। ଏନଡିଏ ସରକାର ଏହି ବ୍ୟବସ୍ଥା କରିନାହାନ୍ତି। ତେଣୁ ଇଭିଏମକୁ ନେଇ କୌଣସି ଅଭିଯୋଗ ଆଣିବା ଭିତ୍ତିହୀନ। ଭୋଟ୍ ଚୋରି ସମ୍ପର୍କରେ କୌଣସି ଅଭିଯୋଗ ଥିଲେ ତଥ୍ୟ ପ୍ରମାଣ ସହ ନିର୍ବାଚନ ଆୟୋଗଙ୍କ ନିକଟରେ ଦାଖଲ କରିବା ଉଚିତ୍ ବୋଲି କେନ୍ଦ୍ର ମନ୍ତ୍ରୀ କହିବା ସହ ନିର୍ବାଚନ ଆୟୋଗ ସମ୍ପୂର୍ଣ୍ଣ ସ୍ୱାଧୀନ ଓ ନିରପେକ୍ଷ ଭାବେ କାମ କରୁଛନ୍ତି ଓ ଆୟୋଗଙ୍କ ଉପରେ ସରକାରଙ୍କର କୌଣସି ପ୍ରଭାବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

## ନୀତୀଶ...

ହେଉଛନ୍ତି ଏନଡିଏ ନେତା। ଚିରାଗ ପାସୱାନ, ଜିତନ ରାମ ମାଞ୍ଝି ଓ ଉପେନ୍ଦ୍ର କୁଶୱାହା ମଧ୍ୟ ଏହାକୁ ଦୋହରାଇଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏହି ଅବସରରେ ସେ ବିରୋଧୀ ମହାମେଣ୍ଟକୁ କଟାକ୍ଷ କରି କହିଛନ୍ତି ଯେ ରାହୁଲ ଗାନ୍ଧି ଆଜି ପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବରେ ତେଜସ୍ୱୀ ଯାଦବଙ୍କୁ ମହାମେଣ୍ଟର ମୁଖ୍ୟମନ୍ତ୍ରୀ ଚେହେରା ଭାବେ ଘୋଷଣା କରିନାହାଁନ୍ତି। ତେଣୁ ନିଜ ଦଳରେ ସ୍ପଷ୍ଟତା ନ ଥିବା ବେଳେ ଅନ୍ୟମାନଙ୍କୁ ପ୍ରଶ୍ନ କରିବାର ଅଧିକାର ରାହୁଲ୍‌ଙ୍କର ନାହିଁ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ ପ୍ରଥମ ପର୍ଯ୍ୟାୟରେ ୬୫.୦୮ ପ୍ରତିଶତ ମତଦାନ ହୋଇଛି, ଯାହା ବିହାର ଇତିହାସରେ ରେକର୍ଡ। ଏହା ଏନଡିଏ ସରକାରଙ୍କ ପ୍ରତି ଜନସାଧାରଣଙ୍କ ବିଶ୍ୱାସର ପ୍ରମାଣ। ଏହି ଭୋଟ ବିକାଶ, ସୁଶାସନ ଓ ସ୍ଥିରତା ସପକ୍ଷରେ ଥିଲା। ପ୍ରଥମ ପର୍ଯ୍ୟାୟରେ ମହିଳା ଭୋଟରଙ୍କ ସଂଖ୍ୟା ବେଶ୍ ଉତ୍ସାହଜନକ ଥିବା ବେଳେ ସେମାନଙ୍କ ଆଶୀର୍ବାଦ ଏନ୍‌ଡିଏ ଉପରେ ରହିଛି ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

## ପରିବାରର...

୪ଟା ୪୫ ମିନିଟ୍ ସମୟରେ ଉକ୍ତ ଆପାର୍ଟମେଣ୍ଟର ଏକ ବାଲ୍‌କୋନୀର କିଛି ଅଂଶ ଭୁଶୁଡ଼ିପଡ଼ିବା ଫଳରେ ଏପରି ଅଘଟଣ ଘଟିଛି। ଏଥିପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ)କୁ ସ୍ଥାନୀୟ ଲୋକେ ଦାୟୀ କରିଛନ୍ତି। ସୂଚନାଯୋଗ୍ୟ ଯେ କଟକର ସମସ୍ତ ବିପଜ୍ଜନକ କୋଠା ଭାଙ୍ଗିବା ସକାଶେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସିଡିଏ ପକ୍ଷରୁ ଏନେଇ କୌଣସି ପଦକ୍ଷେପ ନିଆଯାଇନଥିବାରୁ ସ୍ଥାନୀୟ ଲୋକେ ଏନେଇ କ୍ଷୋଭ ପ୍ରକାଶ କରିଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ଆତ୍ମୀୟସ୍ୱଜନଙ୍କ ପାଇଁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଏଥିସହ ସେ ମୃତକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ଆଜି...

ଡେରା ପକାଇବା ସମୟରେ ସୃଷ୍ଟି କରିଥିବା ସ୍ଥାନୀୟ ଅନୁଗତମାନେ ଯେଭଳି ଏପଟ ସେପଟ ନହୁନ୍ତି ସେଥିପାଇଁ ସେମାନଙ୍କ ସହିତ ଟେଲିଫୋନ୍‌ରେ ଲଗାତାର ସମ୍ପର୍କ ରଖିବା ପାଇଁ ଗୁଇନ୍ଦାମାନଙ୍କ ମଧ୍ୟ ନିୟୋଜିତ କରାଯାଇଛି। ନିର୍ବାଚନମଣ୍ଡଳୀ ଛାଡ଼ିବା ପାଇଁ କଟକଣା ଆରମ୍ଭ ହେବା ସହ ପୁଲିସ୍ ଅଧିକ ସକ୍ରିୟ ହେବ ଏବଂ ବାହାର ଲୋକଙ୍କୁ ତଡ଼ିବା ନିଶ୍ଚିତ ଥିବା ଯୋଗୁଁ ଏବେ ନେତାମାନେ ଶେଷ ଗୋଟି ଚାଳନା ଆରମ୍ଭ କରିଦେଇଛନ୍ତି। ତେବେ କେଉଁ ଦଳର ସେନାପତି ବିଜୟୀ ହେଉଛନ୍ତି, ତାହା ଆସନ୍ତା ୧୪ ତାରିଖରେ ହେବାକୁ ଥିବା ଭୋଟଗଣତି ପରେ ହିଁ ଜଣାପଡିବ।

# ଜିଲ୍ଲା ପାଠାଗାର କୋଠାକୁ ସ୍ଥାନାନ୍ତର ହେଲା ଶିଶୁ ସୁରକ୍ଷା ୟୁନିଟ



**ଫୁଲବାଣୀ, ୮।୧୧ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର କାର୍ଯ୍ୟାଳୟ ନୂତନ ସ୍ଥାନକୁ ସ୍ଥାନାନ୍ତରିତ ହୋଇଛି। ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ବା ଅପାଙ୍ଗ କେନ୍ଦ୍ର ନିକଟ ଜିଲ୍ଲା ପାଠାଗାର ବିଲ୍ଡିଙ୍ଗରେ କାର୍ଯ୍ୟ କରିବ ଏହି କାର୍ଯ୍ୟାଳୟ। ଏହି

## ଉଦ୍‌ଘାଟନ କଲେ ଜିଲ୍ଲାପାଳ

ନୂତନ ଗୃହ ପ୍ରବେଶକୁ ଜିଲ୍ଲାପାଳ ବେଦଭୂଷଣ ଉଦ୍‌ଘାଟନ କରିଥିଲେ। ପିଲାମାନଙ୍କ ପାଇଁ ଏହି ନୂତନ କାର୍ଯ୍ୟାଳୟ ପ୍ରଶସ୍ତ ହେବା ସହିତ ଶିଶୁଙ୍କ ଉପଯୋଗୀ ହୋଇପାରିବ ବୋଲି କହିଥିଲେ ଜିଲ୍ଲାପାଳ। ଶିଶୁଙ୍କ ପାଇଁ ପର୍ଯ୍ୟାପ୍ତ ଖେଳନା ଓ ଅନ୍ୟାନ୍ୟ ସୁବିଧା ରଖିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ।

କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ୍ କୁମାର ସ୍ୱାଇଁ, ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ ରଜତ କୁମାର ଦିଗାଲ, ସଭ୍ୟା ମମତା ଦାସ, ସଦାଶିବ ପାତ୍ର, ଡିଶିପିୟୁର ସୁନିଲ କୁମାର ପ୍ରଧାନ, ଏଲ୍ ପି ଓ ଅଭିରାମ କହଁର, ଚାଇଲ୍ଡ ହେଲ୍ପ ଲାଇନର କ୍ଷୀରୋଦ ନାୟକ, ସାଧନ ଶିଶୁ ଯତ୍ନ ଅନୁଷ୍ଠାନର ସହକାରୀ ସମ୍ପାଦକ ଶିବା ମାଥ୍ୟୁ, ଉତ୍କଳ ବାଳାଶ୍ରମର ଶ୍ରଦ୍ଧାଞ୍ଜଳି ରାଉତ ପ୍ରମୁଖଙ୍କ ସମେତ ଅନ୍ୟ ମାନେ ଯୋଗ ଦେଇଥିଲେ। ଦୁଇ ଶିଶୁ ଅନୁଷ୍ଠାନର ଅନ୍ତେବାସୀ ମାନେ ସ୍ୱାଗତ ସଙ୍ଗୀତ ଓ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମକୁ ଡିସିପିଓ ରଶ୍ମିତା କରନ୍ ସଂଯୋଜନା କରିଥିଲେ। ପୂର୍ବରୁ ମିଶନ ଶକ୍ତି ଭବନ ପରିସରରେ ଏହି କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ଥିଲା।

# ବୁଲା କୁକୁରଙ୍କ ପାଇଁ ବଢ଼ୁଛି ଦୁର୍ଘଟଣା



## ଦୁର୍ଘଟଣା ରୋକିବେ କି ସରକାର ?

**ଆନନ୍ଦପୁର, ୮।୧୧ (ସଂଚାର ବ୍ୟୁରୋ):** ରାଜପଥରେ ଦଳ ଦଳ ହୋଇ ବୁଲୁଛନ୍ତି ବୁଲା କୁକୁର। ରାଜ୍ୟରେ ବଢୁଛି ବୁଲା କୁକୁରଙ୍କ ସଂଖ୍ୟା। କୁକୁରଙ୍କ ପାଇଁ ପ୍ରତିଦିନ ଯାଉଛି ନିରୀହ ଲୋକଙ୍କ ଜୀବନ। ବୁଲା କୁକୁରଙ୍କ ଆତଙ୍କ ବୃଦ୍ଧି ପାଇବାରେ ଲାଗିଛି। କୁକୁର ପ୍ରାର୍ଦୁଭାବରେ ପଥଚାରୀ, ଦୁଇ ଚକିଆ ଯାନ ଚାଳକ ଓ ବିଶେଷକରି ସ୍କୁଲ ଯାଉଥିବା ଛୋଟ ଛୋଟ ପିଲାମାନେ ଭୟଭୀତ ହୋଇପଡୁଛନ୍ତି। ପ୍ରତ୍ୟେକ ମେଳିରେ ୧୦ରୁ ୧୨ଟି କୁକୁର ରହି ବିଭିନ୍ନ ସାହିବସ୍ତିରେ ଅବାଧ ବିଚରଣ କରୁଛନ୍ତି। ଏମାନଙ୍କ ମଧ୍ୟରେ ରୋଗାକ୍ରାନ୍ତ ଓ ପାଗଳ କୁକୁରେ ମଧ ରହିଥିବାର ପରିଲକ୍ଷିତ ହେଉଛି। ବିଶେଷକରି ସନ୍ଧ୍ୟା ସମୟ ଅତିକ୍ରାନ୍ତ ପରେ ଏହି ବୁଲା କୁକୁର ମାନଙ୍କର ଆତଙ୍କ ବଢି ଯାଉଛି। ଏସଂପର୍କରେ ଜନସାଧାରଣ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇଲେ ମଧ ଏଥିପ୍ରତି କର୍ଣ୍ଣପାତ କରୁ ନଥିବାର ଅଭିଯୋଗ ହେଉଛି।

ତେବେ ରାଜ୍ୟରେ କୁକୁର ବନ୍ଧ୍ୟାକରଣ ଯୋଜନା ୦ପ୍। କୁକୁର ବନ୍ଧ୍ୟାକରଣ ଯୋଜନାର ସଫଳ ରୂପାୟନ ହେଉନଥିବାରୁ ସହରରେ ବୁଲା କୁକୁରଙ୍କ ବଂଶ ବଢ଼ିବାରେ ଲାଗିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ସହରର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନରେ ବୁଲା କୁକୁରଙ୍କ ସଂଖ୍ୟା ବୃଦ୍ଧି ପାଇଛି। କୁକୁରଙ୍କ ଉପଦ୍ରବରେ ଜନସାଧାରଣ ହନ୍ତସନ୍ତ। ସନ୍ଧ୍ୟା ପରେ କୁକୁର ମାନଙ୍କର ଦୌରାତ୍ମ୍ୟ ବଢ଼ିଯାଉଥିବାର ଲକ୍ଷ୍ୟ କରାଯାଉଛି। ବିଶେଷକରି ପଥଚାରୀ ଓ ବାଇକ ଚାଳକ ମାନଙ୍କୁ ଦେଖି ବୁଲା କୁକୁରମାନେ କାମୁଡିବା ପାଇଁ ଗୋଡାଉଥିବାରୁ ସ୍ଥଳ ବିଶେଷରେ ଦୁଇ ଚକିଆ ଗାଡିର ଆରୋହୀ ମାନେ ବହୁ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହା ବ୍ୟତୀତ ବହୁ ଲୋକ କୁକୁର କାମୁଡାରେ ମଧ ଆହତ ହେଉଛନ୍ତି। ସନ୍ଧ୍ୟା ସମୟରେ ଟ୍ୟୁସନ ଫେରନ୍ତା ଛାତ୍ରଛାତ୍ରୀମାନେ ମଧ କୁକୁରଙ୍କ ଉପଦ୍ରବରୁ ଭୟଭୀତ ହୋଇପଡୁଛନ୍ତି। ବିଳମ୍ବିତ ରାତିରେ ଏହି ବୁଲା କୁକୁରମାନଙ୍କର ବିକଟାଳ ଧ୍ୱନୀ ଜନସାଧାରଣଙ୍କ ନିଦ୍ରା ଭଙ୍ଗ କରୁଛି। ଏହାବ୍ୟତୀତ କୁକୁରମାନେ ରାସ୍ତାରେ ଏଣେତେଣେ ମଳତ୍ୟାଗ କରି ପରିବେଶକୁ ପ୍ରଦୂଷିତ କରୁଛନ୍ତି। ବୁଲା କୁକୁର ମାନଙ୍କର ଆତଙ୍କରୁ ଜନସାଧାରଣଙ୍କୁ ରକ୍ଷା କରିବା ନିମନ୍ତେ ବିଭାଗୀୟ କର୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ସରକାରୀ ଅର୍ଥ ହେରଫେର ଅଭିଯୋଗରେ ପିଇଓ ଗିରଫ

**ଫୁଲବାଣୀ, ୮।୧୧ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ୍ କଖାରୁଝୋଲା ପଂଚାୟତରେ ସରକାରୀ ଯୋଜନା ଅନୁଦାନ ଅର୍ଥ ହେରଫେର ଓ ହଡ଼ପ ଅଭିଯୋଗରେ ପୂର୍ବତନ ପିଇଓ ବିଷ୍ଣୁଚରଣ ବେହେରାଙ୍କୁ ଆଜି ଫୁଲବାଣୀ ଭିଜିଲାନ୍ସ ବିଳମ୍ବରେ ହେଲେ ବି ଗିରଫ କରିଛି । ୨୦୨୨ରେ ଅଭିଯୁକ୍ତ ପିଇଓ ବିଷ୍ଣୁଚରଣ କଖାରୁଝୋଲା ପଂଚାୟତରେ ପିଇଓ ବିଷ୍ଣୁଚରଣ ଅନୁରୂପ ଭାବେ କାର୍ଯ୍ୟରତ ଥିବା ବେଳେ ୮ଲକ୍ଷରୁ ଅଧିକ ଟଙ୍କା ହେରଫେର ହୋଇଥିବା ନେଇ ତାଙ୍କ ନାମରେ ଅଭିଯୋଗ ରହିଥିଲା। ଏନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିଲା ଆଜି ବିଷ୍ଣୁ ଚରଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଭିଜିଲାନ୍ସ ଡିଏସପି ହେମନ୍ତ କୁମାର ମହାନ୍ତି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଗିରଫ କୋଟଗଡ଼ ବ୍ଲକ୍‌ର ଦୁର୍ଗାପଙ୍ଗା ପଂଚାୟତରେ କାର୍ଯ୍ୟରତ ଥିବା ବେଳେ ସରକାରୀ ଯୋଜନା ଅନୁଦାନ ଅର୍ଥ ହେରଫେର ଓ ହଡ଼ପ କରିଥିବା ନେଇ ଅଭିଯୋଗ ହୋଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇ ଗତ ମେ ମାସ ୩୦ତାରିଖରେ ତାଙ୍କୁ ଜିଲ୍ଲାପାଳ କାର୍ଯ୍ୟରୁ ନିଲମ୍ବନ କରିଥିଲେ। ସେବେଠାରୁ ୫ମାସ ହେବ ପିଇଓ ବିଷ୍ଣୁଚରଣ ଫେରାର ରହିଥିଲେ ।

# ଦୁର୍ଘଟଣାକୁ ନିମନ୍ତ୍ରଣ କରୁଛି ବିପଦସଙ୍କୁଳ ପୋଲ



**ହିଞ୍ଜିଳିକାଟୁ, ୮।୧୧ (ସଂଚାର ବ୍ୟୁରୋ):** ପୋଲ ପାଲଟିଛି ମରଣଯନ୍ତା। ପୋଲ ଛାତରୁ ସିମେଣ୍ଟ କଙ୍କ୍ରିଟ ଖସିଲାଣି, ବଡ ବଡ ଖାଲ ଦେଖାଯିବା ସହ ଲୁହାଛଡ ବି ଦେଖାଗଲାଣି। ବଡ ବଡ ଖାଲ ଯୋଗୁଁ ବାଇକ ଓ ସାଇକେଲ ଆରୋହୀ ଅଧିକ କ୍ଷତିଗ୍ରସ୍ତ ହେବା ସହ ଗାଈଗୋରୁଙ୍କ ଗୋଡ଼ ଏହି ଖାଲ ଭିତରେ ପଶିଯାଉଛି। ତେବେ ଏହି ଦୃଶ୍ୟ ଦେଖିବାକୁ ମିଳିଛି ହିଞ୍ଜିଳିକାଟୁ ପୌରପରିଷଦ ବ୍ଲକ ଛକ - ଫାୟାର ଷ୍ଟେସନ ରୋଡ ଠାରୁ କାଳୀ ମନ୍ଦିର ତଥା କେନାଲ ରୋଡ ସଂଯୋଗ କରୁଥିବା କେନାଲ ପୋଲରେ।

ବହୁଦିନ ପୂର୍ବରୁ ନିର୍ମାଣ କରାଯାଇଥିବା ଏହି ପୋଲ ବିପଦସଂକୁଳ ଅବସ୍ଥାରେ ରହିଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏହାର ରକ୍ଷଣାବେକ୍ଷଣ କରାଯାଉନାହିଁ। ଫଳରେ ଏବେ ପୋଲଟି ଦୁର୍ବଳ ଅବସ୍ଥାରେ ଥିବା ଦେଖାଯାଇଛି। କେତେବେଳେ ଯେ ଭୁଶୁଡ଼ି ପଡ଼ିବ ତାହା କହିହେବ ନାହିଁ। ଯାହାକୁ ନେଇ ଏହି କେନାଲ ପୋଲ ଦେଇ ଯା'ଆସ କରୁଥିବା ପଥଚାରୀମାନଙ୍କ ମଧ୍ୟରେ ତିବ୍ର ଅସନ୍ତୋସ ବୃଦ୍ଧି ପାଇଛି। ଯଦି କେହି ବାହାର ଅଞ୍ଚଳର ବାଇକ ଆରୋହୀ ଦୃତ ଗତିରେ ଏହି ରାଜପଥରେ ଆସିବ ତା ହେଲେ ତାର ମୃତ୍ୟୁମୁଖରେ ପଡିବା ସମ୍ଭବନା ଅଧିକ ରହିଛି। କାହିଁକି ନା ସେ ଗାତ ସମ୍ପର୍କରେ ଅବଗତ ନଥିବାରୁ ଦୃତ ଗତିରେ ଆସି

## କେବେ ପଡ଼ିବ ପ୍ରଶାସନର ଦୃଷ୍ଟି ?

ଖାଲରେ ପଡିବା ଥୟା। ପୋଲ ଉପରେ ସବୁ ବେଳେ ଲୋକଙ୍କ ଯାତାୟତ ସମେତ ଭାରିଯାନ ଠାରୁ ଆରମ୍ଭ କରି ଅନ୍ୟ ସମସ୍ତ ଗାଡ଼ି ଚଳାଚଳ କରୁଥିବାରୁ କୌଣସି ମୁହୂର୍ତ୍ତରେ ବିପଦ ସୃଷ୍ଟି ହେବାର ଆଶଙ୍କା ରହିଛି ।

ତୁରନ୍ତ ଉକ୍ତ କେନାଲ ପୋଲ ମରାମତି କରିବାକୁ ଅଞ୍ଚଳବାସୀ ଦାବୀ କରିଥିବା ବେଳେ ବିଭାଗୀୟ ଅଧିକାରୀ ମାନଙ୍କ ଏହି ରାସ୍ତା ପ୍ରତି ନଜର ନପଡିବା ଦୁଃଖଦାୟକ ହୋଇଛି।

# ସରିଲା ଆଞ୍ଚଳିକ ବିଜ୍ଞାନ କଂଗ୍ରେସ -୨୦୨୫




**ଖୋର୍ଦ୍ଧା, ୮।୧୧ (ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ (ଜେଏନଭି), ଖୋର୍ଦ୍ଧା ଦ୍ୱାରା ଆୟୋଜିତ ପାଞ୍ଚ ଦିନିଆ ଆଞ୍ଚଳିକ ବିଜ୍ଞାନ କଂଗ୍ରେସ-୨୦୨୫ ଆଜି ନଭେମ୍ବର-୪ ରୁ ୮ ତାରିଖ ୨୦୨୫ ପର୍ଯ୍ୟନ୍ତ ଯୁବ ଶିକ୍ଷାର୍ଥୀଙ୍କ ମଧ୍ୟରେ ନବସୃଜନ, ଅନୁସନ୍ଧାନ ଏବଂ ବୈଜ୍ଞାନିକ ମନୋଭାବ ପାଳନ କରି ଏକ ପ୍ରେରଣାଦାୟକ ବିଦାୟ ସମାରୋହ ସହିତ ଶେଷ ହୋଇଛି। ଏହି କଂଗ୍ରେସରେ ଓଡ଼ିଶା ଏବଂ ଛତିଶଗଡ଼ର ୫୯ ଜବାହାର ନବୋଦୟ ବିଦ୍ୟାଳୟର ପ୍ରତିନିଧିତ୍ୱ କରୁଥିବା ୫୯ ଜଣ ଛାତ୍ରଛାତ୍ରୀଙ୍କ ଉତ୍ସାହୀ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମ ଉଦୀୟମାନ ବୈଜ୍ଞାନିକମାନଙ୍କୁ ସେମାନଙ୍କର ପ୍ରକଳ୍ପ ପ୍ରଦର୍ଶନ କରିବା, ଚିନ୍ତାଧାରା ଆଦାନପ୍ରଦାନ କରିବା ଏବଂ ସେମିନାର, ମଡେଲ ପ୍ରଦର୍ଶନୀ, ହାତ-ଅନ୍ କର୍ମଶାଳା ଏବଂ ପାରସ୍ପରିକ ବିଶେଷଜ୍ଞ ଅଧିବେଶନ ମାଧ୍ୟମରେ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାରେ ଉଦୀୟମାନ ସୀମା ଅନୁସନ୍ଧାନ କରିବା ପାଇଁ ଏକ ସ୍ପନ୍ଦନଶୀଳ ପ୍ଲାଟଫର୍ମ ପ୍ରଦାନ କରିଥିଲା। କଂଗ୍ରେସ ଦୈନନ୍ଦିନ ସମସ୍ୟା ସମାଧାନରେ ସ୍ଥାୟୀ ନବସୃଜନ ଏବଂ ବୈଜ୍ଞାନିକ ପଦ୍ଧତିର ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲା।

# ବିଜେଡିର ବିଶାଳ ଜନସମ୍ପର୍କ ପଦଯାତ୍ରା




**ନୀଳଗିରି, ୮।୧୧ (ସଂଚାର ବ୍ୟୁରୋ):** ରାଜ୍ୟବାସୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଏବଂ ଭୋଟଚୋରୀ କରି ଶାସନକ୍ଷମତାକୁ ଆସିଥିବା ବିଜେପି ସରକାର ଇତିମଧରେ ୧୭ମାସ ଶାସନ କରିଥିଲେ ହେଁ ଲୋକଙ୍କୁ ଦେଇଥିବା କୌଣସି ପ୍ରତିଶ୍ରୁତି ପାଳନ କରିନାହାନ୍ତି। ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ। ନାରୀ ନିର୍ଯାତନା, ଏସଆଇ ପରୀକ୍ଷାରେ ମହାଦୁର୍ନୀତି, ନରହତ୍ୟା ଭଳି ଜଘନ୍ୟ ଅପରାଧ ବୃଦ୍ଧିପାଇଛି। ଏପରିକି ପୋଲିସର ନିଷ୍କ୍ରିୟତା ବର୍ତ୍ତମାନର ସରକାରଙ୍କ ଠାରୁ ଆସ୍ଥା ହରେଇ ଦେଇଛି। ଏଭଳି ସଙ୍ଗୀନଆରୋପ ଆଣିଛି ବିଜୁ ଜନତାଦଳ।

ଗତ ଅକ୍ଟୋବର ୯ତାରିଖି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମଜୟନ୍ତୀ ଠାରୁ ନଭେମ୍ବର ୯ତାରିଖି ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ନିର୍ବାଚନମଣ୍ଡଳୀ ଓ ବ୍ଲକରେ ଚାଲିଥିବା ବିଜେଡିର ଜନସଂପର୍କ ପଦଯାତ୍ରା ଅବସରରେ ଆଜି ନୀଳଗିରି ଠାରେ ଆୟୋଜିତ ପଦଯାତ୍ରାରେ ରାଜ୍ୟ ସରକାରଙ୍କ ଟାର୍ଗେଟ କରିଛି ବିଜେଡ଼ି। ପ୍ରାୟ ୩ହଜାର ବିଜେଡ଼ି ନେତା ଓ କର୍ମକର୍ତ୍ତା ନୀଳଗିରି ଜଗନ୍ନାଥ ମନ୍ଦିରଠାରୁ ବାହାରି ବାଇପାସ୍ ଛକପର୍ଯ୍ୟନ୍ତ ଆସି ବାଇପାସ୍ ଛକନିକଟରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ। ପରେ କେ.ସି ହାଇସ୍କୁଲ ପଡ଼ିଆରେ ଆୟୋଜିତ ସଭାରେ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପଦଯାତ୍ରା ସମାବେଶରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଜିଲ୍ଲା ସଭାପତି ତଥା ପୂର୍ବତନମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହି, ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡା, ବ୍ଲକ୍ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀଙ୍କ ସମେତ ବିଜେଡ଼ି ସମର୍ଥିତ ସମସ୍ତ ସରପଞ୍ଚ, ସମିତିସଭ୍ୟ ଏବଂ ବହୁ ବିଜେଡ଼ି କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବୁଢ଼ୀ ଠାକୁରାଣୀ ରୋଷଘରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବାଲିଅନ୍ତା, ୮।୧୧ (ସଂଚାର ବ୍ୟୁରୋ):** ବାଲିଅନ୍ତା ଥାନା ଅଧୀନ ହୀରାପୁର ଗ୍ରାମବୁଢ଼ୀ ଠାକୁରାଣୀଙ୍କ ରୋଷଘର ଝରକା ଗ୍ରିଲରୁ ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି । ମୃତ ଯୁବକ ହେଲେ ହୀରାପୁର ଗ୍ରାମର ପିତାମ୍ବର ସାହୁଙ୍କ ସାନ ପୁଅ ନିରାକାର ସାହୁ ( ୩୧ ) । ତେବେ ନିରାକାରଙ୍କ ଗୋଡ଼ ତଳକୁ ଲାଗି ଝୁଲୁଥିବାରୁ ତାଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବା ନେଇ ଚେଷ୍ଟା କରାଯାଇଥିବା ସନ୍ଦେହ କରାଯାଉଛି। ମାନସିକ ଭରସାମ୍ୟ ହରାଇ ନିରାକାର ଆତ୍ମହତ୍ୟା କରିଥିବା ଆଲୋଚନା ହେଉଛି । ତେବେ ମୃତ୍ୟୁର କାରଣ ସ୍ପଷ୍ଟ ଜଣାପଡ଼ିନଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ପରେ ମୃତ୍ୟୁର କାରଣ ଜଣାପଡ଼ିଯିବ ବୋଲି ଜଣାଯାଇଛି । ସୂଚନା ଅନୁସାରେ ଅବିବାହିତ ନିରାକାର ଜଣେ କାର ଚାଳକ । ଅଧିକାଂଶ ସମୟ ନିଶା ଖାଇ ବୁଲନ୍ତି ୩ ଦିନ ତଳେ ତାଙ୍କର ଘରେ ଝଗଡା ହୋଇଥିଲା । ତେଣୁ ଘରକୁ ନଯାଇ ପଦାରେ ବୁଲୁଥିଲେ । ଆଜି ଭୋର ସମୟରେ ବୁଢ଼ୀ ଠାକୁରାଣୀଙ୍କ ଝରକା ଗ୍ରିଲରେ ଝୁଲି ପଡିଥିଲେ । ତେଣୁ ନିରାକାରଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବା ନେଇ ଟାଙ୍ଗି ଦିଆଯାଇଥିବା ନେଇ ସନ୍ଦେହ ପ୍ରକାଶ ପାଇଛି । ଖବର ପାଇ ପୁଲିସ ମୃତଦେହ ଜବତ କରିଥିଲା ।

# ମାନବିକ ସ୍ପର୍ଶ ବଳରେ ମଣିଷର କଷ୍ଟ ଯନ୍ତ୍ରଣା ଲାଘବ କରିବାର ସୁଯୋଗ ନର୍ସମାନଙ୍କୁ ମିଳିଥାଏ: କୁଳପତି




**ଭୁବନେଶ୍ୱର, ୮।୧୧ (ସଂଚାର ବ୍ୟୁରୋ):** ନର୍ସିଂ ଏଭଳି ଏକ ମହାନ ବୃତ୍ତି ଯେଉଁଥିରେ କି ବିଶ୍ୱରେ କଷ୍ଟ ଯନ୍ତ୍ରଣା ଭୋଗୁଥିବା ବ୍ୟକ୍ତିଙ୍କୁ ମାନବିକ ସ୍ପର୍ଶ ବଳରେ ସେମାନଙ୍କର ଯନ୍ତ୍ରଣା ଲାଘବ କରିବାର ସୁଯୋଗ ମିଳିଥାଏ ବୋଲି ଶୁକ୍ରବାର କହିଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ।

କୋଭିଡ-୧୯ ସମୟରେ ନର୍ସମାନଙ୍କର ମହାନ ବୃତି। ସେମାନଙ୍କ ସେବା ସାରା ବିଶ୍ୱ ଅନୁଭବ କରିଛି ବୋଲି ସୋଆ ପରିଚାଳିତ ସମ ନର୍ସିଂ କଲେଜ-୧ର ନୂତନ ନର୍ସିଂ ଛାତ୍ରଛାତ୍ରୀଙ୍କର ଓରିଏଂଟେସନ୍ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଫେସର ନନ୍ଦ ଏହା କହିଛନ୍ତି। ଜେନେରାଲ ନର୍ସିଂ ଆଣ୍ଡ ମିଡ୍‌ୱାଇଫ୍ରି (ଜିଏନ୍‌ଏମ୍), ବିଏସ୍‌ସି (ନର୍ସିଂ), ପୋଷ୍ଟ ବେସିକ୍ ବିଏସ୍‌ସି (ନର୍ସିଂ) ଓ ଏମ୍‌ଏସ୍‌ସି (ନର୍ସିଂ) ପାଠ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ସୋଆ ପରିଚାଳିତ ଏହି ଅନୁଷ୍ଠାନରେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇ କୁଳପତି କହିଥିଲେ ଯେ ସେମାନେ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁସନାଲ ରାଙ୍କିଙ୍ଗ ଫ୍ରେମୱାର୍କ (ଏନଆଇଆର୍‌ଏଫ୍) ରାଙ୍କିଙ୍ଗ ଅନୁଯାୟୀ ଦେଶର ୧୫ତମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଯାହା ଅଧିନରେ କି ଅନେକ ବଡ଼ ବଡ଼ ହସ୍ପିଟାଲ୍ ପରିଚାଳିତ ହେଉଛି ସେଠାରେ ପାଠ ପଢ଼ିବାର ସୁଯୋଗ ପାଇଛନ୍ତି। ଆମ ଅନୁଷ୍ଠାନ ଏକ ଗବେଷଣାମନସ୍କ ବିଶ୍ୱବିଦ୍ୟାଳୟ ଏବଂ ତୁମ୍ଭେମାନେ ଗବେଷଣା ପାଇଁ ଅନେକ ସୁଯୋଗ ପାଇପାରିବ।

# ନାଟକ ସମାଜର ବାସ୍ତବ ଚିତ୍ର ବହନ କରେ

## ଦର୍ଶକଙ୍କୁ ବାନ୍ଧି ରଖିଲା ମୁକ୍ତ ମଞ୍ଚ ନାଟକ



**କାକଟପୁର/ଅସ୍ତରଙ୍ଗ, ୮।୧୧ (ସଂଚାର ବ୍ୟୁରୋ):** ପୃଥିବୀର ସବୁ ଭାଷାର ସାହିତ୍ୟ ସହିତ ନାଟକ ଏକ ଅବିଚ୍ଛେଦ ଅଙ୍ଗ। ଜୀବନ ସହିତ ସାହିତ୍ୟ ଯେମିତି ନାଟକ ମଧ ଅଙ୍ଗାଙ୍ଗୀ ଭାବେ ଜଡିତ। ନାଟକ ଜୀବନର କଥା କହେ। ନାଟକ ଏଭଳି ଏକ ମଞ୍ଚ ଶାନ୍ତ ମନକୁ ବିଚଳିତ କରି ପାରେ ପୁଣି ବିଚଳିତ ମନକୁ ମଧ ଶାନ୍ତ କରିପାରେ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନଈଗୁଆଁ ପଂଚାୟତ ନଈଗୁଆଁ ଶ୍ରୀ ଶ୍ରୀ ବିଘ୍ନନାଶନ ପାଠାଗାର କ୍ଲବ ଦ୍ୱାରା ଆୟୋଜିତ ୫୫ବାର୍ଷିକ ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା ରେ ଯୋଗଦେଇ ପ୍ରତିଯୋଗୀ ମାନଙ୍କୁ ଏଭଳି କହି ଉତ୍ସାହିତ କରିଛନ୍ତି।

ନଈଗୁଆଁ ପଂଚାୟତ ନଈଗୁଆଁ ଶ୍ରୀ ଶ୍ରୀ ବିଘ୍ନନାଶନ ପାଠାଗାର କ୍ଲବ ଦ୍ୱାରା ୫୫ବାର୍ଷିକ ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତାର ଦ୍ୱିତୀୟ ରାତ୍ରରେ କ୍ଲବ ସଭାପତି ଜୀବନ ଜ୍ୟୋତି ପଣ୍ଡା ସଭାପତିତ୍ୱରେ ଅତିଥି ଭାବେ ବିଜେପି ଦଳର ଜିଲ୍ଲା ସଭାପତି ଡ଼ଃ ଦେବେନ୍ଦ୍ର ନାଥ ତରାଇ, ଅସ୍ତରଙ୍ଗ ବ୍ଲକ ଅଧକ୍ଷା ଆରତୀ ନାଏକ, ସମାଜସେବୀ ପ୍ରତାପ ପରିଡା, ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ, ବିଜେପି ଜିଲ୍ଲା ଉପସଭାପତି ରତିକାନ୍ତ ବେହେରା, ନଈଗୁଆଁ ସରପଞ୍ଚ ମଞ୍ଜୁଲତା ଖୁଣ୍ଟିଆ, ସମାଜସେବୀ ପ୍ରତାପ ଖୁଣ୍ଟିଆ, ଉପାଧକ୍ଷ ଦୃଜୟ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତାରେ ଦ୍ୱିତୀୟ ରାତ୍ରରେ ପାରାଦ୍ୱୀପ (ରାହାମା) ଅଂଚଳର ମା' ବୁଢ଼ୀ ଜାଗୁଲେଇ ଡ୍ରାମାଟିକ କ୍ଲବ ଦ୍ୱାରା ପରିବେଷିତ ନାଟକ 'ବାପାଙ୍କ ଗପ କହିଲେ ପାପ' ଉପସ୍ଥିତ ଦର୍ଶକଙ୍କୁ ସମ୍ପୂର୍ଣ୍ଣ ବାନ୍ଧି ରଖିଥିଲା। ଏହି ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା ୬ତାରିଖରୁ ୯ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

# ଜିଲ୍ଲାସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ




**ନବରଙ୍ଗପୁର, ୮।୧୧ (ସଂଚାର ବ୍ୟୁରୋ):** ଶନିବାର ଦିନ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ତରଫରୁ ସରସ୍ୱତୀ ଶିଶୁ ଜ୍ଞାନ ମନ୍ଦିରରେ ଜିଲ୍ଲା ସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଥିଲା। ଏହି ବିଜ୍ଞାନ ମେଳାରେ ୫ଗୋଟି ବିଦ୍ୟାଳୟର ଯଥା - ସରସ୍ୱତୀ ଶିଶୁ ଜ୍ଞାନ ମନ୍ଦିରର ୧୧ ଜଣ ଶିଶୁ , ଗୁରୁଚାନ୍ଦ ବିଦ୍ୟାମନ୍ଦିର (ରାଇଘର)ର ୯ ଜଣ ଶିଶୁ, ଡିଏଭି ଆଦର୍ଶ ବିଦ୍ୟାଳୟ (ଉମରକୋଟ)ର ୧୪ ଜଣ ଶିଶୁ, ଉତ୍କଳ ଭାରତୀ ଶିଶୁ ଶିକ୍ଷା ନିକେତନ (ଧଡ୍ରା)ର ଶିଶୁ ୧୪ ଜଣ ଶିଶୁ ଓ ଶ୍ରୀ କଳିଙ୍ଗ ବିଦ୍ୟାପୀଠ (ଉମରକୋଟ)ର ଶିଶୁ ୧୫ଜଣ ଶିଶୁ ଯୋଗଦେଇଥିଲେ। ଏହି ବିଜ୍ଞାନ ମେଳାରେ ମୋଟ ୬୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ ଏବଂ ୩୦ ଜଣ ଗୁରୁଜୀ ଗୁରୁମା ଆସିଥିଲେ। ସମସ୍ତ ପ୍ରତିଯୋଗୀ ଙ୍କ ପାଇଁ 'ଏ', 'ବି', 'ସି', 'ଡି' ଏହିପରି ୪ ଟି ଗ୍ରୁପରେ ବିଭକ୍ତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଶ୍ରୀ ରଞ୍ଜନ କୁମାର ମହାପାତ୍ର ପ୍ରିଂସିପଲ୍ ପୂଜାରୀ ଗୁଡାର , ୩ଜଣ ବିଜ୍ଞାନ ଶିକ୍ଷକ ଶ୍ରୀ ଅରୁଣ ମହାପାତ୍ର, ବୃନ୍ଦାବନ ପାଢ଼ୀ, ଅଶ୍ୱିନୀ ପଟ୍ଟନାୟକ ଯୋଗ ଦେଇ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ଜିଲ୍ଲା ପ୍ରମୁଖ ସାଇମନ ବିଡ଼ିକା ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ।

# ମାର୍କେଟ କମ୍ପ୍ଲେକ୍ସରୁ ହରିଣ ଉଦ୍ଧାର



**ହିଞ୍ଜିଳିକାଟୁ, ୮।୧୧ (ସଂଚାର ବ୍ୟୁରୋ):** ଶନିବାର ସନ୍ଧ୍ୟା ସମୟରେ ହିଞ୍ଜିଳିକାଟୁ ପୌରାଞ୍ଚଳ ସ୍ଥିତ ମାର୍କେଟ କମ୍ପ୍ଲେକ୍ସ ପାଖରେ ଏକ ହରିଣ ବୁଲୁଥିବା ନେଇ ସ୍ଥାନୀୟ ଲୋକେ ଦେଖିଥିଲେ। ହରିଣଟି ଭୟଭୀତ ହୋଇ ଏପଟେ ସେପଟେ ହେଉଥିବା ବେଳେ ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକେ ହିଞ୍ଜିଳି ବନ ବିଭାଗକୁ ଖବର ଦେଇଥିବା ବେଳେ ବନ କର୍ମଚାରୀ ମାନେ ଆସି ହରିଣକୁ ଉଦ୍ଧାର କରିଥିଲେ। ପରେ ସ୍ଥାନୀୟ ବ୍ଲକ କଲୋନୀ ସ୍ଥିତ ପ୍ରାଣୀ ଚିକିତ୍ସାଳୟକୁ ନେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ହରିଣଟି କେମିତି ଓ କେଉଁ ଆଡୁ ଆସିଛି ତାହା ଜଣାପଡ଼ିନଥିବା ବେଳେ ହରିଣକୁ ସୁରକ୍ଷିତ ଭାବେ ଜଙ୍ଗଲକୁ ଛଡାଯିବ ନେଇ ବନ ବିଭାଗ ପକ୍ଷରୁ କୁହାଯାଇଛି।

# ଭତ୍ତା ଯନ୍ତ୍ରଣା: ସାଇକେଲରେ ବୁହାହୋଇ ଆସିଲେ ୮୪ବର୍ଷୀୟ ବୃଦ୍ଧ



**କାକଟପୁର/ଅସ୍ତରଙ୍ଗ, ୮।୧୧ (ସଂଚାର ବ୍ୟୁରୋ):** ଭିନ୍ନକ୍ଷମ ଓ ଶଯ୍ୟାଶାୟୀ ବୃଦ୍ଧ, ବୃଦ୍ଧାଙ୍କ ପାଇଁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ସରକାର ତରଫରୁ ପ୍ରତି ମାସରେ ଭତ୍ତା ପ୍ରଦାନ କରାଯାଉଛି। କିନ୍ତୁ ଏ ଭତ୍ତା ଏବେ ସେମାନଙ୍କ ପାଇଁ ସହାୟତା ବଦଳରେ ଅଭିଶାପ ପାଲଟିଯାଇଛି। ଦିବ୍ୟାଙ୍ଗ, ଅସହାୟ ଓ ବୟସାଧିକ ଯୋଗୁଁ ଚଳପ୍ରଚଳ କରିପାରୁନଥିବା ବ୍ୟକ୍ତିଙ୍କ ନିକଟରେ ସାମାଜିକ ସୁରକ୍ଷା ଯୋଜନାରେ ପ୍ରଦାନ କରାଯାଉଥିବା ଭତ୍ତା ଅର୍ଥ ପହଂଚାଇବା ପାଇଁ ସରକାରୀ ନିର୍ଦ୍ଦେଶ ରହିଥିବା ବେଳେ ଏଥିପ୍ରତି ପ୍ରଶାସନିକ ଅଧିକାରୀମାନେ କିନ୍ତୁ ଆନ୍ତରିକତା ଦେଖାଉ ନାହାନ୍ତି। ବ୍ୟାଙ୍କର ଅସହଯୋଗ ଯୋଗୁଁ ଚଳପ୍ରଚଳ କରିବାରେ ଅକ୍ଷମ ଜଣେ ୮୪ବର୍ଷୀୟ ବୃଦ୍ଧଙ୍କୁ ଭତ୍ତା ଟଙ୍କା ପାଇଁ ଦିବ୍ୟାଙ୍ଗ ତଥା କଥା କହି ପାରୁନଥିବା ପୁଅ ସଞ୍ଜୟ ପତି ସାଇକେଲରେ ନାନପୁର ଗାଁରୁ ଅସ୍ତରଙ୍ଗ ୟୁନିୟନ ବ୍ୟାଙ୍କକୁ ସାଇକେଲରେ ଗଡ଼ାଇ ଗଡ଼ାଇ ଆଣିଥିବା ଭଳି ଘଟଣା ଦେଖିବାକୁ ମିଳିଛି।

ଅଭିଯୋଗରୁ ପ୍ରକାଶ ଯେ, ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ନାନପୁର ଗ୍ରାମର ବୁଲା ପତି (୮୪) ଭତ୍ତା ହିତାଧିକାରୀ ହୋଇଥିବା ବେଳେ ସେ ଚଳପ୍ରଚଳ କରି ପାରୁନାହାନ୍ତି। ତାଙ୍କର ଭତ୍ତା ଟଙ୍କା ଅସ୍ତରଙ୍ଗ ୟୁନିୟନ ବ୍ୟାଙ୍କକୁ ଆସିଥାଏ। ବ୍ୟାଙ୍କକୁ ଆସିବା ପାଇଁ ବୃଦ୍ଧ ବାପା ଅକ୍ଷମ ହେତୁ ଦିବ୍ୟାଙ୍ଗ ପୁଅ ସଞ୍ଜୟ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ସାକ୍ଷାତ କରି ନିବେଦନ କରିଥିଲେ। ଏହାକୁ ବ୍ୟାଙ୍କ କର୍ମଚାରୀ କର୍ଣ୍ଣପାତ କରିନଥିଲେ। ବ୍ୟାଙ୍କରୁ ନିରାଶ ହେବାରୁ ବାଧ ହୋଇ ପୁଅ ସଞ୍ଜୟ ସାଇକେଲ ମାଧ୍ୟମରେ ବୃଦ୍ଧ ବାପାକୁ ବସାଇ ପାଖାପାଖି ୮କିଲୋମିଟରରୁ ଉର୍ଦ୍ଧ୍ୱ ସାଇକେଲରେ ଗଡ଼ାଇ ଗଡ଼ାଇ ଆଣିଥିଲେ। ଜଣେ ଶଯ୍ୟାଶାୟୀ ବୃଦ୍ଧଙ୍କୁ ଭତ୍ତା ଅର୍ଥ ଉଠାଣ ନିମନ୍ତେ ଘଟଣା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ଦୋକାନରୁ ୯୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଚୋରି

**ଡାବୁଗାଁ, ୮।୧୧ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ପଞ୍ଚାୟତ ପାଖରେ ଥିବା ଲୁଗା ଓ ଫେନଶୀ ଦୋକାନରୁ ଶୁକ୍ରବାର ରାତ୍ରିରେ ଚୋରି ହେଇଥିବା ନେଇ ଶନିବାର ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି। ସୂଚନଯୋଗ୍ୟ ଡାବୁଗାଁ ପଞ୍ଚାୟତ ପାଖରେ ଥିବା ଲୁଗା ଓ ଫେନଶୀ ଦୋକାନୀ ଶଙ୍କର ଦଳେଇଙ୍କ ବାପା ଶୁକ୍ରବାର ସନ୍ଧ୍ୟା ସମୟରେ ନିଜ ଦୋକାନ ବନ୍ଦ କରି ନିଜ ଘରକୁ ଯାଇଥିଲେ। ଶନିବାର ସକାଳ ୭ ଘ. ସମୟରେ ସେ ଦୋକାନ ଖୋଲିବାକୁ ଯାଇ ଦେଖିଥିଲେ ଯେ ଦୋକାନ ଗୃହ କବାଟର ତାଲା ଭଙ୍ଗା ଯାଇଛି ଓ ଦୋକାନରେ ଥିବା ୩ଟି ଟଙ୍କା ବାକ୍ସରୁ ପ୍ରାୟ ୯୦ ହଜାର ଟଙ୍କା ଓ କିଛି ଜିନିଷ ଚୋରି ହୋଇଛି। ଏନେଇ ଶଙ୍କର ଡାବୁଗାଁ ଥାନାର ଏତଲା ଦେଇଛନ୍ତି । ଉକ୍ତ ଏତଲାକୁ ଭିତ୍ତିକରି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି ।

# ୟୁପିଏଲରେ ସୁପର ଓଭର୍ ରୋମାଞ୍ଚ



**ଉମରକୋଟ, ୮।୧୧ (ସଂଚାର ବ୍ୟୁରୋ):** ୟୁପିଏଲ ପ୍ରିମିୟର ଲିଗ୍‌ର ପ୍ରଥମ ଦିନରେ ଦୁଇଟି ରୋମାଞ୍ଚକର ମ୍ୟାଚ ଦେଖିବାକୁ ମିଳିଥିଲା ପ୍ରଥମ ମ୍ୟାଚ ଦନ୍ତେୱାଡା ବନାମ ଷ୍ଟାର ଏକାଦଶ ଛତିଶଗଡ ଖେଳ ହୋଇ ଥିଲା ଓ ସୁପର ଓଭର୍ ରେ ଦନ୍ତେୱାଡା ବିଜୟ ହୋଇ ଥିବା ବେଳେ ଦ୍ୱିତୀୟ ମ୍ୟାଚ୍ କ୍ୱାଟର ଫାଇନାଲ ଦନ୍ତେୱାଡ଼ା ବନାମ କଣ୍ଡାଗାଁ ମଧ୍ୟରେ ଖେଳା ଯାଇଥିଲା ଯାହାର ବିଜେତା କଣ୍ଡାଗାଁ ହୋଇଥିଲା। ପ୍ରଥମ ମ୍ୟାଚର ମ୍ୟାନ ଅଫ ଦା ମ୍ୟାଚ୍ ଥିଲେ ସୁନିଲ ଓ ଦ୍ୱିତୀୟ ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚ୍ ହେଲେ ଅନୁପ ମଣ୍ଡଳ। ୟୁପିଏଲର ଦ୍ୱିତୀୟ ଦିନର ପ୍ରଥମ ମ୍ୟାଚ୍ ବାଜରଙ୍ଗୀ ଏକାଦଶ ବନାମ ରକ୍ ଷ୍ଟାର ଏକାଦଶ ଓ ଦ୍ୱିତୀୟ ମ୍ୟାଚ ଦ୍ୱିତୀୟ ଦିନର ପ୍ରଥମ ମ୍ୟାଚ୍ ବିଜେତା ବନାମ କଣ୍ଡାଗାଁ। ଦ୍ୱିତୀୟ ଦିନରେ ଉମରକୋଟର ସ୍ଥାନୀୟ ଖେଳାଳି ପୂର୍ଣ୍ଣଚନ୍ଦ୍ର ମାଝିଙ୍କୁ ଦେଖିବା ପାଇଁ ଦର୍ଶକଙ୍କ ମନରେ ଉତ୍ସାହ ଦୁଇଗୁଣ ହୋଇ ରହିଛି ବୋଲି ସ୍ଥାନୀୟ ମାହୋଲରେ ଚର୍ଚ୍ଚା ଚାଲିଛି ।

## ପୀତବାସ ହତ୍ୟା ମାମଲା | ଅଭିଯୁକ୍ତଙ୍କୁ ଜାମିନ୍ ନ ଦେବାକୁ ନିବେଦନ କଲେ ପତ୍ନୀ

ବ୍ରହ୍ମପୁର,୮।୧୧(ସଂଚାର ବ୍ୟୁରୋ): ବହୁଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟା ମାମଲାରେ ଜେଲ୍‌ରେ ଥିବା ଅଭିଯୁକ୍ତମାନଙ୍କଠାରୁ ତାଙ୍କ ପତ୍ନୀ ସୁସ୍ମିତା ପଣ୍ଡା ବିପଦ ଆଶଙ୍କା କରିବା ସହ ଏନେଇ କୋର୍ଟଙ୍କୁ ସେମାନଙ୍କୁ ଜାମିନ୍ ନ ଦେବାକୁ ନିବେଦନ କରିଛନ୍ତି। ଏହି ମାମଲାରେ ପୂର୍ବତନ ବିଜେଡି ବିଧାୟକ ବିକ୍ରମ ପଣ୍ଡା ଓ ବ୍ରହ୍ମପୁର ମହାନଗର ନିଗମର ପୂର୍ବତନ ମେୟର୍ ଶିବ ଶଙ୍କର ଦାସଙ୍କ ପ୍ରତି ପ୍ରଭାବଶାଳୀ ବ୍ୟକ୍ତିବିଶେଷ ଅଭିଯୁକ୍ତ ଥିବାରୁ ଯେକୌଣସି ମୁହୂର୍ତ୍ତରେ ସେମାନେ ପୀତବାସଙ୍କ ପରିବାର ପ୍ରତି ବିପଦ ସୃଷ୍ଟି କରିପାରନ୍ତି ବୋଲି ସୁସ୍ମିତା ଆଶଙ୍କା ପ୍ରଦାନ କରିଛନ୍ତି। ସେ ଆଜି ତାଙ୍କ ବାସଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଆଶଙ୍କା ପ୍ରକାଶ କରିବା ସହ ପୂର୍ବରୁ ଦୁଇ ଦୁଇ ଥର ସେମାନଙ୍କୁ ହତ୍ୟା ଧମକ ମିଳିଥିବା କହିଛନ୍ତି। ତେଣୁ ସେମାନଙ୍କ ଜୀବନ ବିପଦରେ ଥିବା ସୁସ୍ମିତା କହିବା ସହ ତାଙ୍କ ପରିବାରକୁ ନ୍ୟାୟ ଓ ସୁରକ୍ଷା ପ୍ରଦାନ ସକାଶେ ଦାବି କରିଛନ୍ତି। ସେ କହିଛନ୍ତି ଯେ ତାଙ୍କ ପରିବାରକୁ ବରାବର ଧମକ ମିଳୁଥିବା ସମ୍ପର୍କରେ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ଅବଗତ କରାଯିବା ସହ ଏନେଇ ବୈଦ୍ୟନାଥପୁର ଥାନାରେ ଏତଲା ଦିଆଯାଇଛି। ସ୍ୱାମୀଙ୍କ ମୃତ୍ୟୁ ପରେ ତାଙ୍କ ବନ୍ଧୁ ବିକ୍ରମ ପଣ୍ଡା ଆମ ଘରକୁ ଆସି ଆମକୁ ସୁରକ୍ଷା ଦେବାକୁ କହିଥିଲେ। ହେଲେ କିଛିଦିନ ପରେ ମୋ ସ୍ୱାମୀଙ୍କ ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ଦର୍ଶାଇ ପୁଲିସ ବିକ୍ରମ ପଣ୍ଡାଙ୍କୁ ଗିରଫ କରିଥିବା ଆମେ ଜାଣିବାକୁ ପାଇଥିଲୁ। ଜଣେ ସାଙ୍ଗ ହୋଇ କିପରି ସାଙ୍ଗକୁ ସେ ହତ୍ୟା କଲେ, ତାହା ଆମକୁ ଆଶ୍ଚର୍ଯ୍ୟ ଲାଗୁଛି। ଆମ ପରିବାରର ଜୀବନ ବିପଦ ଥିବା ବେଳେ ଉକ୍ତ ମାମଲାରେ ଗିରଫ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ ନ କରିବାକୁ ସେ ବିଚାରପତିଙ୍କୁ ଅନୁରୋଧ କରିଛନ୍ତି। ଆଜିର ସାମ୍ବାଦିକ ସମ୍ମିଳନୀରେ ପୀତାବସଙ୍କ ବଡ଼ ଭାଇ ପ୍ରକାଶ ପଣ୍ଡା ଓ ସାନ ଭାଇ ପୂର୍ଣ୍ଣଚନ୍ଦ୍ର ପଣ୍ଡା ମଧ୍ୟ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଅଭିଯୋଗ ପରେ ପୀତବାସଙ୍କ ପରିବାରକୁ ପୁଲିସ ପକ୍ଷରୁ ୨୪ଘଣ୍ଟିଆ ସୁରକ୍ଷା ଯୋଗାଇ ଦିଆଯାଇଥିବା ଜଣାପଡ଼ିଛି। ସାଦା ପୋଷାକରେ ପୁଲିସ ତାଙ୍କ ବାସଭବନରେ ଜଗି ରହିଥିବା ଦେଖିବାକୁ ମିଳିଛି।



**ଜୀବନ ପ୍ରତି ବିପଦ ଥିବାରୁ ମିଳିଲା ୨୪ ଘଣ୍ଟିଆ ପୁଲିସ୍ ସୁରକ୍ଷା**

## ଘାସିରାମ ଏକମାତ୍ର ନିଷ୍କଳଙ୍କ ଓ ସଚ୍ଚୋଟ ପ୍ରାର୍ଥୀ: କଂଗ୍ରେସ




ନୂଆପଡ଼ା/ଭୁବନେଶ୍ୱର, ୮।୧୧ (ସଂଚାର ବ୍ୟୁରୋ): ଆସନ୍ତା ୧୧ ତାରିଖରେ ନୂଆପଡ଼ା ଉପନିର୍ବାଚନ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ନୂଆପଡ଼ାସ୍ଥିତ ଖୁଣ୍ଟିଆ ଭବନଠାରେ ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ ଯୋଗଦେଇ ଦଳୀୟ ପ୍ରାର୍ଥୀ ଘାସିରାମ ମାଝୀଙ୍କୁ ଅନ୍ୟ ସମସ୍ତ ପ୍ରାର୍ଥୀଙ୍କ ତୁଳନାରେ ନିଷ୍କଳଙ୍କ ଓ ସଚ୍ଚୋଟ ବୋଲି କହିଛନ୍ତି। ସେ କହିଛନ୍ତି ଯେ ରାଜନୈତିକ ଦଳଙ୍କ ସ୍ଥିତି ଭିନ୍ନ ପ୍ରସଙ୍ଗ। କିନ୍ତୁ ଏକ ମୁଖ୍ୟ ପ୍ରସଙ୍ଗ ହେଉଛି ବାହାର ପ୍ରାର୍ଥୀ ହଟାଅ ଯାହା ଜନତାଙ୍କ ମନକୁ ଆସିଛି। କିନ୍ତୁ ତାହା ନିର୍ଣ୍ଣାୟକ ସ୍ତରକୁ ଆସୁନି। କାହିଁକି ବିଜେଡି ଓ ବିଜେପି ନିଜ ମାଟିର ପ୍ରାର୍ଥୀ ନ ଦେଇ ବାହାର ପ୍ରାର୍ଥୀଙ୍କୁ ଟିକେଟ୍ ଦେଲେ। ପ୍ରସନ୍ନ ପାଢ଼ୀ, ଯଦୁମଣି ପାଣିଗ୍ରାହୀ ଓ ଅଭିନନ୍ଦନ ପଣ୍ଡାଙ୍କୁ ବଜେପି ଟିକେଟ ନ ଦେଇ ବାହାର ଦଳର ପ୍ରାର୍ଥୀଙ୍କୁ ଉଧାର ଆଣିବା ପଛର ରହସ୍ୟ କ'ଣ? ସେହିଭଳି ବିଜେଡି ମନୋଜ ମିଶ୍ର, ଅବନୀ ଜୋଷୀ ଆଦି କର୍ମକର୍ତ୍ତାଙ୍କୁ ଟିକେଟ୍ ନ ଦେଇ ବାହାରର ଜଣେ ନେତ୍ରୀଙ୍କୁ ଏଠାରେ ପ୍ରାର୍ଥୀ କଲା ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି।

ଏଥିସହ ସେ କଂଗ୍ରେସର ନିଷ୍ପତ୍ତିକୁ ପ୍ରଶଂସା କରି କହିଛନ୍ତି ଯେ କଂଗ୍ରେସ ହେଉଛି ଏକମାତ୍ର ଦଳ ଯିଏ ଏହି ମାଟିର ମଣିଷ, ଲଢୁଆ ଓ ନିଷ୍କଳଙ୍କ ବ୍ୟକ୍ତି ଘାସିରାମଙ୍କୁ ପ୍ରାର୍ଥୀ କରିଛି। ଅନ୍ୟ ଦୁଇ ଦଳର ପ୍ରାର୍ଥୀଙ୍କ ସହ ତୁଳନା କଲେ, କଂଗ୍ରେସ ପ୍ରାର୍ଥୀ ଖୋଲାଖାତା ଭଳି ବୋଲି ଦଳ ତା'ର ଇସ୍ତାହାରରେ ପ୍ରକାଶ କରି ସାରିଛି ବୋଲି ଶ୍ରୀ ଦାସ କହିଛନ୍ତି। ଏଥିସହ ସେ ଘାସିରାମଙ୍କୁ ପ୍ରଶଂସା କରି କହିଛନ୍ତି ଯେ ସେ ଏଭଳି ଜଣେ ନେତା ଯିଏ କି ବ୍ଲକ ଚେୟାରମ୍ୟାନ ଥିବା ସମୟରେ ବିଡିଓଙ୍କୁ ଭିଜିଲାନ୍ସ ହାତରେ ଧରାଇଥିଲେ। ଏପରିକି ନିଜ କର୍ମୀଙ୍କ ବିରୋଧରେ ସେ ଧାରଣା ଦେବାକୁ ବି ପଛାଇନଥିଲେ। ତାଙ୍କ ୪୧ ବର୍ଷର ରାଜନୈତିକ ଜୀବନ ଦୁର୍ନୀତି ବିରୁଦ୍ଧରେ ସଂଗ୍ରାମର ଏକ ଉଦାହରଣ ବୋଲି ଶ୍ରୀ ଦାସ କହିଛନ୍ତି।

● ଚିନ୍ମୟ ହତ୍ୟା ମାମଲାରେ ପୁଲିସର ବଡ଼ କାର୍ଯ୍ୟାନୁଷ୍ଠାନ

## ମାଟିରେ ମିଶିଲା ଅଭିଯୁକ୍ତର ଦୋକାନ



ଭୁବନେଶ୍ୱର,୮।୧୧(ସଂଚାର ବ୍ୟୁରୋ): ମାଟିରେ ମିଶିଲା ହତ୍ୟା ଅଭିଯୁକ୍ତର ବ୍ୟାବସାୟିକ ପ୍ରତିଷ୍ଠାନ। ବିଲଡର ସସ୍ମିତ ବିଶ୍ୱାଳ ଓରଫ ଚିନ୍ମୟ ହତ୍ୟାକାଣ୍ଡ ମାମଲାରେ କମିଶନରେଟ୍ ପୁଲିସ୍ ପକ୍ଷରୁ ଆଜି ନିଆଯାଇଛି ବଡ଼ କାର୍ଯ୍ୟାନୁଷ୍ଠାନ। ମାଟିରେ ମିଶେଇ ଦିଆଯାଇଛି ଏୟାରଫିଲ୍ଡ ଥାନା ଅଞ୍ଚଳରେ ଥିବା ହତ୍ୟା ଅଭିଯୁକ୍ତର ବ୍ୟବସାୟ ପ୍ରତିଷ୍ଠାନ।

ଏହି ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତମାନେରାସ୍ତା କଡରେ ସରକାରୀ ଜମିରେ ନିର୍ମାଣ କରିଥିବା ଦୋକାନଗୁଡ଼ିକ ଉପରେ ଆଜି ବୁଲଡୋଜର ଚଢ଼ାଇ ସେସବୁକୁ ମାଟିରେ ମିଶାଇ ଦେଇଛି କମିଶନରେଟ ପୁଲିସ । ସରକାରୀ ଜମିରେ ରାସନ ଦୋକାନ ସହ ଫାଷ୍ଟଫୁଡ ଦୋକାନ କରି ପତିଆରା ଜାହିର କରୁଥିଲେ ମୁଖ୍ୟ ଅଭିଯୁକ୍ତ ଟୁଲୁ ମହାନ୍ତି । ଚିନ୍ମୟ ହତ୍ୟାକାଣ୍ଡ ମାମଲାରେ ବନ୍ଦୀ ହେବା ପରେ ତା'ର ବ୍ୟାବସାୟିକ ଅନୁଷ୍ଠାନ ଉପରେ କଡ଼ା ପ୍ରହାର କରିଛି ପୁଲିସ । ଗତ ଏପ୍ରିଲରେ ଜାମୁକୋଳିର ପ୍ରଧାନ ସାହି ନିକଟରେ ଏକ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଚିନ୍ମୟଙ୍କୁ ଅତି ନୃଶଂସ ଭାବେ ପିଟି ପିଟି ହତ୍ୟା କରିଥିଲେ ସମ୍ପୃକ୍ତ ଅଭିଯୁକ୍ତମାନେ। ସେମାନଙ୍କ ମଧ୍ୟରୁ ମୁଖ୍ୟ ଅଭିଯୁକ୍ତ ଟୁଲୁ ଗିରଫ ହୋଇଥିବା ବେଳେ ତା'ର ଅନ୍ୟ ସହଯୋଗୀ ବି ଗିରଫ ହୋଇ ଜେଲରେ ଅଛନ୍ତି। ସେପଟେ ଅଭିଯୁକ୍ତ ସରକାରୀ ଜମିରେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଖୋଲି ସେଥିରୁ କରୁଥିଲା ଲକ୍ଷାଧିକ ଟଙ୍କାର ରୋଜଗାର । ପୂର୍ବରୁ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ଉକ୍ତ ମାମଲାରେ ଏବେବି ଏକାଧିକ ଅଭିଯୁକ୍ତ ଫେରାର୍ ଅଛନ୍ତି । ଯେଉଁମାନଙ୍କୁ ଚେକ୍ ଦେବା ପାଇଁ ପୁଲିସ ଆରମ୍ଭ କରିଛି ନୂଆ ଫଣ୍ଡା । ସେମାନଙ୍କ ବେଆଇନ ରୋଜଗାର ଉପରେ ଆରମ୍ଭ ହୋଇଛି ମାଡ଼। ଏପରି କାର୍ଯ୍ୟାନୁଷ୍ଠାନ ଅପରାଧୀଙ୍କ ପାଇଁ ଏକ ଚେତାବନୀ ସଦୃଶ ହେବ ବୋଲି ଏସ୍‌ପି କୃଷ୍ଣଚନ୍ଦ୍ର ପଲେଇ କହିଛନ୍ତି। ସେ କହିଛନ୍ତି ଯେ ଆଗକୁ ଅପରାଧ ଘଟାଇବା ପୂର୍ବରୁ ଅପରାଧୀମାନେ ଏକାଧିକ ବାର ଚିନ୍ତା କରିବାକୁ ବାଧ୍ୟ ହେବେ।

ଏଏସ୍‌ଆଇର କଟକଣା

## କୋଣାର୍କ ନାଟ୍ୟ ମଣ୍ଡପକୁ ଚଢ଼ିପାରିବେନି ପର୍ଯ୍ୟଟକ

ପୁରୀ, ୮।୧୧(ସଂଚାର ବ୍ୟୁରୋ): ଏଣିକି କୋଣାର୍କ ସୂର୍ଯ୍ୟ ମନ୍ଦିର ନାଟମଣ୍ଡପରେ ପର୍ଯ୍ୟଟକଙ୍କ ଚଢ଼ିବା ଉପରେ ଭାରତୀୟ ପ୍ରତ୍ନତତ୍ତ୍ୱ କର୍ତ୍ତୃପକ୍ଷ (ଏଏସ୍‌ଆଇ) କଟକଣା ଜାରି କରିଛି। ବିଶ୍ୱଐତିହ୍ୟ ସୂର୍ଯ୍ୟମନ୍ଦିର ନିୟମିତ ଭାବେ ଦୁର୍ଘଟଣା ଘଟୁଥିବାକୁ ଦୃଷ୍ଟିରେ ଏପରି ନିୟମ କରାଯାଇଛି । ଏହି କଟକଣା ପରେ ପର୍ଯ୍ୟଟକମାନେ ଏଣିକି ପ୍ରଥମ ନାଟଣ୍ଡପ ଚଢ଼ି କୀର୍ତ୍ତିରାଜି ଓ ମୁଖ୍ୟ ମନ୍ଦିରର ଦୃଶ୍ୟକୁ ଦେଖି ପାରିବେ ନାହିଁ କିମ୍ବା କୌଣସି କୀର୍ତ୍ତିରାଜିକୁ ପାଖରୁ ସ୍ପର୍ଶ କରିପାରିବେ ନାହିଁ । ଏ ନେଇ ଆଜି ଏଏସଆଇ ପକ୍ଷରୁ ନିଷେଧାଦେଶ ସହ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯାଇଛି। ସୂଚନାଥାଉକି, ସୂର୍ଯ୍ୟମନ୍ଦିରକୁ ପରିଦର୍ଶନରେ ଆସୁଥିବା ଦେଶବିଦେଶ ପର୍ଯ୍ୟଟକଙ୍କୁ ଗାଇଡ଼ମାନେ ପ୍ରଥମେ ନାଟମଣ୍ଡପକୁ ଦେଖାଇଥାନ୍ତି । ସୂର୍ଯ୍ୟଙ୍କ ଉଦୟ ସମୟର ପ୍ରଥମ କିରଣ ମୁଖ୍ୟ ମନ୍ଦିରରେ ଥିବା ଅଷ୍ଟଧାତୁ ସୂର୍ଯ୍ୟମୂର୍ତ୍ତି ଉପରେ ପଡ଼ିଥାଏ ବୋଲି କହିଥାନ୍ତି । ପର୍ଯ୍ୟଟକମାନେ ମଧ୍ୟ ଏହି ନାଟମଣ୍ଡପ ଉପରେ ରହି ସେଲ୍‌ଫି ନେବା ସହ ଫଟୋ ଉତ୍ତୋଳନ କରିଥାନ୍ତି। କିନ୍ତୁ ବିଭିନ୍ନ ସମୟରେ ପର୍ଯ୍ୟଟକ ମାନେ ନିଜର ଅସାବଧାନତାରୁ ସୁରକ୍ଷାବାଡ଼ ନଥିବାରୁ ନାଟମଣ୍ଡପ ସିଡ଼ିରୁ ପଡ଼ି ଆହତ ହେଉଥିବା ନଜିର ରହିଛି। ଏଣୁ ପର୍ଯ୍ୟଟକଙ୍କ ସୁରକ୍ଷାକୁ ନଜରରେ ରଖି ଶୁକ୍ରବାର ଠାରୁ ପରବର୍ତ୍ତୀ ନିର୍ଦ୍ଦେଶ ଯାଏଁ ନାଟମଣ୍ଡପ ଚଢ଼ିବା ଉପରେ କଟକଣା ଜାରି କରାଯାଇଛି । ପର୍ଯ୍ୟଟକମାନେ ତଳେ ରହି ନାଟମଣ୍ଡପର ଚତୁଃପାର୍ଶ୍ୱ ବୁଲି ଦେଖିପାରିବେ ବୋଲି ଏଏସଆଇର ପୁରୀ ସର୍କଲ୍ ଅଧୀକ୍ଷକ ଡ ଡିବି ଗଡ଼ନାୟକ ପ୍ରକାଶ କରିଛନ୍ତି ।

■ ସିଇଓଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କଲା ବିଜେପି

## ଏଆଇର ଦୁରୁପଯୋଗ କରି ବିଭ୍ରାନ୍ତ କରୁଛି ବିଜେଡି



ଭୁବନେଶ୍ୱର/ନୂଆପଡା, ୮।୧୧(ସଂଚାର ବ୍ୟୁରୋ): ଗତ ବର୍ଷର ସାଧାରଣ ନିର୍ବାଚନରେ ପରାଜୟ ଲଭିବା ପରେ ବିଜେପି ସୋସିଆଲ ମିଡିଆରେ ଅପପ୍ରଚାର କାରଣରୁ ବିଜେଡିର ପରାଜୟ ଘଟିଛି ବୋଲି ନବୀନ ପଟ୍ଟନାୟକ ଓ ତାଙ୍କ ଦଳର ନେତାମାନେ ଚିତ୍କାର କରୁଥିଲେ। କିନ୍ତୁ ଆଜି ନିଜ ଅଭଯୋଗକୁ ଭୁଲ ବୋଲି ନିଜେ ବିଜେଡି ପ୍ରମାଣିତ କରିଛି। ବିଜେଡି ନିଜେ ସୋସିଆଲ ମିଡିଆରେ ଅପପ୍ରଚାର କରୁଛି ଓ ନିଶ୍ଚିତ ପରାଜୟର ଆତଙ୍କ ଘାରିଥିବା ବିଜେଡି ଏବେ ଆଉ ଦି' ପାଦ ଆଗକୁ ଯାଇ କୃତ୍ରିମ ବୁଦ୍ଧିମତା (ଏଆଇ) ଜ୍ଞାନକୌଶଳର ଅପବ୍ୟବହାର କରି ବିଭ୍ରାନ୍ତ ସୃଷ୍ଟି କରୁଛି। ଚଳିତ ନୂଆପଡା ଉପନିର୍ବାଚନରେ ଏଆଇ ଜରିଆରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଓ ଧର୍ମଶାଳା ବିଧାୟକ ହିମାଂଶୁ ସାହୁଙ୍କ ଫଟୋଚିତ୍ର କଦର୍ଥ କରି ସୋସିଆଲ୍ ମିଡିଆରେ ଭାଇରାଲ କରି ବିଜେଡି ସାଧାରଣ ଭୋଟରଙ୍କୁ ବିଭ୍ରାନ୍ତ କରିବାର ଅପଚେଷ୍ଟା କରିଛି। ଏହା ସମ୍ପୂର୍ଣ୍ଣ ଭାବେ ଦଣ୍ଡନୀୟ ଅପରାଧ ଓ ଏଭଳି ବିଶୃଙ୍ଖଳାକାରୀଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସକାଶେ ବିଜେପି ପକ୍ଷରୁ ଦାବି କରାଯାଇଛି। ଏନେଇ ଦଳର ଏକ ପ୍ରତିନିଧିମଣ୍ଡଳୀ ଆଜି ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ ଭେଟି ଏହି ଦାବି ଜଣାଇଛି। ଏ ସଂକ୍ରାନ୍ତରେ ରାଜ୍ୟ ବିଜେପି ମୁଖପାତ୍ର ସତ୍ୟବ୍ରତ ପଣ୍ଡା କହିଛନ୍ତି ଯେ ରାଜନୀତିରେ ଶାଳୀନତାର ପାଠ ପଢ଼ାଉଥିବା ନବୀନ ନିଜ ଦଳର କର୍ମୀଙ୍କୁ ଏହି ପାଠ ପଢାଇବା ପରିବର୍ତ୍ତେ ନିରବ ସାଜିବା ଆଶ୍ଚର୍ଯ୍ୟର ବିଷୟ। କିନ୍ତୁ ସତ କେବେ ଲୁଚି ରହେନା। ଭୋଟ ହାତେଇବା ପାଇଁ ଏଆଇ ଫଟୋ ଭାଇରାଲ କରି ବିଜେଡି ନେତାଏ କେବଳ ହତାଶାବୋଧର ପରିଚୟ ଦେଉଛନ୍ତି। ନୂଆପଡ଼ାରେ ଆସନ୍ନ ପରାଜୟ ଆତଙ୍କ ଦଳୀୟ ନେତାଙ୍କୁ ଏପରି ହୀନ କାର୍ଯ୍ୟ କରିବାକୁ ବାଧ୍ୟ କରିଛି ବୋଲି ଶ୍ରୀ ପଣ୍ଡା ଅଭିଯୋଗ କରିଛନ୍ତି। ସିଇଓଙ୍କୁ ଭେଟିଥିବା ପ୍ରତିନିଧିମଣ୍ଡଳୀରେ ରାଜ୍ୟ ଉପସଭାପତି ଡ. ଯତୀନ ମହାନ୍ତି, ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ କୁମାର ଦାସ, ଲିଗାଲ ସେଲ ରାଜ୍ୟ ସଂଯୋଜକ ଜୟନ୍ତ ଜେନା, ରାଜ୍ୟ ସାମାଜିକ ଗଣମାଧ୍ୟମ ସହ ସଂଯୋଜିକା ମାନସୀ ମଞ୍ଜରୀ ପାଢ଼ୀ, ଓବିସି ମୋର୍ଚ୍ଚା ରାଜ୍ୟ ସଂଯୋଜକ ସଂଗ୍ରାମ କେଶରୀ ନାୟକ ଉପସ୍ଥିତ ଥିଲେ।

## ନିଶାସକ୍ତ ପ୍ରଧାନଶିକ୍ଷକଙ୍କୁ ତାଲା ପକାଇଲେ ଅଭିଭାବକ



ଦଶପଲ୍ଲା,୮।୧୧(ସଂଚାର ବ୍ୟୁରୋ): ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ପଙ୍ଖୁଆ ପ୍ରାଥମିକ ବିଦ୍ୟାଳୟରେ ଜନୈକ ମାତାଲ୍ ପ୍ରଧାନଶିକ୍ଷକଙ୍କୁ ତାଲା ପକାଇଦେଇଛନ୍ତି ଶତାଧିକ ଅଭିଭାବକ। ତେବେ ଖବର ପାଇବା ପରେ ସ୍ଥାନୀୟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ପ୍ରଧାନଶିକ୍ଷକଙ୍କୁ ପୁଲିସ୍ ଉଦ୍ଧାର କରିଥିବା ଜଣାପଡ଼ିଛି। ବିଦ୍ୟାଳୟରୁ ପ୍ରଧାନଶିକ୍ଷକ ନଯିବା ପର୍ଯ୍ୟନ୍ତ ପିଲାମାନଙ୍କୁ ବିଦ୍ୟାଳୟକୁ ଛାଡ଼ିବୁ ନାହିଁ ବୋଲି ଅଭିଭାବକମାନେ ରୋକ୍‌ଠୋକ୍ ଶୁଣାଇଛନ୍ତି। ମିଳିଥିବା ସୂଚନା ମୁତାବକ, ପ୍ରଧାନଶିକ୍ଷକ ରାମଚନ୍ଦ୍ର ପ୍ରଧାନ ନିଶାସକ୍ତ ଅବସ୍ଥାରେ ବିଦ୍ୟାଳୟକୁ ଆସିବା ସହ ବିନା କାରଣରେ ଛାତ୍ରଛାତ୍ରୀମାନଙ୍କୁ ମାଡ଼ ମାରିଥିଲେ। ଏଥିସହ ସେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ ମଧ୍ୟ କରିଥିଲେ। ଏହାକୁ ନେଇ ଅଭିଭାବକମାନେ ବିଦ୍ୟାଳୟକୁ ଆସି ଏ ସମ୍ପର୍କରେ ପଚାରିବାରୁ ମାତାଲ୍ ଶିକ୍ଷକ ଅଭିଭାବକମାନଙ୍କୁ ମଧ୍ୟ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଅଭିଭାବକମାନେ ତାଙ୍କୁ ଗୋଟିଏ ଘରେ ତାଲା ପକାଇ ଦେଇଥିଲେ। ଖବର ପାଇ ଦଶପଲ୍ଲା ଥାନାଧିକାରୀ ବିନୟ ରଞ୍ଜନ ପରିଡ଼ା ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ସହ ଉକ୍ତ ପ୍ରଧାନଶିକ୍ଷକଙ୍କୁ ଉଦ୍ଧାର କରିଛନ୍ତି। ଏଥିସହ ଘଟଣାର ତଦନ୍ତ ମଧ୍ୟ ପୁଲିସ୍ ଆରମ୍ଭ କରିଛି। ତେବେ ବିଦ୍ୟାଳୟରୁ ପ୍ରଧାନଶିକ୍ଷକ ନଯିବା ପର୍ଯ୍ୟନ୍ତ ପିଲାମାନଙ୍କୁ ବିଦ୍ୟାଳୟକୁ ଛାଡ଼ିବୁ ନାହିଁ ବୋଲି ଅଭିଭାବକମାନେ କହିଛନ୍ତି।

● ୪୦ ଜଣଙ୍କ ଜୀବନ ବଞ୍ଚାଇ ଚାଲିଗଲେ

## କେମିତି ବଞ୍ଚିବ ମାର୍ଥାଙ୍କ ପରିବାର ?

ଭୁବନେଶ୍ୱର, ୮।୧୧ (ସଂଚାର ବ୍ୟୁରୋ) : ଏମିତି ବି ଜୀବନ ଯାଏ। ଯାହା ଉଦାହରଣ ହୋଇଯାଏ । ବସ୍ ଚଲାଉଥିବା ଅବସ୍ଥାରେ ଚାଲିଗଲା ଜୀବନ। ଜୀବନ ଯିବା ପୂର୍ବରୁ ଚଳନ୍ତା ବସକୁ ରାସ୍ତା କଡ଼କୁ ସୁରକ୍ଷିତ ଭାବେ ରଖିଲେ ଚାଳକ। ଯାହା ଫଳରେ ନିଜର ଜୀବନ ସିନା ଗଲା ମାତ୍ର ବସରେ ଥିବା ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ରଖିପାରିଲେ ଡ୍ରାଇଭର। ଶରତଙ୍କ ପରିବାର ଦୁର୍ଦ୍ଦିନରେ କାଳ କାଟୁଥିବାର ଦେଖିଥିଲୁ। ସେଦିନର ଏହି ଘଟଣା ବାବଦରେ ଆପଣ ଶୁଣିଥିବେ, ଆଲୋଚନା କରିଥିବେ। ଏହି ମାସ ୧ ତାରିଖ। ଦିନ ପ୍ରାୟ ୩ ଟା। ଭୁବନେଶ୍ୱରରୁ ସୋରଡା ଯାଉଥିଲା ବିଶାଖା ବସ୍। ବସ ଚାଳକ ଥିଲେ ଶରତ ମାର୍ଥା । ବୋଲଗଡ ଛକ ନିକଟରେ ହଠାତ ଛାତିରେ ସେ ଯନ୍ତ୍ରଣା ଅନୁଭବ କଲେ। ଭୀଷଣ ଯନ୍ତ୍ରଣା ସତ୍ତ୍ୱେ ବସକୁ ସୁରକ୍ଷିତ ସ୍ଥାନକୁ ନେଇ ରାସ୍ତା କଡରେ ପାର୍କିଙ୍ଗ କରିଥିଲେ। ଏହାର ମାତ୍ର କିଛି ସେକେଣ୍ଡରେ ସେ ଷ୍ଟିଅରିଂ ଉପରେ ଟଳିପଡ଼ିଲେ। ତାଙ୍କୁ ବୋଲଗଡ ମେଡିକାଲ ନିଆଯାଇଥିଲା। ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଡ୍ରାଇଭର ଶରତ ସିନା ଜୀବନ ହାରିଲେ ମାତ୍ର ବସରେ ଥିବା ୪୦ରୁ ଅଧିକ ଯାତ୍ରୀଙ୍କ ଜୀବନ ବଞ୍ଚାଇ ପାରିଥିଲେ। ଝାଟିମାଟି ଘର ଛଣ ଛପର। ଏଥିରେ ୪ ପ୍ରାଣୀ କୁଟୁମ୍ବ। ୩୫ ବର୍ଷର ପୁଅ ମା ପାଇଁ ବୋଝ, ୧୨ ବର୍ଷର ଝିଅକୁ ବି ଦାନା ଦେବାକୁ ସମ୍ବଳ ନାହିଁ। ହରିଶ୍ଚନ୍ଦ୍ର ଯୋଜନାରେ ସରପଞ୍ଚ ୩ ହଜାର ଟଙ୍କାର ସହାୟତା ଦେଇଛନ୍ତି। ଏପରି କ୍ଷେତ୍ରରେ ସମସ୍ତ ପ୍ରକାର ସହାୟତା ପାଇଁ ପ୍ରତିଶୃତି ଦେଇଛନ୍ତି ସରପଞ୍ଚ ଏବଂ ଜିଲ୍ଲା ପରିଷଦ ସଭ୍ୟ। ଘର ଖଣ୍ଡିଏ ନାହିଁ କିମ୍ବା ଖାଇବାକୁ ବି ନାହିଁ। ଏଭଳି ଅବସ୍ଥାରେ କେମିତି ଚଳିବେ ।

## ୧୫ରୁ ବାଘ ଗଣନା, ଲାଗିବ ଟ୍ରାପ୍ କ୍ୟାମେରା

ଭଞ୍ଜନଗର,୮।୧୧(ସଂଚାର ବ୍ୟୁରୋ): ପ୍ରତି ୪ ବର୍ଷକୁ ଥରେ ଦେଶରେ ବାଘ ଗଣନା ହେଉଛି। ତେଣୁ ଚଳିତ ବର୍ଷ ଦେଶରେ ବାଘ ଗଣନା ପ୍ରକ୍ରିୟା ଚାଲିଛି। ଏହିଭଳି ବ୍ରହ୍ମପୁର ଆଞ୍ଚଳିକ ବନ ସଂରକ୍ଷକ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ବିଭିନ୍ନ ବନଖଣ୍ଡରେ ବାଘ ଗଣନା ପ୍ରକ୍ରିୟା ଆରମ୍ଭ ହୋଇଛି। ବର୍ତ୍ତମାନ କର୍ମଚାରୀମାନଙ୍କୁ ତାଲିମ ପ୍ରଦାନ କରାଯାଉଛି। ଏହାପରେ ଚଳିତ ମାସ ୧୫ରୁ ୨୧ ତାରିଖ ମଧ୍ୟରେ କର୍ମଚାରୀମାନେ ଜଙ୍ଗଲକୁ ଯାଇ ବାଘର ସ୍ଥିତି ଜାଣିବା ପାଇଁ ବିଭିନ୍ନ ପଦକ୍ଷେପ ନେବେ। ଏହି ସମୟରେ କର୍ମଚାରୀମାନେ ଜଙ୍ଗଲରେ ଟ୍ରାପ କ୍ୟାମେରା ଲଗାଇବେ। ପଗମାର୍କ ଓ ମଳ ନିଶାନ ବିଶ୍ଳେଷଣ କରିବେ। ଏଥିସହ ଜିନେଟିକ ଅନୁଶୀଳନ ଓ ସାଟେଲାଇଟ ଡାଟା ମ୍ୟାପିଂ ମଧ୍ୟ ହେବ।

ବାଘ ଗଣନାର ମୂଳ ଲକ୍ଷ୍ୟ ହେଲା ଭାରତରେ ବାଘମାନଙ୍କ ନିକଟ ଆନୁମାନିକ ସଂଖ୍ୟା ଜାଣିବା। ବାଘମାନଙ୍କ ବାସସ୍ଥଳୀ ଅବସ୍ଥା ଅନୁଶୀଳନ କରିବା। ଏହାପରେ ସରକାର ଦେଶରେ ବାଘ ସଂରକ୍ଷଣ ପାଇଁ ଯୋଗ୍ୟ ନୀତି ଓ ପଦକ୍ଷେପ ଗ୍ରହଣ କରିବେ। ଇତିମଧ୍ୟରେ ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡ ପକ୍ଷରୁ ଲାଲସିଂ ନର୍ସରୀ ଏବଂ ତାରସିଂ ଠାରେ କର୍ମଚାରୀମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏଥିରେ ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତି ଯୋଗଦେଇ ବାଘ ଗଣନା କିଭଳି ହେବ ସେନେଇ ତାଲିମ ପ୍ରଦାନ କରିଛନ୍ତି। ସେହିଭଳି ଘୁମୁସର ଦକ୍ଷିଣ ବନଖଣ୍ଡ ପକ୍ଷରୁ ବୁଗୁଡ଼ା ସମେତ ବିଭିନ୍ନ ସ୍ଥାନରେ କର୍ମଚାରୀମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ବାଘ ଗଣନା ସମୟରେ କର୍ମଚାରୀମାନେ ମାଂସାସୀ ଏବଂ ବଡ଼ ତୃଣଭୋଜି ଯଥା ହାତୀ, ଗୟଳ ଇତ୍ୟାଦିର ମଧ୍ୟ ଗଣନା କରିବେ। ଏଥିସହ ଗୁଳ୍ମ ଜାତୀୟ, ତୃଣ ଜାତୀୟ ଉଦ୍ଭିଦ ଚିହ୍ନଟ କରିବେ। ଯେଉଁଠି ଜନ୍ତୁ ରହୁଛନ୍ତି ସେଠି କେଉଁ ଉଦ୍ଭିଦ ବେଶୀ ରହିଛନ୍ତି ତାହାର ମଧ୍ୟ ଅନୁଧ୍ୟାନ କରାଯିବାର କାର୍ଯ୍ୟକ୍ରମ ରହିଛି।



## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ: ପୁଅକୁ ହଷ୍ଟେଲ ଛାଡ଼ିବାକୁ ଯାଇଥିଲେ ଆଉ ଫେରିଲେନି



ଦାରିଙ୍ଗବାଡି,୮।୧୧ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ବୁଡ଼ାଗୁଡା ଫାଣ୍ଡି ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ପୁଅକୁ ହଷ୍ଟେଲ ଛାଡିବାକୁ ଯାଇଥିବା ବାପାଙ୍କ ମୃତଦେହ ଘରକୁ ଫେରିଛି। ପ୍ରକାଶ ଯେ, ଉକ୍ତ ଫାଣ୍ଡି କୁକେରମାହା ଗ୍ରାମର ମହେଶ୍ୱର ପ୍ରଧାନ (୩୯) ଶୁକ୍ରବାର ଅପରାହ୍ନରେ ସ୍ତ୍ରୀ ଅମିତା ପ୍ରଧାନଙ୍କ ସହ ପ୍ରଥମ ଶ୍ରେଣୀରେ ପଢୁଥିବା ପୁଅ ଦାମୋଦରଙ୍କୁ ହଷ୍ଟେଲ ଛାଡିବାକୁ ଯାଇଥିଲେ ପୁଅକୁ ହଷ୍ଟେଲରେ ଛାଡିବା ପରେ ସ୍ତ୍ରୀ ଅମିତା ଘରକୁ ଫେରିଥିଲେ। ମାତ୍ର ମହେଶ୍ୱର ବୁଡ଼ାଗୁଡା ବଜାରରେ ଅଟକି ଯାଇଥିଲେ। ସେ ଘରକୁ ଆଉ ସେହି ରାତିରେ ଫେରି ନ ଥିଲେ ସକାଳୁ ପରିବାର ଲୋକ ଖବର ପାଇଲେ ଯେ, ବାଟରେ ମହେଶ୍ୱରଙ୍କ ମୃତଦେହ ପଡିଛି । ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚି ମହେଶ୍ୱରଙ୍କ ମୃତଦେହକୁ ଘରକୁ ଆଣିଥିଲେ। କେହି ଜଣେ ବ୍ୟକ୍ତି ୧୧୨ ନମ୍ବରକୁ ଫୋନ କରି ମହେଶ୍ୱରଙ୍କୁ ମୃତଦେହ ପଡିଥିବା ଓ କିଛି ଅଘଟଣ ଆଶଙ୍କା କରି ତଦନ୍ତ ପାଇଁ ଜଣାଇଥିଲେ। ଏହା କୌଣସି ଅଘଟଣ ନୁହଁ ସେ ଭୋକ ଉପାସରେ ଥାଇ ପାରନ୍ତି ଅନ୍ୟ କିଛି ସ୍ୱାସ୍ଥ୍ୟଗତ କାରଣରୁ ମୃତ ହୋଇଥାଇପାରେ ଆମର କୌଣସି ଅଭିଯୋଗ ନାହିଁ ବୋଲି ପରିବାର ପକ୍ଷରୁ ଲିଖିତ ପତ୍ର ପୋଲିସ ଅଧିକାରୀଙ୍କୁ ଦେଇଛନ୍ତି। ପୋଲିସ ପ୍ରାଥମିକ ତଦନ୍ତ ଓ ପରିବାର ଲୋକଙ୍କ ଅଭିଯୋଗ ନ ଥିବା ଲିଖିତ ପତ୍ର ଧରି ସେଠାରୁ ଫେରିଥିବା ଫାଣ୍ଡି ଅଧିକାରୀ ଉଦ୍ଧବ କୁମାର ଯାନୀ କହିଛନ୍ତି ।

## କାର୍ ଧକ୍କାରେ ଦୁଇ କଲେଜ ଛାତ୍ରୀ ମୃତ



● କ୍ଷତିପୂରଣ ପ୍ରଦାନ ଦାବିରେ ରାସ୍ତା ଅବରୋଧ
● ଗାଡ଼ି ଜବତ, ଚାଳକ ଫେରାର୍

ଆନନ୍ଦପୁର,୮।୧୧(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁରରେ ଶନିବାର ଅପରାହ୍ନରେ ଘଟିଛି ଏକ ଅଭାବନୀୟ ଘଟଣା। କାର ଧକ୍କାରେ ସ୍ଥାନୀୟ କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟର ଦୁଇ ଜଣ ଛାତ୍ରୀଙ୍କର ମୃତ୍ୟୁ ଘଟିଛି। ଘଷିପୁରା ଥାନା ୨୦ ନଂ ଜାତୀୟ ରାଜପଥ ବାରିଗାଁ ନିକଟରେ ଏଭଳି ଅଘଟଣ ଘଟିଛି। ଦୁର୍ଘଟଣାସ୍ଥଳ ଯୋଗୁଁ ଚାପା ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଅଧାପନ୍ତରିଆ ଅବସ୍ଥାରେ ଥିବା ଜାତୀୟ ରାଜପଥ ଶୀଘ୍ର ତୁରନ୍ତ ମରାମତି କରିବା ଓ ଦୁର୍ଘଟଣାରେ ଚାଲିଯାଇଥିବା ଛାତ୍ରୀଙ୍କ ଆତ୍ମୀୟଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ଦାବିରେ ସ୍ଥାନୀୟ ଲୋକେ ଦୀର୍ଘ ୪ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ କରିଥିଲେ। ଜାତୀୟ ରାଜପଥ ଅବରୋଧ ହେବା ଫଳରେ ଗାଡ଼ି ଚଳାଚଳ ପ୍ରଭାବିତ ହୋଇଥିଲା। କିନ୍ତୁ ଦୁର୍ଘଟଣା ଘଟାଇବା ପରେ ଓଡି୩୩ଏଠ ୮୨୩୨ ନମ୍ବରବିଶିଷ୍ଟ କାରଟି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। ଏନେଇ ଖବର ପାଇ ହସନପୁର ଟୋଲ୍ ଗେଟ୍ ଆମ୍ବୁଲାନ୍ସ ଓ ଘଷିପୁରା ଅଗ୍ନିଶମ ଗାଡ଼ି ପହଞ୍ଚି ଦୁଇ ଛାତ୍ରୀଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ସେଠାରେ ଡାକ୍ତର ଦୁଇ ଛାତ୍ରୀଙ୍କୁ ମୃତ ଘୋଷଣା କରିଥିଲେ। ଦୁଇ ମୃତ ଛାତ୍ରୀଙ୍କ ମଧ୍ୟରୁ ଜଣେ ଘଷିପୁରା ଥାନା ବେଲବାହାଳି ଗ୍ରାମର ଉପର ସାହିର ଦୀପାଞ୍ଜଳି ସାହୁ ହୋଇଥିବା ବେଳେ ଅନ୍ୟ ଜଣେ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ସିଆପଡ଼ା ଗ୍ରାମର ଅନ୍ନପୂର୍ଣ୍ଣା ପାତ୍ର ବୋଲି ଜଣାପଡ଼ିଛି। ଉଭୟ କଲେଜରୁ ସାଇକେଲ୍‌ରେ ଫେରୁଥିବା ସମୟରେ ବାରିଗାଁ ନିକଟରେ ଉକ୍ତ କାର୍‌ଟି ସେମାନଙ୍କୁ ପଛପଟୁ ଧକ୍କା ଦେଇଥିଲା। ତେବେ ଘଟଣାସ୍ଥଳରେ ଘସିପୁରା ଥାନାଧିକାରୀ ଓ ଆନନ୍ଦପୁର ତହସିଲଦାର ପହଞ୍ଚି ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝାସୁଝା କରିବା ସହ ମୃତକଙ୍କ ପରିବାର ଆତ୍ମୀୟଙ୍କୁ ନଗଦ ୨୦ ହଜାର ଲେଖାଏଁ ପ୍ରଦାନ କରିଥିଲେ ଏବଂ କେନ୍ଦୁଝର ଜିଲ୍ଲାପାଳଙ୍କ ସହ କଥା ହୋଇ ଜାତୀୟ ରାଜପଥ ମରାମତି ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧରୁ ଅଞ୍ଚଳବାସୀ ଓହରିଥିଲେ। ଫଳରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଅନ୍ୟପକ୍ଷରେ ଦୁର୍ଘଟଣା ଘଟାଇ ଚମ୍ପଟ୍ ମାରିଥିବା କାର୍‌କୁ ଘସିପୁରା ପୁଲିସ ଯାଜପୁର ରୋଡ୍‌ରୁ ଜବତ କରିଥିଲେ ହେଁ ଚାଳକକୁ ଠାବ କରାଯାଇପାରିନାହିଁ।

୯୩ତମ ପ୍ରଦ୍ୟୁମ୍ନ ବଳ ଜୟନ୍ତୀ ସମାରୋହ ଉଦ୍‌ଯାପିତ

# ବିଜ୍ଞାପନ ପାଇଁ ସତକୁ ଲୁଚାନଯାଉ: ଆଇନ ମନ୍ତ୍ରୀ



ଭୁବନେଶ୍ୱର,୮।୧୧(ସଂଚାର ବ୍ୟୁରୋ): ନିର୍ଭୀକ ସମ୍ବାଦ ପରିବେଷଣ ଶାସନ ବ୍ୟବସ୍ଥାକୁ ମାର୍ଜିତ କରିଥାଏ। ସରକାରଙ୍କୁ ବାଟକୁ ଆଣିବାକୁ ହେଲେ ସାମ୍ବାଦିକମାନେ ସ୍କୁଲ ଶିକ୍ଷକଙ୍କ ଭଳି ସରକାରଙ୍କ କାନ ମୋଡ଼ିବା ଦରକାର। ମାତ୍ର ଗଣମାଧ୍ୟମ ଚଳାଇବାକୁ ହେଲେ ବିଜ୍ଞାପନ ଆବଶ୍ୟକ। ବିଜ୍ଞାପନ ପାଇଁ ସଠିକ ସମ୍ବାଦକୁ ଲୁଚାଇ ଦିଆଯାଇଥାଏ। ଫଳରେ ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସିପାରୁନାହିଁ। ଏଥିଯୋଗୁ ଶାସନ ବ୍ୟବସ୍ଥା ଦିନକୁ ଦିନ ତଳକୁ ତଳ ଖସିଯାଉଛି ବୋଲି କ୍ଷୋଭର ସହ ପ୍ରକାଶ କରିଛନ୍ତି ରାଜ୍ୟ ଆଇନ, ଅବକାରୀ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ରାଜନେତା ତଥା ବିଶିଷ୍ଟ ସାମ୍ବାଦିକ ପ୍ରଦ୍ୟୁମ୍ନ ବଳଙ୍କ ୯୩ତମ ଜୟନ୍ତୀ ସମାରୋହରେ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ଓଡ଼ିଶା ରାଜନୀତିରେ ଜଣେ ବର୍ଦ୍ଧିତ ଚେହେରା ଭାବେ ସ୍ୱର୍ଗତ ବଳ ପରିଚିତ। ତାଙ୍କୁ ରାଜନୀତିରେ ଏକ ବିଦ୍ୟାଳୟ କହିଲେ ଅତ୍ୟୁକ୍ତି ହେବନାହିଁ। ସେ ଜଣେ ନିର୍ଭୀକ ସାମ୍ବାଦିକ ମଧ୍ୟ ଥିଲେ। ବର୍ତ୍ତମାନ ରାଜନେତାମାନେ ଲୋକଙ୍କ ସମସ୍ୟା ଦେଖି ସମାଧାନର ବାଟ ଖୋଜୁଛନ୍ତି। ହେଲେ ସ୍ୱର୍ଗତଃ ବଳ ତାହା ପୂର୍ବରୁ ଜାଣିପାରୁଥିଲେ। ପ୍ରଗତିବାଦୀ ଜରିଆରେ ଅନେକ କିଛି କରିଯାଇଛନ୍ତି। ଜନତା ପାର୍ଟି ବିଭାଜନରେ ସେ ଅଧିକ ଦୁଃଖ ପାଇଥିଲେ। ଏଣୁ ରାଜନୀତି ଛାଡି ସେ ସାମ୍ବାଦିକତା ପ୍ରତି ଆଗ୍ରହ ପ୍ରକାଶ କରିଥିଲେ। ଏକଦା ତରୁଣ ତୁର୍କୀ ଥିବା ପ୍ରଦ୍ୟୁମ୍ନ ରାଜନୀତି ପ୍ରତି ବିମୁଖ ହୋଇପଡିଥିଲେ ବୋଲି ମନ୍ତ୍ରୀ କହିଛନ୍ତି।

ଉଦଘାଟକ ଭାବେ ଯୋଗଦେଇ ପୂର୍ବତନ ମୁଖ୍ୟ ବିଚାରପତି ତଥା ଭାରତର ପୂର୍ବତନ ଲୋକପାଳ ଜଷ୍ଟିସ ପ୍ରଦୀପ କୁମାର ମହାନ୍ତି କହିଛନ୍ତି ଯେ ସ୍ୱର୍ଗତଃ ବଳ ମହାତ୍ମା ଗାନ୍ଧିଙ୍କ ବାଣୀକୁ ସମ୍ପାଦକୀୟ ପୃଷ୍ଠାରେ ସ୍ଥାନ ଦେଇ ତାଙ୍କ ମହାନ ଚିନ୍ତାଧାରାକୁ ଲୋକଙ୍କ ପାଖରେ ପହଞ୍ଚାଇପାରିଥିଲେ। ପ୍ରଗତିଶୀଳ ସମାଜ ଗଠନରେ ତାଙ୍କର ଭୂମିକା ଅତୁଳନୀୟ। ସେହିପରି ମୁଖ୍ୟବକ୍ତା ସ୍ତମ୍ଭକାର ତଥା ଅଧ୍ୟାପକ ବିଶ୍ୱରଞ୍ଜନ କହିଲେ ଯେ ନନ୍ଦ କିଶୋର ବଳଙ୍କ ସ୍ମାରକୀ ଆୟୋଜନରେ ପ୍ରଦ୍ୟୁମ୍ନ ବଳ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଜେଜେଙ୍କ ଜୟନ୍ତୀରେ ପ୍ରଦ୍ୟୁମ୍ନ ବଳଙ୍କ ବିୟୋଗ ତାଙ୍କ ପରିବାରକୁ ଶକ୍ତ ଝଟକା ଦେଇଥିଲା। ସାମ୍ବାଦପତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆଣିଛନ୍ତି ତାହା ଅନ୍ୟମାନେ ବୁଝି ପାରିନଥିଲେ। ବର୍ତ୍ତମାନ ବିଜ୍ଞାପନରେ ଖବର କାଗଜ ଭରିଯାଉଛି। ନିର୍ଭୀକ ସମ୍ବାଦପତ୍ର ପ୍ରକାଶ ଲାଗି ଅନେକ କୁଣ୍ଠାବୋଧ କରୁଛନ୍ତି। ସଭାପତିତ୍ୱ କରି ପ୍ରଫେସର ଓଁକାରନାଥ ମହାନ୍ତି କହିଲେ ଯେ ସମ୍ବାଦପତ୍ର ବ୍ୟବସାୟିକ ଢଙ୍ଗରେ ପରିଚାଳିତ ନକରି ସମାଜର ପ୍ରଗତି ବା ବିକାଶରେ କରାଯିବା ଉଚିତ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ୧୦୦ ବିଲିୟନ ଡଲାର ଟପିଲା ଏସ୍‌ବିଆଇର ବଜାର ପୁଞ୍ଜି




ମୁମ୍ବାଇ, ୮।୧୧ : ରାଷ୍ଟ୍ରାୟତ୍ତ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ)ର ବଜାର ପୁଞ୍ଜି ୧୦୦ ବିଲିୟନ ଡଲାର ଟପିଯାଇଛି। ଏହି ସଫଳତା ହାସଲ କରିବାରେ ଷ୍ଟେଟ ବ୍ୟାଙ୍କ କେତେକ ମୁଷ୍ଟିମେୟ ଭାରତୀୟ କମ୍ପାନିଙ୍କ ମଧ୍ୟରେ ସାମିଲ ହୋଇଯାଇଛି। ପୂର୍ବରୁ ଏହି ତାଲିକାରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ଟିସିଏସ୍, ଏୟାରଟେଲ, ଏଚଡିଏଫସି ଓ ଆଇସିଆଇସିଆଇ ବ୍ୟାଙ୍କ ଥିଲେ। ଏହି ସଫଳତା ସହ ଷ୍ଟେଟ ବ୍ୟାଙ୍କ ଆସନ୍ତା ୨୦୩୦ ସୁଦ୍ଧା ବିଶ୍ୱର ଶ୍ରେଷ୍ଠ ୩୦ଟି ବ୍ୟାଙ୍କ ମଧ୍ୟରେ ସାମିଲ ହେବା ପାଇଁ ଲକ୍ଷ୍ୟ ରଖିଛି। ଭାରତର ଆର୍ଥିକ କ୍ଷେତ୍ରରେ ଏଚଡିଏଫସି ବ୍ୟାଙ୍କ୍, ଆଇସିଆଇସିଆଇ ବ୍ୟାଙ୍କ ପୂର୍ବରୁ ହିଁ ୧୦୦ ବିଲିୟନ ଡଲାର କ୍ଲବରେ ଥିଲେ। ଏଚଡିଏଫସି ବ୍ୟାଙ୍କ୍ ଭାରତର ସବୁଠାରୁ ମୂଲ୍ୟବାନ ବ୍ୟାଙ୍କ୍ ଭାବେ ଶୀର୍ଷରେ ରହିଥିବାବେଳେ, ତାପରେ ଆଇସିଆଇସିଆଇ ବ୍ୟାଙ୍କ ଥିଲା। ନିକଟରେ ଏସବିଆଇ ଏହି ମାଇଲଖୁଣ୍ଟ ଅତିକ୍ରମ କରି ଦେଶର ଏକ ବଡ଼ ସରକାରୀ ବ୍ୟାଙ୍କ୍ ଭାବରେ ଏହି କ୍ଲବରେ ସାମିଲ୍ ହୋଇଛି। ଏହି ସଫଳତା ବ୍ୟାଙ୍କଗୁଡ଼ିକ ଦୃଢ଼ ଆର୍ଥିକ ସ୍ଥିତି, ଋଣ ପରିଚାଳନାରେ ଉନ୍ନତି, ଏବଂ ବ୍ୟାପକ ବ୍ୟବସାୟିକ ଅଭିବୃଦ୍ଧି ହେତୁ ଏହି ବିଶାଳ ମୂଲ୍ୟାଙ୍କନ ହାସଲ କରିପାରିଛନ୍ତି।

ଏହି ସଫଳତା ସଂପର୍କରେ ବ୍ୟାଙ୍କର ଅକ୍ଷକ୍ଷ ସିଏସ ସେଟ୍ଟି କହିଛନ୍ତି ଯେ ଷ୍ଟେଟ ବ୍ୟାଙ୍କ ବଜାର ପୁଞ୍ଜି ଅନୁସାରେ ଦେଶର ବୃହତ୍ତମ ସରକାରୀ ସଂପତ୍ତି ମଧ୍ୟରେ ଅନ୍ୟତମ। ଆଗକୁ ଏହି ବ୍ୟାଙ୍କ ନିଜର ମୂଲ୍ୟ ଆହୁରି ବଢ଼ାଇଚାଲିବ ଓ ଅଭିବୃଦ୍ଧି ପାଇଁ ପୁଞ୍ଜି ଅଭାବ ରହିବ ନାହିଁ।

# ଫ୍ଲିପକାର୍ଟ ବିରୋଧରେ ସାଂଘାତିକ ଅଭିଯୋଗ




ନୂଆଦିଲ୍ଲୀ, ୮।୧୧: ବହୁ ଲୋକପ୍ରିୟ ଇ-କମର୍ସ ଓ୍ବେବସାଇଟ୍ 'ଫ୍ଲିପକାର୍ଟ' ବିରୋଧରେ ସାଂଘାତିକ ଅଭିଯୋଗ ଆସିଛି। ଫ୍ଲିପକାର୍ଟ ଆପତ୍ତିଜନକ ବିଜ୍ଞାପନ ଦେଖାଉଛି ଏବଂ ଏହାକୁ ନେଇ ୟୁଜର୍ସ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଭିନ୍ନ ୟୁଜର ଏହା ବିରୋଧରେ ଅଭିଯୋଗ ମଧ୍ୟ କରିଛନ୍ତି। ଆମେରିକୀୟ କମ୍ପାନୀ ୱାଲମାର୍ଟର ମାଲିକାନାରେ ଥିବା ଇ-କମର୍ସ ୱେବସାଇଟ୍ ଫ୍ଲିପକାର୍ଟ ଉପରେ ଆପତ୍ତିଜନକ ବିଜ୍ଞାପନ ଚଲାଇବାର ଅଭିଯୋଗ ଆସିଛି। ଇଣ୍ଟରନେଟରେ ଆପତ୍ତିଜନକ ଫଟୋ ଦେଖାଉଥିବା କିଛି ସ୍କ୍ରିନସଟ୍ ଭାଇରାଲ ହେଉଛି। ରେଡିଟ୍‌ରେ ଅନେକ ବ୍ୟବହାରକାରୀ ଫ୍ଲିପକାର୍ଟର ସୋସିଆଲ ମିଡିଆ ଫଟୋ ଲଗାତାର ପୋଷ୍ଟ କରୁଛନ୍ତି। ଏହି ଫଟୋଗୁଡ଼ିକରେ ମଡେଲ, ଗଞ୍ଜେଇ, ବନ୍ଧୁକ ଏବଂ ନଗ୍ନ ମ୍ୟାନେକୁଇନ (ପ୍ରତିମୂର୍ତ୍ତି) ଫଟୋ ଥିବା ଦେଖିବାକୁ ମିଳିଛି। ଫ୍ଲିପକାର୍ଟର ଏଭଳି ଆପତ୍ତିଜନକ ବିଜ୍ଞାପନ ହଠାତ୍ ସୋସିଆଲ ମିଡିଆରେ ସାମ୍ନାକୁ ଆସୁଛି।

ସେପଟେ ଏଭଳି ଲିଙ୍କରେ କ୍ଲିକ୍ କରିବା ପରେ, ଅନ୍ୟ ଉତ୍ପାଦଗୁଡ଼ିକ ଦେଖାଯାଉଛି। ତେବେ କାହିଁକି ଫ୍ଲିପକାର୍ଟ ଏପରି ଆପତ୍ତିଜନକ ବିଜ୍ଞାପନ ପ୍ରଦର୍ଶନ କରୁଛି ? ବିଶେଷଜ୍ଞମାନଙ୍କ ଅନୁସାରେ, ଏଗୁଡ଼ିକ ଏକପ୍ରକାର କ୍ଲିକ୍‌ବେଟ୍ (ଥମ୍ବନେଲ୍)। କିନ୍ତୁ ଲିଙ୍କ କ୍ଲିକ୍ କରିବା ପରେ ଯେଉଁ ଉତ୍ପାଦ ଆସୁଛି ତାହା ପ୍ରକୃତ ଏବଂ ଆପତ୍ତିଜନକ ନୁହେଁ। କିନ୍ତୁ ବିଜ୍ଞାପନ ଅଭିଯାନଗୁଡ଼ିକରେ ଆପତ୍ତିଜନକ ଚିତ୍ର ରହିଛି। ଯାହା ବ୍ୟବହାରକାରୀମାନଙ୍କୁ କ୍ଲିକ୍ କରି ୱେବସାଇଟ୍ ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ଡିଜାଇନ୍ କରାଯାଇଛି। ଉଦାହରଣ ସ୍ୱରୂପ, ବିଜ୍ଞାପନରେ ଦେଖାଯାଇଥିବା ବନ୍ଧୁକଟି ୧୦୦% ଅସଲି ମନେହୁଏ। କିନ୍ତୁ ଲିଙ୍କ୍ କ୍ଲିକ୍ କରିବା ପରେ, ୱେବସାଇଟ୍‌ରେ ଏକ ଖେଳଣା ବନ୍ଧୁକ ଦେଖିବାକୁ ମିଳେ।

ଭାରତରେ କୌଣସି ଇ-କମର୍ସ ୱେବସାଇଟରେ ବନ୍ଧୁକ କିଣା ଏବଂ ବିକ୍ରୟ କରାଯାଇପାରିବ ନାହିଁ। ସେହିପରି, ଫଟୋରେ ଦେଖାଯାଉଥିବା ଗଞ୍ଜେଇ ଏବଂ ନଗ୍ନ ଫଟୋ ପ୍ରକୃତରେ ଓ୍ବେବସାଇଟ୍‌ରେ ଉପଲବ୍ଧ ନାହିଁ। ମୋଟାମୋଟି ଭାବରେ କହିବାକୁ ଗଲେ, କମ୍ପାନୀ ଏହା ମାଧ୍ୟମରେ ୟୁଜରଙ୍କୁ ଆକୃଷ୍ଟ କରିବାକୁ ଚେଷ୍ଟା କରେ। ଏହି ବିଜ୍ଞାପନଗୁଡ଼ିକୁ ନେଇ ଏବେ ବିବାଦ ବୃଦ୍ଧି ପାଇବାରେ ଲାଗିଛି। ସେପଟେ କେହି କେହି ଯୁକ୍ତି ଦେଇଛନ୍ତି ଯେ, ଏଭଳି କି-ଓ୍ବାର୍ଡ ବ୍ୟବହାର କରୁଥିବା ୟୁଜର୍ସଙ୍କୁ ହିଁ ଏଭଳି ବିଜ୍ଞାପନ ଦେଖାଯାଏ। ୟୁଜର୍ସ ବାରମ୍ବାର ଏନେଇ ଫ୍ଲିପକାର୍ଟ ବିରୋଧରେ ଅଭିଯୋଗ କରୁଥିଲେ ହେଁ, କମ୍ପାନୀ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ଦିଆଯାଇ ନାହିଁ। ଏମିତି ଲାଗୁଛି, ସବୁକିଛି ଜାଣି ଚୁପ ରହିଛି ଫ୍ଲିପକାର୍ଟ। ଜାତୀୟ ଗଣମାଧ୍ୟମ ପକ୍ଷରୁ ଏହାର ଉତ୍ତର ଜାଣିବାକୁ ଚେଷ୍ଟା କରାଯାଇଥିଲା। ଫଟୋ ସହ ମେଲ୍ କରିବା ପରେ ମଧ୍ୟ କମ୍ପାନୀ ପକ୍ଷରୁ ଏହାର ଜବାବ ଦିଆଯାଇ ନାହିଁ।

## ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୨୨,୦୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୧୧,୮୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୨,୦୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୧୧,୮୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୨୨,୦୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୧୧,୮୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୨,୧୭୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୨,୦୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୨୨,୯୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୧୨, ୭୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୨୨,୦୨୦ ଓ ୧,୧୧,୮୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୫୨,୫୦୦ ଟଙ୍କା ହୋଇଛି।

# ପୁରୁଣା ଫୋନ ବଦଳରେ ମିଳିବ ନୂଆ ଆଇଫୋନ




ନୂଆଦିଲ୍ଲୀ, ୮।୧୧: ବର୍ତ୍ତମାନ ଯୁବପିଢ଼ୀଙ୍କ ମଧ୍ୟରେ ଆଇଫୋନ ପାଇଁ ରହିଛି ପ୍ରବଳ କ୍ରେଜ ରହିଛି। ତଥାପି, ଦାମ ଯୋଗୁଁ, ଅନେକ ଲୋକ ନୂଆ ଆପଲ ଫୋନ କିଣି ପାରୁନାହାଁନ୍ତି। ଏପରି ଲୋକଙ୍କ ପାଇଁ, ଆପଲ ଏକ ଟ୍ରେଡ-ଇନ ପ୍ରୋଗ୍ରାମ ଆରମ୍ଭ କରିଛି। ଯାହା ପୁରୁଣା ଫୋନ ବଦଳରେ ନୂଆ ଫୋନ ଉପରେ ବଡ ରିହାତି ପ୍ରଦାନ କରୁଛି କମ୍ପାନୀ। ଏହା ଏକ ନୂଆ ଫୋନର ମୂଲ୍ୟକୁ ବହୁତ ହ୍ରାସ କରେ। ଆପଣଙ୍କର ପୁରୁଣା ଫୋନ ବଦଳାଇ ଆପଣ ଏକ ନୂଆ ଆଇଫୋନ ଉପରେ ୬୪,୦୦୦ ପର୍ଯ୍ୟନ୍ତ ସଞ୍ଚୟ କରିପାରିବେ।

ଆପଲ ଆଇଫୋନ ୭ ପ୍ଲସ ପର୍ଯ୍ୟନ୍ତ ମଡେଲଗୁଡ଼ିକରେ ଏକ ଟ୍ରେଡ-ଇନ ସେବା ପ୍ରଦାନ କରୁଛି। ଆପଣ ଏହି ଆଇଫୋନକୁ ଏକ ନୂତନ ଆପଲ ଉତ୍ପାଦ ଉପରେ ୪,୩୫୦ ପର୍ଯ୍ୟନ୍ତ ରିହାତି ପାଇଁ ବଦଳାଇ ପାରିବେ। ସେହିପରି, ଆଇଫୋନ ୮ରେ ୫,୮୫୦ ପର୍ଯ୍ୟନ୍ତ, ଆଇଫୋନ ୮ ପ୍ଲସ ରେ ୭,୦୫୦ ପର୍ଯ୍ୟନ୍ତ, ଆଇଫୋନ ଏକ୍ସ ରେ ୮,୮୦୦ ପର୍ଯ୍ୟନ୍ତ, ଆଇଫୋନ ଏକ୍ସ ଏସ ରେ ୧୦,୯୦୦ ପର୍ଯ୍ୟନ୍ତ ଏବଂ ଆଇଫୋନ ଏକ୍ସଏସ ମ୍ୟାକ୍ସରେ ୧୧,୯୦୦ ପର୍ଯ୍ୟନ୍ତ ରିହାତି ମିଳିପାରିବ। ଆଇଫୋନ ୧୧ ସିରିଜରେ ୧୨,୫୦୦ ରୁ ୧୯,୩୦୦ ପର୍ଯ୍ୟନ୍ତ ଏବଂ ଆଇଫୋନ ୧୨ ସିରିଜରେ ୧୩,୭୦୦ ରୁ ୨୮,୧୦୦ ପର୍ଯ୍ୟନ୍ତ ରିହାତି ମିଳିବ। ଆଇଫୋନ ୧୩ ସିରିଜରେ ୨୨,୯୦୦ ରୁ "୩୮,୨୦୦ ପର୍ଯ୍ୟନ୍ତ ରିହାତି ମିଳିବ। ସେହିଭଳି ଆଇଫୋନ ୧୪ ପ୍ଲସ ଉପରେ ୨୭,୯୦୦ ପର୍ଯ୍ୟନ୍ତ ରିହାତି, ୧୪ ପ୍ରୋ ଉପରେ ୩୧,୪୦୦ ପର୍ଯ୍ୟନ୍ତ ରିହାତି, ୧୪ ପ୍ରୋ ମାକ୍ସ ଉପରେ ୪୮,୦୦୦ ପର୍ଯ୍ୟନ୍ତ, ୧୫ ଉପରେ ୫୦,୦୦୦ ପର୍ଯ୍ୟନ୍ତ ରିହାତି ମିଳିପାରିବ ବୋଲି କମ୍ପାନୀ ଘୋଷଣା କରିଛି।

# ଏବେ ରୂପା ଉପରେ ମଧ୍ୟ ଋଣ ମିଳିବ




ନୂଆଦିଲ୍ଲୀ, ୮।୧୧ଏଣିକି ଗୋଲ୍ଡ ଲୋନ ବା ସୁନା ବନ୍ଧକ ରଖି ଋଣ ପରି ରୂପା ଉପରେ ମଧ୍ୟ ଋଣ ମିଳିବ। ନୂଆ ବ୍ୟବସ୍ଥା ଅନୁଯାୟୀ, କମରସିଆଲ ବ୍ୟାଙ୍କ, ସ୍ମଲ ଫାଇନାନ୍ସ ବ୍ୟାଙ୍କ, ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ (ରିଜିଓନାଲ ରୁରାଲ ବ୍ୟାଙ୍କ), ସମବାୟ ବ୍ୟାଙ୍କ (କୋଅପରେଟିଭ୍ ବ୍ୟାଙ୍କ), ଏନବିଏଫସି ଏବଂ ଗୃହ ଆର୍ଥିକ କମ୍ପାନୀ (ହାଉସିଂ ଫାଇନାମନ୍ସ କମ୍ପାନୀ) ଗୁଡ଼ିକ ଏବେ ସୁନା ବ୍ୟତୀତ ରୂପା ଅଳଙ୍କାର ଏବଂ ମୁଦ୍ରା ଉପରେ ଋଣ ପ୍ରଦାନ କରିପାରିବେ। ନୂଆ ନିୟମ ଅନୁଯାୟୀ, ଏହି ସୁବିଧା ୧ ଏପ୍ରିଲ ୨୦୨୬ରୁ ଉପଲବ୍ଧ ହେବ। ଆରବିଆଇ ସ୍ପଷ୍ଟ ଭାବରେ କହିଛି ଯେ ସୁନା କିମ୍ବା ରୂପା ଇଟା ଉପରେ ଋଣ ଉପଲବ୍ଧ ହେବ ନାହିଁ। ସେହିପରି, ଆପଣ ସୁନା କିମ୍ବା ରୂପା ସମ୍ବନ୍ଧୀୟ ନିବେଶ (ଯେପରିକି ମ୍ୟୁଚୁଆଲ୍ ଫଣ୍ଡ) ଉପରେ ଋଣ ନେଇପାରିବେ ନାହିଁ। ନୂଆ ବ୍ୟବସ୍ଥା ଅନୁଯାୟୀ ସୁନା ଅଳଙ୍କାର ଉପରେ ସର୍ବାଧିକ ଏକ କିଲୋଗ୍ରାମ ଉପର ଋଣ ନିଆଯାଇପାରିବ। ରୂପା ଅଳଙ୍କାର ଉପରେ ସର୍ବାଧିକ ଦଶ କିଲୋ ଋଣ ରାଶି ନିଆଯାଇପାରିବ। ପଚାଶ ଗ୍ରାମ ପର୍ଯ୍ୟନ୍ତ ସୁନା ମୁଦ୍ରା ଏବଂ ପାଞ୍ଚଶହ ଗ୍ରାମ ପର୍ଯ୍ୟନ୍ତ ରୂପା ମୁଦ୍ରା ଉପରେ ସର୍ବାଧିକ ଋଣ ରାଶି ନିଆଯାଇପାରିବ। ଯଦି ଜଣେ ବ୍ୟକ୍ତି ଋଣ ପରିଶୋଧ କରିବାରେ ବିଫଳ ହୁଅନ୍ତି, ତେବେ ବ୍ୟାଙ୍କ କିମ୍ବା ଏବିଏଫସି ରୂପା କିମ୍ବା ସୁନା ନିଲାମ କରିପାରିବେ। ତଥାପି, ଏହା କରିବା ପୂର୍ବରୁ ଋଣଗ୍ରହୀତାକୁ ନୋଟିସ୍ ଦେବାକୁ ପଡିବ। ନିଲାମ ସମୟରେ ସଂରକ୍ଷଣ ମୂଲ୍ୟ ଅତି କମରେ ନବେ ପ୍ରତିଶତ ହେବ।

# ୨୧ ଦିନରେ ୧୦ ହଜାରରୁ ଅଧିକ କମିଲାଣି ସୁନାଦର

ନୂଆଦିଲ୍ଲୀ, ୮।୧୧: ଫେଷ୍ଟିଭ ସିଜନ ପରେ ସୁନା ମୂଲ୍ୟରେ ବଡ଼ ହ୍ରାସ ଦେଖିବାକୁ ମିଳିଛି। ୨୧ ଦିନ ମଧ୍ୟରେ ସୁନାର ମୂଲ୍ୟ ୧୦,୭୭୪ ଟଙ୍କା ହ୍ରାସ ପାଇ ଶୁକ୍ରବାର ପ୍ରତି ୨୪ କ୍ୟାରେଟ ୧୦ ଗ୍ରାମ ୧,୨୦,୧୦୦ ହୋଇଛି। ଅକ୍ଟୋବର ୧୭ ତାରିଖରେ ଏହାର ମୂଲ୍ୟ ସର୍ବକାଳୀନ ସର୍ବାଧିକ ୧,୩୦,୮୭୪ ଟଙ୍କାରେ ପହଞ୍ଚିଥିଲା।ଇଣ୍ଡିଆ ବୁଲିଅନ ଆଣ୍ଡ୍ ଜୁଏଲର୍ସ ଆସୋସିଏସନ୍ (ଆଇବିଜେଏ) ଅନୁଯାୟୀ, ଆଜି(ନଭେମ୍ବର ୭) ସୁନାର ମୂଲ୍ୟ ୫୭୦ ହ୍ରାସ ପାଇଛି।

## ରୁପା ପାଖାପାଖି ୩୦ ହଜାର କମିଛି

ତେବେ ସୁନା ତୁଳନାରେ ରୂପା ମୂଲ୍ୟ ସର୍ବାଧିକ ହ୍ରାସ ଘଟିଛି। ଗତ ୨୪ ଦିନରେ ରୁପା ମୂଲ୍ୟ ୨୯,୮୨୫ ଟଙ୍କା ହ୍ରାସ ପାଇଛି। ତେବେ ଶୁକ୍ରବାର ରୁପା ମୂଲ୍ୟରେ ମାତ୍ର ୩୩ ଟଙ୍କା ବୃଦ୍ଧି ପାଇଛି। ଫଳରେ ଏକ କିଲୋଗ୍ରାମ ମୂଲ୍ୟ ୧,୪୮,୦୧୦ ଟଙ୍କା ହୋଇଛି। ଅକ୍ଟୋବର ୧୪ ତାରିଖରେ ଏହାର ମୂଲ୍ୟ ସର୍ବକାଳୀନ ସର୍ବୋଚ୍ଚ ୧,୭୮,୧୦୦ରେ ପହଞ୍ଚିଥିଲା। ଆପଣଙ୍କ ସୂଚନା ପାଇଁ ଆମେ କହି ରଖୁଛୁ ଯେ ଆଇବିଜେଏ ସୁନା ମୂଲ୍ୟରେ ୩% ଜିଏସ୍‌ଟି, ମେକିଂ ଚାର୍ଜ ଏବଂ ଅଳଙ୍କାର ମାର୍ଜିନ୍ ଅନ୍ତର୍ଭୁକ୍ତ ନୁହେଁ। ତେଣୁ, ସହରଗୁଡ଼ିକର ମୂଲ୍ୟ ବୁଲିଅନ ମୂଲ୍ୟ ଠାରୁ ଅଲଗା ହୋଇଥାଏ। ତେବେ ବୁଲିଅନ ହାର କୁ ଆର୍‌ବିଆଇ ଦ୍ୱାରା ସୋଭରେନ ଗୋଲ୍ଡ ବଣ୍ଡର ହାର ନିର୍ଣ୍ଣୟ କରିବା ପାଇଁ ବ୍ୟବହାର କରାଯାଏ। ଅନେକ ବ୍ୟାଙ୍କ ସୁନା ଋଣ ହାର ନିର୍ଣ୍ଣୟ କରିବା ପାଇଁ ଏଗୁଡ଼ିକୁ ବ୍ୟବହାର କରନ୍ତି। ଚଳିତ ବର୍ଷ ଏପର୍ଯ୍ୟନ୍ତ ସୁନାର ମୂଲ୍ୟ ୪୩,୯୩୮ ବୃଦ୍ଧି ପାଇଛି। ୩୧ ଡିସେମ୍ବର ୨୦୨ରେ 10 ଗ୍ରାମ ୨୪ କ୍ୟାରେଟ୍ ସୁନାର ମୂଲ୍ୟ ୭୬,୧୬୨ ଟଙ୍କା ଥିଲା, ଯାହା ଏବେ ୧,୨୦,୧୦୦ କୁ ବୃଦ୍ଧି ପାଇଛି। ସେହିପରି ରୁପା ଦାମରେ ମଧ୍ୟ ୬୨,୨୫୮ ଟଙ୍କା ବୃଦ୍ଧି ପାଇଛି। କାରଣ ଗତ ବର୍ଷ ଡିସେମ୍ବର ୩୧ ତାରିଖରେ ରୁପା କେଜି ପ୍ରତି ୮୬,୦୧୭ ଟଙ୍କା ଥିଲା। ଯାହା ଏବେ କେଜି ୧,୪୮,୨୭୫ ଟଙ୍କାକୁ ବୃଦ୍ଧି ପାଇଛି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ତେବେ ଗୋଟେ ଦୁଇଟି ସହରକୁ ଛାଡିବା ପରେ ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇନି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ହେଲେ ଭୁବନେଶ୍ୱରରେ କମିଛି ପେଟ୍ରୋଲ ଏବଂ ଡିଜେଲ ଦାମ୍। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୯ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।



# ଡିଜିଟାଲ୍ ଇକୋନୋମିରେ କ୍ରାନ୍ତି ଆଣିଛି ବିମୁଦ୍ରୀକରଣ

ନୂଆଦିଲ୍ଲୀ, ୮।୧୧: ଆଉ ଦିନ କେଇଟା ପରେ ବିମୁଦ୍ରୀକରଣକୁ ୯ ବର୍ଷ ପୂରିବ। ନଭେମ୍ବର ୮, ୨୦୧୬ ରାତି ୮ଟାରେ ଦେଶ ଉଦ୍ଦେଶ୍ୟରେ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାର ଘୋଷଣା କରିଥିଲେ। ନୋଟବନ୍ଦୀର ଉଦ୍ଦେଶ୍ୟ ଦେଶର କଳାଧନକୁ ଶେଷ କରିବା ଓ ଦୁର୍ନୀତିକୁ ଶେଷ କରିବା ଥିଲା। କିନ୍ତୁ ଏହା ଦେଶରେ ଡିଜିଟାଲ ଇକୋନୋମିକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

ନୋଟବନ୍ଦୀ ସମୟରେ ଦେଶରେ ଡିଜିଟାଲ ପେମେଣ୍ଟର ବ୍ୟବହାର କିଛି ନିର୍ଦ୍ଦିଷ୍ଟ ଲୋକଙ୍କ ଦ୍ୱାରା କରାଯାଉଥିଲା, କିନ୍ତୁ ବିମୁଦ୍ରୀକରଣ କାରଣରୁ ନଗଦରେ କାରବାର ହ୍ରାସ ଯୋଗୁ ପ୍ରାୟ ସବୁ ବର୍ଗରେ ଏହା ଖୁବ କମ ସମୟରେ ଲୋକପ୍ରିୟ ହେବା ଆରମ୍ଭ ହୋଇଥିଲା। ରିସର୍ଚ୍ଚ ଫାର୍ମ ପିଡବ୍ଲୁସିର ଡାଟା ଅନୁସାରେ, ନୋଟବନ୍ଦୀ ଘୋଷଣାର ଏକ ବର୍ଷ ଭିତରେ ହିଁ ଡିଜିଟାଲ୍ ଅର୍ଥବ୍ୟବସ୍ଥାରେ ଏକ ବଡ଼ ବୁମ୍ ଦେଖିବାକୁ ମିଳିଥିଲା। ୟୁପିଆଇରେ ଲାଇଭ୍ ବ୍ୟାଙ୍କ ସଂଖ୍ୟା ୨୦୧୬ ଡିସେମ୍ବରରେ ୨୧ ଥିଲା, ଯାହା ୯ ମାସରୁ କମ ସମୟ ମଧ୍ୟରେ ୧୬୦ ପ୍ରତିଶତ ବଢ଼ି ସେପ୍ଟେମ୍ବର ୨୦୧୭ରେ ୫୫ ବ୍ୟାଙ୍କ ହୋଇଥିଲା। ସେହିପରି ଟ୍ରାଞ୍ଜାକ୍ସନ ସଂଖ୍ୟା ୨୦୧୬ ଡିସେମ୍ବରରେ ୨୦ ଲକ୍ଷରୁ ୧୫୪୦ ପ୍ରତିଶତ ବଢ଼ି ୩.୦୮ କୋଟି ହୋଇଥିଲା। ଏହି ସମୟରେ ନେଣଦେଣର ଭାଲ୍ୟୁ ୭ ବିଲିୟନ ଟଙ୍କାରୁ ବଢ଼ି ୫୨.୯ ବିଲିୟନ ଡଲାର ହୋଇଛି। ଏହି ସମୟରେ ଏନଇଏଫଟି ଉପରେ ନେଣଦେଣ ସଂଖ୍ୟା ଓ ଭାଲ୍ୟୁରେ ଯଥାକ୍ରମେ ୨୮ ପ୍ରତିଶତ ଓ ୬୧ ପ୍ରତିଶତ ବୃଦ୍ଧି ଦେଖିବାକୁ ମିଳିଥିଲା। ଆରଟିଜିଏସ ଉପରେ ନେଣଦେଣ ସଂଖ୍ୟା ଓ ଭାଲ୍ୟୁରେ ଯଥାକ୍ରମେ ୨୨ ପ୍ରତିଶତ ଓ ୩୦ ପ୍ରତିଶତ ବୃଦ୍ଧି ହୋଇଛି।ଆର୍ଥିକ ସେବା ବିଭାଗ ଅନୁଯାୟୀ, ଦେଶରେ ଡିଜିଟାଲ୍ ପେମେଣ୍ଟ କାରବାର ସଂଖ୍ୟା ୨୦୨୩-୨୪ ଆର୍ଥିକ ବର୍ଷରେ ୧୮,୭୩୭ କୋଟିରେ ପହଞ୍ଚିବ ବୋଲି ଆଶା କରାଯାଉଛି, ଯାହା ୨୦୧୭-୧୮ ଆର୍ଥିକ ବର୍ଷରେ ୨,୦୭୧ କୋଟି ଥିଲା। ସେହି ସମୟରେ, ଏହି କାରବାରର ମୂଲ୍ୟ ୨୦୨୩-୨୪ ଆର୍ଥିକ ବର୍ଷରେ ୩,୬୫୯ ଲକ୍ଷ କୋଟି ଟଙ୍କା ଥିଲା, ଯାହା ୨୦୧୭-୧୮ ଆର୍ଥିକ ବର୍ଷରେ ୧,୯୬୨ ଲକ୍ଷ କୋଟି ଟଙ୍କା ଥିଲା। ୨୦୨୫ ପାର୍ବଣ ଋତୁରେ ଡିଜିଟାଲ୍ କାରବାରରେ ମଧ୍ୟ ଏକ ଉଲ୍ଲେଖନୀୟ ବୃଦ୍ଧି ଦେଖାଦେଇଥିଲା। ଧନତେରସରୁ ଦୀପାବଳି ପର୍ଯ୍ୟନ୍ତ ତିନି ଦିନ ମଧ୍ୟରେ ୟୁପିଆଇରେ ହାରାହାରି କାରବାର ସଂଖ୍ୟା ୭୩୬.୯ ନିୟୁତ ଥିଲା, ଯାହା ଗତ ବର୍ଷ ସମାନ ସମୟ ମଧ୍ୟରେ ୬୪୭.୪ ନିୟୁତ ଥିଲା।



# ଶ୍ରୀଲେଦର୍ସର ଷ୍ଟୋର୍ ଉଦ୍‌ଘାଟିତ

ଭୁବନେଶ୍ୱର,୮।୧୧: ସ୍ଥାନୀୟ ଅଶୋକନଗରସ୍ଥିତ ଶ୍ରୀଲେଦର୍ସର ନବୀକୃତ ଷ୍ଟୋର୍ ଆଜି ଉଦ୍‌ଘାଟିତ ହୋଇଛି। ଶ୍ରୀଲେଦର୍ସ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ସତ୍ୟବ୍ରତ ଦେ, ନିର୍ଦ୍ଦେଶକ ରୋଚିତା ଦେ ଏବଂ ଭୁବନେଶ୍ୱର ଡିଲରସିପ୍‌ର ସ୍ୱତ୍ୱାଧିକାରୀ ଜିକେ ବେହେରା ଯୋଗଦେଇ ନବୀକୃତ ସୋରୁମ୍‌କୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। ୨୨୦୦ ବର୍ଗଫୁଟ୍‌ର ଏହି ଷ୍ଟୋର୍ ଏବେ ୧୨,୦୦୦ ବର୍ଗଫୁଟ ପରିମିତ ଅଞ୍ଚଳରେ ପରିବ୍ୟାପ୍ତ ହୋଇଛି। ସମ୍ପ୍ରତି ତଳ ମହଲାରେ ମହିଳା, ଶିଶୁଙ୍କ ଜୋତା ଓ ଆସେସୋରିଜ୍, ପ୍ରଥମ ମହଲାରେ ପୁରୁଷଙ୍କ ଜୋତା ଓ ଆସେସୋରିଜ୍ ଏବଂ ଦ୍ୱିତୀୟ ମହଲାରେ ଜୋତା ଏବଂ ଆସେସୋରିଜ୍ ଗୁଡ଼ିକର ପ୍ରିମିୟମ କଲେକ୍ସନ ରହିଛି। ଏଥିସହିତ ସୋରୁମ୍‌ରେ ଏସ୍‌କାଲେଟର ସ୍ଥାପନ କରାଯାଇଛି। ନବୀକୃତ ସୋରୁମ୍ ଗ୍ରାହକମାନଙ୍କୁ ଉନ୍ନତମାନର କ୍ରୟ ଅନୁଭୂତି ପ୍ରଦାନ କରିବ ବୋଲି ସ୍ୱତ୍ୱାଧିକାରୀ ଶ୍ରୀ ବେହେରା କହିଥିଲେ। ଏହି ଅବସରରେ ସୋରୁମ୍ ପକ୍ଷରୁ କେତେକ ଗ୍ରାହକକୈନ୍ଦ୍ରିକ ସୁବିଧା ଘୋଷଣା କରାଯାଇଛି।

# ୧୦ରୁ ଜିଲ୍ଲାରେ ହେବ ଏକତା ପଦଯାତ୍ରା

**ବାରିପଦା,୮।୧୧ (ସଂଚାର ବ୍ୟୁରୋ):** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ତରଫରୁ ଅନୁଷ୍ଠିତ ହେବାକୁ ଥିବା ଏକତା ପଦଯାତ୍ରା ସମ୍ବନ୍ଧରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଅଧକ୍ଷତା କରିଥିବା ବେଳେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଦୀପକ କୁମାର ଗଚ୍ଛାୟତ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ମାନଙ୍କୁ ସ୍ୱାଗତ କରିବା ସହ ଏହି ଏକତା ପଦଯାତ୍ରାର ଉଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଉଲ୍ଲେଖ କରିଥିଲେ। ସରକାରଙ୍କ ନିର୍ଦ୍ଦେଶ କ୍ରମେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ଜୟନ୍ତୀ ପାଳନ ପରିପ୍ରେକ୍ଷୀରେ ଦେଶବାସୀଙ୍କ ମଧ୍ୟରେ ଏକତା ତଥା ଜାତୀୟତାବୋଧ ନିମନ୍ତେ ପଦଯାତ୍ରା ଆୟୋଜନ କରାଯାଉଛି।

ଏହି କ୍ରମରେ ମୟୂରଭଞ୍ଜ ଜିଲ୍ଲାରେ ୩ଟି ସ୍ଥାନରେ ଯଥା ବାରିପଦା, ରାଇରଙ୍ଗପୁର ଓ ଉଦଳା ଠାରେ ଏହି ଏକତା ପଦଯାତ୍ରା ଅନୁଷ୍ଠିତ ହେବ। ପ୍ରତ୍ୟେକ ସ୍ଥାନରେ ୧୦ କିଲୋମିଟର ଦୂରତା ପର୍ଯ୍ୟନ୍ତ ପରିକ୍ରମା କରାଯିବ ଏବଂ ପାଖାପାଖି ୧୫୦୦ ଅଂଶ ଗ୍ରହଣକାରୀଙ୍କୁ ନେଇ ଏହି ପଦ ଯାତ୍ରା କରାଯିବା ପାଇଁ ଆଶା ରଖାଯାଇଛି। ଏଇ ୧୦ କିଲୋମିଟର ଦୂରତା ପଦଯାତ୍ରାରେ ୪ଟି ଷ୍ଟେଜ ଯଥାକ୍ରମେ ଷ୍ଟାର୍ଟିଂ ପଏଣ୍ଟ, କିଛି କିଛି ଦୂରତା ବ୍ୟବଧାନରେ ଦ୍ୱିତୀୟ ପଏଣ୍ଟ ଓ ତୃତୀୟ ପଏଣ୍ଟ ଏବଂ ଚତୁର୍ଥ ପଏଣ୍ଟରେ ଶେଷ ହେବ। ପ୍ରତ୍ୟେକ ପଏଣ୍ଟରେ ବିଭିନ୍ନ ପ୍ରକାର ଷ୍ଟଲ ହେବ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ ହେବା ସହ ଜନସାଧାରଣଙ୍କ ହିତ ଉଦେଶ୍ୟରେ ବିଭିନ୍ନ ବିଷୟରେ ସଚେତନତା ସୃଷ୍ଟି ପାଇଁ ପ୍ରୟାସ କରାଯିବ। ପଦଯାତ୍ରା ସମୟରେ ସେଇ ରାସ୍ତାରେ ଅବସ୍ଥାପିତ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରି ଭକ୍ତପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବ। ଏହି ପଦଯାତ୍ରାରେ ସମାଜର ସବୁ ବର୍ଗର ଯଥା ଛାତ୍ର ଛାତ୍ରୀ, ସାମାଜିକ କର୍ମୀ, ସ୍ୱେଚ୍ଛାସେବୀ, ଯୁବପିଢ଼ି, ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସାମିଲ କରାଯିବ। ଏହି ପଦଯାତ୍ରା ସମୟରେ ପଦଯାତ୍ରା ସହିତ ରଥ ଭ୍ରମଣ କରିବ।

## ଶିଳାନ୍ୟାସକୁ ଅଢ଼େଇ ବର୍ଷ ପୂରିଲା

# ତଥାପି ନିର୍ମାଣ ହୋଇନି ଏନ୍‌ଏସି ଅଫିସ ଓ କର୍ମଚାରୀ ଗୃହ

**ଧାମନଗର, ୮।୧୧ (ସଂଚାର ବ୍ୟୁରୋ):** ଧାମନଗର ଏନଏସି ନୂତନ କାର୍ଯ୍ୟାଳୟ ଓ କର୍ମଚାରୀ ବାସଭବନ ଗୃହର ଶୁଭଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଟଙ୍କା ମହଜୁଦ ଅଛି କିନ୍ତୁ ଶିଳାନ୍ୟାସକୁ ଅଢ଼େଇ ବର୍ଷ ପୂରିଲା, ଏଯାଏଁ ଏନ୍‌ଏସିଅଫିସ ଓ କର୍ମଚାରୀ ଗୃହ ନିର୍ମାଣ ହେଲା ନାହିଁ। ଏନେଇ ଦାୟୀ କିଏ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।



ଆଜକୁ ପ୍ରାୟ ଅଢ଼େଇ ବର୍ଷ ତଳେ ପୂର୍ବତନ ସାଂସଦ ମଞ୍ଜୁଳତା ମଣ୍ଡଳଙ୍କ କରକମଳରେ ଏହି ଶିଳାନ୍ୟାସ ହୋଇଥିଲା। ବିଧାୟକ ତଥା ବର୍ତ୍ତମାନର ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ନାମ ସହିତ ଅଧକ୍ଷା ନିବେଦିତା ଜେନା ଓ ତତ୍କାଳୀନ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏବଂ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାରିଙ୍କ ନାମ ଥିବା ଏହି ଦୁଇ ଶିଳାନ୍ୟାସ ଫଳକ ଏସଡିପିଓଙ୍କ କାର୍ଯ୍ୟାଳୟ ନିକଟସ୍ଥ ପଡ଼ିଆରେ ଦଣ୍ଡାୟମାନ ପୂର୍ବକ ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ବିକାଶକୁ ବିଦ୍ରୂପ କରୁଛି। ଅନ୍ୟୂନ ୬ କୋଟି ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପ ନିର୍ମାଣରେ କିଏ ବାଧା ସୃଷ୍ଟି କରୁଛି। ଯାହା ଏ ଅଞ୍ଚଳ ବିକାଶର ପଥରୋଧ କରୁଛି।

ଘଟଣାରୁ ଯାହା ଜଣାଯାଏ ଏହି ପ୍ରକଳ୍ପର ଟେଣ୍ଡର ପୋଲିସ ହାଇସିଂ ବୋର୍ଡକୁ ଦିଆଯିବାକୁ ନିଷ୍ପତ୍ତି ହୋଇଥିଲା। ପରେ ନିର୍ବାଚନ ଆଚରଣ ବିଧିପାଇଁ ଏହି କାର୍ଯ୍ୟ ଆଗେଇ ପାରି ନଥିଲା। ନିର୍ବାଚନ ପରେ ସରକାର ଏବଂ ଜିଲ୍ଲାପାଳ ଇଓ ବଦଳିଲେ। ଯାହା ଫଳରେ ପୂର୍ବ ସରକାର ସମୟରେ ହୋଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ ହୋଇ ପାରିନଥିଲା। ପରେ ଅଧକ୍ଷା, ମନ୍ତ୍ରୀ ଓ ସାଂସଦଙ୍କ ପ୍ରତିନିଧି ଏବଂ ଇଓଙ୍କ ଅସହମତି ଯୋଗୁଁ ସମସ୍ତ ସିଦ୍ଧାନ୍ତ ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରାଗଲା। ଜିଲ୍ଲାପାଳ ଏହି ପ୍ରକଳ୍ପ କାର୍ଯ୍ୟ କରିବାକୁ ଏମପିସିସିକୁ ଟେଣ୍ଡର ଦେବାକୁ ସ୍ଥିର କଲେ। ତାହାବି ଧାର୍ଯ୍ୟ ନହୋଇ ପଡ଼ିରହିଛି। ଶୁଣାଯାଏ ଅଟକଳ ରାଶିର ୫ ଶତକଡ଼ା ଅଗ୍ରୀମ ପିସି ମଗାଯିବା ହେତୁ ଏମପିସିସି ଏହି କାର୍ଯ୍ୟରୁ ଓହରି ଯିବାକୁ ଶ୍ରେୟ ମଣିଛି।

ଏକଥା ସତ ଯେ ଧାମନଗର ଏନ୍‌ଏସିର ବିକାଶରେ ବାଧା ପାଇଁ ବର୍ତ୍ତମାନର ଇଓଙ୍କ ଉଦାସୀନତା ମନୋଭାବ ହିଁ ଅନେକାଂଶରେ ଦାୟୀ। ଏହି ପ୍ରକଳ୍ପ ନିର୍ମାଣ ଓ ବସ୍‌ଷ୍ଟାଣ୍ଡ କାର୍ଯ୍ୟାରମ୍ଭ ପାଇଁ ପୂର୍ବ ଜିଲ୍ଲାପାଳଙ୍କ ଭଳି ବର୍ତ୍ତମାନର ଜିଲ୍ଲାପାଳଙ୍କ ଆନ୍ତରିକତା ପ୍ରକାଶ ପୂର୍ବକ ଧାମନଗର ଏନ୍‌ଏସିର ଉନ୍ନତି ଦିଗରେ ଯତ୍ନବାନ ହୋଇ ଯଥାଶୀଘ୍ର ଉକ୍ତ ଉନ୍ନତି କାର୍ଯ୍ୟ କରିବା ପାଇଁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

## ରାସ୍ତା ପାର୍ଶ୍ୱରେ ଥିବା ଶୁଖିଲା ଶାଳ ଗଛ କାଟିବା ପାଇଁ ଅଞ୍ଚଳବାସୀଙ୍କ ଦାବି

**କନ୍ଧମାଳ, ୮।୧୧ (ସଂଚାର ବ୍ୟୁରୋ):** ଫୁଲବାଣୀ ଠାରୁ ଗୋଛାପଡ଼ା ଦେଇ ବାଲନ୍ଦାପଡ଼ାକୁ ସଂଯୋଗ କରିଥିବା ମୁଖ୍ୟ ରାସ୍ତା ପାର୍ଶ୍ୱରେ ଏକ ବିରାଟ ଶୁଖିଲା ଶାଳ ଗଛ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଜଣେଇ ଥିଲେ ମଧ ଆଜି ପର୍ଯ୍ୟନ୍ତ କେହି କର୍ଣ୍ଣପାତ କରୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ଏହି ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ଯାନବାହାନ ଚଳାଚଳ କରନ୍ତି। ମୁଖ୍ୟ ରାସ୍ତା କଡ଼ରେ ଶୁଖିଲା ଶାଳ ଗଛ ଥିବାରୁ ଜନସାଧାରଣ ସବୁବେଳେ ଭୟଭୀତ ଭାବରେ ଏହି ରାସ୍ତା ଦେଇ ଯିବା ଆସିବା କରନ୍ତି। କେଉଁ ସମୟରେ ଉପୁଡ଼ି ଯିବ ତାହା ମଧ କହି ହେଉନି। ତେଣୁ ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେଇ ମୁଖ୍ୟ ରାସ୍ତା କଡ଼ରେ ଥିବା ସମସ୍ତ ଶୁଖିଲା ଗଛ କାଟିବା ପାଇଁ ବୁଦ୍ଧି ଜିବୀ ମହଲରୁ ଦାବି କରିଛନ୍ତି।

# ଲାଉନସରାରେ ବାଲିଯାତ୍ରା ମହୋତ୍ସବ ଉଦ୍‌ଯାପିତ

**ବରଗଡ଼, ୮।୧୧ (ସଂଚାର ବ୍ୟୁରୋ):** ବୋଇତ ବନ୍ଦାଣର ମହାନ୍ ସାଂସ୍କୃତିକ ପର୍ବ ବାଲିଯାତ୍ରା ମହୋତ୍ସବ-୨୦୨୫ ନିକଟସ୍ଥ ଲାଉନସରା ଠାରେ ଗତ ୫ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ତିନି ଦିନଧରି ମହାସମାରୋହରେ ପାଳିତ ହୋଇ ଉଦ୍‌ଯାପିତ ହୋଇଯାଇଅଛି। ଅନ୍ୟତମ ଅଷ୍ଟଶମ୍ଭୁ ବାବା ବରାଡ ବାଲୁଙ୍କେଶ୍ୱର ମନ୍ଦିର ଗାଈସୀମାରୁ ୫ ତାରିଖ ସକାଳୁ ଏକ ଶୋଭାଯାତ୍ରା ବାହାରି ଜୀରାନଦୀ ସତୀଘାଟ ଲାଉନସରା ଠାରେ ବାବାଙ୍କର ବାଲୁକା ଲିଙ୍ଗ ସ୍ଥାପନ କରାଯାଇଥିଲା। ଖଣ୍ଡହଥା, ତଳପାଲି, ଗାଈସୀମା, ମାଳିପାଲି, ଡୁମଗା, ବାଦପାଲି ତଥା ଆଖପାଖ ଅଞ୍ଚଳରୁ ସହସ୍ରାଧିକ ଭକ୍ତ ବାବାଙ୍କ ଦର୍ଶନଲାଭ କରି କାର୍ଯ୍ୟକ୍ରମ ଉପଭୋଗ କରିଥିଲେ। ଏହି ଅବସରରେ ଦଶାନନରାଜ ଦରବାର ଅନୁଷ୍ଠିତ ହେବା ସହିତ ମହିଳା ଦଣ୍ଡନାଚ, ନାଟକ, ଦୁଲଦୁଲି ବଜା ସହ ବିଭିନ୍ନ ସାଂସ୍କୃତିକ ଦଳ ନୃତ୍ୟଗୀତ ପରିବେଷଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକଙ୍କ ପ୍ରତିନିଧି ଅବନୀ କାନ୍ତ ପଣ୍ଡା, ପୂର୍ବତନ ବିଧାୟକ ସାଧୁ ଚରଣ ନେପାକ, ଡୁମଗା ଗ୍ରାମ ପଞ୍ଚାୟତ ସରପଞ୍ଚଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇ ବାଲିଯାତ୍ରାର ଇତିହାସ ଓ ଐତିହ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ ।



# ‘ବନ୍ଦେମାତରଂ’ ସଙ୍ଗୀତର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ପୁରସ୍କାର ବିତରଣ ଉତ୍ସବ

**ଖଲ୍ଲିକୋଟ, ୮।୧୧ (ସଂଚାର ବ୍ୟୁରୋ):** ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ‘ବନ୍ଦେ ମାତରଂ’ ସଙ୍ଗୀତର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ସଭା ଅନୁଷ୍ଠିତ ହୋଇଯାଉଛି। ‘ବନ୍ଦେ ମାତରଂ’ କେବଳ ଏକ ସଙ୍ଗୀତ ନୁହେଁ, ଏହା ରାଷ୍ଟ୍ରପ୍ରେମ, ତ୍ୟାଗ ଏବଂ ବୀରତାର ଶକ୍ତିଶାଳୀ ପ୍ରତୀକ। ଏହାକୁ ସୁଦୂର ପ୍ରସାରୀ କରିବା ନିମନ୍ତେ ଛାତ୍ରଛାତ୍ରୀଙ୍କ ମଧରେ ଚିତ୍ରାଙ୍କନ, କୁଇଜ୍, ଓଡ଼ିଆ ପ୍ରବନ୍ଧ ଓ ଓଡ଼ିଆ କବିତା ଲିଖନ ପ୍ରତିଯୋଗିତା ହୋଇଥିଲା। ଶତାଧିକ ଛାତ୍ରଛାତ୍ରୀ ଏଥିରେ ଆଗ୍ରହର ସହ ଭାଗ ନେଇଥିଲେ।



ସଭା ପ୍ରାରମ୍ଭରେ ଓଡ଼ିଆ ବିଭାଗ ଛାତ୍ର ସୁମନ ଓ ଶକ୍ତିକାପୁରର ନେତୃତ୍ୱରେ ସମବେତ ଭାବେ ‘ବନ୍ଦେ ମାତରଂ’ ଗାନ କରାଯାଇଥିଲା। ଅଧାପକ ଡ. ମନୋରଞ୍ଜନ ବିଷୋୟୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାର ପୌରୋହିତ୍ୟ କରିଥିଲେ ସ୍ନାତକୋତ୍ତର ପରିଷଦର ଅଧକ୍ଷ ଡ. ମନୋଜ କୁମାର ପଟ୍ଟନାୟକ। ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଅବସରପ୍ରାପ୍ତ ପ୍ରଫେସର ତଥା ଜଣାଶୁଣା କ୍ରୀଡାବିତ୍ ଡ. ବ୍ରଜମୋହନ ସାସମଲ୍। ମଂଚାସୀନ ଅତିଥିମାନେ ' ବନ୍ଦେ ମାତରଂ' ର ୧୫୦ ବର୍ଷ ପୂର୍ତ୍ତି ହେଉଛି ଜାତୀୟ ଗର୍ବ। ଏହା ଜାତୀୟ ନୀତି, ଜାତୀୟ ପ୍ରୀତି ଓ ଜାତୀୟ ସେବାର ପ୍ରତୀକ ବୋଲି ଉଲ୍ଲେଖ କରିଥିଲେ। ପ୍ରତିଯୋଗିତାରେ ସଫଳ ପ୍ରତିଯୋଗୀ ମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା।

# ୧୨ରେ କିଆଝର ନାଟ୍ୟ ମହୋତ୍ସବ

**କଳିଙ୍ଗନଗର, ୮।୧୧ (ସଂଚାର ବ୍ୟୁରୋ):** ଦାନଗଦି ବ୍ଲକ ଟମକା ଥାନା ଅନ୍ତର୍ଗତ କିଆଝର ଗାଁରେ ମା ଖଣ୍ଡୁରାଇ ଆଞ୍ଚଳିକ ନାଟ୍ୟକଳାପରିଷଦ ତରଫରୁ ଚଳିତ ମାସ ୧୨ ତାରିଖରେ ବାର୍ଷିକ ନାଟ୍ୟଉତ୍ସବ ଆୟୋଜିତ ହେବ। ଏଥିନିମନ୍ତେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଉତ୍ସବକୁ ନେଇ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ଉତ୍ସାହ ଓ ଉଦ୍ଦୀପନା ଦ୍ୱିଗୁଣିତ ହେଉଛି।

ଏହି ନାଟ୍ୟ ଉତ୍ସବ ମାଧ୍ୟମରେ ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭାଶାଳୀ କଳାକାରମାନଙ୍କୁ ଏକ ସଜୀବ ସାଂସ୍କୃତିକ ମଞ୍ଚ ଦେଇ ସେମାନଙ୍କ ଦକ୍ଷତା ଏବଂ କଳାକୁ ବିକଶିତ କରିବା ସହ ଅନ୍ତର୍ନିହିତ ପ୍ରତିଭା ପରିସ୍ଫୁଟିତ କରିବା କରିବା ଉତ୍ସବର ମୂଳ ଲକ୍ଷ୍ୟ। ଏତଦ୍‌ବ୍ୟତୀତ ନାଟ୍ୟକଳା ପ୍ରତି ଗ୍ରାମ୍ୟ ଯୁବସମାଜର ଆଗ୍ରହ ବୃଦ୍ଧି କରିବା ସହ ଲୋକନାଟ୍ୟ ଏବଂ ନାଟ୍ୟ ସଂସ୍କୃତି ପ୍ରତି ରୁଚିବୃଦ୍ଧି ହେବ। ଉତ୍ସବରେ ଅଜୟ ସାହୁଙ୍କ ରଚିତ ବହୁଚର୍ଚ୍ଚିତ ନାଟକ “ମନ୍ଥି ନଈରେ ମୋ ଜୀବନ ଡ଼ଙ୍ଗା” ଅଭିଜ୍ଞ ନିର୍ଦ୍ଦେଶକ ଦୈତାରୀ ଲେଙ୍କାଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ ହେବ।

ପରିଚାଳନା ଦାୟିତ୍ୱ ଅଭିଜ୍ଞ ମଞ୍ଚ ଅଭିନେତା ବିଶ୍ୱନାଥ ଯେନା ନିର୍ବାହ କରୁଥିବା ବେଳେ ଲଲାଟେନ୍ଦୁ ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନାଟକରେ ପଦ୍ମନାଭ ମହାନ୍ତ, ଶରତ ମହାନ୍ତ, ହେମନ୍ତ ମହାନ୍ତ, ସୌମ୍ୟରଞ୍ଜନ ମହାନ୍ତ, ପିତାମ୍ବର ମହାନ୍ତ, ରଞ୍ଜନ ମହାନ୍ତ, ପରମାନନ୍ଦ ମହାନ୍ତ, କଳାକର ମହାନ୍ତ, ସନ୍ତୋଷ ମହାନ୍ତ, ରଜତ ଯେନା, ବିରଞ୍ଚି ମହାନ୍ତ ପ୍ରଭୃତି ଉଦୀୟମାନ କଳାକାର ନିଜ ଦକ୍ଷତା ପ୍ରତିପାଦିତ କରିବେ।

# ଚିଚିଣ୍ଡା ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପିତ



**ଭେଡେନ, ୮।୧୧ (ସଂଚାର ବ୍ୟୁରୋ):** ବରଗଡ ଜିଲ୍ଲା ଭେଡେନ ବ୍ଲକ ଅନ୍ତର୍ଗତ ଚିଚିଣ୍ଡାର ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ ଆସନ୍ତା ତା. ୨୫. ୧୧. ୨୦୨୫ରିଖ ରୁ ତା. ୦୪. ୧୨. ୨୦୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଆଞ୍ଚଳିକ ବିରାଟ ଧନୁଯାତ୍ରା ମହୋତ୍ସବ ଚିଚିଣ୍ଡା ଉପଲକ୍ଷେ ଶୁକ୍ରବାର ଦିନ ଶୁଭସ୍ତମ୍ଭ ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ୧୦ଟି ଗ୍ରାମ ଯଥା ଚିଚିଣ୍ଡା, ବାଞ୍ଜିପାଲି, ପପଙ୍ଗା, ପିପିଲିପାଲି, ବାଘପାଲି, ଖାଉପାଲି, ଲୁପୁରସିଂହା, କୁସନପୁରୀ. ବକଟି. ବୁର୍ଦା. ଭେଡେନ ଗ୍ରାମର ସମ୍ମାନୀୟ ଭଦ୍ରବ୍ୟକ୍ତି ଏହି ଶୁଭ କାର୍ଯ୍ୟରେ ଉପସ୍ଥିତ ରହି କାର୍ଯ୍ୟକୁ ସାଫଲ୍ୟ ମଣ୍ଡିତ କରିଥିଲେ।

ଏହାସହ ଏହି ଧନୁଯାତ୍ରା ପରିଚାଳନା ପାଇଁ ନୂତନ କମିଟି ଆଞ୍ଚଳିକ ଧନୁଯାତ୍ରା କମିଟି ଚିଚିଣ୍ଡା ଗଠିତ ହୋଇ ସଭାପତି ଭାବେ ଦିନଦୟାଲ ଭୋଇ, ଉପ ସଭାପତି କବିସୂର୍ଯ୍ୟ ପୁରୋହିତ, କୋଷାଧକ୍ଷ ଆନନ୍ଦ ରାଉତ, ଉପକୋଷାଧକ୍ଷ ହରିଶ୍ଚନ୍ଦ୍ର ରାଉତିଆ, ସମ୍ପାଦକ ରାଜକିଶୋର ମେହେର, ସହସମ୍ପାଦକ ଶିଉପ୍ରସାଦ ଅଗ୍ରୱାଲ ମନୋନୀତ ହୋଇଥିବା ବେଳେ ଉପଦେଷ୍ଟା କମିଟିରେ ଚିଚିଣ୍ଡା-ଅଶୋକ ପଧାନ, ଖାଉପାଲି-ଗଣେଶ ପଧାନ, କୁସନପୁରୀ-ବଳରାମ ମିଶ୍ର, ବକଟି-ଗୌର ଦନ୍ତ, ବାଞ୍ଜିପାଲି-ହରିବୋଲ ମାଝୀ, ବାଘପାଲି-ସୁଶୀଲ ଧରୁଆ, ନୀଳାମ୍ବର ମଲ୍ଲିକ, ପପଙ୍ଗା-ସୁଶୀଲ ହୋତା ଏବଂ ଅନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ନୀଳଗିରି ଗସ୍ତ ନେଇ ପ୍ରସ୍ତୁତି ବୈଠକ

**ନୀଳଗିରି, ୮।୧୧ (ସଂଚାର ବ୍ୟୁରୋ):** ଚଳିତ ମାସ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନୀଳଗିରିକୁ ପ୍ରଥମ ଗସ୍ତ କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଦିନ ବାଲେଶ୍ୱର ଜିଲ୍ଲାପାଳଙ୍କ ଉପସ୍ଥିତିରେ ନୀଳଗିରି ଡାକବଙ୍ଗଳା ପରିସରରେ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବଣଭୁଇଁ ପଡିଆ, ସଜନାଗଡ, ନୀଳଗିରି ଥାନା ପଡିଆ ଆଦି ସଭାସ୍ଥଳରୁ ଆରମ୍ଭ କରି ହେଲିପ୍ୟାଡ୍ ପର୍ଯ୍ୟନ୍ତ ପରିଦର୍ଶନ କରିଥିବାର ଦେଖିବାକୁ ମିଳିଛି। ଏନେଇ ସନ୍ଧ୍ୟାରେ ନୀଳଗିରି ଡାକ ବଙ୍ଗଳା ପରିସରରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏ.ଡି.ଏମ ସୁଧାକର ନାୟକ, ଏ.ଡି.ଏମ (ରେଭିନ୍ୟୁ) ହେମନ୍ତ କୁମାର ସିଂ, ପି.ଡି ସଞ୍ଜୟ କୁମାର ରାଉତ, ଜିଲ୍ଲା ଖେଳ ଅଧିକାରୀ, ବାଲେଶ୍ୱର ଉପ-ଜିଲ୍ଲାପାଳ ସିବ୍ ମାଲବ୍ୟ, ନୀଳଗିରି ତହସିଲଦାର ସୋନମ୍ ଦାସ, ବିଡ଼ିଓ ବିକ୍ରମ କେଶରୀ ପରିଡ଼ା, ନୀଳଗିରିର ଅତିରିକ୍ତ ଜିଲ୍ଲାପାଳ ରଞ୍ଜନ ସେନାପତି, ପୂର୍ତ୍ତ ବିଭାଗର ଏସ.ଡି.ଓ ଶ୍ରୀନିବାସ ଜେନା ପ୍ରମୁଖ ପ୍ରାକ୍ ପ୍ରସ୍ତୁତି ବୈଠକ ସାମିଲ ଥିବାର ଦେଖିବାକୁ ମିଳିଛି। ତେବେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କର ଜନ୍ମ ଜୟନ୍ତୀ ଉପଲକ୍ଷେ ଏକ ପଦ ଯାତ୍ରାରେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି।

# ରୋଟାରୀ କ୍ଲବର ଯୋଗ ଶିକ୍ଷା ଶିବିର ଓ ସଫେଇ କାର୍ଯ୍ୟ

**ବେତନଟୀ, ୮।୧୧ (ସଂଚାର ବ୍ୟୁରୋ):** ଆଜି ସକାଳ ୬.୩୦ରେ ବେତନଟୀ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ଯୋଗଶିକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ବେତନଟୀର ରେଟାରୀ କ୍ଲବ୍ ଆନୁକୁଲ୍ୟରେ ସଭାପତି ରୋଟାରିଆନ ଗିରିଧାରୀ ସାହୁ ଓ ସଂପାଦକ ରୋଟାରିଆନ ରବୀନ୍ଦ୍ର ନାଥ ମିଶ୍ର ତଥା ପୂର୍ବତନ ସଭାପତି ରଟାରିଆନ ଭଗିରଥ ପଣ୍ଡିତ ଏବଂ ଶ୍ୟାମ ପ୍ରସାଦ ମଣ୍ଡୁଆଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୋଗଶିକ୍ଷା ଶିବିର ପରିଚାଳିତ ହୋଇଥିଲା । ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅର୍ଜ୍ଜୁନ ସିଂହଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ଓତା, ସିଭିଲ ସୋସାଇଟି ସଂପାଦକ ସଚ୍ଚିଦାନନ୍ଦ ମହାନ୍ତି ଯୋଗଦେଇ, ଯୋଗ କରିବାସହ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଯୋଗ ଶିକ୍ଷକ ଭାବେ ଯୁବ ସଂଗଠକ ପ୍ରତୀକ କୁମାର ପରିଡା ବିଭିନ୍ନ ଯୋଗ ପ୍ରଣାଳୀ ଓ ଏହାର ଉପକାରୀତାର ସମ୍ବନ୍ଧରେ ବହୁମୁଲ୍ୟ ପରାମର୍ଶ ସହ ଯୋଗ ଶିକ୍ଷାଦାନ କରିଥିଲେ ।




ଏହାପରେ ବେତନଟୀ ରୋଟାରୀ କ୍ଲବ୍‌ର ଉପରୋକ୍ତ କର୍ମକର୍ତ୍ତାଗଣଙ୍କ ସହ ବରିଷ୍ଠ ସାମ୍ବାଦିକ ଓ ସିଭିଲ ସୋସାଇଟିର ସଂପାଦକ, ପୂର୍ବତନ କୋଚିଲାଖୁଣ୍ଟା ସରପଞ୍ଚ ନରେନ୍ଦ୍ର ସିଂ ଓ ସରପଞ୍ଚ ତଅପୋଇ ସିଂଙ୍କ ସହ ସ୍ଥାନୀୟ ଜୁଣପଦା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ସହ ସଫେଇ କରିଥିଲେ। ପ୍ରମୁଖ ଦାୟିତ୍ୱ ନେଇ ସଂପାଦକ ରବୀନ୍ଦ୍ରନାଥ ମିଶ୍ର ଗୋଟିଏ ଦିନରେ ଦୁଇଗୋଟି ମହତ୍ କାର୍ଯ୍ୟ କରାଇଥିବାରୁ ରୋଟାରୀ କ୍ଲବର ଏତାଦୃଶ କାର୍ଯ୍ୟକୁ ସ୍ଥାନୀୟ ବୁଦ୍ଧିଜୀବୀଗଣ ପ୍ରଶଂସା କରିଛନ୍ତି ।

## ବିକାଶ ଆବାସିକ ବିଦ୍ୟାଳୟରେ ଇଣ୍ଟର୍ କ୍ରିଷ୍ଣା ବିକାଶ ପ୍ରତିଯୋଗିତା

**ବରଗଡ଼, ୮।୧୧ (ସଂଚାର ବ୍ୟୁରୋ):** ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟରେ ଇଣ୍ଟର୍ କ୍ରିଷ୍ଣା ବିକାଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ କ୍ରିଷ୍ଣା ବିକାଶ ବିଦ୍ୟାଳୟ ଅଧିନରେ ଥିବା ଓଡ଼ିଶା, ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶର ବିଦ୍ୟାଳୟମାନଙ୍କରେ ଥିବା ସମୁଦାୟ ୧୦୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଛାତ୍ରଛାତ୍ରୀମାନେ ପ୍ରବଳ ଉତ୍ସାହର ସହିତ ନିଜ ନିଜର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିଲେ। ଦୀର୍ଘ ୨ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମଟି ସୂଚାରୁ ରୂପେ ପରିଚାଳନା ପାଇଁ ଦକ୍ଷ ପରିଦର୍ଶକମାନଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା।



କ୍ରିଷ୍ଣା ବିକାଶ ସମୂହର ଡାଇରେକ୍ଟର ଡ.ସମରେନ୍ଦ୍ର ନାଥ ପଣ୍ଡାଙ୍କ ତତ୍ତ୍ୱାବଧାନ ଓ ବିକାଶ ଆବାସିକ ବିଦ୍ୟାଳୟର ଏକ୍‌ଜିକ୍ୟୁଟିଭ୍ ପ୍ରିନ୍ସିପାଲ୍ ଶ୍ରୀ ଶିଶିର ପ୍ରସାଦ ରାଉଳଙ୍କ ମାର୍ଗଦର୍ଶରେ ଏହି ଦୁଇ ଦିନ ଧରି କାର୍ଯ୍ୟକ୍ରମଟି ସଫଳ ହୋଇଥିଲା।

## ରାଷ୍ଟ୍ରୀୟ ସଙ୍ଗୀତ ‘ବନ୍ଦେ ମାତରମ’ର ୧୫୦ତମ ବାର୍ଷିକୀ ଦିବସ ପାଳିତ



**ବାରିପଦା, ୮।୧୧ (ସଂଚାର ବ୍ୟୁରୋ):** ଆଜି ୨୦୨୫ ନଭେମ୍ବର ୭ ତାରିଖ ଭାରତର ଜାତୀୟ ସଙ୍ଗୀତ ‘ବନ୍ଦେ ମାତରମ୍’ ର ୧୫୦ତମ ବାର୍ଷିକୀ ଦିବସ ପାଳନ ଅବସରରେ ଓଡିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ମଲ୍ଲିକଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଓ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ ଯୋଗ ଦେଇଥିବା ବେଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହି ରାଷ୍ଟ୍ର ଚେତନାକୁ ଜାଗ୍ରତ କରୁଥିବା ଭାବପୂର୍ଣ୍ଣ ରାଷ୍ଟ୍ରୀୟ ବନ୍ଦନାକୁ ସମ୍ମାନ ଓ ଭକ୍ତି ପ୍ରଦର୍ଶନ କରି ଶ୍ରଦ୍ଧାର ସହିତ ସମୂହ ଭାବେ ଗାନ କରିଥିଲେ। ବଙ୍କିମ ଚନ୍ଦ୍ର ଚଟ୍ଟୋପାଧାୟଙ୍କ ଦ୍ୱାରା ରଚିତ ଏହି ଅମର କୃତୀ ୧୮୭୫ ମସିହା ନଭେମ୍ବର ୭ ତାରିଖରେ ‘ବଙ୍ଗଦର୍ଶନ’ ନାମକ ସାହିତ୍ୟିକ ପତ୍ରିକାରେ ପ୍ରଥମେ ପ୍ରକାଶିତ ହୋଇଥିଲା। ପରେ ସେ ଏହାକୁ ତା'ଙ୍କ ଅମର ଉପନ୍ୟାସ ‘ଆନନ୍ଦମଠ’ ରେ ସମ୍ମିଳିତ କରିଥିଲେ। ପରବର୍ତ୍ତୀ ସମୟରେ ବଙ୍କିମ ଚନ୍ଦ୍ରଙ୍କ ଏହି ଅମର କୃତୀକୁ ଆମ ଦେଶର ରାଷ୍ଟ୍ରୀୟ ସଂଗୀତ ଭାବେ ଅଙ୍ଗିକାର କରାଯାଇଥିଲା।

## ଶ୍ରୀ ସତ୍ୟସାଇ ଉଚ୍ଚ ବିଦ୍ୟାଳୟରେ ମିଶନ ଲାଇଫ ପ୍ରକଳ୍ପ ପ୍ରଦର୍ଶନୀ

**ବୈଶିଙ୍ଗା, ୮।୧୧ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଉପକଣ୍ଠ ଶ୍ରୀ ସତ୍ୟସାଇ ଉଚ୍ଚ ବିଦ୍ୟାଳୟ, ଖୁଣ୍ଟାପୁର ପରିସରରେ ଇକୋ କ୍ଲବ ଆନୁକୂଲ୍ୟରେ ବିଜ୍ଞାନ ଶିକ୍ଷୟିତ୍ରୀ ଶୁଭସ୍ମିତା ସାମନ୍ତରାୟ, ତୃଷ୍ଣା ଦାସ ଓ ଶିକ୍ଷକ ରାଧୁ ସିଂଙ୍କ ମିଳିତ ଉଦ୍ୟମ ରେ ମିଶନ ଲାଇଫ ଆଧାରିତ ପ୍ରକଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଇକୋ କ୍ଲବ ପରିଚାଳିତ ମିଶନ ଲାଇଫ ଅନ୍ତର୍ଗତ ସ୍ୱାସ୍ଥ୍ୟପ୍ରଦ ଜୀବନଶୈଳୀ, ପୋଷଣୀୟ ଖାଦ୍ୟ, ଆବର୍ଜନା ପରିଚାଳନା, ଜଳ ଓ ଶକ୍ତି ସଂରକ୍ଷଣ ଇତ୍ୟାଦି ବିଷୟବସ୍ତୁ ଉପରେ ମୋଟ ୩୨ଜଣ ଛାତ୍ର ଛାତ୍ରୀ ନିଜର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ।




ପ୍ରଧାନଶିକ୍ଷକ ସମରଜିତ ମହାପାତ୍ର ଏହି ପ୍ରକଳ୍ପ ପ୍ରଦର୍ଶନୀ କୁ ଉଦଘାଟନ କରିଥିବାବେଳେ କୈଳାସ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ହେମପୁର ର ବିଜ୍ଞାନ ଶିକ୍ଷକ ଚନ୍ଦନ କୁମାର ଦାସ ଏବଂ ରାଜନନ୍ଦିନୀ ପାତ୍ର ପ୍ରକଳ୍ପ ଗୁଡିକର ମୂଲ୍ୟାୟନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସିନିୟର ଓ ଜୁନିଅର ବିଭାଗରୁ ଶ୍ରେଷ୍ଠ ତିନୋଟି ଲେଖାଏଁ ପ୍ରକଳ୍ପ ସାଙ୍ଗକୁ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଆଞ୍ଚଳିକ ସାଂସ୍କୃତିକ ପରିଷଦ ତରଫରୁ ବୋଇତ ବନ୍ଦାଣ ଉତ୍ସବ

**ନୀଳଗିରି, ୮।୧୧ (ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ ମଚ୍ଛୁଆ ପଞ୍ଚାୟତ କାଠପାଳଠାରେ ଆଞ୍ଚଳିକ ବୋଇତ ବନ୍ଦାଣ କମିଟିପକ୍ଷରୁ ଚଳିତବର୍ଷ ଦୁଇଦିନିଆ ବୋଇତବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ଶିକ୍ଷାବିତ ମନୋରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମାଜସେବୀ ତଥା ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ।ସମ୍ମାନିତ ଅତିଥି ଭାବେ ଯୁବନେତା ଦେବାଶିଷ ଆଚାର୍ଯ୍ୟ, ଇଂ ସତ୍ୟ ଦାସ ମଞ୍ଚାସୀନ ରହି ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ସ୍ୱର୍ଣ୍ଣିମ ଇତିହାସ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହାପରେ ନିକଟସ୍ଥ ସୋନ ନଦୀରେ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଥିଲା। ଏହି ଉତ୍ସବରେ ଶିଶୁକଳାକାରଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ନାଚ, ଗୀତ ଅନୁଷ୍ଠିତ ହୋଇଥିବା ବେଳେ ଜି ସାର୍ଥକର ରନର୍ସ ଅପ୍ ଓ ସରେଗାମାପା ଲିଟିଲ୍ ଚାମ୍ପର ସିଲଭର ମେଡାଲ ପାଇଥିବା ବିଶିଷ୍ଟ କଣ୍ଠଶିଳ୍ପୀ ହବିବୁଲ ରେହେମାନଙ୍କୁ ପରିଷଦ ପକ୍ଷରୁ ମାନପତ୍ର, ଉପଢ୍ୱୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିବାବେଳେ ଆଞ୍ଚଳିକ ବୋଇତବନ୍ଦାଣ କମିଟିର ସଦସ୍ୟ ପରେଶ ପଣ୍ଡା, ଜଳଧର ମହାନ୍ତି, ରତ୍ନାକର ପାଣିଗ୍ରାହୀ, ଅମରଜିତ୍ ବେହେରା, ହିମାଂଶୁଶେଖର ବେହେରା, ମନୀଷ ପୃଷ୍ଟି ଏବଂ ଗ୍ରାମବାସୀଙ୍କ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳନା ହୋଇଥିଲା।



# ଜିନ୍ଦଲ ଷ୍ଟିଲ୍ ପକ୍ଷରୁ ଏୟାର ଆଡଭେଞ୍ଚର ଶୋ’ ଆୟୋଜିତ

**ଅନୁଗୁଳ, ୮।୧୧ (ସଂଚାର ବ୍ୟୁରୋ):** ଜିନ୍ଦଲ ଷ୍ଟିଲ୍ ଅନୁଗୁଳ ପକ୍ଷରୁ ଭର୍ଟିକାଲ୍ ଇଣ୍ଡିଆର ସହଯୋଗରେ ବହୁ ପ୍ରତୀକ୍ଷିତ ‘ଏୟାର ଆଡଭେଞ୍ଚର୍ ୨୦୨୫’ କାର୍ଯ୍ୟକ୍ରମ ସଫଳତାର ସହ ଶେଷ ହୋଇଛି । ଏହି ରୋମାଞ୍ଚକର ଏୟାର ସୋ’ କର୍ମଚାରୀ, ସେମାନଙ୍କ ପରିବାର ଏବଂ ସ୍ଥାନୀୟ ସମ୍ପ୍ରଦାୟ ଲୋକଙ୍କୁ ଆକାଶରେ ଏକ ସ୍ମରଣୀୟ ଅଭିଜ୍ଞତା ଦେବା ସହ ସମସ୍ତଙ୍କୁ ଏକାଠି କରିବାର ସୁଯୋଗ ଆଣିଥିଲା।




ସାବିତ୍ରୀ ଜିନ୍ଦଲ ବିମାନ ବନ୍ଦରରେ ଅନୁଷ୍ଠିତ ଏହି ୬ ଦିନିଆ କାର୍ଯ୍ୟକ୍ରମରେ ବିଭିନ୍ନ ବୟସ ବର୍ଗରେ ପ୍ରାୟ ୬୦୦ ଜଣ ଅଂଶଗ୍ରହଣ କରିଥିଲେ। ଆକାଶ ମାର୍ଗରେ ଅଂଶଗ୍ରହଣକାରୀଙ୍କ ଉତ୍ସାହ ସ୍ପଷ୍ଟ ବାରି ହୋଇପଡୁଥିଲା, ଯେତେବେଳେ ସେମାନେ ସାହସିକତା ଏବଂ ଏକତାର ଭାବନା ନେଇ ଏହି ରୋମାଞ୍ଚକର କାର୍ଯ୍ୟକ୍ରମରେ ଭାଗ ନେଉଥିଲେ । ଏହି କାର୍ଯ୍ୟକ୍ରମରେ ପାରାମୋଟରିଂ, ପାରାସେଲିଂ, ହଟ୍ ବେଲୁନରେ ଯାତ୍ରା କରିବାର ସୁବିଧା କରାଯାଇଥିଲା, ଯାହା ଆକାଶମାର୍ଗରୁ ଅନୁଗୁଳର ମନୋରମ ଦୃଶ୍ୟ ଦେଖିବାରୁ ସୁଯୋଗ ସୃଷ୍ଟି କରିଥିଲା । ତିନୋଟି ଭିନ୍ନ ଭିନ୍ନ ଉଡ଼ାଣ ଛେଣ୍ଡିପଦା ଅଂଚଳରେ ୪୦୦ରୁ ଅଧିକ ଥର ଆକାଶମାର୍ଗରେ ବୁଲିଥିଲା। ସେହିପରି ଦୁଇଟି ହଟ୍ ବେଲୁନ୍ ଅଲଗା ଅଲଗା ସ୍ଥାନରୁ ପରିଚାଳିତ ହେଉଥିଲା । ଯାହା ଅତିଥି ତଥା ଅଂଶଗ୍ରହଣକାରୀଙ୍କୁ ବିଶେଷ ମୁହୂର୍ତ୍ତର ଭରପୁର ଆନନ୍ଦ ନେବା ସହ ଆକାଶରେ କିଛି ସ୍ମୃତି ସାଉଁଟିବାର ସୁଯୋଗ ଆଣିଥିଲା ।

# ସାଇବର ସଚେତନତା ସାଇକେଲ୍ ଶୋଭାଯାତ୍ରା

**ନୟାଗଡ଼, ୮।୧୧ (ସଂଚାର ବ୍ୟୁରୋ):** ଅକ୍ଟୋବର ୧୭ ତାରିଖରୁ ଆରମ୍ଭ ହୋଇଥିବା ସାଇବର୍ ସଚେତନତା କାର୍ଯ୍ୟକ୍ରମରେ ନୟାଗଡ ଜିଲ୍ଲା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଆଜି ସ୍ଥାନୀୟ ପିଟିଏସ୍ ପଡିଆ ଠାରୁ ଏକ ସାଇକେଲ୍ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ପୁରୁଣା ସହରର ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା । ଆଜିର ଏହି ସାଇକେଲ ଶୋଭାଯାତ୍ରାକୁ ଆରକ୍ଷୀ ଅଧିକ୍ଷକ ଏସ ସୁଶ୍ରୀ ଉଦ୍‌ଘାଟନ କରିଥିଲେ । ତେବେ ସାଇକେଲ ଶୋଭାଯାତ୍ରା ପିଟିଏସ ରୁ ବାହାରି ସହର ପରିକ୍ରମା କରି ପୁରୁଣା ସହର ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲା । ସେଠାରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାଷ ଚନ୍ଦ୍ର ପଣ୍ଡା ସାଇବର ସଚେତନତା ଉପରେ ଶପଥ ପାଠ କରାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ନୟାଗଡ଼ ଏସଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ, ଡିଏସପି ସୁଶାନ୍ତ ପାତ୍ର, ଖଣ୍ଡପଡ଼ା ଏସଡିପିଓ ମଦନ ମୋହନ ପ୍ରଧାନଙ୍କ ସମେତ ଅନେକ ଥାନା ଅଧିକାରୀ ଯୋଗ ଦେଇଥିଲେ । ନୟାଗଡ଼ ଜଗନ୍ନାଥ ମନ୍ଦିରଠାରେ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



SANCHAR
ସଂଚାର ରବିବାର ୯ ନଭେମ୍ବର ୨୦୨୫
ସ୍ୱାସ୍ଥ୍ୟ

# ଆଙ୍କାଇଲୋଜିଂ ସ୍ପଣ୍ଡିଲାଇଟିସ୍ ରୋଗର ଲକ୍ଷଣ ଓ ଚିକିତ୍ସା



ଆଙ୍କାଇଲୋଜିଂ ସ୍ପଣ୍ଡିଲାଇଟିସ୍ ରୋଗ ମୁଖ୍ୟତଃ ଯୁବାବସ୍ଥାରେ ୨୦ରୁ ୪୦ବର୍ଷ ମଧ୍ୟରେ ଆରମ୍ଭ ହୋଇଥାଏ। ଏହା ଯୋଗୁ ସେମାନଙ୍କ ଶରୀରରେ ନମନୀୟତା ଦେଖାଯାଏ। ଯଦି ଆରମ୍ଭରୁ ଏହି ରୋଗର ଚିକିତ୍ସା କରାଯାଏ, ତେବେ ରୋଗୀ ସୁସ୍ଥ ହୋଇପାରିବେ। ଏହି ରୋଗ ମହିଳାଙ୍କ ଅପେକ୍ଷା ପୁରୁଷଙ୍କୁ ଅଧିକ ଦେଖାଯାଉଛି ବୋଲି ମତ ରହିଛି। ଆଙ୍କାଇଲୋଜିଂ ସ୍ପଣ୍ଡିଲାଇଟିସ୍ ଏକପ୍ରକାରର ଗଣ୍ଠିବାତ ରୋଗ, ଯାହା ସମୟ ସହିତ ମେରୁଦଣ୍ଡ , ହାତ ଓ ଏହାର ଆଖପାଖ ଗଣ୍ଠି ସମୂହକୁ ପ୍ରଭାବିତ କରିଥାଏ। କ୍ରମଶଃ ରୋଗୀର ମେରୁଦଣ୍ଡର ନମନୀୟତା ମଧ୍ୟ ନଷ୍ଟ ହୋଇଯାଏ।

ଶରୀରର ମେରୁଦଣ୍ଡ ଓ ଅଣ୍ଟା ମଧ୍ୟରେ ଥିବା ଜଏଣ୍ଟରେ ଯନ୍ତ୍ରଣା ହେବା ସହିତ କାନ୍ଧର ଜଏଣ୍ଟ ଏବଂ ହିପ୍‌ରେ ଯନ୍ତ୍ରଣା, ଆଖିକୁ ଠିକ୍‌ରେ ଦେଖା ନଯିବା। ଏହା ସହିତ ଅନେକ ସମୟରେ ପେଟ ଦରଜ ହେବା, ବାରମ୍ବାର ନାଳଝାଡ଼ା ହେବା ଓ ବିଭିନ୍ନ ପ୍ରକାରର ଚର୍ମ ସମସ୍ୟା ଦେଖା ଦେଇଥାଏ। ପ୍ରାୟତଃ ବଂଶଗତ ଏବଂ ପରିବେଶର ପ୍ରଭାବରେ ଏହି ରୋଗ ହୋଇଥାଏ। ଏଚ ଏଲ ଏ ବି ୨୭ ନାମକ ଏକ ଜିନ୍ ଏହି ରୋଗୀମାନଙ୍କଠାରେ ଦେଖାଦେଇଥାଏ।

ଯଦି କୌଣସି ଲୋକ ନିୟମିତ ଭାବେ ସକାଳୁ ଉଠିବା ସମୟରେ ଅଣ୍ଟାରେ ଯନ୍ତ୍ରଣା ହୋଇଥାଏ, କିନ୍ତୁ କିଛି ସମୟ ନିତ୍ୟ କାର୍ଯ୍ୟକଳାପ କରିବା ପରେ ଏହି ଯନ୍ତ୍ରଣା କମିଯାଇଥାଏ। ତେବେ ଏହା ଆଙ୍କାଇଲୋଜିଂ ସ୍ପଣ୍ଡିଲାଇଟ୍ସ୍ ବୋଲି ସନ୍ଦେହ କରାଯାଇପାରେ। ଏହି ପରିସ୍ଥିତିରେ ତୁରନ୍ତ ରିମାଟୋଲୋଜିଷ୍ଟଙ୍କ ପରାମର୍ଶ ନେବା ଉଚିତ୍। ଏଥିପାଇଁ ବିଭିନ୍ନ ପ୍ରକାରର ରକ୍ତ ପରୀକ୍ଷା କରାଯାଇଥାଏ।

ଏହି ସ୍ପଣ୍ଡିଲାଇଟିସ୍ ଆରମ୍ଭ ପର୍ଯ୍ୟାୟରେ ଅଣ୍ଟାର ନିମ୍ନ ଭାଗରେ ଯନ୍ତ୍ରଣା ହେବା ସହ ଷ୍ଟିପ୍ ହୋଇଯାଇଥାଏ। ଏହି ଯନ୍ତ୍ରଣା ବିଶେଷତଃ ସକାଳ ସମୟରେ କିମ୍ବା ଶରୀର ନିଷ୍କ୍ରିୟ ହେବା ପରେ ଅନୁଭୂତ ହୋଇଥାଏ। ଏହି ରୋଗ ହେବା ପରେ ବେକରେ ଯନ୍ତ୍ରଣା ଓ ଥକାପଣ ଲାଗେ। ରାତିରେ ଶୋଇବା ସମୟରେ ପିଠି ଦରଜ ଲାଗିବା, ସକାଳୁ ଉଠିଲା ପରେ ଭୂଇଁରେ ପାଦ ନ ପକାଇ ପାରିବା ପରି ସମସ୍ୟା ଦେଖାଯାଏ। ସମୟ ସହିତ ଏସବୁ ଲକ୍ଷଣରେ ପରିବର୍ତ୍ତନ ଆସିଥାଏ।

ରୋଗକୁ ନିୟନ୍ତ୍ରଣ କରିବା ପାଇଁ ଆଧୁନିକ ଚିକିତ୍ସା ବିଜ୍ଞାନରେ ବହୁପ୍ରକାର ଔଷଧ ଉପଲବ୍ଧ ହେଲାଣି, ଯାହାକୁ ଡିଜିଜ ରମାଡିଫାୟିଙ୍ଗ ଆଣ୍ଟି ରିଉମାଟିକ ଡ୍ରଗ୍ସ କୁହାଯାଏ। ସ୍ପଣ୍ଡିଲାଇଟିସ୍‌କୁ ସଂପୂର୍ଣ୍ଣ ଭଲ କରାଯାଇ ନପାରିଲେ ମଧ୍ୟ ଲକ୍ଷଣକୁ ଦେଖି ନିୟନ୍ତ୍ରଣ କରାଯାଇପାରିବ। ଏଥିସହିତ ତୀବ୍ର ବେଗରେ ବଢ଼ୁଥିବା ରୋଗର ଗତିକୁ ସାମାନ୍ୟ କରିଦିଆଯାଇପାରେ। ଫଳ,ପନିପରିବା, ବିଭିନ୍ନ ଶସ୍ୟଜାତୀୟ ଖାଦ୍ୟ ସହ ସତେଜ ଓ ସୁସ୍ଥକର ଖାଦ୍ୟ ଦରକାର। ଅଧିକ ମଦ୍ୟପାନ ଏବଂ ଧୂମ୍ରପାନ ନ କରିବା ଭଲ।

# କ'ଣ ଆପଣଙ୍କୁ ଭୋକ ହେଉ ନାହିଁ କି ?

ଖାଦ୍ୟ ମନୁଷ୍ୟ ଶରୀର ପାଇଁ କେତେ ଦରକାର ତାହା ବୁଝେଇବା ଦରକାର ନାହିଁ। ଆଜ୍ଞା ହଁ, ବଞ୍ଚିବା ପାଇଁ ଯେଉଁଭଳି ଭାବେ ପାଣି ଆଉ ପବନର ଦରକାର ହୋଇଥାଏ, ଠିକ୍ ସେହିପରି ଖାଇବାର ମଧ୍ୟ ନିହାତି ଆବଶ୍ୟକତା ପଡିଥାଏ। କିଛି ଲୋକ ତ ନିଜ ଖାଇବା ପିଇବା ପ୍ରତି ବେଶି ଧ୍ୟାନ ଦେଇଥାନ୍ତି, ହେଲେ ଆଉ କିଛି ଲୋକ ନାମକୁ ମାତ୍ର ଖାଦ୍ୟ ଖାଇଥାନ୍ତି। ଏସବୁ ଭିତରେ ଏମିତି ମଧ୍ୟ କିଛି ବ୍ୟକ୍ତି ଅଛନ୍ତି ଯାହାଙ୍କୁ ପ୍ରାୟେ ଭୋକ ଲାଗିନଥାଏ। ଭୋକ ନଲାଗିବା କିଛି ସାଧାରଣ କଥା ନୁହେଁ। କାହିଁକିନା ଏହା କୌଣସି ରୋଗର ସଙ୍କେତ ମଧ୍ୟ ଦେଇଥାଏ। ଖାଦ୍ୟ ଆମ ଶରୀରକୁ ଶକ୍ତି ଦେଇଏ, ଯାହା ସାହାଯ୍ୟରେ ପ୍ରତିଦିନ ସକାଳୁ ଉଠିବା ପରେ ପୂରା ଦିନ କାମ କରିପାରୁଛନ୍ତି। ଯଦି ଖାଦ୍ୟକୁ ଆମେ ଠିକ୍ ଭାବେ ଗ୍ରହଣ ନକରିବା ତେବେ ଆମ ଶରୀରରେ କିଛି ପରିବର୍ତ୍ତନ ଆସିଥାଏ, ଏବଂ ଶରୀରରେ ଶକ୍ତି ହ୍ରାସ ପାଇଥାଏ। ଏଇଥିପାଇଁ ସକାଳେ,ଦ୍ୱିପ୍ରହରରେ ଏବଂ ରାତିରେ ଖାଦ୍ୟ ଖାଇବା ପାଇଁ ଜମାରୁ ଭୁଲିବା କଥା ନୁହେଁ। କିନ୍ତୁ କିଛି ଲୋକ ଏମିତି ବି ଅଛନ୍ତି ଯାହାଙ୍କୁ ଖାଇବା ପାଇଁ ଜମାକୁ ଇଛା ହୋଇନଥାଏ। ଯେଉଁଥିପାଇଁ ତାଙ୍କର ସ୍ୱଭାବ ପୂର୍ବ ଅପେକ୍ଷା ଚିଡିଚିଡା ହୋଇଯାଇଥାଏ ଏବଂ ସେମାନଙ୍କୁ କିଛି ଭଲ ଲାଗିନଥାଏ।



ଆଜି ଆମେ ଆପଣଙ୍କୁ ସେହି ଘରୋଇ ଉପାୟ ବିଷୟରେ କହିବାକୁ ଯାଉଛୁ, ଯାହା ସାହାଯ୍ୟରେ ଆପଣ ଭୋକ ନ ଲାଗିବା ସମସ୍ୟାରୁ ନିଜକୁ କାଢ଼ିପାରିବେ। ଆଜ୍ଞା ହଁ, ଭୋକ ନ ଲାଗିବା କାରଣରୁ ଆପଣ ବାଇରାଲ୍ କିମ୍ବା ଅନ୍ୟ କୌଣସି ଗମ୍ଭିର ରୋଗରେ ପୀଡିତ ହୋଇପାରନ୍ତି, କାରଣ ଆପଣଙ୍କ ରୋଗ ପ୍ରତିରୋଧକ କ୍ଷମତା ବିଲକୁଲ ଦୁର୍ବଳ ହୋଯାଇଥାଏ। ଏହାପରେ ଆପଣଙ୍କୁ ପୁଣି ଠିକ୍ ହେବା ପାଇଁ ବହୁତ ସମୟ ଲାଗିଥାଏ। ଯଦି ଆପଣଙ୍କୁ ଭୋକ ଲାଗୁନାହିଁ ତେବେ ଆପଣ ଡକ୍ଟରଙ୍କ ପରାମର୍ଶ ନୁଅନ୍ତୁ। ଏହାଛଡା ଆପଣଙ୍କୁ କିଛି ଉପାୟ କହୁଛୁ ଯାହା ଦ୍ୱାରା ଆପଣଙ୍କ ସମସ୍ୟା ଦୂର ହେବାକୁ ଲାଗିବ। ତେବେ ଆସନ୍ତୁ ଜାଣିବା କିଛି ଉପାୟ ବିଷୟରେ।

**ଧନିଆ ପତ୍ରର ରସ:** ଯଦି ପ୍ରତିଦିନ ଏକ ଚାମଚ ଧନିଆ ପତ୍ରର ରସ ସହ ଲେମ୍ବୁ ରସ ଗୋଳାଇକି ପିଇବେ, ତେବେ ଆପଣଙ୍କ ଭୋକ ଲାଗୁନଥିବା ସମସ୍ୟା ଦୂର ହେବ। କାହିଁକି ନା ଉଭୟ ଧନିଆ ଏବଂ ଲେମ୍ବୁ ରସ ପାଚନ ଶକ୍ତି ତୀବ୍ର କରିଥାଏ। ଯାହାଫଳରେ ଭୋକ ଲାଗିଥାଏ।

**ଅଦା:** ଯଦି ଆପଣଙ୍କର ଭୋକ ନ ଲାଗିବା ସମସ୍ୟା ରହିଛି, ତେବେ ଆପଣ ଅଦା ଖାଇଲେ ଲାଭ ପାଇବେ। ଆଜ୍ଞା ହଁ, ଖାଇବାର ଅଧଘଣ୍ଟା ପୂର୍ବରୁ ଅଦାକୁ ଅଳ୍ପ ଲୁଣ ସହ ମିଶାଇ ଖାଆନ୍ତୁ। ଏହା ଦ୍ୱାରା ଆପଣଙ୍କ ଭୋକ ଲାଗିବା ଶକ୍ତି ବଢ଼ିବା ସହ ଭୋକ ନଲାଗିବା ସମସ୍ୟା ଦୂର ହେବ। ମନେରଖନ୍ତୁ ଏହାକୁ ଆପଣ ପ୍ରତି ଦିନ ଖାଇବା ପୂର୍ବରୁ ଖାଇବେ।

**ମୂଳା:** ଯଦି ଆପଣଙ୍କୁ ଭୋକ ଲାଗୁନାହିଁ, ତେବେ ଆପଣ ପ୍ରତିଦିନ ମୂଳା ଖାଆନ୍ତୁ। ମୂଳା ଖାଇବା ଦ୍ୱାରା ଆପଣଙ୍କ ପାଚନ ଶକ୍ତି କ୍ରୀୟାଶୀଳ ହୋଇଥାଏ, ଯାହାଦ୍ୱାରା ଆପଣଙ୍କୁ ଭୋକ ଲାଗିଥାଏ। ଏଥିସହ ଜାଣିରଖନ୍ତୁ ଯେ, ମୂଳା ଖାଇବା ପରେ ସଙ୍ଗେ ସଙ୍ଗେ ପାଣି ପିଇବେ ନାହିଁ।

**କଳା ଲୁଣ:** କଳା ଲୁଣରେ ବହୁତ ସାରା ଗୁଣ ଭରପୂର ହୋଇ ରହିଛି। ଏହି କଳାଲୁଣରେ ଆପଣଙ୍କର ଭୋକ ଲାଗୁନଥିବା ସମସ୍ୟାକୁ ଦୂର କରିବାର କ୍ଷମତା ରହିଛି। ଏହା ଖାଇବା ଦ୍ୱାରା ପାଚନ ଶକ୍ତି ମଧ୍ୟ ଭଲ ହୋଇଥାଏ। ଏଥିପାଇଁ ଆପଣ ପ୍ରତିଦିନ ଚିମୁଟାଏ କଳାଲୁଣ ସେବନ କରନ୍ତୁ। ଯଦି ଆପଣଙ୍କର ଏହି ସମସ୍ୟା ହେଉଛି, ତେବେ ନିଶ୍ଚିତ ଭାବରେ ଏହି ଟିପ୍ସକୁ ଫଲୋ କରନ୍ତୁ।



# ଶଙ୍ଖ ଫୁଙ୍କିଲେ ଦୂରହେବ ବହୁ ରୋଗ

ଶଙ୍ଖ ଆମ ସଂସ୍କୃତି, ପରମ୍ପରା ଏବଂ ପୂଜା, ପ୍ରାର୍ଥନାର ପ୍ରତୀକ। ଶଙ୍ଖ ସବୁ ଶୁଭକାମରେ ବାଜେ। ଶଙ୍ଖନାଦରୁ ହିଁ ସବୁ ପୂଣ୍ୟ କାମ ଆରମ୍ଭ ହୁଏ। ହେଲେ ଆପଣ ଜାଣନ୍ତି କି ସେହି ଶଙ୍ଖନାଦ ହିଁ ଆମ ଶରୀରକୁ ସୁସ୍ଥ ରଖେ। ଶଙ୍ଖ ବଜାଇବା ଦ୍ୱାରା ମଣିଷ ସୁସ୍ଥ ରୁହେ... ଭାରତରେ, ପୂଜା ସମୟରେ ଶଙ୍ଖ ଫୁଙ୍କିବାର ବିଶ୍ୱାସ ଅଛି ଏବଂ ଲୋକମାନେ ସାଧାରଣ ଦିନରେ ମଧ୍ୟ ନିଜ ଘରେ ପୂଜା ସମୟରେ ଏହାକୁ ବ୍ୟବହାର କରନ୍ତି। ବର୍ତ୍ତମାନ ଏକ ଗବେଷଣାରୁ ଜଣାପଡିଛି ଯେ ଶଙ୍ଖ ଫୁଙ୍କିବା ଦ୍ୱାରା ଅବଷ୍ଟ୍ରକ୍ଟିଭ୍ ସ୍ଲିପ୍ ଆପ୍ନିଆ ବା ନିଦ୍ରାଜନିତ ସମସ୍ୟା ଦେଖାଯିବାର ଆଶଙ୍କା ବହୁ ପରିମାଣରେ ହ୍ରାସ ପାଇପାରେ। ଜାଣନ୍ତୁ ଶଙ୍ଖ ଫୁଙ୍କିବା ଦ୍ୱାରା କିପରି ମିଳେ ନିଦ୍ରାହିନତାରୁ ମୁକ୍ତି, ଶରୀରକୁ ମିଳେ କେଉଁ ଫାଇଦା।

- ଅବଷ୍ଟ୍ରକ୍ଟିଭ୍ ସ୍ଲିପ୍ ଆପ୍ନିଆ କିମ୍ବା ସ୍ଲିପ୍ ଆପ୍ନିଆ ଏକ ଗମ୍ଭୀର ନିଦ ସମ୍ବନ୍ଧୀୟ ସମସ୍ୟା
- ଯେଉଁଥିରେ ଶୋଇବା ସମୟରେ ଜଣେ ବ୍ୟକ୍ତିଙ୍କ ନିଶ୍ୱାସ ବାରମ୍ବାର ବନ୍ଦ ହୋଇଯାଏ।
- ଏହି ବାଧା କିଛି ସେକେଣ୍ଡରୁ ଏକ ମିନିଟ୍ ପର୍ଯ୍ୟନ୍ତ ରହିପାରେ
- ଓଏସଏ ଦ୍ୱାରା ପ୍ରଭାବିତ ବ୍ୟକ୍ତି ଦିନରେ କ୍ଲାନ୍ତ ଅନୁଭବ କରନ୍ତି
- ସମଗ୍ର ଜୀବନଶୈଳୀକୁ ଏହି ରୋଗ ପ୍ରଭାବିତ କରିଥାଏ
- ଗବେଷଣାରୁ ସାମ୍ନାକୁ ଆସିଲା ଖୁସିଖବର
- ଶଙ୍ଖ ଫୁଙ୍କିବା ଦ୍ୱାରା ସ୍ଲିପ୍ ଆପ୍ନିଆ ରୋଗୀଙ୍କୁ ମିଳିବ ଆରାମ
- ଏହାଦ୍ୱାରା ନିଦ୍ରା ଗୁଣବତ୍ତା ମଧ୍ୟ ଉନ୍ନତ ହୋଇପାରିବ
- ଶଙ୍ଖ ଫୁଙ୍କିବା ଏକ ପ୍ରାଚୀନ ଯୋଗିକ ଅଭ୍ୟାସ
- ଏହି ପ୍ରକ୍ରିୟାରେ ବ୍ୟକ୍ତି ଗଭୀର ନିଶ୍ୱାସ ନିଅନ୍ତି
- ସମସ୍ତ ଶକ୍ତି ସହିତ ମୁଖକୁ ସଙ୍କୁଚିତ କରି ଶଙ୍ଖରେ ବାୟୁ ନିଃଶ୍ୱାସ ନିଅନ୍ତି
- ଏହା ଶକ୍ତିଶାଳୀ କମ୍ପନ ଏବଂ ବାୟୁ ପ୍ରତିରୋଧ ସୃଷ୍ଟି କରେ
- ଯାହା ଉପର ଶ୍ୱାସକ୍ରିୟା ମାଂସପେଶୀକୁ ମଜବୁତ କରିଥାଏ
- ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନେ ମଧ୍ୟ ଏହାକୁ ସମର୍ଥନ କରିଛନ୍ତି
- ମାଂସପେଶୀକୁ ମଜବୁତ କରେ
- ଶ୍ୱାସକ୍ରିୟା କାର୍ଯ୍ୟକୁ ଉନ୍ନତ କରେ
- ସ୍ୱର ଏବଂ ଥାଇରଏଡ୍ କୁ ମଜବୁତ କରେ
- ମାନସିକ ଚାପରୁ ମୁକ୍ତି ଦିଏ, ଚାପ ଏବଂ ଚିନ୍ତା ହ୍ରାସ କରେ
- ସକାରାତ୍ମକ ଶକ୍ତିକୁ ପ୍ରୋତ୍ସାହିତ କରେ
- ଶବ୍ଦ ତରଙ୍ଗ ନକାରାତ୍ମକ ଶକ୍ତିକୁ ଦୂର କରେ ଏବଂ ଅଧିକ ସକରାତ୍ମକ ଶକ୍ତି ସୃଷ୍ଟି କରେ
- ମାନସିକ ଶୃଙ୍ଖଳାକୁ ଉତ୍ସାହିତ କରେ

# ପାଚନ ସମସ୍ୟା ଥିଲେ ଭୁଲରେ ବି ଖାଆନ୍ତୁନି ସଜନା ଛୁଇଁ

ସଜନା ଛୁଇଁକୁ ଏକ ସୁପରଫୁଡ୍ ଭାବରେ ବିବେଚନା କରାଯାଏ, କିନ୍ତୁ ଆପଣ କ'ଣ ଜାଣନ୍ତି ଯେ ଏହାର ଆଣ୍ଟିଅକ୍ସିଡାଣ୍ଟ ଯୁକ୍ତ ପତ୍ର ବା ଛୁଇଁ ଖାଇବା କିଛି ଲୋକଙ୍କ ପାଇଁ କ୍ଷତିକାରକ ହୋଇପାରେ ? ଆଜ୍ଞା ହଁ, ଲିଭର ଏବଂ ହାର୍ଟ ସମ୍ବନ୍ଧୀୟ ରୋଗ ପାଇଁ ଲାଭଦାୟକ ଏହି ସଜନା ଛୁଇଁ, ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ତେବେ ଆସନ୍ତୁ ଜାଣିବା ଏହାର ସାଇଡ୍ ଇଫେକ୍ଟ ବିଷୟରେ...

ସଜନା ଛୁଇଁ ଏବଂ ଏହାର ପତ୍ର ଅନେକ ଆବଶ୍ୟକୀୟ ଭିଟାମିନ୍ ଏବଂ ଖଣିଜ ପଦାର୍ଥରେ ଭରପୂର। ଆପଣ ହୁଏତ ଶୁଣିଥିବେ ଯେ ଏହାକୁ ଖାଇବା ଦ୍ୱାରା ଅନେକ ରୋଗ ରୋକାଯାଇପାରିବ। ନିସନ୍ଦେହରେ ଏହା ସୁସ୍ଥ ହାର୍ଟ ଏବଂ ଲିଭରକୁ ସୁସ୍ଥ ରଖିବା ପାଇଁ ଏକ ସୁପରଫୁଡ୍, କିନ୍ତୁ କୌଣସି ଦ୍ୱିଧା ବିନା ଏହାକୁ ଖାଇବା ପୂର୍ବରୁ, ସମ୍ଭାବ୍ୟ ପାର୍ଶ୍ୱ ପ୍ରତିକ୍ରିୟା ବିଷୟରେ ବିଚାର କରିବା ଗୁରୁତ୍ୱପୂର୍ଣ୍ଣ। ଏହି ଆର୍ଟିକିଲରେ, ଆମେ ଆପଣଙ୍କୁ କହିବୁ ଯେ,



ସଜନା ପତ୍ର କିମ୍ବା ଏହାର ଛୁଇଁ କିଛି ଲୋକଙ୍କ ପାଇଁ କିପରି କ୍ଷତିକାରକ ହୋଇପାରେ।

**ପାଚନ ସମସ୍ୟା:** ସଜନା ଛୁଇଁ ଏବଂ ଏହାର ପତ୍ର ଖାଇବା ଦ୍ୱାରା ପାଚନ ସମସ୍ୟା ହୋଇପାରେ। ଏହା ଧ୍ୟାନ ଦେବା ଉଚିତ ଯେ ଯଦି ଅଧିକ ପରିମାଣରେ ସେବନ କରାଯାଏ, ତେବେ ଏହାର ରେଚକ ଗୁଣ ବାନ୍ତି ଏବଂ ଝାଡ଼ା ସୃଷ୍ଟି କରିପାରେ। ଏହା ବ୍ୟତୀତ, ଲାକ୍ସିଭ୍ ନାମକ ଏକ ଉପାଦାନ ଅନ୍ତନଳୀ ଗତିକୁ ପ୍ରୋତ୍ସାହିତ କରିବାରେ ଏକ ବଡ଼ ଭୂମିକା ଗ୍ରହଣ କରେ, ଏପରି ପରିସ୍ଥିତିରେ ଲୁଜ୍ ମୋସନ୍ ସମସ୍ୟା ମଧ୍ୟ ହୋଇପାରେ।

**ପେଟ କାଟିବା ଏବଂ ବାନ୍ତି ସମସ୍ୟା:** ଅନେକ ଲୋକଙ୍କୁ ସଜନା ଛୁଇଁ କିମ୍ବା ଏହାର ସ୍ୱାଦ ପସନ୍ଦ ନୁହେଁ। ଏପରି ପରିସ୍ଥିତିରେ, ଆପଣ ଏହାକୁ ସେବନ କରିବାରୁ ବଞ୍ଚିବା ଉଚିତ, କାରଣ ଏହା ବାନ୍ତି କିମ୍ବା ପେଟ ସମସ୍ୟା ସୃଷ୍ଟି କରିପାରେ।

**ହୃଦରୋଗୀଙ୍କ ପାଇଁ କ୍ଷତିକାରକ:** ସଜନା ଛୁଇଁ ଏବଂ ଏହାର ପତ୍ର ସେମାନଙ୍କ ପାଇଁ ମଧ୍ୟ କ୍ଷତିକାରକ ହୋଇପାରେ, ଯେଉଁମାନଙ୍କର ଲୋ ବ୍ଲଡ ପ୍ରେସର ଥାଏ। ଏହାର ପତ୍ରରେ ଆଲକାଲଏଡ୍ ଥାଏ, ଯାହା ହୃଦସ୍ପନ୍ଦନକୁ ଧୀର କରିପାରେ ଏବଂ ରକ୍ତଚାପକୁ କମ୍ କରିପାରେ। ତେଣୁ, ହୃଦରୋଗୀମାନେ ଏହାକୁ ସେବନ କରିବା ସମୟରେ ବିଶେଷ ସତର୍କତା ଅବଲମ୍ବନ କରିବା ନିହାତି ଆବଶ୍ୟକ।

**ଗର୍ଭବତୀ ମହିଳାଙ୍କ ପାଇଁ କ୍ଷତିକାରକ:** ଏଥିସହ ଜାଣିରଖନ୍ତୁ ଯେ, ଯଦି ଆପଣ ଗର୍ଭବତୀ କିମ୍ବା ସ୍ତନ୍ୟପାନ କରାଉଛନ୍ତି, ତେବେ ଆପଣ ସଜନା ଛୁଇଁ ଏବଂ ଏହାର ପତ୍ର କିମ୍ବା ପାଉଡର ଖାଇବାରୁ ବଞ୍ଚିବା ଉଚିତ। ଅନେକ ବିଶେଷଜ୍ଞ କୁହନ୍ତି ଯେ ଏହା ଗର୍ଭପାତର ଆଶଙ୍କା ବୃଦ୍ଧି କରେ। ଆପଣ ଆପଣଙ୍କ ମାସିକ ଋତୁସ୍ରାବ ସମୟରେ ଏହାକୁ ସେବନ କରିବାରୁ ମଧ୍ୟ ଦୂରେଇ ରହିବା ଉଚିତ, କାରଣ ଏହା ଶରୀରରେ ପିତ୍ତ କୋଷକୁ ବୃଦ୍ଧି କରିପାରେ। ଥାଇରଏଡ୍ ଏବଂ ମଧୁମେହ ପୀଡିତ ବ୍ୟକ୍ତିମାନେ ମଧ୍ୟ ସଜନା ଛୁଇଁ ଏବଂ ଏହାର ପତ୍ର ସେବନ କରିବା ଉଚିତ୍ ନୁହେଁ। କୁହାଯାଏ ଯେ, ଏହି ଅବସ୍ଥା ସହିତ ଜଡିତ ଔଷଧ ଖାଉଥିବା ଲୋକଙ୍କ ପାଇଁ ଏହା ଭଲ ନୁହେଁ। ତେଣୁ, ଯଦି ଆପଣ ଏହାକୁ ସେବନ କରିବାକୁ ଚାହାଁନ୍ତି, ତେବେ ପୂର୍ବରୁ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ।

# ଗଛକଟା ଓ ପୁରୁଣା ବିଦ୍ୟାଳୟ ଗୃହ ଭଙ୍ଗାକୁ ନେଇ ଅସନ୍ତୋଷ



**ନାଉଗାଁ,୮।୧୧ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ତହସିଲ ଅନ୍ତର୍ଗତ ଅଲଣାହାଟ ଉଚ୍ଚ ବିଦ୍ୟାଳୟରେ ସରକାରୀ ନିୟମକୁ ଖୁଲମଖୁଲା ଉଲଘଂନ କରାଯାଇଥିବା ନେଇ ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ପ୍ରଶାସନ ଅଜଣାତରେ ବିଦ୍ୟାଳୟ ପରିସରରୁ ଗଛ କଟା ଓ ପୁରୁଣା ବିଦ୍ୟାଳୟ ଗୃହ ଭଙ୍ଗା ହୋଇଥିବା ନେଇ ଅଭିଯୋଗ ହେଉଛି।

ଅଭିଯୋଗ ମୁତାବକ ଉକ୍ତ ବିଦ୍ୟାଳୟରେ ଏକ ଗୃହ ନିର୍ମାଣ ପାଇଁ ଟେଣ୍ଡର କରାଯାଇଛି। ନୂତନ ଗୃହ ନିର୍ମାଣ ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦ୍ୟାଳୟରେ ଥିବା ପୁରୁଣା ଶ୍ରେଣୀ ଗୃହକୁ ଭାଙ୍ଗିବା ସହିତ ବିଦ୍ୟାଳୟ ପରିସରରେ ଥିବା ପୁରାତନ ଫଳନ୍ତି ଆମ୍ବ ଓ ନଡିଆ ଗଛକୁ କାଟି ସଫା କରିଦେଇଛନ୍ତି। ଯାହାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସରକାରଙ୍କ ନିୟମାନୁସାରେ ବିଦ୍ୟାଳୟରେ ଥିବା ପୁରୁଣା ଗୃହକୁ ଭାଙ୍ଗିବା ପାଇଁ ହେଲେ ବିଦ୍ୟାଳୟ ପକ୍ଷରୁ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଯିବା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀଙ୍କ ଘରକୁ ତଦାରଖ କରାଯାଇ ବିପର୍ଯ୍ୟସ୍ତ ଗୃହ ଭାବେ ଘୋଷଣା କରାଯିବା ପରେ ଉକ୍ତ ଗୃହ ଭଙ୍ଗା ଯିବା। ଗୃହରୁ ବାହାରିଥିବା ଇଟା ଓ ଅନ୍ୟାନ୍ୟ ସାମଗ୍ରୀକୁ ନିଲାମ କରାଯାଇ ବିକ୍ରି କରାଯିବା ସେହିପରି ଗଛ କାଟିବାକୁ ହେଲେ ଉଭୟ ଉପଜିଲାପାଳ ଓ ବନ ବିଭାଗର ଅନୁମତି ନେବା ପରେ ଗଛ କଟାଯାଇ ଅନୁରୂପ ଭାବେ ନିଲାମ କରାଯାଇ ବିକ୍ରି କରାଯିବାର ନିୟମ ରହିଛି। କିନ୍ତୁ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏହି କାର୍ଯ୍ୟ କରି ନଥିବା ଅଲଣା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବିଦ୍ୟାଳୟ ଆଲୁମ୍ନି କମିଟିର ପୂର୍ବତନ ସହ ସମ୍ପାଦକ ନବକୃଷ୍ଣ ମହାନ୍ତି, ଅଶୋକ ସାମଲ ଆଦି ଅଭିଯୋଗ କରିଛନ୍ତି।

# ରୂପସା-ବାଙ୍ଗିରିପୋଷି ରେଳ ଲାଇନ ଉପରେ ପୋଲ ନିର୍ମାଣ ଦାବି



**ବୈଶିଙ୍ଗା,୮।୧୧ (ସଂଚାର ବ୍ୟୁରୋ):** ରୁପ୍ସା-ବାଙ୍ଗିରିପୋଷି ରେଳ ଲାଇନ ମଧ୍ୟରେ ୬ନଂ ଗେଟ୍‌ରେ ଅଣ୍ଡରପାସ ପାଇଁ ଦୁଇ ବର୍ଷ ପୂର୍ବରୁ ମଞ୍ଜୁରୀ ମିଳିଥିଲେ ମଧ୍ୟ ଅଦ୍ୟାବଧି ନିର୍ମାଣ ନ ହେବା ଯୋଗୁଁ ଈଶାଣପୁର, ଛତର ତଥା ହୋତାପୁର ପାଇଁ ଯିବା ଆସିବାରେ ଲୋକେ ହଇରାଣ ହେଉଛନ୍ତି। ସେହିଭଳି ବେତନଟୀ-ବଡ଼ସାହି ମଧ୍ୟରେ ଯାଇଥିବା ରାସ୍ତା ସାଧାରଣ ଲୋକଙ୍କ ସମେତ ଜରୁରୀ କାଳୀନ ସେବା ଯୋଗାଇବାରେ ବାଧା ସୃଷ୍ଟି କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର କଙ୍କାକାଳିଆ ଛକ ନିକଟରେ ଥିବା ୧୬ ନଂ ଫାଟକ ରେଳଗାଡି ଯିବା ଆସିବା ସମୟରେ ବନ୍ଦ ହୋଇଯାଉଥିବାରୁ ଲୋକଙ୍କ ପାଇଁ ବାଧା ସୃଷ୍ଟି ହେଉଛି, ଫଳରେ ବିଶେଷଭାବେ ଜରୁରୀକାଳୀନ ସେବାରେ ବାଧା ସୃଷ୍ଟି ହେଉଛି। ଆମ୍ବୁଲାନ୍ସ ସେବା, ଅଗ୍ନିଶମ ସେବା ବ୍ୟାହତ ହେଉଛି।

ରେଳ ଆସିବା ଓ ଯିବା ସମୟରେ ରେଳ ଫାଟକ ବନ୍ଦ ହୋଇଯାଉଥିବାରୁ ପ୍ରାୟ ୨୦ମିନିଟରୁ ଅଧିକ ସମୟ ଆମ୍ବୁଲାନ୍ସ ଅଟକି ଯାଉଥିବା ବେଳେ ଫାଟକ ଖୋଲି ଯିବାପରେ ମଧ୍ୟ ୧୦ ମିନିଟରୁ ଉର୍ଦ୍ଧ ଭିଡ଼ ଯୋଗୁ ଅଟକି ରହୁଛି। ଟ୍ରାଫିକ ବ୍ୟବସ୍ଥା ନଥିବାରୁ ଆମ୍ବୁଲାନ୍ସ ଗାଡିକୁ ମଧ୍ୟ ଅଟକାଇ ରଖୁଛନ୍ତି ବାଇକ ଚଳାଉଥିବା ଯୁବକ, ସେମାନେ ମଧ୍ୟ ଆମ୍ବୁଲାନ୍ସକୁ ଛାଡୁନାହାନ୍ତି, ନିଜେ କିପରି ଆଗକୁ ଯିବେ ସେମାନେ ବ୍ୟସ୍ତ ହେଉଥିବାବେଳେ ଆମ୍ବୁଲାନ୍ସ ଗାଡିକୁ ଛିଡା ହୋଇରହିବାକୁ ପଡୁଛି। ଯୁବ ସମାଜ ସଚେତନ ନହେବାରୁ ଏଭଳି ପରିସ୍ଥିତି ଉପୁଜୁଥିଲେ ମଧ୍ୟ ରେଳ ବିଭାଗ ଟ୍ରାଫିକ ବ୍ୟବସ୍ଥା ଉପରେ ନଜର ଦେଉନାହିଁ।

ଏହି ୧୬ ନଂ ରେଳ ଫାଟକ ଉପର ଦେଇ ଯାଇଥିବା ରାସ୍ତା ଏକମାତ୍ର ରାସ୍ତା ହୋଇଥିବାରୁ ଦିନକୁଦିନ ଏହି ରାସ୍ତାରେ ବାଇକ, ଅଟୋ, ଚାରିଚକିଆଯାନ, ଟ୍ରାକ୍ଟର, ଡମ୍ଫର ଓ ଭରିଯାନ ସଂଖ୍ୟା ବଢ଼ିଥିବା ଯୋଗୁ ରାସ୍ତାଟି ସବୁବେଳେ ଭିଡ଼ ରହୁଛି। ଏହି ଭିଡ଼ରୁ ରକ୍ଷା ପାଇବା ପାଇବାକୁ ହେଲେ ଉଡ଼ନ୍ତା ପୋଲ ନିର୍ମାଣ ଉପରେ ରେଳ କର୍ତ୍ତୃପକ୍ଷ ଧ୍ୟାନ ଦେବାକୁ ବିଭିନ୍ନ ସାମାଜିକ ସଂଗଠନ ବିଶେଷଭାବେ ବିକାଶ ମଞ୍ଚ ଦାବି କରିଛି।

# କର୍ମଜୀବୀ ମହିଳାଙ୍କୁ ଯୌନ ଶୋଷଣ ନିବାରଣ ତାଲିମ ଶିବିର

**ସୁବର୍ଣ୍ଣପୁର,୮।୧୧(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ତରଭାବ୍ଲକ ଚାରଭଟା ପଞ୍ଚାୟତ ସଭାଗୃହରେ କର୍ମଜୀବୀ ମହିଳାଙ୍କ ଯୌନ ଶୋଷଣ ନିବାରଣ ଆଇନ, ଆଭ୍ୟନ୍ତରୀଣ ଅଭିଯୋଗ କମିଟି, ମହିଳା ହିଂସା ନିବାରଣ ଓ ତାର ରୂପରେଖ ଓ ମାନବ ଚାଲାଣ ସମ୍ପର୍କିତ ଆବଶ୍ୟକତା ଭିତ୍ତିକ ତାଲିମ ଦି' ହଙ୍ଗର ପ୍ରୋଜେକ୍ଟ ଇଣ୍ଡିଆଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ସର୍ବପ୍ରଥମେ କ୍ଷେତ୍ର କର୍ମୀ ଧନୁର୍ଦ୍ଧର ନାଏକ ସ୍ୱାଗତ ଜଣାଇ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ କ୍ଷେତ୍ର ପ୍ରଶିକ୍ଷକ ଗୁଣନିଧି ମାଝୀ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ତାଲିମଦାତା ଶିଶୁମଙ୍ଗଳ ସମିତିର ମେମ୍ବର ରାଜୀବ ନାଏକ ମହିଳା ହିଂସା କ'ଣ, ପକ୍ସୋ ଆକ୍ଟ, କାର୍ଯ୍ୟକ୍ଷେତ୍ରରେ ମହିଳାମାନଙ୍କ ବିରୋଧରେ ଯୌନ ଶୋଷଣ, ଏହାର ନିବାରଣ ନିମନ୍ତେ ଅଧିନିୟମ କ'ଣ ରହିଛି, ଅଭ୍ୟନ୍ତରୀଣ ଅଭିଯୋଗ କମିଟି, ଏଥିପାଇଁ ପଞ୍ଚାୟତର ଭୂମିକା, ମାନବ ଚାଲାଣ କ'ଣ ଏହାକୁ ରୋକିବାରେ ପଂଚାୟତ ଓ ପଂଚାୟତ ପ୍ରତିନିଧିଙ୍କ ଭୂମିକା କ'ଣ ରହିଛି ତାର ରୂପରେଖ ଓ କାର୍ଯ୍ୟ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଶେଷରେ କମସରା ସରପଞ୍ଚ କୁନ୍ତଳା ରଣା ଧନ୍ୟବାଦ ଅର୍ପଣ କରିଥିବା ବେଳେ ଜିତେନ୍ଦ୍ର ସାହୁ ସହଯୋଗ କରିଥିଲେ।

# ଆଇନ ମହାବିଦ୍ୟାଳୟ ତରଫରୁ ଆଇନ ନୈତିକତା ଓ ଆଧ୍ୟାତ୍ମିକତା ଆଲୋଚନା ଚକ୍ର



**କେନ୍ଦ୍ରାପଡ଼ା,୮।୧୧(ସଂଚାର ବ୍ୟୁରୋ):** ଭାରତର ସର୍ବୋଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ସଂଜିବ କୁମାର ମହାନ୍ତି "ଆଇନ୍ ନୈତିକତା ଓ ଆଧ୍ୟାତ୍ମିକତା" ବିଷୟ ଉପରେ ଆଲୋଚନା ଚକ୍ରର ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ରବିନ୍ଦ୍ର କୁମାର ବଳ ଏହି ଆଲୋଚନା ଚକ୍ରର ସଭାପତିତ୍ୱ କରିଥିଲେ । ମୁଖ୍ୟବକ୍ତା ସଂଜିବ କୁମାର ମହାନ୍ତି ଆଇନଜ୍ଞମାନଙ୍କୁ ଏହି ଆଲୋଚନାରେ ଆହ୍ୱାନ ଦେଇଥିଲେ ଆଇନ ନୈତିକତା ଏବଂ ଆଧ୍ୟାତ୍ମିକତା ସମନ୍ୱୟତା ଉପରେ ଆଲୋକପାତ କରି ସଫଳ ଆଇନଜୀବି ହେବା ଆଗରୁ ଜଣେ ଭଲ ମଣିଷ ହେବା ଉଚିତ୍ ବୋଲି ବକ୍ତବ୍ୟ ରଖିଥିଲେ ଓ ଛାତ୍ର ମାନଙ୍କର ବିଭିନ୍ନ ପ୍ରଶ୍ନର ଉତର ଦେଇଥିଲେ । ଏହି ସଭାରେ ଶ୍ରୀ ମହାନ୍ତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦ୍ୱାରା କରାଯାଇଥିଲା, ପରିଶେଷରେ ମହାବିଦ୍ୟାଳୟର ଅଧ୍ୟାପକ ଚିରଞ୍ଜିବ ପଣ୍ଡା, ରାଜକିଶୋର ମହାନ୍ତି, ତିମିର କାନ୍ତ ପରିଡ଼ା, ସସ୍ମିତା ସେଠୀ ପ୍ରମୁଖ ମାନଙ୍କ ମତ ଉପସ୍ଥାପନ କରିଥିଲେ । ଶେଷରେ ଶ୍ରୀ କଳିଙ୍ଗ କେଶରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଆଲୋଚନା ଚକ୍ରରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ସହକର୍ମୀ ମଧ୍ୟ ଯୋଗଦେଇଥିଲେ ।

# ଭଦ୍ରକ-ଆରଡି ରାସ୍ତା ଅବରୋଧ କଲେ ଅଞ୍ଚଳବାସୀ



**ଧାମନଗର,୮।୧୧ (ସଂଚାର ବ୍ୟୁରୋ):** ଭଦ୍ରକ-ଆରଡି ରାସ୍ତାର ବେତାଳିଗାଁ ବଜାର ନିକଟସ୍ଥ ମୁଖ୍ୟ ରାଜ୍ୟ ରାଜପଥ ଉପରେ ଜନସାଧାରଣ ରାସ୍ତାରୋକ ବିଡ଼ିଓ ବିଭାଗୀୟ ଯନ୍ତ୍ରୀ କାର୍ଯ୍ୟ ଆରମ୍ଭର ପ୍ରତିଶ୍ରୁତି ପରେ ହଟିଲା ଅବରୋଧ। ତେବେ ଏହି ଆନ୍ଦୋଳନର ମୂଳ କାରଣ ହେଉଛି ବିଗତ ୪ ବର୍ଷ ଧରି ରାସ୍ତା ପ୍ରଶସ୍ତୀକରଣ ଓ ମରାମତି କାର୍ଯ୍ୟରେ ଅନିୟମିତତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ରାସ୍ତାରେ ଦୈନିକ ଯାତ୍ରୀମାନେ ଦୁର୍ଘଟଣା ଓ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ଜନସାଧାରଣ ଦ୍ୱାରା ଜିଲ୍ଲାପାଳ ଓ ଏସପିଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିଲା ଯେ ଆସନ୍ତା ୫ ତାରିଖ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ରାସ୍ତାରୋକ କରାଯିବ।

ଏହି ଆନ୍ଦୋଳନ ପାଇଁ ସୋମବାର ଅପରାହ୍ନରେ ବେତାଳିଗାଁ ବଜାରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଅନେକ ସାମାଜିକ ଓ ରାଜନୈତିକ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ରାସ୍ତାରୋକ ସମ୍ବନ୍ଧରେ ମତ ଦେଇଥିଲେ। ୭ ତାରିଖ ଆଇନଜୀବୀ ତଥା ରାଜନେତା ରମେଶଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଭଦ୍ରକ-ଆରଡି ମୁଖ୍ୟ ରାସ୍ତା ବେତାଳିଗାଁ ବଜାରରେ ରାସ୍ତାରୋକ କରାଯାଇଥିଲା। ପୂର୍ବାହ୍ନ ୧୦ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଯାନବାହନ ଚଳାଚଳ ଠପ ହୋଇଯାଇଥିଲା। ଏହି ପରିପ୍ରେକ୍ଷୀରେ ବହୁ ଛାତ୍ରଛାତ୍ରୀ, ସାଧାରଣ ଜନତା ଅସୁବିଧାରେ ପଡ଼ିଥିଲେ। ଏହି ରାସ୍ତାରୋକ ଆନ୍ଦୋଳନରେ ବାମଦଳ ନେତା ଚନ୍ଦ୍ରଶେଖର ନାୟକ, ସବ୍ୟମୂର୍ତ୍ତି ବେହେରା, ପୂର୍ବତନ ସରପଞ୍ଚ ଅନିଲ ଦାସଙ୍କ ସମେତ ଅନେକ ସ୍ଥାନୀୟ ବୁଦ୍ଧିଜୀବୀ, ସାଧାରଣ ଜନତା ସାମିଲ ହୋଇଥିଲେ।

ଧାମନଗର ବିଡ଼ିଓ ବନବିହାରୀ ଧୂନ୍ଦା, ରାସ୍ତା ଓ ପୂର୍ତ୍ତ ବିଭାଗ ଜେଇଇ ନବଘନ ମାରାଣ୍ଡି ଓ ଧୂଷୁରୀ ଥାନାଧିକାରୀ ଅଳୟ ସୁଦର୍ଶନ ବାଗେଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ-୨୦୨୫ ପାଳିତ



**ନୟାଗଡ଼,୮।୧୧(ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲାରେ ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତି କରଣ ବିଭାଗ ଆନୁକୁଲ୍ୟରେ ଆଜି ଜିଲ୍ଲା ସ୍ତରୀୟ ମାଣ୍ଡିଆ ଦିବସ ନୟାଗଡ଼ ପଞ୍ଚାୟତ ସମିତି ନୂତନ ସମ୍ମିଳନୀ ଗୃହରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ, ବିଧାୟକ କିମ୍ବା ସାଂସଦ ଯୋଗ ଦେଇନଥିବା ବେଳେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ, କନ୍ଧମାଳ ସାଂସଦଙ୍କ ପ୍ରତିନିଧି ପର୍ଶୁରାମ ସ୍ୱାଇଁ ଯୋଗ ଦେଇଥିଲେ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶିବ ନାରାୟଣ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୃଷି ବୈଜ୍ଞାନିକ ଅନୀଲ କୁମାର ସ୍ୱାଇଁ, ଡ. ଅଜୟ କୁମାର ଜେନା ପ୍ରମୂଖ ମଞ୍ଚାସୀନ ହୋଇଥିଲେ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସ୍ୱାଗତ ଅବିଭାଷଣ ରଖିବା ପରେ ଜୈନିକ ଚାଷୀଭାଇ ଜିଲ୍ଲାରେ କେଉଁଠି ମାଣ୍ଡିଆ ଚାଷ କରାଯାଇଛି ବୋଲି ପ୍ରଶ୍ନ କରିବା ସହ ମୁଁ ଜଣେ ଚାଷୀ ମାଣ୍ଡିଆ ଚାଷ କରିବାକୁ ଚାହୁଁଛି କିନ୍ତୁ ବିଭାଗୀୟ ଅଧିକାରୀ ଧରାଛୁଆଁ ଦେଉନଥିବା ନେଇ କ୍ଷୋଭ ଓ ଅସନ୍ତୋଷ ଯାହିର୍ କରିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏହାକୁ ନେଇ ହଡ଼ବଡ଼େଇ ଯାଇଥିବା ବେଳେ ଏଠାରେ ଆଲୋଚନା କରିବା ପାଇଁ ପକୃତ ଫୋରମ୍ ନୁହେଁ ବୋଲି କହିଥିଲେ । ଅତିରିକ୍ତ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ଚାଷୀ ରଣଜିତ ଦଳବେହେରା ଚୁପ ରହିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ତଥା ଅତିରିକ୍ତ ଜିଲ୍ଲାପାଳ ମାଣ୍ଡିଆ ଏକ ପାରମ୍ପରିକ ଖାଦ୍ୟ ବୋଲି ବକ୍ତବ୍ୟ ରଖିଥିଲେ । ଜିଲ୍ଲାରେ ମାଣ୍ଡିଆ ଚାଷ ପ୍ରଭାବଶାଳୀ ହେଉନି, କିନ୍ତୁ ଚାଷୀଙ୍କୁ ପ୍ରୋତ୍ସାହିତ କରି ଚାଷ ବୃଦ୍ଧି କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ ।

● ହାତୀ ଆକ୍ରମଣରେ ୬ ବର୍ଷର ଶିଶୁ ମୃତ୍ୟୁ ଘଟଣା

# ସହାୟତାର ହାତ ବଢ଼ାଇଲେ ସମାଜସେବୀ



**ଲାଞ୍ଜିଗଡ଼, ୮।୧୧ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ଲାଞ୍ଜିଗଡ଼ ବ୍ଲକ ନିୟମଗିରି ପାହାଡ଼ର ପାଦଦେଶରେ ଥିବା ତ୍ରିଲୋଚନପୁର ପଞ୍ଚାୟତର କୁନ୍ନାକାଡୁ ଗାଁର କାଣୁ ମାଝୀ ଗତ ୩ ବର୍ଷ ତଳେ ଚାଷ କରିବା ପାଇଁ ନିକଟସ୍ଥ ହରଡ଼ାଗୁଡ଼ା ଗାଁରେ ପରିବାର ସହ ରହୁଥିଲା।ଗତ ସମବାର ୩ ତାରିଖରେ ସକାଳ ୮ ଘଣ୍ଟା ସମୟ କାଣୁଙ୍କ ଦୁଇ ପୁଅ ହରଡ଼ାଗୁଡା ଗାଁରୁ ବାହାରି ନିଜ ଚାଷ ଗୁଡ଼ିଆକୁ ଯାଉଥିବା ବେଳେ ଦନ୍ତା ହାତୀ ଆକ୍ରମଣରେ ରବି ମାଝୀ(୬)ର ମୃତ୍ୟୁ ଘଟିଥିଲା। ସାଥିରେ ଥିବା ରବିର ବଡ଼ଭାଇ ସାମରି ମାଝୀ (୮) ଙ୍କୁ ହାତୀ ଶୁଣ୍ଢରେ ଫିଙ୍ଗି ଦେଇଥିଲା। ଫଳରେ ତା' ପିଠିରେ ବି ଆଘାତ ହୋଇଥିଲେ।ଶିଶୁଙ୍କୁ ହରାଇ ବାପା କାଣୁ ମାଝୀ ମାଆ ଙ୍କ ଆଖିରୁ ଲୁହ ଶୁଖୁନାହିଁ।ଏହି ପରିପ୍ରେକ୍ଷୀରେ ଲାଞ୍ଜିଗଡ଼ ଆଞ୍ଚଳିକ ବିକାଶ ପରିଷଦର ସଭାପତି ସମାଜସେବୀ ଶ୍ରୀଧର ପେସନିଆ ହରଡ଼ାଗୁଡ଼ା ଗାଁରେ ପହଞ୍ଚି ମୃତ ଶିଶୁଙ୍କ ବାପା ମା'ଙ୍କୁ ସମବେଦନା ଜଣାଇବା ସହିତ ଶୀତ ବସ୍ତ୍ର,ଲୁଗାପଟା,ରାସନ ସାମଗ୍ରୀ ଓ ୧୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।ତାଙ୍କ ସହିତ ତ୍ରିଲୋଚନପୁର ନାଏବ ସରପଞ୍ଚ ତରାଣୀ ସେନ ବାଗ, ସମାଜସେବୀ ଶ୍ରୀମୁଖ ଅଗସ୍ତି,ଲାଞ୍ଜିଗଡ଼ ପ୍ରେସକ୍ଲବ ଉପ ସଭାପତି କ୍ଷମାନିଧି ମହାଖୁଡ,ସାମ୍ବାଦିକ ରମେଶ ନାୟକ, ପତାମ୍ବର ଦଳପତି ପ୍ରମୁଖ ଉପସ୍ଥିତ ଥିଲେ।

# ହକି ଇଣ୍ଡିଆର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍

**ସୁବର୍ଣ୍ଣପୁର, ୮।୧୧ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ଉଲୁଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ସିଂଢ଼ୋଲ୍ ଗ୍ରାମ ପଞ୍ଚାୟତର ଦକ୍ଷିଣପାଲି ଗ୍ରାମରେ ହକି ଇଣ୍ଡିଆର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଉଭୟ ପୁରୁଷ ଓ ମହିଳା ହକି ଦଳ ମାନଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ହକି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏହି ବନ୍ଧୁତ୍ୱପୂର୍ଣ୍ଣ ହକି ମ୍ୟାଚ୍ ଉଦ୍ଘାଟନ ସମୟରେ ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ଼ ନୃପରାଜ ସାହୁ, ଓ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ସୁବର୍ଣ୍ଣପୁର ଶ୍ରୀମତି ଅଞ୍ଜଳିନା ପ୍ରଧାନ ଉପସ୍ଥିତ ରହି ହକି ମ୍ୟାଚର ଶୁଭାରମ୍ଭ କରିଥିଲେ। ହକି ଇଣ୍ଡିଆର ୧୦୦ ବର୍ଷ ପୂର୍ତ୍ତି ଅବସରରେ




ସୁବର୍ଣ୍ଣପୁର ଜିଲ୍ଲାରେ ଆମ ଦେଶର ଜାତୀୟ ଖେଳ ହକିର ବିକାଶ ଓ ଉନ୍ନତି ପାଇଁ ନିଆଯିବ ବୋଲି ଜିଲ୍ଲାପାଳ, ସୁବର୍ଣ୍ଣପୁର ମତବ୍ୟକ୍ତ କରିଥିଲେ। ସୁବର୍ଣ୍ଣପୁର ଜିଲ୍ଲାର ଏହି ଛୋଟ ଗାଁ ଦକ୍ଷିଣପାଲି ଏବଂ ଅଞ୍ଚଳର ଜନସାଧାରଣଙ୍କ ହକି ଖେଳ ପ୍ରତି ଥିବା ଅନୁରକ୍ତି ଓ ପ୍ରୟାସ କୁ ଜିଲ୍ଲାପାଳ, ସୁବର୍ଣ୍ଣପୁର ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ଅଞ୍ଚଳର ଯୁବକ ଯୁବତୀ, ଛାତ୍ରୀ ଛାତ୍ରୀ ଓ ଖେଳାଳୀମାନଙ୍କୁ ବହୁ ସଂଖ୍ୟାରେ ହକି ଖେଳ ପ୍ରତି ଆକର୍ଷିତ ହୋଇ ହକି ଖେଳ ଖେଳିବା ପାଇଁ ଆହ୍ୱାନ ଦେବା ସହିତ ଅନୁରୋଧ କରିଥିଲେ। ଏହି ବନ୍ଧୁତ୍ୱପୂର୍ଣ୍ଣ ହକି ମ୍ୟାଚରେ ଦୁଇଗୋଟି ପୁରୁଷ ହକି ଦଳ ଓ ଦୁଇ ଗୋଟି ମହିଳା ହକି ଦଳ ଅଂଶ ଗ୍ରହଣ କରିଥିଲେ। ଏହି ବନ୍ଧୁତ୍ୱପୂର୍ଣ୍ଣ ହକି ମ୍ୟାଚ୍ ଅବସରରେ ସରପଞ୍ଚ, ସିଂଢୋଲ ଗ୍ରାମ ପଞ୍ଚାୟତ, ଶ୍ରୀ ପ୍ରଦୀପ କୁମାର ଦେହୁରୀ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ପୁରୋହିତଙ୍କ ସମେତ ଅଞ୍ଚଳର ଜନସାଧାରଣ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ର କ୍ରୀଡ଼ା ଶାଖା ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀ ରାମ କୁମାର ସାହୁ, ପରିଚାଳକ, ହକି ଦଳ, ସୋନପୁର ଉପରୋକ୍ତ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚର ଆୟୋଜନ କରିଥିଲେ।

# ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦଘାଟିତ




**ବାରିପଦା,୮।୧୧(ସଂଚାର ବ୍ୟୁରୋ):** ସମଗ୍ର ଶିକ୍ଷା, ମୟୂରଭଞ୍ଜ ତରଫରୁ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ ମହାସମାରୋହରେ ସ୍ଥାନୀୟ ସହୀଦ ସ୍ମୃତି ଭବନ ଠାରେ ଉଦଘାଟନ ହୋଇଯାଇଅଛି. ଉକ୍ତ ଉତ୍ସବଟିକୁ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ସଭା ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟିକା ବାଙ୍ଗିରିପୋଷି ସଞ୍ଜଲୀ ମୁର୍ମୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶଶୀଧର ସିଂ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ବ୍ଲକ ସ୍ତରରୁ କୃତିତ୍ୱ ଅର୍ଜନ କରି ଜିଲ୍ଲାସ୍ତରକୁ ଆସିଥିବା ସମସ୍ତ ପ୍ରତିଯୋଗୀଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀ ସ୍ୱାଗତ ଜଣାଇବା ସହିତ ଆଜିର ଜିଲ୍ଲା ସ୍ତରୀୟ ସୁରଭିରେ ଯେଉଁମାନେ ପ୍ରତେକ ବିଭାଗରୁ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟ ସ୍ତରକୁ ଯିବେ ସେମାନଙ୍କର ଭବିଷ୍ୟତ ଉଜ୍ୱଳ କାମନା କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ପିଲାମାନଙ୍କର ସର୍ବାଙ୍ଗୀନ ଉନ୍ନତି କରିବା ସହିତ ବାଳିକା ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ।

ସୁରଭି ମହୋତ୍ସବଟି ଗତ ତା ୧୭ ରୁ ୧୯ ସେପ୍ଟେମ୍ବର ମାସରେ ବିଦ୍ୟାଳୟ ସ୍ତରରେ, ତା ୯ରୁ ୧୧ ଅକଟୋବର ମଧ୍ୟରେ ଆଞ୍ଚଳିକ ସ୍ତରରେ ଓ ତା ୧୪ ରୁ ୧୭ ଅକଟୋବର ୨୦୨୫ ରେ ଗୋଷ୍ଠୀ (ବ୍ଲକ) ସ୍ତରରେ ଶେଷ କରାଯାଇଥିଲା। ଯେଉଁମାନେ ବ୍ଲକ ସ୍ଥରରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ସେମାନେ ଜିଲ୍ଲା ସ୍ତର ସୁରଭିରେ ଯୋଗ ଦେଇଛନ୍ତି। ହେବାକୁ ଥିବା ୩୨ ଗୋଟି ପ୍ରତିଯୋଗିତାରେ ଯେଉଁମାନେ ପ୍ରଥମ ସ୍ଥାନ ଅଧିକାର କରିବେ ସେମାନଙ୍କୁ ଆସନ୍ତା ତା ୧୧.୧୧.୨୫ ଠାରୁ ରାଜ୍ୟ ସ୍ତରରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଛଅ ଗୋଟି ବିଭାଗରେ ଭିନ୍ନକ୍ଷମ ପିଲାମାନେ ଅଂଶଗ୍ରହଣ କରିଥିଲେ। ମାନ୍ୟବର ବିଧାୟିକା ଦଳଗତ ଭାବେ ଅଂଶଗ୍ରଣ କରି ନୃତ୍ୟ କରୁଥିବା ଦଳଗୁଡିକୁ ଭୁୟୀଅସି ପ୍ରସଂସା କରିଥିଲେ।

# ଅତିରିକ୍ତ ଶିକ୍ଷାଧିକାରୀ ହେମେନ୍ଦ୍ର ମହାନ୍ତିଙ୍କ ବଦାନ୍ୟତା



**ଧାମନଗର,୮।୧୧(ସଂଚାର ବ୍ୟୁରୋ):** ଗତ ଦୁଇଦିନ ପୂର୍ବରୁ ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ତଳିହା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପୂଣ୍ୟତୋୟା ବୈତରଣୀ ନଦୀର ସିଦ୍ଧେଶ୍ୱର ଘାଟ ଠାରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇ ପାଣିର ପ୍ରଖର ସ୍ରୋତରେ ୨ଜଣ ନାବାଳିକା ଓ ୧ଜଣ ନାବାଳକ ଏହିପରି ମୋଟ ୩ଜଣ ଭାସି ଯାଉଥିବାର ଏକ ହୃଦୟ ବିଦାରକ ଦୃଶ୍ୟ ସମସ୍ତଙ୍କୁ ଚକିତ କରିଥିଲା। ତିନିଜଣ ଛୋଟ ପିଲା ପାଣିରେ ଭାସି ଯାଉଥିବାର ଦୃଶ୍ୟକୁ ଦେଖି ନିଜର ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି ଜଣେ ନାବାଳକ ଓ ଜଣେ ନାବାଳିକା ଙ୍କୁ ନିଶ୍ଚିତ ମୃତ୍ୟୁମୁଖରୁ ରକ୍ଷାକରି ହଜାର ହଜାର ଲୋକଙ୍କ ମୁଖରେ ପ୍ରଶଂସା ର ପାତ୍ର ହୋଇଥିବା ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ତଳିହା ପଞ୍ଚାୟତ ଗାରଡେଶ୍ୱର ଗ୍ରାମର ସୁରେନ୍ଦ୍ର କୁମାର ସେଠୀ ଓ ସତ୍ୟଭାମା ସେଠୀଙ୍କ ଏକମାତ୍ର ପୁତ୍ର ଶ୍ରୀମାନ ସତ୍ୟ ପ୍ରକାଶ ସେଠୀ (ଲଲୁ) ୧୪ ବର୍ଷ ନିଜର ଉପସ୍ଥିତି ବୁଦ୍ଧି ପ୍ରୟୋଗ କରି ଅବିଳମ୍ବେ ଦୁଇ ଦୁଇଟି ଅମୂଲ୍ୟ ରତ୍ନଙ୍କ ଜୀବନ ବଞ୍ଚାଇବାରେ ସକ୍ଷମ ହୋଇଥିଲା।

ଏ ସମ୍ବାଦ ପ୍ରଚାରିତ ହେବାମାତ୍ରେ ସତ୍ୟପ୍ରକାଶର ଏ ସାହସିକତା ପାଇଁ ସମସ୍ତ ବର୍ଗର ବ୍ୟକ୍ତି ପିଲାଟିକୁ ପ୍ରଶଂସା କରିବା ସହିତ ଆଶୀର୍ବାଦ କରିଥିଲେ। ଆଜି ସକାଳେ ଅତିରିକ୍ତ ଶିକ୍ଷାଧିକାରୀ ଗ୍ରାମରେ ପହଞ୍ଚି ଏଭଳି ଦୁଃସାହସିକ କାର୍ଯ୍ୟ ପାଇଁ ଭୂୟସୀ ପ୍ରଶଂସା କରିବା ସହ ଆଶୀର୍ବାଦ ପ୍ରଦାନ କରି ପ୍ରେରଣା ପାଇବା ପାଇଁ କିଛି ସାହସୀ ମହାପୁରୁଷଙ୍କ ଜୀବନୀ ପୁସ୍ତିକା, ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଉପଢୌକନ, ପ୍ରଥମାଷ୍ଟମୀ ଉପଲକ୍ଷେ ନୂତନ ବସ୍ତ୍ର ପାଇଁ ଆର୍ଥିକ ସହାୟତା ସହ ମିଷ୍ଟାନ୍ନ ଖୁଆଇ ଆଶୀର୍ବାଦ ପ୍ରଦାନ କରିଥିଲେ।

# ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଖୋଖୋ ପ୍ରତିଯୋଗିତାରେ କୁଆଁରମୁଣ୍ଡା ବ୍ଲକର ୫ ଖେଳାଳି

**ସୁନ୍ଦରଗଡ଼,୮।୧୧(ସଂଚାର ବ୍ୟୁରୋ):** ୬୯ ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଖୋଖୋ ପ୍ରତିଯୋଗିତା କେନ୍ଦୁଝର ଜିଲ୍ଲା ଡିଏନ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ୬ରୁ ୧୦ ତାରିଖ ପର୍ଯ୍ୟନ୍ତ ପ୍ରତିଯୋଗୀତା ଚାଲୁଛି। ଏଥିରେ ସୁନ୍ଦରଗଡ ଜିଲ୍ଲା କୁଆଁରମୁଣ୍ଡା ବ୍ଲକର ୫ ଜଣ ଖେଳାଳି ଅଂଶ ଗ୍ରହଣ କରିଛନ୍ତି। ସେମାନେ ହେଲେ ୧୭ ବର୍ଷରୁ କମ ବାଳକ ବିଭାଗର ବିକାଶ ବଡାଇକ, ଅମିତ କୁଜୁର, ୧୪ ବର୍ଷରୁ କମ ବାଳିକା ବିଭାଗରୁ ମାଳତୀ ଏକା, ନିକିତା ଓରାମ ଓ ବାଳକ ବିଭାଗରୁ ସଚିନ ଟପ୍ପୋ । ଗତ ମାସ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା କେସିପି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଗିରିଙ୍ଗକେଲା ଠାରେ ଆୟୋଜିତ ହୋଇଥିଲା । ସେଠାରେ କୁଆଁରମୁଣ୍ଡା ବ୍ଲକରୁ ଭାଗ ନେଇ ଭଲ ଖେଳ ପ୍ରଦର୍ଶନ ଦେଖାଇଥିଲେ।

ଏହି ପାଞ୍ଚ ଜଣ ସରକାରୀ ୟୁ ଜି ଉଚ୍ଚ ବିଦ୍ୟାଳୟରେ ପାଠ ପଢୁଛନ୍ତି।



# କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ପାଳିତ




**ବାରିପଦା,୮।୧୧(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ଜିଲ୍ଲା କୃଷି ବିଭାଗ ପକ୍ଷରୁ ଆଜି ବାରିପଦାର ତକତପୁର ସ୍ଥିତ ଜିଲ୍ଲା କୃଷି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ଠାରେ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ମାଣ୍ଡିଆ ଦିବସ ପାଳିତ ହୋଇଯାଇଛି. ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଶମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ସଙ୍ଘମିତ୍ରା ପଟ୍ଟନାୟକ ଓ ସାମାଜିକ ମଙ୍ଗଳ ଅଧିକାରିଣୀ ଅନ୍ନପୂର୍ଣ୍ଣା ବୁରୁଡ଼ା ଯୋଗ ଦେଇଥିଲେ। ପ୍ରାରମ୍ଭରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଜ୍ଞାନ ବଲ୍ଲଭ ଦାସ ସ୍ୱାଗତ ଭାଷଣ ଦେବା ସହ ମାଣ୍ଡିଆ ଦିବସ ପାଳନର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିବା ସହ ମାଣ୍ଡିଆର ପୌଷ୍ଟିକ ତତ୍ତ୍ୱ ତଥା ଏହା ସ୍ୱାସ୍ଥ୍ୟ ପାଇଁ କେତେ ମାତ୍ରାରେ ହିତକର ସେ ବିଷୟରେ ପ୍ରତିପାଦନ କରିଥିଲେ।

ମୁଖ୍ୟ ଅତିଥି ଶ୍ରୀମତୀ ହାଁସଦା ମତବ୍ୟକ୍ତ କରିଥିଲେ କି ଦିନ ଥିଲା, ମାଣ୍ଡିଆ ଗରିବ ଲୋକଙ୍କ ଖାଦ୍ୟ ଥିଲା. ମାତ୍ର ବର୍ତ୍ତମାନ ଏହା ସ୍ୱାସ୍ଥ୍ୟ ପାଇଁ ହିତକାରୀ ବୋଲି ଜଣା ଯିବା ପରେ ସମସ୍ତ ବର୍ଗର ଲୋକ ମାନଙ୍କ ପାଇଁ ଗ୍ରହଣୀୟ ଓ ଏହା ଏବେ ଶ୍ରୀ ଅନ୍ନ ଭାବେ ପରିଚିତ ହୋଇଯାଇଛି।ବିଶେଷ କରି ଏହା ଏକ ତନ୍ତୁ ଜାତୀୟ ଓ ଏଥିରେ ଯେଉଁ ଖଣିଜ ସାର ଭରପୁର ରହିଛି ତାହା ଶରୀର ପାଇଁ ବେଶ ଲାଭ ଦାୟକ ଏବଂ ଆମେ ସମସ୍ତେ ଏହାକୁ ଆମର ଦୈନନ୍ଦିନ ଖାଦ୍ୟରେ ନିଶ୍ଚିତ ଭାବେ ସଂଯୁକ୍ତ କରିବା ଉଚିତ। ଏହି ଅବସରରେ ଶ୍ରେଷ୍ଠ ଚାଷୀ ୩ ଜଣ, ସ୍ୱୟଂ ସହାୟକ ଗୋଷ୍ଠୀ ୩ଟି ଜଣେ ଉଦ୍ୟୋଗୀଙ୍କୁ ଓ ମାଣ୍ଡିଆ ମା ଶ୍ରୀମତୀ ସୁବାସା ମହାନ୍ତଙ୍କୁ 'ଆଜୀବନ ସାଧନା ସମ୍ମାନ'ରେ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ।

ଶେଷରେ କୃଷି ଅଧିକାରୀ ରୌମ୍ୟ ରଞ୍ଜନ ମହାନ୍ତ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଫିଆଟ ଲକ୍ସ ନୀଳଗିରି ଓ ଏଫ୍ଏମ ଆଲୁମନି ତରଫରୁ ସ୍ୱାସ୍ଥ୍ୟ ଶିବିର




**ନୀଳଗିରି,୮।୧୧(ସଂଚାର ବ୍ୟୁରୋ):** ଫିଆଟ ଲକ୍ସ କ୍ଲବ ନୀଳଗିରି ଓ ଏଫ୍. ଏମ. ଆଲୁମନି ମିଳିତ ଆନୁକୁଲ୍ୟରେ ନୀଳଗିରିର "ବରିସାହି" କଲ୍ୟାଣ ମଣ୍ଡପରେ ଏକ ନିଶୁଳ୍କ ମେଗା ସ୍ୱାସ୍ଥ୍ୟମେଳା ର ଆୟୋଜନ କରାଯାଇଥିଲା। ଏଇ ସଭାର ଆଲୁମ୍ନି ର ସଭାପତି ଡ଼ା.ପ୍ରଭାତ ଚୌଧୁରୀ ପୌରୋହିତ୍ୟ ରେ ଫିଆଟ ଲକ୍ସ ର ସଭାପତି ଶ୍ରୀଯୁକ୍ତ ସୁରଞ୍ଜନ ମହାପାତ୍ର, ସେକ୍ରେଟାରୀ ବିଜୟ ନାୟକ, ଡା.କିଶୋର କୁମାର ବେହେରା, ଡ଼ା.ବୁଦ୍ଧେଶ୍ୱର ମାଝୀ, ଡ଼ା. ପ୍ରମୋଦ ଟୁଡୁ, ଡ଼ା ତାରାକାନ୍ତ ନନ୍ଦ, ପୂର୍ବତନ ନୀଳଗିରି ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ପ୍ରମୁଖ ନିଜ ନିଜ ବକ୍ତବ୍ୟ ରଖିଥିଲେ। ପାଥୋଲୋଜି ଟେକ୍ନିସିଆନ ଯଥା ଶୁଭମ୍ ଖଣ୍ଡେଇ, ଚିରଞ୍ଜିବୀ ଦାସ, ସତିଶ ଜେନା, ରାମ କୃଷ୍ଣ ଦାସ, ଆଶ୍ୱିନ ଦାସ, ଶିବ ଦାସ, ବିଶ୍ୱଜିତ୍ ଦାସ ମହାପାତ୍ର, କିଶୋର ଦାସ, ରଞ୍ଜୁ ବୋଷ ପ୍ରଭୃତିଙ୍କ ଦ୍ୱାରା ଇସିଜି, ମଧୁମେହ, ଲିପିଡ ପ୍ରୋଫାଇଲ୍, ହେମୋଗ୍ଲୋବିନ, ଭିଟାମିନ ଡି, ବି. ଏମ୍.ଡି ପ୍ରଭୃତି ଟେଷ୍ଟ କରାଯାଇ ରିପୋର୍ଟ ପ୍ରଦାନ କରାଯାଇଥିଲା। ରିପୋର୍ଟ ଦେଖି ଏମ୍ସ ର ଡ଼ା. କିଶୋର କୁମାର ବେହେରା, ସମ ହସ୍ପିଟାଲ ର ଡ଼ା. ବୁଧେଶ୍ୱର୍ ମାଝୀ, ଡ଼ା. ପ୍ରମୋଦ ଟୁଡୁ ଆଲୁମ୍ନି ସଭା ଳପତି ଡ଼ା.ପ୍ରଭାତ ଚୌଧୁରୀ ଓ ଡ଼ା. ତାରାକାନ୍ତ ନନ୍ଦ ପ୍ରମୁଖ ରୋଗୀ ମାନଙ୍କୁ ଔଷଧ ଲେଖି ନିୟମ ଅନୁସାରେ ଖାଇବାକୁ ପରାମର୍ଶ ଦେଇଥିଲେ। ଏଥିରେ ୨୦୦ ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କର ରିପୋର୍ଟ ପ୍ରଦାନ କରି ନିଶୁଳ୍କ ସେବା ଯୋଗାଇ ଦିଆଯାଇଥିଲା।